ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୩/୨୦୨୩ (୧୨+୮=୨୦ ପୃଷ୍ଠା) | Bhubaneswar, Friday, October 13/2023 | Page 20 | ₹ 7.00 | SAMBALPUR

୪୯ଶ ଭାଗ ୩୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 319 | ମୂଲ୍ୟ ₹୭/-



## ସିରିଆ ଉପରେ ଇସ୍ରାଏଲର କ୍ଷେପଣାସ୍ତ୍ର ମାଡ଼

# ମଧ୍ୟପ୍ରାଚ୍ୟରେ ତେଜିଲା ଯୁଦ୍ଧ



ଇସ୍ରାଏଲ ଆକ୍ରମଣରେ ବିଧ୍ୱସ୍ତ ଗାଜାର ଅଲ୍-ରିମାଲ।

**ଜେରୁଜେଲମ୍/ଗାଜା ସିଟି/ ଡାମାସ୍କସ୍,୧୨।୧୦**

ଇସ୍ରାଏଲ୍ ଓ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ମଧ୍ୟରେ ୬ ଦିନ ଧରି ଚାଲିଥିବା ଯୁଦ୍ଧର ନିଆଁ ଏବେ ମଧ୍ୟପ୍ରାଚ୍ୟର ଅନ୍ୟ ରାଷ୍ଟ୍ରଗୁଡ଼ିକୁ ବ୍ୟାପିବା ଆରମ୍ଭ ହେଲାଣି। ଇସ୍ରାଏଲ ପକ୍ଷରୁ ଗୁରୁବାର ସିରିଆ ରାଜଧାନୀ ଡାମାସ୍କସ୍ ଏବଂ ଆଲେପ୍ପୋ ସହରରେ ଥିବା ୨ ବିମାନବନ୍ଦରକୁ ଟାର୍ଗେଟ କରାଯାଇଛି। ଇସ୍ରାଏଲର ମିଶାଇଲ ମାଡ଼ରେ ୨ ଏୟାରପୋର୍ଟର ଲ୍ୟାଣ୍ଡିଂ ଏରିଆ କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ଏୟାରପୋର୍ଟ ଦ୍ୱୟରେ ବିମାନ ଚଳାଚଳ ସେବା ବନ୍ଦ କରାଯାଇଥିବା ସିରିଆର ସରକାରୀ ନ୍ୟୁଜ୍ ଏଜେନ୍ସି 'ସନା' ପକ୍ଷରୁ ଅଭିଯୋଗ ଅଣାଯାଇଛି। ସିରିଆ ଏୟାର ଡିଫେନ୍ସ ଏହି ଆକ୍ରମଣର ଜବାବୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବା ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଆଲେପ୍ପୋରେ ଅନେକ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳିଛି ବୋଲି ବ୍ରିଟେନସ୍ଥିତ ସିରିଆନ୍ ଅବ୍ଜର୍ଭେଟୋରି ଫର୍ ହ୍ୟୁମାନ୍ ରାଇଟ୍ସ (ଏସ୍ଓଏଚ୍ଆର୍) କହିଛି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀଙ୍କ ସିରିଆ ଗସ୍ତର ଦିନକ ପୂର୍ବରୁ ଇସ୍ରାଏଲ ଏହି ଆକ୍ରମଣ କରିଛି। ଉଭୟ ସିରିଆ ଓ ଇରାନ୍ ହେଉଛନ୍ତି ଇସ୍ରାଏଲର ଶତ୍ରୁରାଷ୍ଟ୍ର। ଇରାନ୍ ଦୀର୍ଘସମୟ ଧରି ହମାସ୍କୁ ସମର୍ଥନ କରିଆସିଛି। ଯୁଦ୍ଧ ପ୍ରଭାବିତ ସିରିଆରେ ଦଶନ୍ଧି ଧରି ଇସ୍ରାଏଲ ଅନେକ ଶହ ଏୟାରଷ୍ଟ୍ରାଇକ୍ କରିଆସିଛି। ବିଶେଷକରି ଇରାନ୍ ସମର୍ଥିତ ହେଜ୍‌ବୋଲ୍ଲା ଫାଇଟର୍ସ ଓ ସିରୀୟ ସେନା ପ୍ରତିଷ୍ଠାନଗୁଡ଼ିକୁ ଇସ୍ରାଏଲ ଟାର୍ଗେଟ କରିଥାଏ।

ଯୁଦ୍ଧ ଘନଘଟା ମଧ୍ୟରେ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଗୁରୁବାର ଇସ୍ରାଏଲ ଗସ୍ତ କରି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଭେଟିଛନ୍ତି। ଇସ୍ରାଏଲ ପ୍ରତି ସମର୍ଥନ ପାଇଁ ନେତାନ୍ୟାହୁ ଆମେରିକାକୁ ଧନ୍ୟବାଦ ଦେଇଛନ୍ତି। ଦୁଇନେତାଙ୍କ ଏକ ମିଳିତ ଖବରଦାତା ସମ୍ମିଳନୀରେ ବ୍ଲିଙ୍କେନ୍ କହିଛନ୍ତି, ଆତ୍ମରକ୍ଷା ପାଇଁ ଇସ୍ରାଏଲର ପର୍ଯ୍ୟାପ୍ତ ଶକ୍ତି ଥାଇପାରେ। କିନ୍ତୁ ଆମେରିକା ଥିବାଯାଏ ଇସ୍ରାଏଲକୁ ନଇଁବାକୁ ପଡ଼ିବ ନାହିଁ। ହମାସ୍ ଆକ୍ରମଣରେ ୨୫ ଆମେରିକୀୟ ନିହତ ହୋଇଥିବାବେଳେ ପଣବନ୍ଦୀ ଥିବା ୧୫୦ ଜଣଙ୍କ ମଧ୍ୟରେ କେତେଜଣ ଆମେରିକା ନାଗରିକ ମଧ୍ୟ ରହିଛନ୍ତି। ତେଣୁ ସେମାନଙ୍କୁ ଛାଡ଼ିବା ପାଇଁ ହମାସ୍ ଉପରେ ବ୍ଲିଙ୍କେନ୍ ଚାପ ପକାଇଛନ୍ତି। ବ୍ଲିଙ୍କେନ୍ ଇସ୍ରାଏଲ ରାଷ୍ଟ୍ରପତି ଇସାକ୍ ହେର୍‌ଜୋଗଙ୍କୁ ମଧ୍ୟ ଭେଟିଛନ୍ତି। ସେ ଶୁକ୍ରବାର ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମୁଦ ଅବ୍ବାସ୍ ଏବଂ ଜୋର୍ଡାନ୍ ରାଜା ଅବ୍‌ଦୁଲ୍ଲାଙ୍କୁ ମଧ୍ୟ ସାକ୍ଷାତ୍ କରିବା କାର୍ଯ୍ୟକ୍ରମ ରହିଛି। ସେପଟେ ଇରାନ୍ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଏବଂ ସାଉଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ ଇସ୍ରାଏଲ-ଗାଜା ସଂଘର୍ଷ ଉପରେ ଫୋନ୍‌ରେ ଆଲୋଚନା କରିଛନ୍ତି। ରଇସି ସିରିଆ ରାଷ୍ଟ୍ରପତି ବସର ଅଲ୍-ଅସାଦଙ୍କ ସହ ମଧ୍ୟ ଫୋନ୍‌ରେ କଥା ହୋଇଛନ୍ତି। ଇସ୍ରାଏଲର ମୁକାବିଲା ପାଇଁ ଆରବ ଓ ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଇତିମଧ୍ୟରେ ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ମୁକ୍ତ ନ କରିବା ଯାଏ ଗାଜାକୁ ପାଣି ଓ ବିଦ୍ୟୁତ୍ ଯୋଗାଣ କରାଯିବ ନାହିଁ ବୋଲି ଇସ୍ରାଏଲ କହିଛି।



ଆକ୍ରମଣରେ ଆହତ ପାଲେଷ୍ଟିନୀୟ ଶିଶୁ ଓ ମହିଳା ଶିଫା ହସ୍ପିଟାଲରେ ଚିକିତ୍ସାଧୀନ।

## ନେତାନ୍ୟାହୁଙ୍କୁ ଭେଟିଲେ ବ୍ଲିଙ୍କେନ୍



"ଆତ୍ମରକ୍ଷା ପାଇଁ ଇସ୍ରାଏଲର ପର୍ଯ୍ୟାପ୍ତ ଶକ୍ତି ଥିଲେ ମଧ ଆମେରିକା ଥିବା ଯାଏ ଏହାକୁ ନଇଁବାକୁ ପଡ଼ିବ ନାହିଁ।

**-ଆଣ୍ଟୋନି ବ୍ଲିଙ୍କେନ୍, ଆମେରିକା ପରରାଷ୍ଟ୍ର ସଚିବ**

"ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ଗସ୍ତ ଇସ୍ରାଏଲ ପ୍ରତି ୱାଶିଂଟନ୍‌ର ନିଃସନ୍ଦେହ ସମର୍ଥନର ସ୍ଥାୟୀ ଦୃଷ୍ଟାନ୍ତ।

**-ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**



"ଇସ୍ରାଏଲର ମୁକାବିଲା ପାଇଁ ଆରବ ଓ ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକ ଏକାଠି ହେବା ଉଚିତ।

**-ଇବ୍ରାହିମ୍ ରଇସି, ଇରାନ୍ ରାଷ୍ଟ୍ରପତି**



"ଉତ୍ତେଜନାକୁ ହ୍ରାସ ପାଇଁ ଅନ୍ତର୍ଜାତୀୟ ଓ ଆଞ୍ଚଳିକ ପକ୍ଷଙ୍କ ସହ ସାଉଦି ଆରବ ଯୋଗାଯୋଗ କରୁଛି।

**-ମହମ୍ମଦ ବିନ୍ ସଲମାନ୍, ସାଉଦି ପ୍ରିନ୍ସ**

## ଆଜି ଫେରିବେ ୨୩୦ ଭାରତୀୟ

ଯୁଦ୍ଧ ପ୍ରଭାବିତ ଇସ୍ରାଏଲରୁ ଶୁକ୍ରବାର ପ୍ରାୟ ୨୩୦ ଭାରତୀୟ ଫେରିବେ। ସେମାନଙ୍କୁ 'ଅପରେଶନ୍ ଅଜୟ' ଅଧୀନରେ ଏକ ଚାର୍ଟାର୍ଡ ଫ୍ଲାଇଟ୍‌ରେ ତେଲ୍ ଆଭିଭ୍‌ରୁ ସ୍ୱଦେଶକୁ ଅଣାଯାଉଛି ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥିତି ଉପରେ ନୂଆଦିଲ୍ଲୀର ନଜର ରହିଛି ବୋଲି ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି। ଇସ୍ରାଏଲରେ ପ୍ରାୟ ୧୮,୦୦୦ ଭାରତୀୟ ଫସିରହିଛନ୍ତି।

## ଜି୨୦ ବାଚସ୍ପତି ସମ୍ମିଳନୀରେ ଯୋଗଦେଲାନି କାନାଡା

**ନୂଆଦିଲ୍ଲୀ,୧୨।୧୦:** ନୂଆଦିଲ୍ଲୀରେ ଗୁରୁବାର ଅନୁଷ୍ଠିତ ଜି୨୦ ରାଷ୍ଟ୍ରଗୋଷ୍ଠୀର ପାର୍ଲାମେଣ୍ଟ ଅଧିବେଶନ ପ୍ରିଜାଇଡିଂ ଅଫିସରମାନଙ୍କ ସମ୍ମିଳନୀରେ କାନାଡା ସିନେଟ ସ୍ପିକର ଯୋଗଦେଇ ନାହାନ୍ତି। ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟା ଘଟଣାରେ ଭାରତ ସରକାରଙ୍କ ଏଜେଣ୍ଟ ସମ୍ପୃକ୍ତ ବୋଲି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଅଭିଯୋଗ ଆଣିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଖରାପ ହୋଇଛି। କାନାଡା ସିନେଟ ସ୍ପିକର ରେମଣ୍ଡେ ଗାଗ୍‌ନେ ଜି୨୦ ବୈଠକରେ ନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। କାନାଡାରୁ କେହି ଉକ୍ତ ବାଚସ୍ପତି ସମ୍ମିଳନୀରେ ଯୋଗ ଦେଉ ନ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

## ଜୟଶଙ୍କରଙ୍କୁ ଜେଡ୍ ସୁରକ୍ଷା

**ନୂଆଦିଲ୍ଲୀ,୧୨।୧୦:** କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ



ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ତାଙ୍କୁ ଜେଡ୍ ସୁରକ୍ଷା ଯୋଗାଇ ଦିଆଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଜୟଶଙ୍କରଙ୍କୁ ୱାଇ ସୁରକ୍ଷା ମିଳୁଥିଲା। ତେବେ ତାଙ୍କ ପ୍ରତି ବିପଦ ଥିବା ଗୋଇନ୍ଦା ବ୍ୟୁରୋ (ଆଇବି) ରିପୋର୍ଟ ଦେବା ପରେ ତୃତୀୟ ସର୍ବୋଚ୍ଚ ସୁରକ୍ଷା ଯୋଗାଇବାକୁ ନିଷ୍ପତ୍ତି ନିଆଯାଇଛି।

# ଅରିଜ୍ ଖାନ୍‌ଙ୍କ ମୃତ୍ୟୁଦଣ୍ଡକୁ କୋହଳ କଲେ ହାଇକୋର୍ଟ

**ବାଟ୍‌ଲା ହାଉସ୍ ଏନ୍‌କାଉଣ୍ଟର**

### ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ



ଅରିଜ୍ ଖାନ୍

**ନୂଆଦିଲ୍ଲୀ,୧୨।୧୦**

୨୦୦୮ ବାଟ୍‌ଲା ହାଉସ୍ ଏନ୍‌କାଉଣ୍ଟର ମାମଲାରେ ଅରିଜ୍ ଖାନ୍‌ଙ୍କୁ ତଳକୋର୍ଟ ଦେଇଥିବା ମୃତ୍ୟୁ ଦଣ୍ଡାଦେଶକୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର କୋହଳ କରି ଆଜୀବନ ଜେଲ ଦଣ୍ଡାଦେଶରେ ପରିଣତ କରିଛନ୍ତି। ବାଟଲା ହାଉସ୍ ଏନ୍‌କାଉଣ୍ଟର ବେଳେ ଦିଲ୍ଲୀ ପୋଲିସ ଇନ୍ସପେକ୍ଟର ମୋହନ ଚାନ୍ଦ ଶର୍ମା ହତ୍ୟା ମାମଲାରେ ଅରିଜ ଦୋଷୀସାବ୍ୟସ୍ତ ହୋଇଥିଲେ। ଜଷ୍ଟିସ୍ ସିଦ୍ଧାର୍ଥ ମୃଦୁଳ ଏବଂ ଅମିତ ଶର୍ମାଙ୍କ ଖଣ୍ଡପୀଠ ଦଣ୍ଡାଦେଶକୁ କୋହଳ କରିଛନ୍ତି। ମୃତ୍ୟୁଦଣ୍ଡାଦେଶକୁ ଅରିଜ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଗତ ଅଗଷ୍ଟରେ ଅଦାଲତ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ସଂରକ୍ଷିତ ରଖିଥିଲେ।

ସୂଚନାଯୋଗ୍ୟ, ୨୦୦୮ ସେପ୍ଟେମ୍ବର ୧୯ରେ ଦକ୍ଷିଣ ଦିଲ୍ଲୀର ଜାମିଆ ନଗରରେ ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା, ଯେଉଁଥିରେ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ସଦସ୍ୟ ମୋହନ ଚାନ୍ଦ ଶର୍ମାଙ୍କ ମୃତ୍ୟୁ ଘଟିଥିଲା। ଜାତୀୟ ରାଜଧାନୀରେ କ୍ରମାଗତ ୫ ବୋମା ବିସ୍ଫୋରଣରେ ୩୯ ଜଣଙ୍କ ମୃତ୍ୟୁ ହେବା ସହ ୧୫୯ ଜଣ ଆହତ ହୋଇଥିଲେ। ଏହା ପରେ ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ଘଟି ୨ ଆତଙ୍କବାଦୀ ନିହତ ହୋଇଥିଲେ। ୨୦୨୧ ମାର୍ଚ୍ଚ ୮ରେ ତଳ କୋର୍ଟ ଅରିଜ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବା ପରେ ସେହି ମାସ ୧୫ରେ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ। ଏଥିସହିତ ତାଙ୍କ ଉପରେ ୧୧ ଲକ୍ଷ ଟଙ୍କା ଜରିମାନା ସହ ସେଥିରୁ ୧୦ ଲକ୍ଷ ଟଙ୍କା ତୁରନ୍ତ ଶର୍ମାଙ୍କ ପରିବାର ସଦସ୍ୟଙ୍କୁ ଦେବା ଲାଗି ଅଦାଲତ ସର୍ତ୍ତ ରଖିଥିଲେ। ଅରିଜ୍‌ଙ୍କ ମୃତ୍ୟୁ ଦଣ୍ଡାଦେଶକୁ କାଏମ୍ ରଖିବା ଲାଗି ହାଇକୋର୍ଟରେ ଆବେଦନ କରାଯାଇଥିଲା।

### ଘଟଣାକ୍ରମ

**୨୦୦୮ ସେପ୍ଟେମ୍ବର ୧୩:** ନୂଆଦିଲ୍ଲୀରେ ସିରିଏଲ୍ ବିସ୍ଫୋରଣରେ ୩୯ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫୯ ଜଣ ଆହତ ହୋଇଥିଲେ।

**୨୦୦୮ ସେପ୍ଟେମ୍ବର ୧୯:** ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏନ୍‌କାଉଣ୍ଟର ହୋଇଥିଲା।

**୨୦୦୯ ଜୁଲାଇ ୩:** ଅରିଜ ଖାନ୍ ଏବଂ ଶାହଜାଦ ଅହମଦଙ୍କୁ ତଳକୋର୍ଟ ପଳାତକ ଅପରାଧୀ ଘୋଷଣା କରିଥିଲେ।

**୨୦୧୦ ଫେବୃୟାରୀ ୨:** ଶାହଜାଦ ଅହମଦଙ୍କୁ ଲକ୍ଷ୍ନୌରୁ ଗିରଫ କରାଯାଇଥିଲା।

**୨୦୧୦ ଅକ୍ଟୋବର ୧:** ମାମଲାର ତଦନ୍ତ ଦାୟିତ୍ୱ ଦିଲ୍ଲୀ ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚ୍‌କୁ ଦିଆଯାଇଥିଲା।

**୨୦୧୩ ଜୁଲାଇ ୩୦:** ଇଣ୍ଡିଆନ ମୁଜାହିଦିନ ଆତଙ୍କବାଦୀ ତଥା ସହ ଅଭିଯୁକ୍ତ ଶାହଜାଦ ଅହମଦଙ୍କୁ ତଳକୋର୍ଟ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ।

**୨୦୧୮ ଫେବୃୟାରୀ ୧୪:** ଦୀର୍ଘଦିନ ଫେରାର ରହିବା ପରେ ଅରିଜ୍ ଖାନ୍ ଗିରଫ ହୋଇଥିଲେ।

**୨୦୨୧ ମାର୍ଚ୍ଚ ୮:** ତଳ କୋର୍ଟ ଅରିଜ୍‌ଙ୍କୁ ହତ୍ୟା ଓ ଅନ୍ୟ ଅପରାଧରେ ଦୋଷୀସାବ୍ୟସ୍ତ କରିଥିଲେ।

**୨୦୨୧ ମାର୍ଚ୍ଚ ୧୫:** ତଳକୋର୍ଟ ଅରିଜଙ୍କୁ ମୃତ୍ୟୁଦଣ୍ଡାଦେଶ ଦେବା ସହ ୧୧ ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ।

**୨୦୨୨ ଜାନୁୟାରୀ ୧୦:** ତଳକୋର୍ଟଙ୍କ ରାୟକୁ ଅରିଜ୍ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବାରୁ ହାଇକୋର୍ଟ ପୋଲିସକୁ ନୋଟିସ୍ ଜାରି କରିଥିଲେ।

**୨୦୨୩ ଅଗଷ୍ଟ ୧୮:** ଅରିଜ୍ ଖାନ୍‌ଙ୍କ ମୃତ୍ୟୁଦଣ୍ଡାଦେଶକୁ କାଏମ ରଖିବା ସମ୍ପର୍କିତ ରାୟକୁ ହାଇକୋର୍ଟ ସଂରକ୍ଷିତ ରଖିଥିଲେ।

**୨୦୨୩ ଅକ୍ଟୋବର ୧୨:** ହାଇକୋର୍ଟ ଅରିଜ୍‌ଙ୍କ ଦୋଷୀସାବ୍ୟସ୍ତ ରାୟକୁ କାଏମ ରଖିଥିବାବେଳେ ମୃତ୍ୟୁଦଣ୍ଡାଦେଶକୁ କୋହଳ କରି ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

## ମଣିପୁରରେ ହିଂସା ଭିଡିଓ ପ୍ରସାର ନିଷିଦ୍ଧ

**ଇମ୍ଫାଲ,୧୨।୧୦**

ମଣିପୁର ହିଂସା ଏବଂ ସମ୍ପତ୍ତି ନଷ୍ଟ ସମ୍ପର୍କିତ ଭିଡିଓ ଏବଂ ଫଟୋ ପ୍ରସାର ଉପରେ ରାଜ୍ୟ ସରକାର କଟକଣା ଲଗାଇଛନ୍ତି। ଏହାର ଉଲ୍ଲଂଘନ କରାଗଲେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାର କହିଛନ୍ତି। ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ମଣିପୁର ହିଂସା ସମ୍ପର୍କିତ ଭିଡିଓ ଓ ଫଟୋ ବ୍ୟାପକ ପ୍ରସାର ହେଉଥିବାରୁ ସରକାର ଏହା ଉପରେ ନିଷେଧାଦେଶ ଲଗାଇଛନ୍ତି। ପ୍ରସାରିତ ଭିଡିଓ ମଧ୍ୟରେ କୁକି ଭାଷା କହୁଥିବା କେତେଜଣ ଲୋକ ଦୁଇଜଣ ମେଇତି ଯୁବକଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରିବା ପରେ ମୃତଦେହକୁ ପୋତି ଦେଉଥିବାର ଦେଖିବାକୁ ମିଳିଛି। ଏଭଳି ଭିଡିଓ ପ୍ରସାରକୁ ମଣିପୁର ଗୃହ ବିଭାଗ ଅତି ଗମ୍ଭୀର ଭାବେ ନେଇଛି।

## ଅମ୍ବାନୀ ସବୁଠୁ ଧନୀ ଭାରତୀୟ

**ଫୋର୍ବସ୍ ରିପୋର୍ଟ**



**ନୂଆଦିଲ୍ଲୀ,୧୨।୧୦**

ଫୋର୍ବସ୍ ପକ୍ଷରୁ ପ୍ରକାଶିତ ଚଳିତ ବର୍ଷର ଶ୍ରେଷ୍ଠ ୧୦୦ ଭାରତୀୟଙ୍କ ତାଲିକାର ଶୀର୍ଷ ସ୍ଥାନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିଃର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ରହିଛନ୍ତି। ତାଙ୍କ ସମ୍ପତ୍ତି ପରିମାଣ ୯୨ ବିଲିୟନ ଡଲାର (୭.୬ ଲକ୍ଷ କୋଟି ଟଙ୍କା)। ଗତବର୍ଷ ସବୁଠୁ ଧନୀ ଭାରତୀୟର ପରିଚୟ ହାସଲ କରିଥିବା ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ ଚଳିତ ବର୍ଷ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀଙ୍କ ସମ୍ପତ୍ତି ୮୨ ବିଲିୟନ ଡଲାର ହ୍ରାସ ପାଇ ୬୮ ବିଲିୟନ ଡଲାରରେ ପହଞ୍ଚିଛି। ଦେଶର ଶ୍ରେଷ୍ଠ ୧୦୦ ଧନୀଙ୍କ ମୋଟ ସମ୍ପତ୍ତି ପରିମାଣ ୭୯୯ ବିଲିୟନ ଡଲାର ବୋଲି ଫୋର୍ବସ ପତ୍ରିକା ପ୍ରକାଶ କରିଛି। ଚଳିତ ବର୍ଷ ଶିବ ନାଦର ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ସମ୍ପତ୍ତି ୨୯.୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ତାଲିକାର ଚତୁର୍ଥ ସ୍ଥାନରେ ଥିବା ଓ.ପି. ଜିନ୍ଦଲ ଗ୍ରୁପ୍‌ର ସାବିତ୍ରୀ ଜିନ୍ଦଲଙ୍କ ସମ୍ପତ୍ତି ପରିମାଣ ୨୪ ବିଲିୟନ ଡଲାର ହୋଇଥିବାବେଳେ ୫ମ ସ୍ଥାନରେ ରହିଥିବା ଡିମାର୍ଟ ମାଲିକ ରାଧାକ୍ରିଷ୍ଣନ ଡାମନିଙ୍କ ସମ୍ପତ୍ତି ୨୩ ବିଲିୟନ ଡଲାର।



ମଧ୍ୟପ୍ରଦେଶର ମଣ୍ଡଲାରେ କଂଗ୍ରେସର ଜନ ସମ୍ପର୍କ ଯାତ୍ରା ବେଳେ ମହିଳାଙ୍କୁ ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଅଭିବାଦନ ଜଣାଉଛନ୍ତି।

## ଅପରାଧୀଙ୍କୁ କ୍ଷମା ଦିଆଯିବାର ରେକର୍ଡ ଦାଖଲ ଲାଗି କେନ୍ଦ୍ର, ଗୁଜରାଟକୁ ନିର୍ଦ୍ଦେଶ

**ସୁପ୍ରିମକୋର୍ଟରେ ବିଲ୍‌କିସ୍ ମାମଲା**



**ନୂଆଦିଲ୍ଲୀ,୧୨।୧୦**

୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରିବା ମାମଲାରେ ଦୋଷୀସାବ୍ୟସ୍ତ ୧୧ ଜଣଙ୍କୁ କ୍ଷମା ପ୍ରଦାନ କରାଯିବା ସମ୍ପର୍କିତ ମୂଳ ରେକର୍ଡ ଅକ୍ଟୋବର ୧୬ ସୁଦ୍ଧା ଦାଖଲ କରିବାକୁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀଙ୍କୁ କ୍ଷମା ଦିଆଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଥିଲା। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଲ ଭୂୟାଁଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗୁଜରାଟ ସରକାର ଅପରାଧୀଙ୍କୁ କ୍ଷମା ଦେବା ବିରୋଧରେ ବିଲ୍‌କିସ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଟିଏମ୍‌ସି ଏମ୍‌ପି ମହୁଆ ମୈତ୍ର ପିଆଇଏଲ୍ ଦାଏର କରିଥିଲେ। ଗୋଧ୍ରା ଟ୍ରେନ୍ ପୋଡ଼ି ପରେ ଗୁଜରାଟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ସେତେବେଳେ ବିଲ୍‌କିସ୍‌ଙ୍କୁ ୨୧ ବର୍ଷ ହୋଇଥିଲା ଓ ସେ ୫ ମାସର ଗର୍ଭବତୀ ଥିଲେ।

# ଜଣେ ଶିଶୁକୁ ହତ୍ୟା କରିପାରିବୁନି

**୨୬ ସପ୍ତାହର ଗର୍ଭ ନଷ୍ଟ ଅନୁମତି ଉପରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ**

**ନୂଆଦିଲ୍ଲୀ,୧୨।୧୦**

ଆମେ ଜଣେ ଶିଶୁକୁ ହତ୍ୟା କରିପାରିବୁ ନାହିଁ ବୋଲି ଗୁରୁବାର ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଅଜନ୍ମିତ ପିଲା ତଥା ଜୀବନ୍ତ ଭ୍ରୂଣ ଏବଂ ନିଜ ଶରୀର ଉପରେ ମା'ର ନିଷ୍ପତ୍ତି ସ୍ୱାୟତ୍ତତା ଅଧିକାର ମଧ୍ୟରେ ସନ୍ତୁଳନ ବଜାୟ ରଖାଯିବା ଜରୁରୀ ବୋଲି ଶୀର୍ଷ ଅଦାଲତ କହିଛନ୍ତି। ଏଥିସହ ଗର୍ଭ ନଷ୍ଟ ଅନୁମତି ଉପରେ ଆପତ୍ତି ଜଣାଇଥିବା କେନ୍ଦ୍ରକୁ ମହିଳାଙ୍କ ଓକିଲଙ୍କ ଜରିଆରେ ତାଙ୍କ ସହ ଆଲୋଚନା କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ଖଣ୍ଡପୀଠ ଗର୍ଭବତୀ ମହିଳାଙ୍କ ଓକିଲଙ୍କୁ କହିଥିଲେ, ଗର୍ଭସ୍ଥ ଶିଶୁର ହୃତ୍‌ସ୍ପନ୍ଦନ ବନ୍ଦ କରିବା ପାଇଁ ଆମ ଜରିଆରେ ନୂଆଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ) ଡାକ୍ତରମାନଙ୍କୁ କୁହାଇବାକୁ ଆପଣ ଚାହୁଁଛନ୍ତି କି? ମହିଳାଙ୍କ ଓକିଲ 'ନା' କହିବାରୁ ଖଣ୍ଡପୀଠ କହିଥିଲେ, ଯଦି ମହିଳା ଜଣକ ୨୪ ସପ୍ତାହ ଅପେକ୍ଷା କରିପାରିଲେ ଆଉ କିଛି ସପ୍ତାହ ପାଇଁ ଭ୍ରୂଣକୁ ଗର୍ଭରେ ରଖିପାରିବେ ନାହିଁ? କାରଣ ଏକ ସୁସ୍ଥ ଶିଶୁ ଜନ୍ମ ନେବାର ସମ୍ଭାବନା ରହିଛି। କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି କହିଥିଲେ, ଆବେଦନକାରୀଙ୍କ ଓକିଲ ଜଣେ ବଳାତ୍କାର ପୀଡ଼ିତାଙ୍କୁ ଗର୍ଭ ନଷ୍ଟ ପାଇଁ କୋର୍ଟ ଦେଇଥିବା ଅନୁମତିର ଅବତାରଣା କରିଛନ୍ତି। କିନ୍ତୁ ସଦ୍ୟ ମାମଲାର ଆବେଦନକାରୀ ଜଣେ ବଳାତ୍କାର ପୀଡ଼ିତା ନୁହନ୍ତି। ସେ ନାବାଳିକା ମଧ୍ୟ ନୁହନ୍ତି। ଗତ ୨୬ ସପ୍ତାହ ଧରି ସେ କ'ଣ କରୁଥିଲେ? ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ର ସାମିଲ ଥିବା ଏହି ଖଣ୍ଡପୀଠ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ପରବର୍ତ୍ତୀ ଶୁଣାଣି କରାଯିବା ପୂର୍ବରୁ ମହିଳାଙ୍କ ସହ ଆଲୋଚନା କରିବା ନିମନ୍ତେ ତାଙ୍କ ଓକିଲ ଓ କେନ୍ଦ୍ରର ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମାମଲା କ'ଣ

ଜଣେ ୨୭ ବର୍ଷୀୟା ବିବାହିତା ମହିଳାଙ୍କ ୨ ସନ୍ତାନ ଥିବାବେଳେ ସେ ତୃତୀୟ ପିଲାକୁ ଗର୍ଭରେ ଧାରଣ କରିଛନ୍ତି। କିନ୍ତୁ ସ୍ୱାସ୍ଥ୍ୟଗତ, ଆର୍ଥିକ ଓ ମାନସିକ ସମସ୍ୟା ଯୋଗୁ ଗର୍ଭସ୍ଥ ଶିଶୁର ଲାଳନପାଳନ କରିବାରେ ଅସମର୍ଥ ଥିବା ଦର୍ଶାଇ ୨୬ ସପ୍ତାହର ଗର୍ଭ ନଷ୍ଟ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨ ମହିଳା ବିଚାରପତି ଜଷ୍ଟିସ୍ ହିମା କୋହଲି ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ଏନେଇ ତାଙ୍କୁ ଅନୁମତି ଦେଇଥିବାବେଳେ କେନ୍ଦ୍ର ସରକାର ମଙ୍ଗଳବାର ଏକ ଡାକ୍ତରୀ ରିପୋର୍ଟ ସହ ରିକଲ୍ ଆପ୍ଲିକେଶନ୍ ଦାଖଲକରି ରାୟ ବଦଳାଇବାକୁ ନିବେଦନ କରିଥିଲେ। ବୁଧବାର ୨ ବିଚାରପତି ଏହା ଉପରେ ବିଭାଜିତ ରାୟ ଦେବା ସହ ଉଚିତ ବିଚାର ପାଇଁ ମାମଲାକୁ ବୃହତ୍ ପୀଠ ନିକଟକୁ ପଠାଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଗୁରୁବାର ଆବେଦନର ଶୁଣାଣି କରି ଅଜନ୍ମିତ ଶିଶୁ ଓ ସମ୍ପୃକ୍ତ ମହିଳାଙ୍କ ନିଜ ଶରୀର ସମ୍ପର୍କିତ ନିଷ୍ପତ୍ତି ନେବା ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୩/୨୦୨୩ | Bhubaneswar, Friday, October 13/2023 | ପୃଷ୍ଠା-୧


## ବିଶ୍ୱ କ୍ଷୁଧା ସୂଚକାଙ୍କ
# ୪ ସ୍ଥାନ ଖସିଲା ଭାରତ

**ନୂଆଦିଲ୍ଲୀ,୧୨।୧୦**



ଚଳିତ ବର୍ଷର ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ୪ ସ୍ଥାନ ତଳକୁ ଖସିଛି। ୧୨୫ ଦେଶକୁ ନେଇ କରାଯାଇଥିବା ଆକଳନରୁ ଭାରତ ୨୮.୭ ସ୍କୋର ସହ ୧୧୧ତମ ସ୍ଥାନରେ ରହିଛି, ଯାହାକି ଅତ୍ୟନ୍ତ ଗମ୍ଭୀର ବୋଲି ରିପୋର୍ଟ ପ୍ରକାଶ ପାଇଛି। ଗୁରୁବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତରେ ଶିଶୁ ଅପପୁଷ୍ଟି ହାର ସର୍ବାଧିକ ୧୮.୭ ପ୍ରତିଶତ ରହିଛି। ୨୦୨୨ରେ ୧୨୧ ଦେଶକୁ ନିଆଯାଇ କରାଯାଇଥିବା ସର୍ଭେରେ ଭାରତର ର୍ୟାଙ୍କ୍ ୧୦୭ ରହିଥିଲା।

ବିଶ୍ୱ କ୍ଷୁଧା ସୂଚକାଙ୍କ (ଜିଏଚ୍‌ଆଇ) ହେଉଛି ଏକ ବିସ୍ତୃତ ପରିମାପକ ଯାହା ଦ୍ୱାରା ବୈଶ୍ୱିକ, ଆଞ୍ଚଳିକ ଏବଂ ଜାତୀୟ ସ୍ତରରେ କ୍ଷୁଧିତଙ୍କୁ ଚିହ୍ନଟ କରାଯାଇଥାଏ। ସୂଚକାଙ୍କରେ ପଡୋଶୀ ପାକିସ୍ତାନ, ବାଂଲାଦେଶ, ନେପାଳ ଏବଂ ଶ୍ରୀଲଙ୍କା ଭଲ ସ୍ଥିତିରେ ଅଛନ୍ତି। ପାକିସ୍ତାନ ୧୦୨ରେ ର୍ୟାଙ୍କ୍‌ରେ ରହିଥିବାବେଳେ ବାଂଲାଦେଶ ୮୧, ନେପାଳ ୬୯ ଏବଂ ଶ୍ରୀଲଙ୍କା ୬୦ତମ ସ୍ଥାନରେ ରହିଛି। ସାରା ବିଶ୍ୱରେ ଶିଶୁ ଅପପୁଷ୍ଟିରେ ଭାରତ ଶୀର୍ଷରେ ରହିଥିବାରୁ ଏହା ଅତ୍ୟଧିକ କୁପୋଷଣର ପ୍ରତିଫଳନ ବୋଲି ଇଣ୍ଡେକ୍ସ ଆଧାରିତ ରିପୋର୍ଟରେ କୁହାଯାଇଛି। ସୂଚକାଙ୍କ ଅନୁଯାୟୀ ଭାରତରେ ୧୬.୬ ପ୍ରତିଶତ ଅଧାପେଟରେ ରହୁଛନ୍ତି। ଏଠାରେ ୫ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର ୩.୧ ପ୍ରତିଶତ ରହିଛି। ରିପୋର୍ଟରେ ଆହୁରି କୁହାଯାଇଛି, ଭାରତରେ ୧୫ରୁ ୨୪ ବର୍ଷ ବୟସ ବର୍ଗର ମହିଳାମାନଙ୍କଠାରେ ରକ୍ତହୀନତା ହାର ୫୮.୧ ପ୍ରତିଶତ। ଭାରତ ୧୧୧ତମ ସ୍ଥାନରେ ରହିଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ, ୨୦୨୩କୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ☞ପୃଷ୍ଠା-୨

# ସରକାରୀ ଛୁଟିରେ କାମ କଲେ ଡାକ୍ତରଙ୍କୁ ମିଳିବ ବିକଳ୍ପ ଛୁଟି

**ଭୁବନେଶ୍ୱର, ୧୨।୧୦ (ବନ୍ଦନା ସେଠୀ)**

ଡାକ୍ତରମାନଙ୍କୁ ମିଳିବ ସି-ଅଫ୍। ସରକାରୀ ଛୁଟି ଦିନରେ କାମ କଲେ ବିକଳ୍ପ ଭାବେ ଛୁଟି ମିଳିବ। ସେହି ମାସର ଯେ କୌଣସି ଦିନ ସେମାନେ ଏହି ଛୁଟି ନେଇ ପାରିବେ। ଏନେଇ ମେଡିକାଲ ଅଧୀକ୍ଷକ ଓ ଇନ୍‌ଚାର୍ଜ ରୋଷ୍ଟର ବ୍ୟବସ୍ଥା କରିବେ। ତେବେ ସେହି ଛୁଟିକୁ ପରବର୍ତ୍ତୀ ମାସକୁ ନିଆଯାଇ ପାରିବ ନାହିଁ। ମେଡିକାଲ ଅଧିକାରୀଙ୍କ ଏହି ବିକଳ୍ପ ଛୁଟି ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବିକଳ୍ପ ଛୁଟି ଦିନଗୁଡିକୁ ଡାକ୍ତରଙ୍କ ସିଏଲ୍/ଇଏଲ୍ ଛୁଟି ସହିତ ମିଶାଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ଏଥିପାଇଁ ସରକାର ଓଏଚ୍‌ଏମ୍‌ଏସ୍ (ଓଡ଼ିଶା ମେଡିକାଲ ଆଣ୍ଡ୍ ହେଲ୍‌ଥ ସର୍ଭିସ) କ୍ୟାଡର ଅଧୀନରେ ଥିବା ଡାକ୍ତରୀ ଅଧିକାରୀଙ୍କ ମଧ୍ୟରେ ଛୁଟି ଆବଣ୍ଟନ ପାଇଁ ଏକ ସ୍ୱଚ୍ଛ ଏବଂ ସମାନ ବ୍ୟବସ୍ଥା ଆଣିଛନ୍ତି। ଏନେଇ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ରାଉରକେଲା ସରକାରୀ ହସ୍ପିଟାଲ, କ୍ୟାପିଟାଲ ହସ୍ପିଟାଲ ଏବଂ ବିଏମ୍‌ସି ହସ୍ପିଟାଲର ନିର୍ଦ୍ଦେଶକଙ୍କ ସମେତ ସମସ୍ତ ଜିଲା, ଉପବିଭାଗ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ମେଡିକାଲ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଅଧୀକ୍ଷକଙ୍କୁ ଅବଗତ କରାଇଛନ୍ତି।

**ଆଜିର ସମ୍ପାଦକୀୟ** | ହିଂସାରୁ ହମାସ୍‌ର ଜନ୍ମ







## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାଆ ଜାଣି ହସି ଠାଆ ଜାଣି ବସି**
**ଠାଆ ଜାଣି ରଷି ଠାଆ ଜାଣି ଖସି।**

ସ୍ଥାନ, କାଳ, ପାତ୍ର ଦେଖି ହସିବା, ବସିବା ଏବଂ ଖସି ଆସିବା ନିର୍ଭର କରିଥାଏ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଳି ଏହାହିଁ ଉଚିତ ପଦକ୍ଷେପ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଠେଙ୍ଗାଠେଙ୍ଗି, ହାତାହାତି,ଗୋଡ଼ାଗୋଡ଼ି**
**କେଉଁଠିକି ସିଏ ପାରେନା ବୋଲି**
**ନାଁ ତା'ର କୋକିଶିଆଳି।**

କୋକିଶିଆଳି ସାଧାରଣତଃ ଡରକୁଳା ଜୀବ ଭାବେ ଜଣାଯାଉଥିବାବେଳେ ତାଙ୍କଠାରେ ଶିକାର କରିବାର ମନୋବୃତ୍ତି କମ୍ ରହିଥାଏ। ଠିକ୍ ସେହିପରି ନିହାତି ସରଳ, ସାଧାରଣ ଏବଂ ଅପାରଗ ଲୋକଙ୍କର ଚରିତ୍ର ଏହିଭଳି ହୋଇଥାଏ। ସେମାନେ ସର୍ବଦା ଛନ୍ଦକପଟ ତଥା କଳହଠାରୁ ଦୂରେଇ ରହୁଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ବ୍ରାଞ୍ଚ ମ୍ୟାନେଜରଙ୍କୁ ୩ବର୍ଷ ଜେଲ୍

**ଚିଟ୍‌ଫଣ୍ଡ ଠକେଇ ମାମଲା**

ବାଲେଶ୍ୱର, ୧୨।୧୦(ମାନସ ବିଶ୍ୱାଳ)

ଏକ ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ୍ ଦାସ 'କୋଲକାତା ୱେୟାର୍ ଇଣ୍ଡଷ୍ଟ୍ରି ଲିମିଟେଡ୍'ର ବ୍ରାଞ୍ଚ ମ୍ୟାନେଜର ସଂଗ୍ରାମ କେଶରୀ ପାତ୍ରଙ୍କୁ ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ କରିବା ସହ ୬୧ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୯ ମାସ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ସଂଗ୍ରାମଙ୍କ ଘର ବୈଶିଙ୍ଗା ଅଞ୍ଚଳରେ।

ଉକ୍ତ ସଂସ୍ଥା ମୟୂରଭଞ୍ଜ ଜିଲା ଉଦଳାରେ ଏକ ବ୍ରାଞ୍ଚ ଖୋଲି ଜମାକାରୀଙ୍କୁ ଅଧିକ ସୁଧ ଲୋଭ ଦେଖାଇ ଟଙ୍କା ଲୁଟ୍ କରିଥିଲା। ସଂସ୍ଥା ବିରୋଧରେ ଉଦଳା ଥାନାରେ ଗତ ୨୦୧୩ ମେ' ୧୦ ତାରିଖରେ ଲିଖିତ ଅଭିଯୋଗ ହେବା ପରେ ଏନେଇ ଏକ ମାମଲା (ନଂ.୬୧/୧୩) ରୁଜୁ କରାଯାଇଥିଲା। ୧୦ଜଣ ସାକ୍ଷୀ ଏବଂ ୧୮ଟି ଦଲିଲ୍, ଦସ୍ତାବିଜ ଆଧାରରେ ବିଚାର କରି ଜଜ୍ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# କାମ କରିବାକୁ ଯାଇ ଥାଇଲାଣ୍ଡରେ ଫସିଛନ୍ତି ୩୫ ଶ୍ରମିକ

**■ କାମ ବଦଳରେ ଦିଆଯାଉଛି ନିର୍ଯାତନା**
**■ ଭିଡିଓ ମାଧ୍ୟମରେ ଘରକୁ ଫେରିବାକୁ କରିଛନ୍ତି ନିବେଦନ**

ରାଜକନିକା,୧୨।୧୦ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲାରେ ବେକାର ହୋଇ ଗାଁରେ ବୁଲି ଗଣ୍ଡେ ଖାଇ ଢୋକେ ପିଇବା ଅପେକ୍ଷା ପରିବାର ପ୍ରତିପୋଷଣ ପାଇଁ ଦାଦନ ଖଟିବାକୁ ଯୁବପିଢ଼ି ବାହାର ରାଜ୍ୟ ଓ ଦେଶକୁ ଯାଉଛନ୍ତି। ଯେଉଁ ଦଲାଲଙ୍କ ମାଧ୍ୟମରେ ସେମାନେ ରାଜ୍ୟ ଓ ଦେଶ ବାହାରକୁ ଯାଉଛନ୍ତି ସେଠାରେ ପହଞ୍ଚିଲା ପରେ କେତେକ ସ୍ଥାନରେ ନିର୍ଯାତନାର ଶିକାର ହେଉଛନ୍ତି। ଏଭଳି ଏକ ଘଟଣା ଜିଲାର ରାଜକନିକା ବ୍ଲକ ଅଞ୍ଚଳରୁ ଆସିଛି। ବ୍ଲକ ଅଞ୍ଚଳର ପ୍ରାୟ ୩୫ ଜଣ ଶ୍ରମିକ ୩ ମାସ ତଳେ ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ କାମ କରିବାକୁ ଦଲାଲଙ୍କ ମାଧ୍ୟମରେ ଯାଇଥିଲେ। ହେଲେ ସେଠାରେ କାମ ବଦଳରେ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ଆଣି ଏକ ଭିଡିଓ ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। ସେମାନେ ଯେଉଁ କମ୍ପାନୀରେ କାମ କରୁଛନ୍ତି ତାହାର କର୍ତ୍ତୃପକ୍ଷ ପାସ୍‌ପୋର୍ଟ, ଭିଜା ଓ ଅନ୍ୟ କାଗଜପତ୍ର ଛଡାଇ ନେଇଛନ୍ତି। ଘରକୁ ଆସିବାକୁ ଚାହିଁଲେ କମ୍ପାନୀ ଛାଡୁନି।



ଥାଇଲାଣ୍ଡରେ ଥିବା ରାଜକନିକାର ଶ୍ରମିକମାନେ।

ସୂଚନାଯୋଗ୍ୟ, ରାଜକନିକା ବ୍ଲକ ଜୟନଗର, କାଟଣା ବଣିଆଁ ଓ କୋଇଲିପୁର ପଞ୍ଚାୟତର ପ୍ରାୟ ୩୫ଜଣ ଶ୍ରମିକ ଜଣେ ଦଲାଲଙ୍କ ମାଧ୍ୟମରେ ଥାଇଲାଣ୍ଡସ୍ଥିତ ତ୍ୟୁଟୁଆନ କମ୍ପାନୀରେ ପ୍ଲାଏଉଡ କାମ କରିବାକୁ କହି ପଠାଇ ଥିଲେ। ହେଲେ ସେଠାରେ ଶ୍ରମିକମାନଙ୍କଠାରୁ ସେମାନଙ୍କ ପାସପୋର୍ଟ ଓ ଭିଜା କମ୍ପାନୀ କର୍ତ୍ତୃପକ୍ଷ ନେଇଯିବା ସହ ଖାଇବାକୁ ଠିକ୍ ଢଙ୍ଗରେ ଦେଉନାହାନ୍ତି। ଜଣେ ଶ୍ରମିକଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ୨ ମାସ ପର୍ଯ୍ୟନ୍ତ ମେଡିକାଲ ନେଲେ ନାହିଁ। ଏହାବାଦ୍ କାହା ଦେହ ଖରାପ ହେଲେ ମେଡିକାଲ ନେଉନାହାନ୍ତି। ଠିକ୍ ଭାବରେ ଦରମା ଦେଉନାହାନ୍ତି। ବନ୍ଦୀ ଭାବେ ସେମାନଙ୍କୁ ରଖାଯାଇଥିବାରୁ ତୁରନ୍ତ ଘରକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ଏ ନେଇ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ସେମାନଙ୍କୁ ତୁରନ୍ତ ସରକାରୀ ସହାୟତାରେ ଘରକୁ ଫେରାଇ ଆଣିବାକୁ ଜିଲାପାଳଙ୍କ ନିକଟରେ ଦାବି କରିଥିବା କହିଛନ୍ତି।

## ୪ ସ୍ଥାନ ଖସିଲା...

ପ୍ରଥମ ପୃଷ୍ଠାରୁ...

ଏହା କ୍ଷୁଧାର ଏକ ତ୍ରୁଟିପୂର୍ଣ୍ଣ ପରିମାପ, ଯାହା ଦେଶର ବାସ୍ତବ ସ୍ଥିତିକୁ ପ୍ରଦର୍ଶନ କରାଉନାହିଁ। ଏହା ଗୁରୁତର ପଦ୍ଧତିଗତ ପ୍ରସଙ୍ଗ ଏବଂ ମନ୍ଦ ଉଦ୍ଦେଶ୍ୟ ପ୍ରଦର୍ଶନ କରୁଥିବା ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ କହିଛି। ସରକାରଙ୍କ ପୋଷଣ ଟ୍ରାକରରେ ଅପ୍‌ଲୋଡ୍ କରାଯାଇଥିବା ତଥ୍ୟ ଅନୁଯାୟୀ ୫ ବର୍ଷରୁ କମ୍ ବୟସର ପିଲାଙ୍କ ମାପଗତ ତଥ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇଛି। ୨୦୨୩ ଏପ୍ରିଲରେ ଏହା ୬.୩୪ କୋଟିଥିବାବେଳେ ସେପ୍ଟେମ୍ବରରେ ୭.୨୪ କୋଟିରେ ପହଞ୍ଚିଛି। ସେହିପରି ପୋଷଣ ଟ୍ରାକର ଅନୁଯାୟୀ ଶିଶୁ କୁପୋଷଣ କ୍ରମାଗତ ଭାବେ ୭.୨ ପ୍ରତିଶତ ରହୁଥିବାବେଳେ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଏହାକୁ ୧୮.୭ ପ୍ରତିଶତ ଦର୍ଶାଯାଇଛି।

## ରାଉରକେଲାରେ ୨୦ ଟଙ୍କାରେ ଫାଷ୍ଟଫୁଡ୍ ପ୍ଲେଟ୍




# ମାଛ ଉତ୍ପାଦନରେ ଓଡ଼ିଶା ୪ର୍ଥ ବୃହତ୍ତମ ରାଜ୍ୟ:ଅସିତ୍

ଭୁବନେଶ୍ୱର, ୧୨।୧୦(ସୁନିତ୍ ମିଶ୍ର)

ଦେଶରେ ମାଛ ଉତ୍ପାଦନରେ ଓଡ଼ିଶା ହେଉଛି ୪ର୍ଥ ବୃହତ୍ତମ ରାଜ୍ୟ। ମାଛ ଯାଆଁଳ ଉତ୍ପାଦନରେ ବର୍ତ୍ତମାନ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇପାରିଛି। ବାର୍ଷିକ ୩୧.୫୦% ହାରରେ ମତ୍ସ୍ୟ ଉତ୍ପାଦନରେ ରାଜ୍ୟରେ ଅଭିବୃଦ୍ଧି ଦେଖିବାକୁ ମିଳିଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ୍ ତ୍ରିପାଠୀ ସୂଚନା ଦେଇଛନ୍ତି। ଏନେଇ ଗୁରୁବାର ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗର ସମୀକ୍ଷା ବୈଠକ ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦେଶରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ୭ମ ବୃହତ୍ତମ ରାଜ୍ୟ ହୋଇପାରିଥିବା ବେଳେ ମାଛ ରପ୍ତାନିରେ ଓଡ଼ିଶା ଆଗୁଆ ରହିଛି। ଗତ ୫ ବର୍ଷରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ, ବିକ୍ରୟ ଓ ବିତରଣରେ ଆଖିଦୃଶିଆ ଅଭିବୃଦ୍ଧି ହୋଇପାରିଛି ବୋଲି ଅସିତ ମତବ୍ୟକ୍ତ କରିଛନ୍ତି। ବୈଠକରେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଉପସ୍ଥିତ ଥିଲେ। ୧୦୦ କୋଟିର ବ୍ୟୟବରାଦରେ ହୀରାକୁଦ ଜଳଭଣ୍ଡାରରେ ଆକ୍ୱା କଲ୍‌ଚର ଫାର୍ମ ନିର୍ମାଣ କରାଯିବା ସହ ସେଠାରେ ମାଛ ଉତ୍ପାଦନ ସ୍ଥାନ, ପ୍ରକ୍ରିୟାକରଣ, ସାଧାରଣ ଭିତ୍ତିଭୂମି, ଆଦି ନିର୍ମାଣ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଛି। ମଧୁର ଜଳ ମାଛଚାଷକୁ ସମର୍ଥନକରି ରାଜ୍ୟ ସରକାର ଅନେକ ପ୍ରକାର ଯୋଜନା ହାତକୁ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ମାଧ୍ୟମରେ ବିଭିନ୍ନ ଜଳାଶୟକୁ ମାଛଚାଷ ପାଇଁ ପ୍ରସ୍ତୁତ କରିବା, ଯାଆଁଳ ଉତ୍ପାଦନ ବୃଦ୍ଧି କରିବା, ମାଛ ଚାଷୀମାନଙ୍କୁ ରିହାତି ଦେବା ଏବଂ ଚାଷୀଙ୍କୁ ମାଛଖାଦ୍ୟ ଯୋଗାଇବାରେ ବିଭାଗ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟରେ ମାଛ ଉତ୍ପାଦନ ୭ ଲକ୍ଷ ୬୨ ହଜାର ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛି। ଆଗକୁ ଉପକୂଳ ଓଡ଼ିଶାରେ ଲୁଣିଜଳରେ ମାଛଚାଷ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ଉପକୂଳ ଓଡ଼ିଶାର ମତ୍ସ୍ୟଜୀବୀଙ୍କୁ ଟ୍ରଲର, ମାଛ ଧରିବା ଜାଲ, ଜେଟି, ମାଛ ବଜାର ସୃଷ୍ଟି କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

# ଲାଞ୍ଚ ନେବାବେଳେ ପିଏଚ୍‌ଓଙ୍କୁ ଗିରଫ କଲା ସିବିଆଇ

ପାରାଦୀପ,୧୨।୧୦(ଶରତ ରାଉତ)

ପାରାଦୀପ ବନ୍ଦରରେ ଥିବା କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗର ପିଏଚ୍‌ଓ (ପବ୍ଲିକ ହେଲ୍‌ଥ୍ ଅରଗାନାଇଜେଶନ)ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ଗୁରୁବାର ସନ୍ଧ୍ୟାରେ ସିବିଆଇ (କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ) ଲାଞ୍ଚ ନେଉଥିବା ବେଳେ ଗିରଫ କରିଛି। ତାଙ୍କଠାରୁ ସିବିଆଇ ୫୦ ହଜାର ଟଙ୍କା ଜବତ କରିଛି। ପରେ ପିଏଚ୍‌ଓ କାର୍ଯ୍ୟାଳୟରେ ସମସ୍ତ କାଗଜପତ୍ର ଓ ଅନ୍ୟ ବିଷୟରେ ଚଢ଼ାଉ କରାଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା (ରାତି ୧୦ଟା) ୧୦ ଜଣିଆ ସିବିଆଇ ଟିମ୍ ଯାଞ୍ଚ ଚଳାଇଛନ୍ତି।

ସୂଚନା ମୁତାବକ, ଏମିନେନ୍ସ ଶିପିଂ ନାମକ କମ୍ପାନୀର ନାବିକ କ୍ଲିୟରାନ୍ସ ପାଇଁ ଜଣ ପିଛା ୧୫୦୦ଟଙ୍କା ପିଏଚ୍‌ଓ ପାଣିଗ୍ରାହୀ ଦାବି କରିଥିଲେ। ଏହିକ୍ରମରେ ଜାହାଜରେ ଥିବା ୭୦ଜଣ ନାବିକ କ୍ଲିୟରାନ୍ସ ପାଇଁ ୧ ଲକ୍ଷ ୫ ହଜାର ଟଙ୍କା ନେବେ ବୋଲି ପାଣିଗ୍ରାହୀ ଦାବି କରିଥିଲେ। ଗୁରୁବାର ସମ୍ପୃକ୍ତ କମ୍ପାନୀ ସିବିଆଇ ଟିମ୍‌କୁ ସୂଚନା ଦେଇଥିଲେ। ଅପରାହ୍ନରେ ମଧୁବନ ଭୂୟାଁ ଛକରେ ଥିବା ପିଏଚ୍‌ଓ ଅଫିସରେ ୫୦ ହଜାର ଟଙ୍କା କମ୍ପାନୀ କର୍ମଚାରୀ ଦେଇଥିଲେ। ପରେ ପାଖରେ ଥିବା ସିବିଆଇ ଟିମ୍ ଟଙ୍କା ସହ ପାଣିଗ୍ରାହୀଙ୍କୁ ଗିରଫ କରିଥିଲେ। ପିଏଚଓ ପାଣିଗ୍ରାହୀଙ୍କ ଘର ବାଲେଶ୍ୱର ଜିଲାରେ ବୋଲି ଜଣାପଡିଛି। ଅଫିସ ଯାଞ୍ଚ ସରିବା ପରେ ତାଙ୍କ ସରକାରୀ କ୍ୱାର୍ଟର୍ସ ଯାଞ୍ଚ ହେବ ବୋଲି ଜଣାପଡିଛି। ଡା. ପାଣିଗ୍ରାହୀ ପ୍ରାୟ ପିଏଚ୍‌ଓ କ୍ଲିୟରାନ୍ସ ପାଇଁ ଅନେକ ଏଜେଣ୍ଟଙ୍କୁ ଏପରି ହଇରାଣ କରୁଥିଲେ ବୋଲି ସୁନୀଲ ଝା ନାମକ କମ୍ପାନୀ କର୍ମଚାରୀ କହିଛନ୍ତି।



ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ

**■ ୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ**
**■ ଜାହାଜ ନାବିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ନାଁରେ କମ୍ପାନୀଗୁଡିକୁ ହଇରାଣ କରୁଥିଲେ**

### ପିଏଚ୍‌ଓ କ'ଣ

ଦେଶର ସମସ୍ତ ସରକାରୀ ବେସରକାରୀ ବନ୍ଦରରେ ପଣ୍ୟବାହୀ ଜାହାଜରେ ଥିବା କ୍ରିଉ ମେମ୍ବର (ନାବିକଙ୍କ) ସ୍ୱାସ୍ଥ୍ୟ ଯାଞ୍ଚ କରିଥାନ୍ତି। ଏହି ପଦବୀ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥାଏ। ଜାହାଜ ଲାଗିବା ପରେ ପ୍ରଥମେ ନାବିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ପିଏଚ୍‌ଓ ଯାଇ ରିପୋର୍ଟ ଦେବା ପରେ ଅନ୍ୟ ବିଭାଗ ଜାହାଜ ଉପରକୁ ଯିବାର ନିୟମ ରହିଛି। ତା' ପରେ କଷ୍ଟମ୍ସ କ୍ଲିୟରାନ୍ସ, ଇମିଗ୍ରେଶନ କ୍ଲିୟରାନ୍ସ, ମେରାଇନ୍ କ୍ଲିୟରାନ୍ସ ପରେ ଯାଇ ପଣ୍ୟ ବୋଝେଇ କିମ୍ବା ଖଲାସ ହୋଇଥାଏ। ଏସବୁର କାମ କରିବା ପାଇଁ ସବୁ ବନ୍ଦରରେ ଏଜେଣ୍ଟ ଥାଆନ୍ତି। କୋଭିଡ୍ ସମୟରେ ଡା. ପାଣିଗ୍ରାହୀ ପାରାଦୀପ ପିଏଚ୍‌ଓ ଭାବେ ଦାୟିତ୍ୱ ନେଇଥିଲେ।

# ସ୍କିଲ୍ ସାର୍ଟିଫିକେଶନରେ ମହିଳାଙ୍କ ସଂଖ୍ୟା ବଢ଼ିବା ଖୁସିର ବିଷୟ



ଭୁବନେଶ୍ୱର, ୧୨।୧୦(ସୁନିତ୍ ମିଶ୍ର)

ଦେଶ ପାଖରେ ଥିବା ସମ୍ବଳର ଉପଯୋଗ କରିବା ପାଇଁ ଯୁବଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଶକ୍ତିର ଆବଶ୍ୟକ ରହିଛି। ଏହି ଯୁବଶକ୍ତି ଯେତେ ସଶକ୍ତ ହେବ ଦେଶର ବିକାଶ ସେତେ ଅଧିକ ହେବ ବୋଲି ଗୁରୁବାର 'କୌଶଳ ଦୀକ୍ଷାନ୍ତ ସମାରୋହ-୨୦୨୩'ରେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସ୍କିଲ୍‌କୁ ସମ୍ମାନ ଦେବା ଓ ଦେଶରେ ଥିବା ଦକ୍ଷତା ପ୍ରତିଭାକୁ ସମ୍ମାନିତ କରିବା ଦିଗରେ କୌଶଳ ଦୀକ୍ଷାନ୍ତ ସମାରୋହ ଏକ ବିଶେଷ କାର୍ଯ୍ୟକ୍ରମ। ଏହି ବାର୍ଷିକ ଦକ୍ଷତା ସମାବର୍ତ୍ତନ ସମାରୋହରେ ସ୍କିଲ୍ ସାର୍ଟିଫିକେଟ୍ ଗ୍ରହଣ କରିଥିବା ଦକ୍ଷତା ପରିସଂସ୍ଥାନର ୧୦.୬୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ଏକ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି। ସ୍କିଲ୍ ସାର୍ଟିଫିକେଶନରେ ମହିଳାଙ୍କ ସଂଖ୍ୟା ବଢ଼ିବା ଖୁସିର ବିଷୟ। ଗତ ବର୍ଷଗୁଡିକରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୋଗଦାନ ବଢିବାରେ ଲାଗିଛି। ୨୦୧୭ରେ ଦେଶରେ ବେରୋଜଗାର ହାର ୬% ଥିବାବେଳେ ୨୦୨୨-୨୩ରେ ଏହା ୩.୨%ରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଦେଶରେ ସ୍କିଲ୍ ଇକୋସିଷ୍ଟମରେ ୧.୫ କୋଟି ନାଗରିକ ସାମିଲ ହୋଇଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି, ବିଶ୍ୱରେ ଦକ୍ଷତା ପରିବର୍ତ୍ତନଶୀଳ। ଆମ ସ୍କିଲିଂ ଇକୋସିଷ୍ଟମକୁ ମଧ୍ୟ ପରିବର୍ତ୍ତନ କରିବା ସହ ଦକ୍ଷତା ବିକାଶକୁ ଅଧିକ ଆକାଂକ୍ଷୀ କରିବାକୁ ହେବ। ଜାତୀୟ ଶିକ୍ଷାନୀତିରେ ସ୍କୁଲ ଶିକ୍ଷା ଓ ଦକ୍ଷତା ବିକାଶକୁ ଏକାଠି କରିବା ଦିଗରେ ଗୁରୁତ୍ୱ ଦିଆଯାଉଛି। ସ୍କିଲ୍ ଇଣ୍ଡିଆ ଡିଜିଟାଲ ପୋର୍ଟାଲ ଦ୍ୱାରା ଉଭା ହେଉଥିବା କ୍ଷେତ୍ରଗୁଡ଼ିକରେ ସ୍କିଲ୍‌ର କୋର୍ସ ପ୍ରସ୍ତୁତ କରାଯାଉଛି ଏବଂ ଏହାକୁ ସ୍କୁଲର ପାଠ୍ୟକ୍ରମରେ ଯୋଡ଼ାଯାଉଛି। ଦେଶର ପ୍ରତିଭାବାନ ଯୁବଶକ୍ତିଙ୍କ ସ୍କିଲ୍ ଆବଶ୍ୟକତା ପୂରଣ କରିବା ଓ ନୂତନ ସୁଯୋଗ ସୃଷ୍ଟି କରିବା ଦିଗରେ ସବୁପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏହି ଅବସରରେ ଦେଶବ୍ୟାପୀ ଥିବା ଦକ୍ଷତା ପ୍ରଶିକ୍ଷଣ କେନ୍ଦ୍ରର ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଇଟିଆଇ, ଏନ୍‌ଏସ୍‌ଟିଆଇ ଏବଂ ଉଦ୍ୟୋଗୀ ବିକାଶ ଯୋଜନାର ସଂକ୍ଷିପ୍ତ ତାଲିମପ୍ରାପ୍ତ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ସମସ୍ୟା ସାଙ୍ଗକୁ ଅଯଥା ଅର୍ଥ ବ୍ୟୟ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପୂର୍ବରୁ ଶତ୍ରୁତା କରୁଥିବା ବ୍ୟକ୍ତି ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବୃଷ** ଅସୁସ୍ଥତା ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ସାମନା କରିବାକୁ ପଡିପାରେ। କୃତ୍ତିକାର ବନ୍ଧୁମାନେ ସାମୟିକ ସୁଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହେବାର ସୂଚନା ରହିଛି। ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିବା କାରଣରୁ କଳହ ଲାଗିପାରେ। ଆନୁଷ୍ଠାନିକ କାମରେ କେତେକ ବ୍ୟତିକ୍ରମକୁ ଦେଖି ମାନସିକ ଆଘାତ ପାଇପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପୁନର୍ବସୁ ନକ୍ଷତ୍ର ଭ୍ରମଣ ସୁଯୋଗ ପାଇବେ, କିନ୍ତୁ ଫେରିବା ସମୟରେ ପୂର୍ବର ଆନନ୍ଦ ଆଉ ନ ଥିବ।

**କର୍କଟ** ଅଶ୍ଳେଷା ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପ୍ରକାଶନ, ପ୍ରଶାସନ ଓ ନିର୍ମାଣ କ୍ଷେତ୍ରରେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ପଡୋଶୀଙ୍କ ଅଭିଯୋଗ ସକାଶେ ସାମୟିକ ମନରେ ଭାବାନ୍ତର ସୃଷ୍ଟି ହେବ। ବାଣିଜ୍ୟ,ବ୍ୟବସାୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ପୂର୍ବାଫାଲଗୁନୀ ନକ୍ଷତ୍ରର ପ୍ରଶାସନିକ ସ୍ତରରେ ପରିସ୍ଥିତି ସେତେଟା ଭଲ ରହି ନ ପାରେ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। ଆକସ୍ମିକ ଭାବରେ ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ।

**କନ୍ୟା** ଆଜିର କର୍ମକ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି କାର୍ଯ୍ୟ ହାସଲ କରିବେ। ହସ୍ତା ନକ୍ଷତ୍ର ଆପଣଙ୍କ କାର୍ଯ୍ୟଦକ୍ଷତା ଓ କଥନଶୈଳୀରୁ ପ୍ରଶଂସିତ ହେବେ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

**ତୁଳା** ଆତ୍ମୀୟଙ୍କ ସହଯୋଗରୁ ସମାଧାନର ସରଳସୂତ୍ର ବାହାର କରିପାରିବେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଚିତ୍ରା ନକ୍ଷତ୍ର ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ କିନ୍ତୁ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ପ୍ରିୟଜନଙ୍କ ସହ ଏକ ସାଧାରଣ କିମ୍ବା ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଜ୍ୟେଷ୍ଠା ନକ୍ଷତ୍ର ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ପ୍ରତ୍ୟେକ ସ୍ତରରେ ସରଳ ଭାବେ ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବୈବାହିକ କର୍ମ ସମ୍ପାଦନ ପାଇଁ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କିତ ଆଲୋଚନା କଲେ ଉପକୃତ ହେବେ। ପ୍ରତିବନ୍ଧକ ହେତୁ ଉନ୍ନତିମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ଦୀର୍ଘ ଦିନ ପରେ ଆଜି ଶାରୀରିକ ସୁସ୍ଥତା ଫେରିପାଇବେ।

**ମକର** ବିଭିନ୍ନ ଦିଗରୁ ମାନସିକ ଚାପ ଓ ପ୍ରତିବନ୍ଧକର ସାମନା କରି କାମ ହାସଲ କରିବାକୁ ପଡିବ। ଧନିଷ୍ଠା ନକ୍ଷତ୍ରର ପରିବାରରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଅଶୋଭନୀୟ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟ ମଧ୍ୟରେ ଦୂରେଇ ଯିବ।

**କୁମ୍ଭ** ଅଭିମାନ କରି ରହିଥିବା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଶତଭିଷା ନକ୍ଷତ୍ରର କୌଣସି କାଗଜପତ୍ର ସମ୍ପର୍କିତ ଶୁଭ ସୂଚନା ପାଇ ମନ ଖୁସି ହୋଇଯିବ। ରାଜନୀତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବହୁତ ଦିନରୁ ବାକି ପଡିଥିବା ଟଙ୍କା ଆଜି ଚେଷ୍ଟା କଲେ ଫେରି ପାଇବେ।

**ମୀନ** ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଅନୁରୋଧକୁ ଉପେକ୍ଷା ନ କରି ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ଢଳିପାରେ। ଉତ୍ତରଭାଦ୍ରପଦ ନକ୍ଷତ୍ର ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ସାମାଜିକ ସ୍ତରରେ ଉନ୍ନତିମୂଳକ କାମ ସକାଶେ ଦିନଟି ବହୁତ ଭଲ।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା, ଶୁକ୍ରବାର, ଅକ୍ଟୋବର ୧୩ ତାରିଖ, ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ. ୦୫।୪୪ ମି. ଗତେ ଘ.୦୬।୩୦ମି. ମଧ୍ୟେ, ଘ.୦୭।୧୭ମି. ଗତେ ଘ.୦୮।୩୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ମି. ଗତେ ଘ.୧୧।୩୨ ମି. ମଧ୍ୟେ ରାହୁକାଳ ।

# 'ବଗପାଟିଆ କଲୋନିକୁ ଏକ ଆଦର୍ଶ ବସତିରେ ପରିଣତ କରାଯିବ'

ଭୁବନେଶ୍ୱର,୧୨।୧୦(ଅନିଲ ଦାସ)

ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ଜୁଆର ଓ ଝଡ଼ ପ୍ରଭାବରେ ସମୟାନୁକ୍ରମେ ପ୍ରଭାବିତ ବଙ୍ଗୋପସାଗର କୂଳରେ ଥିବା କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ସାତଭାୟା ଗ୍ରାମର ୫୭୧ ପରିବାରକୁ ବଗପାଟିଆଠାରେ ପୁନର୍ବାସ କଲୋନିରେ ଥଇଥାନ କରାଯାଇଛି। ଏହାକୁ ଏକ ଆଦର୍ଶ ବସତିରେ ପରିଣତ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଥଇଥାନ ହୋଇଥିବା ପରିବାରଗୁଡ଼ିକ ଯେପରି ସମ୍ମାନଜନକ ଭାବେ ଜୀବିକା ନିର୍ବାହର ସୁଯୋଗ ପାଇବେ ସେ ନେଇ ଗୁରୁତ୍ୱ ଦିଆଯାଇଛି। ବଗପାଟିଆ ପୁନର୍ବାସ ପ୍ରକଳ୍ପର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ପ୍ରୟାସ ଜାରିରହିଛି। ଚାଷ ସହିତ ଆନୁଷଙ୍ଗିକ ସୁବିଧା, ନିରାପଦ ପାନୀୟ ଜଳ, ଜମିପଟ୍ଟା ଓ ଚାଷଜମି ବଣ୍ଟନ, ସେମାନଙ୍କ ପିଲାମାନଙ୍କ ପାଇଁ ଉତ୍ତମ ଶିକ୍ଷା ସୁବିଧା, ଉତ୍ତମ ସଡ଼କ ଓ ଯୋଗାଯୋଗ, ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମି ଆବଶ୍ୟକତା ପୂରଣ ପାଇଁ ବୈଠକରେ ନାବାର୍ଡ ପକ୍ଷରୁ ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏଭଳି ସ୍ଥିତିଥିବା ଦେଶ ଏବଂ ବିଶ୍ୱର ଅନ୍ୟ ସ୍ଥାନରେ ଜଳବାୟୁ ସହନଶୀଳ ପଦକ୍ଷେପ ସମ୍ପର୍କରେ କି କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ମଧ୍ୟ ବୈଠକରେ ଉପସ୍ଥାପନ କରାଯାଇଥିଲା।

ଜୁଆର ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ସମୁଦ୍ରତଟର କ୍ଷୟ ରୋକିବା ଦିଗରେ ବ୍ୟାପକ ହେନ୍ତାଳବନ ଓ ଝାଉଁବୃକ୍ଷ ରୋପଣ, ଅଳ୍ପ ଉଚ୍ଚତା ବିଶିଷ୍ଟ ନଡିଆ ଗଛ, ସପେଟା ଜାତୀୟ ବୃକ୍ଷଚାରା ରୋପଣ ଉପରେ ଗୁରୁତ୍ୱ ଦିଆଯାଇଛି। ମାଛ ଜେଟି, ଶୀତଳ ଭଣ୍ଡାର ସହ ମାଛ

## ଡିପିଆର୍ ପ୍ରସ୍ତୁତ କରିବାକୁ ନାବାର୍ଡକୁ ପରାମର୍ଶ

ରଖିବା କେନ୍ଦ୍ର, ଲୋକମାନଙ୍କୁ ମତ୍ସ୍ୟ ଡଙ୍ଗା ମରାମତି, ବଢ଼େଇ କାମ, ପୋଷାକ ମରାମତି, ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ଜୀବିକାର୍ଜନ ସୁବିଧା ପ୍ରମୁଖ ପ୍ରସଙ୍ଗ ରହିଛି। ସେଠାରେ ରାସ୍ତା,ଡ୍ରେନେଜ ବ୍ୟବସ୍ଥା ଓ ଅନ୍ୟ ଏକ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାରଙ୍କ ସହିତ ନାବାର୍ଡ ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ସହାୟତାରେ ଉନ୍ନୟନ କାର୍ଯ୍ୟରେ ସହଯୋଗ କରିବ। ବଗପାଟିଆ ପୁନର୍ବାସ କଲୋନୀ ଯେପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉଦାହରଣ ସୃଷ୍ଟି କରିବ ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେବା ସହ ଏକ ଡିପିଆର୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଆର୍‌ସିଡିସି, ଟିପିସିଓଡିଏଲ୍, ନାବାର୍ଡର ମିଳିତ ସହଯୋଗରେ ବଗପାଟିଆରେ ବିଦ୍ୟୁତ୍ ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ବଗପାଟିଆ ଥଇଥାନ କଲୋନୀରେ ରାଜ୍ୟ ସରକାରଙ୍କ ତରଫରୁ ବିଜୁ ପକ୍କାଘର ଯୋଜନାରେ ୫୭୧ଟି ଘର, ୪ଟି ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ ପ୍ରାଥମିକ ସ୍କୁଲ, ଗୋଟିଏ ହାଇସ୍କୁଲ, ଗୋଟିଏ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଗୋଟିଏ ପୋଷ୍ଟ ଅଫିସ, ୬୩ କେଭିଏ କ୍ଷମତାବିଶିଷ୍ଟ ୪ଟି ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ୧୫୦୦ ଲୋକଙ୍କ ପାଇଁ ବାତ୍ୟା ଆଶ୍ରୟ ସ୍ଥଳ, ୨ଟି ଶ୍ମଶାନ, ପଞ୍ଚୁବରାହୀ ମନ୍ଦିରର ବିକାଶ ପାଇଁ ପଦକ୍ଷେପ, କମ୍ୟୁନିଟି ସେଣ୍ଟର ଓ କଲ୍ୟାଣ ମଣ୍ଡପ ବ୍ୟବସ୍ଥା ଆଦି କରାଯାଇଛି। ସମସ୍ତ ଗଳିକୁ ଆଲୋକୀକରଣ କରାଯିବାର ବ୍ୟବସ୍ଥା ରହିଛି। ଆଗକୁ ସଂଲଗ୍ନ ବନ୍ଧର ସୁଦୃଢ଼ୀକରଣ, ଖେଳପଡ଼ିଆ ନିର୍ମାଣ, ପଞ୍ଚାୟତ ଗୃହ ନିର୍ମାଣ, ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ବିଦ୍ୟୁତ୍ ଲାଇନର ଉନ୍ନତୀକରଣ ଓ ବାସିନ୍ଦା ପରିବାରକୁ ଗୋପାଳନ, ଛେଳିପାଳନ,ମାଛ ଚାଷ ଆଦି ଜୀବିକା ନିର୍ବାହରେ ସହାୟତା ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା କରାଯାଉଛି।

ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ସୁଶୀଲ ଲୋହାନୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ଜ୍ଞାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟ ଶାସନ ସଚିବଙ୍କୁ ଭେଟିଲେ ୧୦ ଟ୍ରେନି ଆଇଏଏସ୍ ଅଫିସର

ଭୁବନେଶ୍ୱର, ୧୨।୧୦(ସୁନିତ୍ ମିଶ୍ର)

ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଗୁରୁବାର ୨୦୨୨ ବ୍ୟାଚ୍‌ର ୧୦ ଜଣ ବିହାର କ୍ୟାଡର ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶିକ୍ଷାନବିସ (ଟ୍ରେନି ଆଇଏଏସ୍ ଅଫିସର୍ସ) ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଜିଲା ସମ୍ପର୍କିତ କାର୍ଯ୍ୟ ପରିଚାଳନା ସଂକ୍ରାନ୍ତୀୟ ପ୍ରଶିକ୍ଷଣ ନେବାକୁ ଆସିଥିବା ଏହି ଶିକ୍ଷାନବିସମାନଙ୍କୁ ମୁଖ୍ୟ ଶାସନ ସଚିବ ଜେନା ତାଙ୍କର ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା ପ୍ରକାଶ କରିଛନ୍ତି। ଆଇଏଏସ୍ ଶିକ୍ଷାନବିସମାନଙ୍କ ସହ ଦୀର୍ଘ ସମୟ ଧରି ସେ ଆଲୋଚନା କରିଥିଲେ। ଓଡ଼ିଶାରେ ସଂଘଟିତ ୧୯୯୯ ମହାବାତ୍ୟାଠାରୁ ଆରମ୍ଭକରି ପରବର୍ତ୍ତୀ ବିଭିନ୍ନ ବର୍ଷରେ ଦେଖାଦେଇଥିବା ବାତ୍ୟା, ୨୦୧୯ରେ ଫନୀ ବାତ୍ୟା ଏବଂ ଗତ ଜୁନ୍‌ରେ ଘଟିଯାଇଥିବା ବାହାନଗା ରେଳ ଦୁର୍ଘଟଣା ପର୍ଯ୍ୟନ୍ତ ବିଭିନ୍ନ ବିପର୍ଯ୍ୟୟ ସମୟରେ କିପରି ଆହ୍ୱାନମୂଳକ ପଦକ୍ଷେପ ନିଆଯାଇ ସେସବୁର ପରିଚାଳନାରେ ସମୟୋପଯୋଗୀ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା, ସେନେଇ ଅବଗତ କରିଛନ୍ତି। ଚାକିରି କ୍ଷେତ୍ରରେ ନୂଆକରି ଯୋଗଦାନ କରୁଥିବା ଅଧିକାରୀଙ୍କୁ ଆଗାମୀ ଦିନରେ ଭିନ୍ନ ଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ଓ ଆହ୍ୱାନକୁ ସାମ୍ନା କରିବାକୁ ପଡ଼ିପାରେ। ଏ ଦିଗରେ ବିସ୍ତୃତ ଯୋଜନା, ଦୃଢ଼ ନିଷ୍ଠା ଓ ପ୍ରତିବଦ୍ଧତା ଅଧିକାରୀଙ୍କୁ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତଥା ପର୍ଯ୍ୟଟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଓ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ମହାନିର୍ଦ୍ଦେଶକ ମନୀଷ୍ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଜାଲରେ ପଡ଼ିଲା ୨.୫୦ କୁଇଣ୍ଟାଲ ଓଜନର ମାଛ

ପାରାଦୀପ,୧୨।୧୦(ଶରତ ରାଉତ)



ପାରାଦୀପରୁ ଜାଲରେ ଧରାପଡ଼ିଥିବା ମାଛ।

ପାରାଦୀପର ଅଠରବାଙ୍କି ମାଛଗଦି ବାଲିପ୍ଲଟରୁ ଗୁରୁବାର ଏକ ଅଢ଼େଇ କୁଇଣ୍ଟାଲ ଓଜନ ବିଶିଷ୍ଟ ମାଛ କୋଲକାତା ଯାଇଛି। ଉକ୍ତ ମାଛ ଏକ ଛୋଟ ମାଛଧରା ଡଙ୍ଗିରେ ଧରା ପଡ଼ିଥିଲା। ମାଛର ନାମ ଅସ୍ପଷ୍ଟ ଥିବାବେଳେ ତାକୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ଶାଙ୍କୁଚ ବା ଚାଟୁଲି ବୋଲି କହୁଛନ୍ତି। ଏହି ମାଛକୁ ସନ୍ଧ୍ୟାରେ କୋଲକତା ବେପାରୀମାନେ ନେଇ ଯାଇଛନ୍ତି। ସେଠାରେ ଏହାକୁ ନିଲାମ କରାଯିବ ବୋଲି ସ୍ଥାନୀୟ ମାଛଗଦି ମାଲିକ ପ୍ରକାଶ ଜେନା କହିଛନ୍ତି। ଏହି ମାଛ ଓଡ଼ିଶାରେ କେହି ଖାଆନ୍ତି ନାହିଁ। ବଙ୍ଗଳାରେ ଏହାର ଚାହିଦା ରହିଛି। ଏହି ମାଛ ପ୍ରାୟ ୧.୫୦ ଲକ୍ଷ ଟଙ୍କା ହେବ ବୋଲି ଜେନା କହିଛନ୍ତି। ଏପରି ମାଛ ଧରାହେବା ବିରଳ ବୋଲି ମତ୍ସ୍ୟଜୀବୀ ରବି କହିଛନ୍ତି। ମାଛ ଜାଲରେ ପଡ଼ିବା ପରେ ତାକୁ ଉପରକୁ ଉଠାଇବା ପାଇଁ ଆଉ ଏକ ଡଙ୍ଗିର ଆବଶ୍ୟକ ପଡ଼ିଥିଲା। ଏପରିକି କୂଳରୁ ଗଦି ପର୍ଯ୍ୟନ୍ତ ନେବା ଲାଗି ଟ୍ରଲି ଆବଶ୍ୟକ ହୋଇଥିଲା।

# 'ଡଟ୍ ପେନ୍': ସାଇକୋ କିଲରର ସତ କାହାଣୀ

ଭୁବନେଶ୍ୱର,୧୨।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)




ଏଥର ଫିଲ୍ମ ଫ୍ରାଇଡେ'ରେ ଓଡ଼ିଆରେ 'ଡଟ୍ ପେନ୍' ଓ ହିନ୍ଦୀରେ 'ଧକ୍ ଧକ୍' ସିନେମା ମୁକ୍ତିଲାଭ କରୁଛି। ଫିଲ୍ମ 'ଡଟ୍ ପେନ୍' ଭଉଣୀ, ଭାଇ ଓ ଏକ ଡଟ୍‌ପେନ୍‌ର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି। ଭାଇ ନିଜ ଭଉଣୀ ପାଇଁ ପ୍ରତିଶୋଧ ନେଉଛି। ହେଲେ କାହିଁକି ଓ ଡଟ୍ ପେନ୍ ସହ କ'ଣ ସମ୍ପର୍କ ଏହି ଦୁଇ ଜଣଙ୍କର? ଏଭଳି ଏକ ସସ୍‌ପେନ୍ସ ସହ ଜଣେ ସାଇକୋ କିଲର୍ କାହାଣୀକୁ ନେଇ ଫିଲ୍ମଟି ଗତିଶୀଳ ହୋଇଛି। ଢେଙ୍କାନାଳର ଏକ ସତ୍ୟ ଘଟଣା ଉପରେ ଆଧାରିତ ଏ ଫିଲ୍ମର ଅଧିକାଂଶ ଦୃଶ୍ୟ କାମାକ୍ଷାନଗରରେ ଶୁଟିଂ ହୋଇଛି। ଅଶ୍ୱିନୀ ତ୍ରିପାଠୀ ଓ ବୀର୍‌ବଲ ଏଣ୍ଟରଟେନମେଣ୍ଟ ପ୍ରଯୋଜିତ ଏହି ଫିଲ୍ମରେ ମୁଖ୍ୟ ଚରିତ୍ରରେ ନଜର ଆସିବେ ଅଭିନେତା ଜ୍ୟୋତିରଞ୍ଜନ। ଆଉ ଜ୍ୟୋତିଙ୍କ ଭଉଣୀ ଚରିତ୍ରରେ ଅଭିନୟ କରିଛନ୍ତି ଦିବ୍ୟାଦିଶା ମହାନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି ଅଙ୍କିତ କୁମାର। ଏମାନଙ୍କ ବ୍ୟତୀତ ଶକ୍ତି ବରାଳ, ସୁପ୍ରିୟା ନାୟକ, ଅର୍ପିତା ସାହୁ, ପ୍ରିୟମ୍ବଦା, ଅନନ୍ୟା ଦାସ ଓ ଲୋକପ୍ରିୟ ୟୁଟ୍ୟୁବର ରାଜୁ ଦାସ, ସନ୍ତୁଙ୍କ ପରି କଳାକାରମାନେ ମଧ୍ୟ ଅଭିନୟ କରିଛନ୍ତି। ଦୁଇ ନୂଆ ମୁହଁ ପ୍ରୀତି ବିଶ୍ୱାଳ ଓ ରୋହନ ଗର୍ଗ ଏ ଫିଲ୍ମର ଅନ୍ୟତମ ଆକର୍ଷଣ ଭୂମିକାରେ ନଜରକୁ ଆସିବେ। ପ୍ରଯୋଜନା, ନିର୍ଦ୍ଦେଶନା, ଚିତ୍ରନାଟ୍ୟ ଦାୟିତ୍ୱରେ ଅଛନ୍ତି ଅଶ୍ୱିନୀ ତ୍ରିପାଠୀ। କାହାଣୀ ଲେଖିଛନ୍ତି ଡ. ଦୀପକ କୁମାର। ସୋମେଶ ଶତପଥୀଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପାଢ଼ୀ ଓ ଅର୍ପିତା।




ଅନ୍ୟପକ୍ଷେ ବଲିଉଡ୍ ଫିଲ୍ମ 'ଧକ୍ ଧକ୍'ର ଥିମ୍ ଏହାର ଟାଇଟଲ୍‌ରୁ ହିଁ ବାରିହୋଇପଡୁଛି। ମହିଳାମାନେ ଏକ ରୋଡ୍ ଟ୍ରିପ୍‌ରେ ଯାଇ କିଭଳି ଏକ ଏକ୍ସଟ୍ରା ଅର୍ଡିନାରି ଯାତ୍ରା ଶେଷ କରିଛନ୍ତି ତାହା ଏହି ଫିଲ୍ମରେ ଦେଖିବାକୁ ପାଇବେ ଦର୍ଶକ। ତେବେ ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନେତ୍ରୀ ରତ୍ନା ପାଠକ୍ ଶାହା, ଦିୟା ମିର୍ଜା, ସଞ୍ଜନା ସଘିଁ, ଫତିମା ସାନା ଶେଖ୍ ରହିଛନ୍ତି। ଫିଲ୍ମଟି ଭାୟାକମ୍ ୧୮ ଓ ଜି ମ୍ୟୁଜିକ୍ ପକ୍ଷରୁ ମୁକ୍ତିଲାଭ କରୁଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ତରୁଣ ଡୁଡେଜା। ପ୍ରଯୋଜନା ଦାୟିତ୍ୱରେ ଅଭିନେତ୍ରୀ ତାପସୀ ପନ୍ନୁ, ଅଜିତ୍ ଅନ୍ଧାରେ, ପ୍ରାଞ୍ଜଳ ଖାନ୍ଦିୟା ଅଛନ୍ତି।




ତୁମେ ଯେଉଁ ଊର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ-ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। -ଶ୍ରୀମା

# ହିଂସାରୁ ହମାସ୍‌ର ଜନ୍ମ



ପିଟର ସିଙ୍ଗର

ଇସ୍ରାଏଲ ସୀମା ମଧ୍ୟରେ ହମାସ୍‌ର ଘୃଣ୍ୟ ତଥା କ୍ରୂରତାପୂର୍ଣ୍ଣ ଆକ୍ରମଣକୁ ସମଗ୍ର ବିଶ୍ୱ ନିନ୍ଦା କରିଛି। ଯଦି ଏହା ଏକ ଯୁଦ୍ଧ ହୁଏ ଏବଂ ଉଭୟ ପକ୍ଷ ଏଥିରେ ସହମତ ହୁଅନ୍ତି, ତେବେ ସାଧାରଣ ନାଗରିକଙ୍କ ଉପରେ ହମାସ୍‌ର ଯୋଜନାବଦ୍ଧ ଆକ୍ରମଣ ଏକ ପ୍ରମୁଖ ଯୁଦ୍ଧ ଅପରାଧ ବୋଲି ଗଣାଯିବ। ଇସ୍ରାଏଲ ଏବଂ ଗାଜାରେ ବର୍ତ୍ତମାନ ଯାହା ଘଟୁଛି ସେଥିରୁ ଶିକ୍ଷା ମିଳୁଛି ଯେ, ହିଂସାରୁ ହିଁ ଅଧିକ ହିଂସା ଜନ୍ମ ନିଏ । ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ଚାଲିଥିବା ଦୁଃଖଦ ବିବାଦକୁ ଏଡ଼ାଇବାର ଶେଷ ସୁଯୋଗ ଗୋଟିଏ ହତ୍ୟା ଦ୍ୱାରା ନଷ୍ଟ ହୋଇଯାଇଥିଲା। ୧୯୯୫ରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ୟିତ୍‌ଝାକ୍ ରବିନ୍‌ଙ୍କ ହତ୍ୟା ଥିଲା ଏହାର କାରଣ। ହତ୍ୟାକାରୀ ଜଣେ ପାଲେଷ୍ଟାଇନ ସନ୍ତ୍ରାସବାଦୀ ନ ଥିଲେ, ବରଂ ସେ ଥିଲେ ଓସ୍‌ଲୋ ଚୁକ୍ତିନାମାକୁ ବିରୋଧ କରୁଥିବା ଜଣେ ଇସ୍ରାଏଲୀ ଚରମପନ୍ଥୀ। ଓସ୍‌ଲୋ ଚୁକ୍ତିନାମା ଦ୍ୱାରା ରବିନ୍ 'ଶାନ୍ତି ପାଇଁ ଦେଶ' ଚୁକ୍ତି ଚାହିଁଥିଲେ, ଯାହା ଇସ୍ରାଏଲ ଚରମପନ୍ଥୀମାନଙ୍କୁ ଅସନ୍ତୁଷ୍ଟ କରିଥିଲା। କାରଣ ସେମାନଙ୍କ ମତରେ ପବିତ୍ର ଭୂମିରେ ଇହୁଦୀ ସାର୍ବଭୌମତ୍ୱ ସହ କୌଣସି ବୁଝାମଣା ହୋଇପାରିବ ନାହିଁ। ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଶତ୍ରୁତା ସମାପ୍ତ କରିବା ଆଶା ରଖି ରବିନ୍ ଏକ ରାଲି ଆୟୋଜନ କରିଥିଲେ। ଏଥିରେ ୧ ଲକ୍ଷରୁ ଅଧିକ ଇସ୍ରାଏଲୀ ଯୋଗଦେଇଥିଲେ। ସେହି ସମୟରେ, ଶାନ୍ତିର ଆଶା ବାସ୍ତବ ମନେହେଉଥିଲା । କିନ୍ତୁ ଶାନ୍ତି ରାଲିର ଶେଷରେ ରବିନ୍‌ଙ୍କୁ ହତ୍ୟା କରାଯାଇଥିଲା।

ଏହି ହତ୍ୟାକାଣ୍ଡରୁ ବଡ଼ ଲାଭ ଉଠାଇଥିଲେ ଇସ୍ରାଏଲ ଜାତୀୟତାବାଦୀମାନେ। ସର୍ବୋପରି ଦକ୍ଷିଣପନ୍ଥୀ ଲିକୁଡ୍ ପାର୍ଟିର ନେତା ବେଞ୍ଜାମିନ ନେତାନ୍ୟାହୁ ସବୁଠୁ ଅଧିକ ଲାଭ ପାଇଥିଲେ। ନେତାନ୍ୟାହୁ ଓସ୍‌ଲୋ ଚୁକ୍ତିନାମାକୁ ପ୍ରତ୍ୟାଖ୍ୟାନ କରିଥିଲେ, କାରଣ ସେଥିରେ ୧୯୬୭ରେ ୬ ଦିନବ୍ୟାପୀ ଯୁଦ୍ଧ ପରେ ଇସ୍ରାଏଲ ଦଖଲ କରିଥିବା ଅଞ୍ଚଳରୁ ପ୍ରତ୍ୟାହାର କରିବା ଆବଶ୍ୟକ ଥିଲା। ରବିନ୍‌ଙ୍କ ହତ୍ୟା ପର ବର୍ଷଗୁଡ଼ିକରେ ବିଶେଷକରି ୨୦୦୦ ରେ କ୍ୟାମ୍ପ ଡେଭିଡ୍‌ଠାରେ ବୁଝାମଣାରେ ବିଫଳ ହେବା ପରେ ଦକ୍ଷିଣପନ୍ଥୀ ଉଗ୍ରବାଦୀମାନେ ଇସ୍ରାଏଲରେ ଅଧିକ ଶକ୍ତିଶାଳୀ ହୋଇଥିଲେ ଏବଂ ଅଧିକୃତ ଅଞ୍ଚଳ ପାଲେଷ୍ଟାଇନ୍‌ର ଅଂଶ ହେବା ଆଶା ମଉଳି ଯାଇଥିଲା। ଠିକ୍ ସେହି ସମୟରେ ପାଲେଷ୍ଟାଇନ୍ ନେତା ୟାସେର ଆରାଫତ୍‌ଙ୍କ ଧର୍ମନିରପେକ୍ଷ ଫତାହ ଆନ୍ଦୋଳନ ଏଥିରେ ବିଫଳ ହେବା ପରେ ଇସ୍‌ଲାମୀୟ ଉଗ୍ରବାଦୀ ହମାସ୍ ନିଜକୁ ଦୃଢ଼ କରିଥିଲା ଓ ଇସ୍ରାଏଲୀୟମାନଙ୍କୁ ହତ୍ୟା କରିବାକୁ ଉଚିତ ମଣିଥିଲା। ୨୦୦୭ରୁ ଗାଜାକୁ ନିୟନ୍ତ୍ରଣରେ ରଖି ସେଠାରୁ ହମାସ୍ ତାହାର ପ୍ରଭାବ ବଢ଼ାଇବା ସହ ଇସ୍ରାଏଲ ଅଧିକୃତ ୱେଷ୍ଟବ୍ୟାଙ୍କରେ ତାହାର ହିଂସା ଜାରି ରଖିଛି। ୱେଷ୍ଟବ୍ୟାଙ୍କରେ ଫତାହ ନିୟନ୍ତ୍ରିତ ପାଲେଷ୍ଟିନିଆନ ଅଥରିଟି



(ପିଏ) ନାମକୁ ମାତ୍ର ଦାୟିତ୍ୱରେ ରହିଛି ଏବଂ ସେଠାରେ ବହୁ ସଂଖ୍ୟାରେ ଇସ୍ରାଏଲୀ ନେତାନ୍ୟାହୁଙ୍କ ଦମନକାରୀ ପଦକ୍ଷେପକୁ ସମର୍ଥନ କରନ୍ତି। ୱେଷ୍ଟ ବ୍ୟାଙ୍କରେ ଇହୁଦୀ ବସତିଗୁଡ଼ିକର ନିରନ୍ତର ବିସ୍ତାରକୁ ବନ୍ଦ କରିବାରେ ପିଏ ଅସମର୍ଥ ହେବା କାରଣରୁ ଉଗ୍ରବାଦ ଏବଂ ହିଂସା ଜାରି ରହିଛି। ନେତାନ୍ୟାହୁ ବର୍ତ୍ତମାନ ଇସ୍ରାଏଲ ଇତିହାସରେ ସବୁଠାରୁ ଅଧିକ ଜାତୀୟତାବାଦୀ ସରକାରର ନେତୃତ୍ୱ ନେଉଛନ୍ତି, ଯେଉଁ ସରକାରରେ ଅର୍ଥମନ୍ତ୍ରୀ ବେଜାଲେଲ ସ୍ମୋଟ୍ରିଚ ଅଛନ୍ତି, ଯାହାଙ୍କ ଦାୟିତ୍ୱରେ ଅଧିକୃତ ୱେଷ୍ଟ ବ୍ୟାଙ୍କର ଏକ ବଡ଼ ଅଂଶ ଅନ୍ତର୍ଭୁକ୍ତ। ସ୍ମୋଟ୍ରିଚ ବାରମ୍ବାର ପାଲେଷ୍ଟିନୀୟମାନଙ୍କ ପ୍ରତି ହିଂସା ସୃଷ୍ଟି କରିଆସିଛନ୍ତି।

ଚଳିତ ବର୍ଷ ଫେବୃୟାରୀରେ ଜଣେ ପାଲେଷ୍ଟିନୀୟ ୨ଜଣ ଇସ୍ରାଏଲୀ ବାସିନ୍ଦାଙ୍କୁ ହତ୍ୟା କରିବା ପରେ, ଶତାଧିକ ଇସ୍ରାଏଲୀ ପାଲେଷ୍ଟାଇନ୍‌ର ଏକ ଗାଁ ହୁୱାରାରେ ହିଂସାକାଣ୍ଡ ଘଟାଇଥିଲେ। ଇସ୍ରାଏଲୀୟମାନେ ହୁୱାରାରେ ନିଆଁ ଲଗାଇଦେଲେ, ଯେଉଁଥିରେ ଜଣେ ଗ୍ରାମବାସୀଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ରୁଷିଆରେ ଇହୁଦୀମାନଙ୍କୁ ହତ୍ୟା (କୋସାକ ପୋଗ୍ରୋମ) କରାଯାଇଥିବାବେଳେ ପୋଲିସ ଯେଭଳି ନୀରବଦ୍ରଷ୍ଟା ସାଜିଥିଲା ସେହିଭଳି ଇସ୍ରାଏଲ ପୋଲିସ ହୁୱାରା ବାସିନ୍ଦାଙ୍କୁ ସୁରକ୍ଷା ଦେଇ ନ ଥିଲା କିମ୍ବା ଅପରାଧୀମାନଙ୍କୁ ଗିରଫ କରି ନ ଥିଲା। ଏବେ ହମାସ୍ ଉଗ୍ରବାଦୀମାନେ ଯେପରି ଇସ୍ରାଏଲର ୧୦୦୦ରୁ ଊର୍ଦ୍ଧ୍ୱ ନିରୀହ ନାଗରିକଙ୍କୁ ହତ୍ୟା କରିଛନ୍ତି ସେଥିପାଇଁ ସେମାନଙ୍କୁ କ୍ଷମା ନାହିଁ। ଏମାନଙ୍କ ମଧ୍ୟରେ ବହୁ ମହିଳା ଓ ଶିଶୁ ରହିଛନ୍ତି। ଭୟଙ୍କର ଭିଡିଓରେ ଦର୍ଶାଯାଇଛି ଯେ ହମାସ୍ ବନ୍ଧୁକଧାରୀମାନେ ଏକ ସଙ୍ଗୀତ ମହୋତ୍ସବରେ ନିର୍ଦ୍ଦୟ ଭାବେ ଯୁବକମାନଙ୍କୁ ଗୁଳି ଚଳାଇଥିଲେ। ଜନସଂଖ୍ୟାର ଅନୁପାତକୁ ଯଦି ଦେଖାଯାଏ, ତେବେ ଏହି ଆକ୍ରମଣ ୧୧ ସେପ୍ଟେମ୍ବର ୨୦୦୧ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଏବଂ ପେଣ୍ଟାଗନ ଉପରେ ଅଲ-କାଏଦାର ଆକ୍ରମଣର ୧୦ଗୁଣ ଲୋକଙ୍କୁ ହତ୍ୟା କରିଛି।

ଯେତେବେଳେ ହମାସ୍ ଇସ୍ରାଏଲ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରେ, ସେତେବେଳେ ଜାଣେ ଯେ ଏହାକୁ କେନ୍ଦ୍ରକରି ଗାଜାରେ ଇସ୍ରାଏଲ ପ୍ରତି ଆକ୍ରମଣ କରିବ, ଯେଉଁଥିରେ ନିଶ୍ଚିତ ଭାବେ ଅନେକ ସାଧାରଣ ନାଗରିକଙ୍କ ଜୀବନ ଯିବ ଓ ଆହତ ହେବେ। ହମାସ୍ ଏହାର ସାମରିକ ସ୍ଥାନଗୁଡିକୁ ଆବାସିକ ଅଞ୍ଚଳରେ ସ୍ଥାପନ କରିଛି। ଇସ୍ରାଏଲ ପ୍ରତି ଅକ୍ରମଣରେ ସଂଯମ ରଖିବ ଏବଂ ତା' ଆକ୍ରମଣକୁ ଅନ୍ତର୍ଜାତୀୟ ସ୍ତରରେ କମ୍ ସମର୍ଥନ ମିଳିବ ବୋଲି ଆଶା ରଖି ହମାସ୍ ଏଭଳି କୌଶଳ ଆପଣାଇଛି। ଏବେ ହମାସ୍ ପାଖାପାଖି ୧୫୦ ଜଣଙ୍କୁ ପଣବନ୍ଦୀ କରି ରଖିଛି ଏବଂ କହିଛି, ବିନା ସତର୍କ ସୂଚନାରେ ଯଦି ଇସ୍ରାଏଲ ଗାଜାର କୌଣସି ଘର ଉପରେ ବୋମା ପକାଏ ତେବେ ପ୍ରତି ଥର ଜଣେ ପଣବନ୍ଦୀଙ୍କୁ ହତ୍ୟା କରିବ। ହମାସ୍‌ର ନେତାମାନେ ମନେରଖିବା ଉଚିତ ଯେ, ୨୦୧୧ରେ ନେତାନ୍ୟାହୁ ପ୍ରଧାନମନ୍ତ୍ରୀ ଥିବାବେଳେ ସେ ଇସ୍ରାଏଲର ଗିଲାଦ ଶାଲିତ ନାମକ ସୈନ୍ୟଙ୍କ ମୁକ୍ତି ବଦଳରେ ୧୦୦୦ରୁ ଅଧିକ ପାଲେଷ୍ଟାଇନ ବନ୍ଦୀଙ୍କୁ ମୁକ୍ତ କରିବାକୁ ଇଚ୍ଛୁକ ଥିଲେ, ଯେଉଁମାନଙ୍କ ମଧ୍ୟରେ କେତେଜଣ ଆତଙ୍କବାଦୀ ବି ରହିଥିଲେ। ସେହି ଦୃଷ୍ଟିରୁ ସେମାନେ ଭାବୁଥିବେ ଯେ, ଇସ୍ରାଏଲ ଏହାର ସାମରିକ ଲକ୍ଷ୍ୟ ହାସଲ କରିବା ପାଇଁ ବନ୍ଧକମାନଙ୍କ ଜୀବନ ଯିବାକୁ ଦେବ ନାହିଁ। ଯଦି ଏଭଳି ଘଟିବ ବୋଲି ହମାସ୍ ନେତାମାନେ ବିଚାର କରୁଥାଆନ୍ତି , ତେବେ ସେମାନେ ଭୁଲ୍ କରିଛନ୍ତି ବୋଲି ଶେଷକୁ ଜାଣିବେ। ସାମରିକ ଶକ୍ତି ଭାବେ ଉଭା ହୋଇଥିବା ହମାସ୍‌କୁ ଇସ୍ରାଏଲ ହଟାଇପାରିବ କି ନାହିଁ ତାହା ସମୟ କହିବ। କିନ୍ତୁ ଏହା ସ୍ପଷ୍ଟ ଯେ, ସେହି ଲକ୍ଷ୍ୟ ହାସଲ କରିବାକୁ ଯୁଦ୍ଧରେ ଇସ୍ରାଏଲ ଅନେକ ସୈନିକ ଏବଂ ପଣବନ୍ଦୀଙ୍କ ଜୀବନ ହରାଇବାକୁ ପ୍ରସ୍ତୁତ ରହିବାକୁ ହେବ। ଇସ୍ରାଏଲ ଗାଜାର ବହୁ ଶିଶୁଙ୍କ ସମେତ ୨ ନିୟୁତ ନାଗରିକଙ୍କୁ ବିଦ୍ୟୁତ୍, ଇନ୍ଧନ, ଖାଦ୍ୟ ଏବଂ ପାଣି ବଣ୍ଟନ କରିବା ଲାଗି ଯାହା ଘୋଷଣା କରିଛି ତାହା ଜାଣିବା କଷ୍ଟକର। ଏହା ନିଶ୍ଚିତ ଯେ ହମାସ୍‌ର ନିର୍ଦ୍ଦୟ ଅପରାଧ ପିଲାମାନଙ୍କୁ ଭୋକରେ ରଖିବା ପାଇଁ ଇସ୍ରାଏଲକୁ ଅଧିକାର ଦେଇ ନାହିଁ।

ବିଶ୍ୱର ବିଭିନ୍ନ ଦେଶର ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟିରେ, ନୈତିକ ଓ ରାଜନୈତିକ ଦୃଷ୍ଟିକୋଣରୁ ପାଲେଷ୍ଟାଇନ୍‌ର ସ୍ୱାଧୀନତା ଏବଂ ଦେଶ ମାନ୍ୟତା ଉଦ୍ଦେଶ୍ୟର ଗୁରୁତ୍ୱ ରହିଆସିଛି। କିନ୍ତୁ ବର୍ତ୍ତମାନ ତାହା ଉପରେ ଭୟଙ୍କର ହତ୍ୟା ଏବଂ ଅପହରଣ ଦାଗ ଲାଗିଯାଇଛି। ସେଗୁଡ଼ିକ ମଧ୍ୟରୁ ଅନେକ ଭିଡିଓରେ କଏଦ ହୋଇଛି। ବିଡ଼ମ୍ବନାର ବିଷୟ, ଯଦି ପାଲେଷ୍ଟିନୀୟମାନେ ନୈତିକ କିମ୍ବା ରାଜନୈତିକ ଦୃଷ୍ଟିରୁ ଉଚ୍ଚ ସ୍ଥାନକୁ ଫେରିବାକୁ ଚାହାନ୍ତି, ତେବେ ସେମାନେ ହମାସ୍‌ର ବିନାଶ ପାଇଁ ଆଶା କରିବା ଦରକାର। ଯେପର୍ଯ୍ୟନ୍ତ ହମାସ୍ ସେମାନଙ୍କ ପ୍ରତିନିଧିତ୍ୱ ବୋଲି ଦାବି କରୁଥିବ, ସେପର୍ଯ୍ୟନ୍ତ ସେମାନେ କରିଥିବା ମନ୍ଦ କାର୍ଯ୍ୟ ପାଲେଷ୍ଟିନୀୟଙ୍କ ଲକ୍ଷ୍ୟକୁ କଳଙ୍କିତ କରିବ।

**ପ୍ରାଧ୍ୟାପକ, ବାୟୋଏଥିକ୍ସ, ପ୍ରିନଷ୍ଟନ ବିଶ୍ୱବିଦ୍ୟାଳୟ**

# ଗଢୁଛି କିଏ ଭାଙ୍ଗୁଛି କିଏ



ରବିନାରାୟଣ ସାମଲ

ପଞ୍ଚାୟତଠାରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଏକକାଳୀନ ନିର୍ବାଚନ କରିବାକୁ କେନ୍ଦ୍ର ସରକାର ଅଣ୍ଟାଭିଡ଼ିଛନ୍ତି। ଯୋଜନାର ଭଲମନ୍ଦ ଦିଗ ସମ୍ପର୍କରେ ଅନୁଧ୍ୟାନ କରି ସୁପାରିସ କରିବାକୁ କେନ୍ଦ୍ର ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ରିପୋର୍ଟ ଦେଲେ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ।

୧୯୮୩ରେ ନିର୍ବାଚନ କମିଶନ ଏକକାଳୀନ ନିର୍ବାଚନ ପାଇଁ ପ୍ରସ୍ତାବ ଦେଇଥିଲେ। ୧୯୯୯ରେ ଲ'କମିଶନ ଏଥି ପାଇଁ ସୁପାରିସ କରିଥିଲେ। ୨୦୧୬ରେ ପୁନର୍ବାର ଲ'କମିଶନ ରିପୋର୍ଟ ପ୍ରଦାନ କରିଥିଲେ ଏବଂ କେନ୍ଦ୍ର ସରକାର ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। କିନ୍ତୁ କେତେକ ବାଧ୍ୟବାଧକତା ହେତୁ ଏହା ଶୀତଳ ଭଣ୍ଡାରକୁ ଚାଲିଯାଇଥିଲା। ପୁଣି ୭ ବର୍ଷ ପରେ ବଳ ଯୋଗାଡ଼ କରି ଏହା ବିତର୍କିତ ହୋଇଗଲା। ଏକକାଳୀନ ନିର୍ବାଚନ ହେଲେ ଦେଶର ଲକ୍ଷ ଲକ୍ଷ କୋଟି ଟଙ୍କା ସଞ୍ଚୟ କରାଯାଇ ପାରିବ, ଅଯଥା ସମୟ ବରବାଦ ହେବ ନାହିଁ ଏବଂ ବିକାଶର ଧାରା ତ୍ୱରାନ୍ୱିତ ହେବ ଶାସକ ଦଳ ଦାବି କରୁଛି। ମାତ୍ର ସମସ୍ତ ରାଜ୍ୟର ବିଧାନସଭା ସହିତ ଲୋକ ସଭାକୁ ଭଙ୍ଗ କରି ସମକାଳୀନ ନିର୍ବାଚନ ସକାଶେ ରାଷ୍ଟ୍ରପତି ଶାସନ ଲାଗୁ କରିବା ଫଳରେ ଦେଶର ସଂଘୀୟ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବ ବୋଲି ବିରୋଧୀ ଦଳ ଯୁକ୍ତି ବାଢୁଛନ୍ତି। ଏଠାରେ ଉଭୟ ଶାସକ ଓ ବିରୋଧୀ ଦଳଙ୍କ ଯୁକ୍ତିକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇ ଦିଆଯାଇ ପାରିବ ନାହିଁ। ଏକ ପକ୍ଷରେ ନିର୍ବାଚନ ସକାଶେ ଖର୍ଚ୍ଚ ହେଉଥିବା ହଜାର ହଜାର କୋଟି ଟଙ୍କା ଏବଂ ଅନ୍ୟ ପକ୍ଷରେ ଦେଶରେ ପ୍ରବର୍ତ୍ତିତ ସଂଘୀୟ ବ୍ୟବସ୍ଥାର ସୁରକ୍ଷା- କେଉଁଟି ଗୁରୁତ୍ୱପୂର୍ଣ୍ଣ ତାହା ବିଚାର କରିବାକୁ ପଡ଼ିବ।

୧୯୫୨ରୁ ୧୯୬୭ ପର୍ଯ୍ୟନ୍ତ ୫ବର୍ଷିଆ ନିର୍ବାଚନ ସୁରୁଖୁରୁରେ ଚାଲିଥିଲା। ଅସ୍ୱାଭାବିକ ରାଜନୈତିକ ପରିସ୍ଥିତି ଯୋଗୁ ୧୯୬୮ ଓ ୧୯୬୯ରେ କେତୋଟି ରାଜ୍ୟର ବିଧାନସଭାକୁ ୩୫୬ ଧାରା ପ୍ରୟୋଗ କରି ଭାଙ୍ଗି ଦିଆଗଲା। ଚତୁର୍ଥ ସାଧାରଣ ନିର୍ବାଚନ ଦ୍ୱାରା ଗଠିତ ଲୋକ ସଭାକୁ ଅବଧି ପୂରଣ ପୂର୍ବରୁ ୧୯୭୦ରେ ଭାଙ୍ଗି ଦିଆଯାଇଥିଲା। ଏହା ପରେ ବିଭିନ୍ନ କାରଣ ଯୋଗୁ ଲୋକ ସଭା ଛଅ ଛଅଟି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ସମ୍ମୁଖୀନ ହୋଇଛି। ଦଳବଦଳ ଓ ସମର୍ଥନ ପ୍ରତ୍ୟାହାର ଯୋଗୁ ସରକାର ଭାଙ୍ଗିଯାଇ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଏ ପ୍ରକ୍ରିୟାର ଅନ୍ତ ଏଯାଏ ଘଟି ନାହିଁ। ବିଗତ ୭୫ବର୍ଷ ଭିତରେ ଦେଶରେ ୧୨୫ ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଲୋକ ସଭା ନିର୍ବାଚନ ୧୪ ଥର ହେବା ପରିବର୍ତ୍ତେ ୧୮ ଥର ହୋଇଛି। ଆମ ଓଡ଼ିଶା ବିଧାନସଭା ୧୪ଟି ପରିବର୍ତ୍ତେ ୧୬ଟି ନିର୍ବାଚନର ସମ୍ମୁଖୀନ ହୋଇଛି। 'କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ' ଗଢୁଛି କିଏ, ପୁଣି ଭାଙ୍ଗୁଛି କିଏ ?

ଏକକାଳୀନ ନିର୍ବାଚନ ପରିବର୍ତ୍ତେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କଥା ଏଠାରେ ବିଚାରକୁ ନିଆଯାଇପାରେ। ରୁଷିଆ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ଶ୍ରୀଲଙ୍କା, ସ୍ୱିଡେନ୍, ସ୍ୱିଜରଲାଣ୍ଡ, ତୁର୍କୀ, ଅଷ୍ଟ୍ରିଆ, ଆର୍ଜେଣ୍ଟିନା ସମେତ ବିଶ୍ୱର୯୩ଟି ରାଷ୍ଟ୍ରରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଅଟଳ ବିହାରୀ ବାଜପେୟୀଙ୍କ ଶାସନ କାଳରେ ମଧ୍ୟ ଏହା ଉପରେ ପ୍ରସ୍ତାବ ଆସିଥିଲା। ମାତ୍ର ତାହା ଆଗେଇ ପାରିଲା ନାହିଁ। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ କୌଣସି ପ୍ରାର୍ଥୀ ନ ଲଢ଼ି ପାର୍ଟି ଲଢ଼ିବ। ନିର୍ବାଚନ ପୂର୍ବରୁ ବିଭିନ୍ନ ଦଳ ସେମାନଙ୍କ ପ୍ରତିନିଧିମାନଙ୍କର ଏକ ଗୁପ୍ତ ତାଲିକା ନିର୍ବାଚନ କମିଶନଙ୍କ ପାଖରେ ଦାଖଲ କରିବେ। ଯେଉଁ ଦଳ ଯେତେ ଭୋଟ ପାଇବ ସେହି ଅନୁପାତରେ ଦିଆଯାଇଥିବା ପ୍ୟାନେଲ ଭିତରୁ ପ୍ରତିନିଧି ଅବସ୍ଥାପିତ କରାଯିବ। କୌଣସି ପ୍ରତିନିଧି ଦଳବଦଳ କଲେ, ଇସ୍ତଫା ଦେଲେ, ତାଙ୍କୁ ପ୍ରତ୍ୟାହାର କରାଗଲେ କିମ୍ବା ତାଙ୍କର ମୃତ୍ୟୁ ଘଟିଲେ ତାଲିକାରେ ପ୍ରଦତ୍ତ ପରବର୍ତ୍ତୀ ପ୍ରତିନିଧିଙ୍କୁ ସେହି ଶୂନ୍ୟସ୍ଥାନରେ ନିଯୁକ୍ତ କରାଯିବ। ଭୋଟ ଅନୁପାତକୁ ନେଇ ପ୍ରତିନିଧି ଏବଂ ପ୍ରତିନିଧିମାନଙ୍କ ସଂଖ୍ୟାକୁ ନେଇ ଏକକ କିମ୍ବା ମିଳିତ ମନ୍ତ୍ରିମଣ୍ଡଳ ଗଢ଼ାଯିବ। ଆମ ଲୋକପ୍ରତିନିଧି ଆଇନ ଅନୁଯାୟୀ ଯେଉଁ ପ୍ରାର୍ଥୀ ଖଣ୍ଡେ ବି ଅଧିକ ଭୋଟ ପାଉଛି ସେ ଯୋଗ୍ୟ ଘୋଷିତ ହେଉଛନ୍ତି। ଅନ୍ୟ ପ୍ରାର୍ଥୀମାନେ ଅଯୋଗ୍ୟ ଘୋଷିତ ହେଉଛନ୍ତି ଏବଂ ସେମାନଙ୍କ ସପକ୍ଷରେ ପଡ଼ିଥିବା ଲକ୍ଷ ଲକ୍ଷ ଭୋଟ୍‌ର କୌଣସି ମୂଲ୍ୟ ରହୁ ନାହିଁ। ମାତ୍ର ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ପ୍ରତି ଭୋଟ ଖଣ୍ଡିକର ମୂଲ୍ୟ ଅକ୍ଷୁଣ୍ଣ ରହିବ। ସରକାର ୫ ବର୍ଷ ଯାଏ ତିଷ୍ଠି ରହିବ। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଓ ଉପନିର୍ବାଚନର ପ୍ରଶ୍ନ ଉଠିବ ନାହିଁ।

ମୋ-୭୯୭୫୦୪୬୪୮୬

## ଏଇ ଭାରତରେ

ଭାରତରେ କିଛି ବିଶେଷ କାର୍ଯ୍ୟ ପାଇଁ କେତେକ ଗାଁ ସ୍ୱତନ୍ତ୍ର ପରିଚିତି ହାସଲ କରିପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗର ଅନିୟା ଓ ଗଙ୍ଗପୁର ଅନ୍ୟତମ। ଏହି ଦୁଇ ଗାଁ ଦିନକୁ ୬ କୁଇଣ୍ଟାଲ ରାବିଡ଼ି ପ୍ରସ୍ତୁତ କରି ବିଭିନ୍ନ ଜାଗାକୁ ଯୋଗାଉଛନ୍ତି। କୋଲକାତା ନିକଟରେ ଥିବା ଏହି ଦୁଇ ଗାଁକୁ ଲୋକେ ରାବିଡ଼ି ଗାଁ ଭାବେ ଜାଣନ୍ତି। ଗାଁରେ ରାବିଡ଼ି ୟୁନିଟ୍ ଅଛି। ୟୁନିଟ୍‌ଗୁଡ଼ିକରେ ରାବିଡ଼ି ପ୍ରସ୍ତୁତ କାର୍ଯ୍ୟରେ ଶତାଧିକ ମହିଳା ନିଯୁକ୍ତ ହୋଇ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ନିଯୁକ୍ତ ମହିଳାମାନେ ପ୍ରତି ମାସରେ ୨୦,୦୦୦ ଟଙ୍କା ରୋଜଗାର କରୁଛନ୍ତି। ହାରାହାରି ଜଣେ ମହିଳା ଦିନକୁ ୧୬ କେଜି ରାବିଡ଼ି ପ୍ରସ୍ତୁତ କରୁଛନ୍ତି। ୧୯୮୦ ଦଶକରେ ପାନାଲାଲ ବଲ୍‌ଟି ନାମକ ବ୍ୟକ୍ତି ପ୍ରଥମେ ଅନିୟାରେ ମିଠା ଦୋକାନ କରି ସେଠାରେ ରାବିଡ଼ି ପ୍ରସ୍ତୁତି ଆରମ୍ଭ କରିଥିଲେ। ପରେ ଏହି କାର୍ଯ୍ୟରେ ଗାଁର ୭୦ ପରିବାର ଜଡ଼ିତ ହୋଇଥିଲେ। ଏହାର ପ୍ରଭାବ ଗଙ୍ଗପୁରରେ ପଡ଼ିଥିଲା ଓ ସେହି ଗାଁରେ ଲୋକେ ରାବିଡ଼ି ତିଆରିରେ ଜଡ଼ିତ ହୋଇଛନ୍ତି। ଏବେ ଦୁଇ ଗାଁର ପ୍ରାୟ ସବୁ ପରିବାର ଏଥିରେ ସାମିଲ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

**୧୩ ଅକ୍ଟୋବର ୧୯୯୮**

- ରାଜସ୍ଥାନର ଯୋଧପୁର ଜିଲାର ଏକ ଜଙ୍ଗଲରୁ ୨ଟି କୃଷ୍ଣସାର ମୃଗ ସମେତ ୩ଟି ବନ୍ୟଜନ୍ତୁ ଶିକାର କରିଥିବା ଅଭିଯୋଗରେ ବଲିଉଡ୍ ତାରକା ସଲମାନ ଖାଁ ଗିରଫ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଦିଲ୍ଲୀ ଭାଜପା ବିଧାୟକ ଦଳର ନବନିର୍ବାଚିତ ନେତ୍ରୀ ସୁଷମା ସ୍ୱରାଜଙ୍କ ଦାୟିତ୍ୱ ଗ୍ରହଣ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 7 | | | 8 | |
| | 9 | | | 1 | | 2 | | |
| | | | | | 2 | | | |
| 2 | | | 6 | | | 5 | | 8 |
| | 6 | | | | | | | 1 |
| | 7 | 1 | | | 4 | | | |
| | | 7 | | 4 | 5 | 3 | 9 | |
| | 5 | | 2 | | | | | |
| | 4 | | | | 7 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 2 | 9 | 4 | 6 | 8 | 1 |
| 2 | 8 | 9 | 3 | 6 | 1 | 5 | 4 | 7 |
| 4 | 6 | 1 | 8 | 7 | 5 | 3 | 9 | 2 |
| 1 | 3 | 4 | 6 | 5 | 2 | 9 | 7 | 8 |
| 5 | 7 | 2 | 9 | 1 | 8 | 4 | 6 | 3 |
| 6 | 9 | 8 | 4 | 3 | 7 | 2 | 1 | 5 |
| 3 | 4 | 7 | 1 | 2 | 9 | 8 | 5 | 6 |
| 8 | 2 | 5 | 7 | 4 | 6 | 1 | 3 | 9 |
| 9 | 1 | 6 | 5 | 8 | 3 | 7 | 2 | 4 |

ଗତକାଲିର ଉତ୍ତର

# ହଜିଯାଉଥିବା ଗାଁର ନକ୍‌ସା



ନିରଞ୍ଜନ ସାହୁ

ପିଲାଦିନଠାରୁ ଆଜିଯାଏ ମୁଁ ଯେତେ କବିତା ପଢ଼ିଛି ତା' ଭିତରୁ ସଚ୍ଚି ରାଉତରାୟଙ୍କ ଛୋଟ ମୋର ଗାଁଟି କବିତାଟି ମୋତେ ଖୁବ୍ ଭଲ ଲାଗିଛି। ଭାବୁଛି ଏଇ ଭାବନାଟି କେବଳ ମୋର ନୁହେଁ, ମୋ ପରି ଆପଣମାନେ ବି ଏଇ କବିତାକୁ କେବେ ନା କେବେ ଭଲ ପାଇଥିବେ। ଏଇ କବିତାଟି ପାଠ କଲାବେଳେ ନିଜର ବାଲ୍ୟଜୀବନ ମନ ଭିତରେ ପୁଣି ପଶିଯାଏ। ବୟସ ଶରୀରକୁ ହୁଏତ ଆଚ୍ଛନ୍ନ କରିପାରେ ; ମାତ୍ର ଏଇଭଳି କବିତା ପାଠକଲେ ମନ ଶରୀରଠୁଁ ବାହାରି ଯାଇ ସ୍ମୃତିରେ ଆଶ୍ରୟ ନିଏ - ସବୁ ସ୍ମୃତିର କେନ୍ଦ୍ରସ୍ଥଳ ହେଉଛି ଶୈଶବ।

ଗ୍ରାମ୍ୟ ସ୍ମୃତିର ସ୍ୱାଦ ଆଉ ଆନନ୍ଦ ନିଆରା। ବାଲ୍ୟ ଜୀବନର ପ୍ରଭାବରୁ ମଣିଷ ବୋଧହୁଏ ମୁକୁଳି ପାରେ ନାହିଁ। ଏଇ ବନ୍ଧନ ହିଁ ତା'ର ଭଲପାଇବାର ହେତୁ, ସେ ଯେଉଁଠି ଥିଲେ ବି ଝୁରୁଥାଏ ତା'ର ମାଆ ଓ ମାତୃଭୂମିକୁ। ସ୍ମୃତି ଅତୀତର ଗୋଟାଏ ପୃଷ୍ଠା ନୁହେଁ ବରଂ ଆମର ବର୍ତ୍ତମାନର ଗୋଟାଏ ଟିକି ଝରକା- ଯାହା ତିନିକାଳ ଭିତରେ ସୀମିତ ନ ହୋଇ ନିଜେ ଗୋଟିଏ ଋତୁ ପାଲଟିଯାଏ। ସେଇଥିପାଇଁ ସ୍ମୃତିର କଥା ସବୁ କେବଳ ଅତୀତର ବୋଲି କହିହେବ ନାହିଁ। ତିନିକାଳରୁ ସେ ଉତ୍ତୀର୍ଣ୍ଣ, ଜୀବନରେ ଶ୍ରେଷ୍ଠ ଘଟଣାମାନଙ୍କର ଇମାରତ ହେଉଛି ସ୍ମୃତି।

ଆମେ ପଢ଼ିଛୁ ଶ୍ରୀରାମ ଚନ୍ଦ୍ର ଯେତେବେଳେ ସ୍ୱର୍ଣ୍ଣମୟୀ ଲଙ୍କା ଜୟ କଲେ ସେତେବେଳେ ତାଙ୍କୁ କେହି ହୁଏତ କହିଥିବେ, କାହିଁକି ଫେରିଯିବ ତମର ନିଜ ରାଇଜକୁ, ଖାଲି ବଣଜଙ୍ଗଲର ଅଞ୍ଚଳ ତ ଅଯୋଧ୍ୟା ! କେବେ ଜଳକଷ୍ଟ ତ କେବେ ଆହାର ନିଅଣ୍ଟ। ସ୍ୱର୍ଣ୍ଣରେ ଭରପୂର ଭୂଖଣ୍ଡ ଲଙ୍କାକୁ ଛାଡ଼ି କ'ଣ ଫେରିବା ବୁଦ୍ଧିମାନର କାର୍ଯ୍ୟ ହେବ? ସେତେବେଳେ ଶ୍ରୀରାମ ଚନ୍ଦ୍ର ନିଜର ଅନୁଜ ଲକ୍ଷ୍ମଣଙ୍କୁ ସାଙ୍କେତିକ ଭାବରେ କହିଥିଲେ -

''ଅପିସ୍ୱର୍ଣ୍ଣମୟୀ ଲଙ୍କା ନମେ ଲକ୍ଷ୍ମଣ ରୋଚତେ
ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ।''

ସେଇଦିନୁ ମଣିଷର ମନରେ ହୃଦୟର ଗୋପନତମ ପ୍ରଦେଶରେ ରହିଯାଇଛି ସେଇ ତରଙ୍ଗ - ନିଜର ଜନ୍ମଭୂମି ପ୍ରତି ଏବଂ ଅନ୍ତରଙ୍ଗ ଅନୁଚ୍ଚାରିତ ଆବେଗ।

କିଛିଦିନ ତଳେ ସଚ୍ଚି ରାଉତରାୟଙ୍କ 'ଛୋଟ ମୋର ଗାଁଟି' କବିତାର ଏକ ଲାଳିକା କରି କେହି ଆଧୁନିକ କବି ବର୍ତ୍ତମାନର ଗ୍ରାମ୍ୟଜୀବନର ଅଧଃପତନ ବିଷୟରେ ଲେଖିଛନ୍ତି - ଏହି ବ୍ୟଙ୍ଗ ଆମ ସମସ୍ତଙ୍କ ପାଇଁ ଊଣା ଅଧିକେ ପ୍ରଯୁଜ୍ୟ - ଗାଁ ଛାଡ଼ି ମଣିଷ କର୍ମ ଜଞ୍ଜାଳରେ ସହର ମୁହାଁ ହୋଇଛି। ସହରର ଚାକଚକ୍ୟ, ସ୍ୱାସ୍ଥ୍ୟ ଶିକ୍ଷାର ସୁବିଧା ତା'ର ଗ୍ରାମ୍ୟ ମନସ୍କତାକୁ ମାଡ଼ି ମକଚି ଦେଇଛି। ସହରଗୁଡ଼ିକ ଦୂଷିତ ହୋଇଯାଇଛି। ପୃଥିବୀର ସର୍ବୋଚ୍ଚ ପ୍ରଦୂଷିତ ସହର ଭିତରେ ଭାରତର ବହୁ ସହର ରହିଛି ; ଏପରି କି ବର୍ଷର ବହୁ ସମୟରେ ଦେଶର ରାଜଧାନୀର ବାୟୁ ପ୍ରଦୂଷଣ ଏତେ ନ୍ୟୂନ ସ୍ତରକୁ ଚାଲିଯାଉଛି, ଯାହା କି ଭୟଙ୍କର ବେମାରିର କାରଣ ପାଲଟୁଛି। ଗାଁରୁ କର୍ମସଂସ୍ଥାନ ପାଇଁ ବହୁ ଲୋକ ସହରକୁ ଆସୁଥିବାରୁ ଏବଂ ସହରତଳି ଅଞ୍ଚଳରେ ବିନାନୁମତିରେ ଅବସ୍ଥାନ



କରୁଥିବାରୁ ସେମାନଙ୍କର ଜୀବନର ମାନ ଅତ୍ୟନ୍ତ ଦୁର୍ବିଷହ ହେଉଛି। ତା' ସତ୍ତ୍ୱେ କର୍ମସଂସ୍ଥାନର ଡାକ ସେମାନଙ୍କୁ ସହରଆଡ଼କୁ ହାତଠାରି ଡାକିଛି । ଗ୍ରାମ ଓ ସହର ମଧ୍ୟରେ ବ୍ୟବଧାନ ଥିଲା ସଭ୍ୟତାର ମାପକ ବୁଝାଉଥିବା ଅନେକ ଆଧୁନିକ ବ୍ୟବସ୍ଥା। ଗ୍ରାମାଞ୍ଚଳରୁ ସହର ଆଡ଼କୁ ହେଉଥିବା ଗତିକୁ ରୋକିବା ପାଇଁ ନୂତନ ଯୋଜନା ମାନ ସରକାର ହାତକୁ ନେଇଥିଲେ ; ଯାହାର ଉଦ୍ଦେଶ୍ୟ ଥିଲା ସହରାଞ୍ଚଳରେ ଉପଲବ୍ଧ ହେଉଥିବା ସୁବିଧା ଗ୍ରାମାଞ୍ଚଳରେ ପହଞ୍ଚେଇବା। ଆଜିକାଲି କେବଳ ଗ୍ରାମାଞ୍ଚଳରେ ଉନ୍ନତ ଗମନାଗମନ ବ୍ୟବସ୍ଥା ନୁହେଁ ବରଂ ବିଜୁଳିଆଲୁଅ, ପାଇପ ପାଣି, ଜାଳେଣି ଗ୍ୟାସ, ଇଣ୍ଟରନେଟ୍ ଆଦି ଉପଲବ୍ଧ ହେଲାଣି। ଏଗୁଡ଼ିକ ମିଳିବା ଏକ ଭଲ ପଦକ୍ଷେପ ; ମାତ୍ର ଗ୍ରାମଗୁଡ଼ିକର ଯେଉଁ ଆଧାର ଥିଲା ତାହା ହେଲା ତା'ର ପର୍ବପର୍ବାଣି ଓ ସାଂସ୍କୃତିକ ବିଚାରଧାରା ଏବଂ ପ୍ରତି ଲୋକଙ୍କ ଭିତରେ ଥିବା ସମ୍ପର୍କ। ଏଇଗୁଡ଼ିକର ଦ୍ରୁତ ଅବକ୍ଷୟ ବାସ୍ତବରେ ସମାଜ ବିଜ୍ଞାନୀମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ସହରି ସଭ୍ୟତାରେ ଲୋକଙ୍କ ଭିତରେ ସମ୍ପର୍କ କେବଳ ବସ୍ତୁବାଦୀ ; ମାତ୍ର ଗ୍ରାମାଞ୍ଚଳରେ ସେଇ ସମ୍ପର୍କ ଗଭୀର। ସେଇ ସମ୍ପର୍କର ଚେର ଯେ ଆସ୍ତେ ଆସ୍ତେ ଶୁଖି ଆସୁଛି! ଆଗରୁ ଗୋଟିଏ ଗାଁରେ ଲୋକେ ଅନ୍ୟକୁ ଦାଦା, ଖୁଡ଼ୀ, ଭାଇ, ନାନୀ, ମାଉସୀ, ମଉସା ଆଦି ଯେଉଁ ସମ୍ପର୍କରେ ଭାବୁଥିଲେ ସେଗୁଡ଼ାକ ସବୁ ଆସ୍ତେ ଆସ୍ତେ ଲୁଚିଯାଇ ସାର୍ ଆଉ ବାବୁ ଭିତରେ ସୀମିତ ହୋଇଯିବାକୁ ଦୌଡ଼ ଆରମ୍ଭ ହୋଇଯାଇଛି।

ଭାରତର ଆତ୍ମା ଗାଁରେ ରହିଛି ବୋଲି ଖାଲି ଗାନ୍ଧିଜୀ କହୁ ନ ଥିଲେ, ବହୁ ସମାଜ ବିଜ୍ଞାନୀଙ୍କର ତାହା ହିଁ ମତ। ଯେତେବେଳେ ଗାଁ ସଂକୁଚିତ ହୋଇଯାଉଛି - ଖେତ ପୋତା ହୋଇ ଘର ତିଆରି ଚାଲିଛି - ଜଙ୍ଗଲ କଟା ହୋଇ ରାସ୍ତା ତିଆରି ହେଉଛି ସେତେବେଳେ ସେଇ ଆତ୍ମା ଦେହ ଛାଡ଼ି ଯିବାକୁ ଆଉ ବା କେତେ ଡେରି! ଯୌଥ ପରିବାର ଲୋପ୍ ପାଇବାକୁ ବସିଲାଣି। ଏକକ ପରିବାର ତା' ଜାଗା ନେଲାଣି। ଗାଁର ଅନୁଭବ ପାଇବାକୁ କେତେକ ସହରରେ କାଳ୍ପନିକ ଗ୍ରାମ ସୃଷ୍ଟି କରାଯାଇଛି କେବଳ ବହିରାଗତ ଅତିଥିଙ୍କୁ ଏକ କାଳ୍ପନିକ ପ୍ରତାରଣା ଭିତରେ ଗ୍ରାମ୍ୟଜୀବନର ସ୍ୱାଦ ଚଖେଇବା ପାଇଁ। ସମ୍ଭବତଃ ଅହମଦାବାଦର 'ଚୋଖିଧାନୀ' ଆପଣ ବୁଲିଛନ୍ତି!

ସବୁ ସହରି ସୁବିଧା ମିଳିବା ଉଚିତ, ତାକୁ କେହି କେବେ ବିରୋଧ ନ କରନ୍ତୁ। ହେଲେ ଗାଁର ଚେତନା ଲୋପ୍ ପାଇ ନ ଯାଉ। ସଚ୍ଚିବାବୁ ସିନା କହୁଥିଲେ, ଭୂଗୋଳରେ ତାଙ୍କ ଗାଁର ନାଁ ନାହିଁ ବୋଲି ତାଙ୍କର ମନରେ ଦର୍କାର ନ ଥିଲା କାରଣ ତାହା ଥିଲା ତାଙ୍କର ସ୍ମୃତିରେ। ଏବେ ଗୁଗଲ୍‌ରେ ଗାଁର ନାଁ ରହିଛି ହେଲେ ସ୍ମୃତିରେ ତା'ର ପଦଚିହ୍ନ କ୍ରମେ ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଉଛି। ଆଉ କିଛିଦିନ ଏମିତି ଗଲେ ତାହା ନା ଥିବ ଭୂଗୋଳରେ, ତାକୁ ଖୋଜିବାକୁ ହେବ ଇତିହାସରେ।

ଗାଁକୁ ଖୋଜିବା ଆମର କେବଳ ଅତୀତ ମନସ୍ଥତା ନୁହେଁ ବରଂ ଆମର ସଂସ୍କୃତିର ସେଇ ଅମୂଲ୍ୟ ସମ୍ପଦକୁ ଏବେଠାରୁ ସଂରକ୍ଷଣ କରାଯାଉ - ତା' ନ ହେଲେ ଭାରତର ଆତ୍ମାକୁ ଯେତେ ଖୋଜିଲେ ବି ମିଳିବ ନାହିଁ ଭବିଷ୍ୟତରେ!

ମୋ : ୯୪୩୮୪୮୨୯୧୧

## ପାଠକ ଶ୍ରେଷ୍ଠ ବିଚାରକ

### ମୋ ବସ୍ ସେବାରୁ ଲୋକେ ବଞ୍ଚିତ ହେଉଛନ୍ତି

ମହାଶୟ,

ମୋ ବସ୍ ନମ୍ବର ୮୦ ବରମୁଣ୍ଡାରୁ କଟକ ଭାୟା ହୋଇ ଟାଙ୍ଗୀ ଡ୍ରିମ୍ପ ଯାଏ ଆସୁଛି। ବାଟରେ ରହିବା ସ୍ଥାନ ଓ ସମୟ ସାରଣୀ ନ ଥିବାରୁ ଅନେକ ଲୋକ ଏହାର ସୁବିଧା ପାଇପାରୁନାହାନ୍ତି। ଯଦି ସୂଚନା ସହ ଏହି ବସ୍‌କୁ ଭଜିମୁଣ୍ଡା ଦେଇ ତ୍ରିବେଣୀଶ୍ୱର ପର୍ଯ୍ୟନ୍ତ ୧୮ କି.ମି. ବଢ଼ାଯାଇପାରନ୍ତା ତେବେ ଯାତ୍ରୀ ଅଧିକ ଉପକୃତ ହୋଇପାରନ୍ତେ। ସେହିପରି ମୋ ବସ ନଂ.୮୨ ବାରବାଟୀ ଷ୍ଟାଡିୟମରୁ ସାଲେପୁର ଯାଏ ଯାଉଛି। ଏହାକୁ କୁଆଁପାଳ ପର୍ଯ୍ୟନ୍ତ ୧୬ କି.ମି. ବଢ଼ାଇ ଦିଆଗଲେ ଭଲ ହୁଅନ୍ତା। ବର୍ତ୍ତମାନ ସାଲେପୁରକୁ ଅନେକ ଲୋକ ମୋ ବସ୍ ଯୋଗେ ଯିବାକୁ ଆଗ୍ରହୀ ମାତ୍ର ସମୟ ଓ ରହଣି ସ୍ଥାନ ଖୋଜି ପାଉନାହାନ୍ତି। ବସ୍ ୮୦ ନଂ.କୁ ତ୍ରିବେଣୀଶ୍ୱର ପର୍ଯ୍ୟନ୍ତ ଭାୟା ରାଇସୁଙ୍ଗୁଡ଼ା କରାଗଲେ ଅନେକ ଯାତ୍ରୀ ସୁବିଧା ପାଇପାରନ୍ତେ।

**-ଡ. ରାଜୀବ ଷଡଙ୍ଗୀ, କୁଣ୍ଡି, କୁମୁଡ଼ା, ଜୟପୁର, କଟକ**

### ଚିରନ୍ତନୀ

''ଉଠ ହସି ପଥ ଯେବେ
ସୁଖର ପରଶମଣି ଲଭେ
''ପ୍ରାଣର ହାସ୍ୟ ବନ୍ଧୁ
ଅତି ହିଁ ଦୁର୍ମୂଲ୍ୟ ସେ ଯେ ଭବେ!
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ଚୌଦ୍ୱାର ମହାବିଦ୍ୟାଳୟ, ଚୌଦ୍ୱାର

# ‘ଛାତ୍ରୀଛାତ୍ର ବଣମଲ୍ଲୀ ନ ହୋଇ ବଗିଚାର ମଲ୍ଲୀ ହୁଅନ୍ତୁ’






ଧରିତ୍ରୀ ୫୦ ବର୍ଷ ପାଳନ ଅବସରରେ ଚୌଦ୍ୱାର ମହାବିଦ୍ୟାଳୟରେ ଗୁରୁବାର ଆୟୋଜିତ ‘ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଅଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ବିଚାରକ ମଣ୍ଡଳୀ(ବାମ)। ଉପସ୍ଥିତ ଛାତ୍ରୀଛାତ୍ର।

କଟକ,୧୨।୧୦ (କାର୍ତ୍ତିକ ସାହୁ)

ଗଣମାଧ୍ୟମରେ ସାଧୁତା ରହିଲେ ଗଣତନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିବ। ଗଣତନ୍ତ୍ରର ଅଧୋଗତି ଘଟିଚାଲିଛି। ଯୁବପିଢ଼ି ହିଁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବେ। ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ଚୌଦ୍ୱାର ମହାବିଦ୍ୟାଳୟଠାରେ ଗୁରୁବାର ଆୟୋଜିତ ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଏହି ମତବ୍ୟକ୍ତ କରିଛନ୍ତି। ଧରିତ୍ରୀ ପକ୍ଷରୁ ଚୌଦ୍ୱାର ମହାବିଦ୍ୟାଳୟ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀ ଭାବେ ଅନୁଷ୍କା ରଥ ପ୍ରଥମ, ନୀଳେନ୍ଦ୍ରି ବିଶ୍ୱାଳ ଦ୍ୱିତୀୟ ଓ ଲୋପାମୁଦ୍ରା ମାଝି ତୃତୀୟ ହୋଇଛନ୍ତି।

ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶାର ପ୍ରଗତି, ଉନ୍ନତି ଓ ଜନସଚେତନତା ସୃଷ୍ଟିରେ ଧରିତ୍ରୀ ନିଜ ଭୂମିକା ନିଭାଇ ଆସୁଛି। ଓଡ଼ିଶାର ପୁରପଲ୍ଲୀରେ ଲୋକେ କ’ଣ ଭାବୁଛନ୍ତି, ତାଙ୍କର ମତ ଉପସ୍ଥାପନ କରିବାର ସୁଯୋଗ ସୃଷ୍ଟି କରୁଛି। ଏବେ ଗଣମାଧ୍ୟମ ସାମାଜିକ ତଥା ରାଜନୈତିକ ଚାପରେ ରହୁଛି। ଶିଳ୍ପପତିମାନେ ଗଣମାଧ୍ୟମକୁ କିଣି ନେଲେଣି। ସୋସିଆଲ ମିଡିଆରେ କାହାର ଉତ୍ତରଦାୟିତ୍ୱ ନାହିଁ। ଅଶ୍ଳୀଳତାଠାରୁ ଆରମ୍ଭ କରି ଅବାସ୍ତବ କଥା ଏଥିରେ ରହୁଛି। ତାକୁ ବାଛି ଭଲ ବାହାର କରିବାର କଳା ଯୁବପିଢ଼ିଙ୍କ ପାଖରେ ରହିବା ଦରକାର। ଛାପା ଗଣମାଧ୍ୟମ ସତ୍ୟକୁ ଆଧାର କରୁଛି। ତାହା ଏକ ଦସ୍ତାବିଜ୍ ଭଳି ଯେତେବେଳେ ବି ଖୋଜିଲେ ମିଳୁଛି। ଯୁବପିଢ଼ିଙ୍କୁ ସତର୍କ କରାଇ ସତପଥୀ କହିଲେ ଯେ, ବୈଷୟିକ ଜ୍ଞାନକୌଶଳ ଆମକୁ ମାଡ଼ି ନ ବସୁ। ତାହାକୁ ଆମେ ଜୀବନରେ ସଦୁପଯୋଗ କରିବା ଦରକାର। ସତ୍ୟର ଭିନ୍ନ ଭିନ୍ନ ରୂପ ରହିଛି। ନିଜ ଜୀବନର ଅନୁଭୂତି ମାଧ୍ୟମରେ ସେସବୁକୁ ଉପଲବ୍ଧି କରିବା ଦରକାର। ଛାତ୍ରୀଛାତ୍ରମାନଙ୍କ ପାଇଁ ଶିକ୍ଷାର ମୁହୂର୍ତ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପାଠପଢ଼ା ସମୟରେ ପିଲାମାନେ ଭାବନ୍ତି ଯେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ନ୍ୟାୟ ପାଇପାରୁ ନାହୁଁ। ମାତ୍ର ପିଲାମାନେ ଜାଣିବା ଦରକାର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶିକ୍ଷାଦାନ ଭଳି ନିଷ୍କାମ କର୍ମ କରୁଛନ୍ତି। ସେମାନଙ୍କ ଜୀବନରେ ହାସଲ କରିଥିବା ଶିକ୍ଷାକୁ ବାଣ୍ଟୁଛନ୍ତି। ତେଣୁ ପିଲାମାନେ ନିଷ୍କାମ କର୍ମର ଲାଭକୁ ହାତଛଡ଼ା କରନ୍ତୁ ନାହିଁ। କାରଣ ଏ ବୟସ ଆଉ ଆସିବ ନାହିଁ। ପ୍ରଶ୍ନ ପଚାରିବାର ଅଧିକାର ହେଉଛି ଗଣତନ୍ତ୍ର। ଯୁବପିଢ଼ିଙ୍କୁ ପରାମର୍ଶ ଦେଇ ସତପଥୀ କହିଲେ, ଯିଏ ପରିବର୍ତ୍ତନକୁ ସହ୍ୟ କରିବା ସହ ନିଜକୁ ପରିବର୍ତ୍ତନ କରିପାରିବ ସେ ହେଉଛି ଯୁବପିଢ଼ି। ଏପରି କି କୌଣସି ବ୍ୟକ୍ତି ପ୍ରଶ୍ନ ପଚାରୁଥିବା ଯାଏ ଯୌବନରେ ରହିଥିବେ ବୋଲି ସତପଥୀ ମତବ୍ୟକ୍ତ କରିଥିଲେ।

ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା କହିଲେ, ଗଣମାଧ୍ୟମକୁ ଛାଡ଼ି ଆମେ ବଞ୍ଚିପାରିବା ନାହିଁ। ବର୍ତ୍ତମାନର ସମୟରେ ପ୍ରଦତ୍ତ ଶୀର୍ଷକରେ ତର୍କବିତର୍କ ନିହାତି ଆବଶ୍ୟକ। ଗଣତନ୍ତ୍ର ବିପଥଗାମୀ ହୋଇଛି। ଲୋକଙ୍କଠାରୁ ଦୂରେଇ ଯାଇଛି। ଏଭଳି ସ୍ଥିତିକୁ ବଦଳାଇବା ପାଇଁ ଯୁବପିଢ଼ି ଆଗେଇ ଆସିବା ଦରକାର। ଯୁବପିଢ଼ିଙ୍କୁ ତେଜୀୟାନ ହେବାକୁ ପଡ଼ିବ। ଅହିଂସା, ସତ୍ୟବାଦିତାକୁ ନିଜ ଭିତରେ ଠୁଳ କରିବା ଦରକାର, ଯଦ୍ୱାରା ପରିବର୍ତ୍ତନ ନିଶ୍ଚିତ ଭାବେ ଆସିବ। ଏଥିପାଇଁ ଧରିତ୍ରୀ ଏକ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଛାତ୍ରମାନେ ବଣମଲ୍ଲୀ ନହୋଇ ବଗିଚାର ମଲ୍ଲୀ ହୋଇ ଫୁଟିଉଠନ୍ତୁ। ଦେଶର କୋଣଅନୁକୋଣକୁ ସେମାନଙ୍କ ମହକ ବ୍ୟାପିଯାଉ ବୋଲି ଡ. ଦେବତା ଆଶାବ୍ୟକ୍ତ କରିଥିଲେ।

ବିଚାରକ ତଥା ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପିକା ଡ. ସସ୍ମିତା ଭୂୟାଁ କହିଲେ, ପାରିବାରିକ ତଥା ପାରିପାର୍ଶ୍ୱିକ ଚାପରେ ଥାଇ ବି ସମାଜ କଲ୍ୟାଣ କାର୍ଯ୍ୟ କରିବା ଅତ୍ୟନ୍ତ ଭଲ କଥା। ଜଣେ କେତେ ଜାଣିଛନ୍ତି ତା’ ଅପେକ୍ଷା ସେ କେତେ ବିନିଯୋଗ ବା ଉପଯୋଗ କରୁଛନ୍ତି ତାହା ଗୁରୁତ୍ୱ ବହନ କରେ। ଗଣମାଧ୍ୟମ ବିନା ଆମେ ଚଳିପାରିବା ନାହିଁ। ଗଣମାଧ୍ୟମ ହେଉଛି ଯୁବପିଢ଼ିର ସ୍ୱର। ଅନ୍ୟତମ ବିଚାରକ ରାଜନୀତି ବିଜ୍ଞାନ ଅଧ୍ୟାପକ ସୁମନ୍ତ କୁମାର ସାହୁ କହିଲେ, ଯୁବବର୍ଗ ବିନା ସାମାଜିକ ପରିକଳ୍ପନା ଅସମ୍ଭବ। ଯୁବପିଢ଼ି ହିଁ ଆଧୁନିକ ସମାଜ ତିଆରି କରିପାରିବ। ଯୁବପିଢ଼ି ପରିବର୍ତ୍ତନ ଆଣିଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ। ସେହିପରି ଅନ୍ୟତମ ବିଚାରକ ତଥା ଓଡ଼ିଆ ଅଧ୍ୟାପକ ଡ. ଦୀପକ କୁମାର ବେହେରା କହିଲେ, ଯୁବପିଢ଼ି ହେଉଛନ୍ତି ଭବିଷ୍ୟତର ଆଶା, ଅସ୍ମିତା। ସେମାନେ ଗଣତନ୍ତ୍ରର ଦୋଷ, ଦୁର୍ବଳତା ଆଗକୁ ଆଣନ୍ତୁ। ଯୁବପିଢ଼ି ଜାଗ୍ରତ ହେଲେ ସୁସ୍ଥ ଗଣତନ୍ତ୍ର ସମ୍ଭବ ହୋଇପାରିବ।

ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଧରିତ୍ରୀ କଟକ ଜିଲା ପ୍ରତିନିଧି କାର୍ତ୍ତିକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଧରିତ୍ରୀ ପକ୍ଷରୁ ପ୍ରଦୀପ୍ତ କୁମାର ରଥ, ଅରବିନ୍ଦ ପାଢ଼ୀ, ସୁପ୍ରିୟା ପ୍ରିୟଦର୍ଶିନୀ, ପ୍ରସନ୍ନ କୁମାର ପାଢ଼ୀ, ରାଜକିଶୋର ମହାନ୍ତି, ବିଶ୍ୱଜିତ୍ ନାୟକ, ଆଶୁତୋଷ ଦାସ ଓ ମାନସ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## କ’ଣ କୁହନ୍ତି ବିଜେତା



ଗଣମାଧ୍ୟମ ବିନା ସମାଜର ଗତି ଅସମ୍ଭବ। ପ୍ରତି ମୁହୂର୍ତ୍ତରେ ଗଣମାଧ୍ୟମ ଅପଡେଟ ଜରିଆରେ ଆମକୁ ନୂଆ ନୂଆ ତଥ୍ୟ ପ୍ରଦାନ କରୁଛି। ସୁସ୍ଥ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଏକ ବଡ଼ ଶକ୍ତି ରହିଛି। ଯୁବପିଢ଼ି ବିନା ଗଣମାଧ୍ୟମ ବଳିଷ୍ଠ ହୋଇପାରିବ ନାହିଁ। ତେଣୁ ଯୁବପିଢ଼ି ଗଣତନ୍ତ୍ରରେ ସକ୍ରିୟ ଅଂଶଗ୍ରହଣ କରନ୍ତୁ। ଧରିତ୍ରୀର ଏଭଳି ପ୍ରୟାସ ଯୁବପିଢ଼ିଙ୍କ ମଧ୍ୟରେ ପ୍ରଶ୍ନ ପଚାରିବାର ସାହସ ନିଶ୍ଚିତ ସୃଷ୍ଟି କରିବ। **- ଅନୁଷ୍କା ରଥ, ପ୍ରଥମ**



ଗଣତନ୍ତ୍ରକୁ ପଙ୍ଗୁ କରିସାରିଲେଣି। ଅଧିକାଂଶ ନାଗରିକ ତଥା ଯୁବପିଢ଼ି ଗଣତନ୍ତ୍ରର ପ୍ରକୃତ ଅର୍ଥ ବି ଜାଣିନାହାନ୍ତି। ଯୁବପିଢ଼ି ନିଜ ସ୍ୱଭାବ ପରିବର୍ତ୍ତନ କରିବାର ସମୟ ଉପନୀତ। ଦେଶର ଉନ୍ନତି ପାଇଁ ସୁସ୍ଥ ଗଣତନ୍ତ୍ର ଅପରିହାର୍ଯ୍ୟ। ଯୁବପିଢ଼ି ନିଜକୁ ପରିବର୍ତ୍ତନ କଲେ ଦୁନିଆ ପରିବର୍ତ୍ତନ ହେବ। ଧରିତ୍ରୀର ଏହି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କ ମନରେ ଏକ ନୂତନ ଉନ୍ମାଦ ସୃଷ୍ଟି କରିବ। **- ନୀଳେନ୍ଦ୍ରି ବିଶ୍ୱାଳ, ଦ୍ୱିତୀୟ**



ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଗଣମାଧ୍ୟମ ଓ ଯୁବପିଢ଼ି ମଧ୍ୟରେ ସମନ୍ୱୟ ରହିଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ। ଯୁବପିଢ଼ି ନିଜ ସ୍ୱରକୁ ଗଣମାଧ୍ୟମରେ ଶାଣିତ କରିବା ଦରକାର। ସମସ୍ତ ପ୍ରକାର ନକାରାତ୍ମକ ଚିନ୍ତାଧାରା ପରିହାର କଲେ ରାଷ୍ଟ୍ର ଗଠନ ସହଜ ହେବ। **- ଲୋପାମୁଦ୍ରା ମାଝି, ତୃତୀୟ**

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ପ୍ରଣତୀ ରଣସିଂହ


ପ୍ରଜ୍ଞାପାରମିତା ନାୟକ


ମମତା ସାହୁ


ଶ୍ରଦ୍ଧା ପଟ୍ଟନାୟକ


ଏ. ସ୍ନେହା ପାତ୍ର


ପୁଷ୍ପା ଦାଶ


ଆଶିଷ କୁମାର ମେନନ୍


ନୀହାରିକା ଦାସ


ଲକ୍ଷ୍ମୀପ୍ରିୟା ଦାସ


ଲିପ୍‌ସା ଭୂୟାଁ


ଅଞ୍ଜଳି ନାୟକ


ବିସ୍ମିତା ପ୍ରିୟଦର୍ଶିନୀ


ସୁଜାତା ମହାରଣା


ସ୍ମୃତିମୟୀ ସାହୁ


ପ୍ରୟାସ କୁମାର ବରାଳ


ଅଙ୍କିତା ସେନ୍


ଶୁଭଶ୍ରୀ ମହାନ୍ତି


ଶ୍ରଦ୍ଧାଞ୍ଜଳି ବେଉରା


ରୁନି ଜେଠୀ


ପ୍ରଜ୍ଞାପାରମିତା ପ୍ରଧାନ


ଦେବସ୍ମିତା ମହାପାତ୍ର


ଯୁବରାଜ ସିଂ


ସୌମ୍ୟା ନାୟକ


ପଦ୍ମିନୀ ମହାନ୍ତି

# ୧୬ରୁ କୋରାପୁଟ-କିରାଣ୍ଡୁଲ ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ

**ପାହାଡ଼ରୁ ମାଟି,ପଥର ଅତଡ଼ା ଖସି ରେଳ ଚଳାଚଳ ବନ୍ଦ ଘଟଣା**

କୋରାପୁଟ, ୧୨।୧୦ (ଅମିତାଭ ବେହେରା)

ଚଳିତ ମାସ ୧୬ ତାରିଖରୁ କୋରାପୁଟ-କିରାଣ୍ଡୁଲ ରେଳ ଲାଇନରେ ସମସ୍ତ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବ ବୋଲି ଗୁରୁବାର ବିଶାଖାପାଟଣା ରେଳୱେ ଡିଭିଜନ ପକ୍ଷରୁ କୁହାଯାଇଛି । ତେବେ ମଙ୍ଗଳବାରଠାରୁ ପରୀକ୍ଷାମୂଳକ ଭାବେ ଏହି ରୁଟ୍‌ରେ ମାଲବାହୀ ଟ୍ରେନ ଚଳାଚଳ କରୁଛି। ଉକ୍ତ ରେଳ ଲାଇନରେ ଆଉ କୌଣସି ବିପଦ ନ ଥିବାରୁ ୧୬ରୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଲାଗି ବିଭାଗ ନିଷ୍ପତ୍ତି ନେଇଛି। ସେପ୍ଟେମ୍ବର ୨୪ରେ କୋରାପୁଟ-କିରାଣ୍ଡୁଲ ରେଳଲାଇନର ମାନବାର ଓ ଜରଟି ମଧ୍ୟରେ ବର୍ଷା ଯୋଗୁ ପାହାଡରୁ ମାଟି ଓ ପଥର ଅତଡା ଖସି ରେଳ ଧାରଣାରେ ପଡିଥିଲା। ଫଳରେ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା । ଘଟଣାର ୧୭ ଦିନ ପରେ ମଙ୍ଗଳବାରଠାରୁ ଏହି ରୁଟ୍‌ରେ ମାଲବାହୀ ଟ୍ରେନ୍ ଚଳାଚଳ ହୋଇଥିଲା । ଆସନ୍ତା ୧୬ରୁ ଏହି ରୁଟରେ ସମସ୍ତ ପାସେଞ୍ଜର ଓ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ହୋଇଥିବା ଗୁରୁବାର ଏକ ପତ୍ର ଜରିଆରେ ରେଳୱେ ଡିଭିଜନ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ, ପାହାଡ଼ରୁ ମାଟି ଓ ପଥର ଅତଡା ଖସି ଉକ୍ତ ରୁଟ୍‌ରେ ବନ୍ଦ ରହିଥିବା ରେଳ ଚଳାଚଳକୁ ସ୍ୱାଭାବିକ କରିବାକୁ ଶତାଧିକ କର୍ମଚାରୀ ନିୟୋଜିତ ହୋଇଥିଲେ। ବିଭାଗର ଜିଏମ୍, ଡିଆର୍‌ଏମ୍‌ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ବାରମ୍ବାର ଘଟଣାସ୍ଥଳ ପରିଦର୍ଶନକରି କାର୍ଯ୍ୟ ତଦାରଖ କରୁଥିଲେ।

# ପ୍ରସବରେ ତ୍ରୁଟି ଯୋଗୁ ନବଜାତକର ମୃତ୍ୟୁ ଅଭିଯୋଗ

**ଘରୋଇ ହସ୍ପିଟାଲରେ ଉତ୍ତେଜନା**

ଧର୍ମଶାଳା,୧୨।୧୦(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାରର ଏକ ଘରୋଇ ହସ୍ପିଟାଲରେ ଡାକ୍ତରଙ୍କ ତ୍ରୁଟି ଯୋଗୁ ଜଣେ ନବଜାତକ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ପାଣିକୋଇଲି ଥାନା ଗୋଳେଇପୁର ଅଞ୍ଚଳର ନୀଳମଣି ଦାସଙ୍କ ସ୍ତ୍ରୀ ତୃପ୍ତିମୟୀ ମହାପାତ୍ର ପିଲା ଜନ୍ମ ନିମନ୍ତେ ଉକ୍ତ ହସ୍ପିଟାଲକୁ ବୁଧବାର ପୂର୍ବାହ୍ନ ୧୦ଟାରେ ଆସିଥିଲେ। ହେଲେ ଡାକ୍ତର ଉପସ୍ଥିତ ନ ଥିବାରୁ ପ୍ରସବ ସମ୍ଭବପର ହୋଇ ନ ଥିଲା। ଅପରାହ୍ନ ୪ଟା ପରେ ଡାକ୍ତର ଆସି ପ୍ରସୂତିଙ୍କୁ ଦେଖି ସ୍ୱାଭାବିକ ପ୍ରସବ ହୋଇ ପାରିବ ନାହିଁ, ମହିଳାଙ୍କ ଅସ୍ତ୍ରୋପଚାର କରିବାକୁ ପଡ଼ିବ ବୋଲି କହିଥିଲେ। ପରିବାର ଲୋକେ ରାଜି ହେବାରୁ ସନ୍ଧ୍ୟା ୭ଟାରେ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ହେଲେ ୧୫ ମିନିଟ ପରେ ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଥିଲା। ଡାକ୍ତରଙ୍କ ତ୍ରୁଟି ଯୋଗୁ ଶିଶୁର ମୃତ୍ୟୁ ହୋଇଥିବା ତାଙ୍କ ବାପା ଅଭିଯୋଗ କରିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାର ଆପୋସ ସମାଧାନ ପାଇଁ ସ୍ଥାନୀୟ କେତେଜଣ ଭଦ୍ରବ୍ୟକ୍ତି ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏହାପରେ ନୀଳମଣି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୬୩୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ମା’ଙ୍କ ଅସ୍ଥି ବିସର୍ଜନ ବେଳେ ପୁଅଙ୍କୁ ଉଠାଇନେଲା ପୋଲିସ

**ଗଞ୍ଜେଇ ଜବତ ମାମଲାରେ ଜେଲ ଗଲେ**

ଭୁବନେଶ୍ୱର,୧୨।୧୦ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବିନ୍ଦୁ ସାଗରରେ ଗୁରୁବାର ମା’ଙ୍କ ଅସ୍ଥି ବିସର୍ଜନ କରୁଥିବାବେଳେ ପୁଅଙ୍କୁ ବଡ଼ଗଡ଼ ଥାନା ପୋଲିସ ଉଠାଇ ଆଣିଛି। ସେ ହେଲେ ମଇଁଷାଖାଲ ବସ୍ତିରେ ରହୁଥିବା କନ୍ଧମାଳ ଜିଲା ଟିକାବାଲି ଥାନା ଅଞ୍ଚଳର ଟୁନା ପ୍ରଧାନ (୨୮)। ଏକ ଗଞ୍ଜେଇ ଜବତ ମାମଲାରେ ଟୁନା ଅଭିଯୁକ୍ତ ଥିବାରୁ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଟୁନାଙ୍କ ନାମରେ ବଡ଼ଗଡ, କ୍ୟାପିଟାଲ ଓ ଖଣ୍ଡଗିରି ଥାନାରେ ମୋଟ ୧୭ଟି ଚୋରି, ଲୁଟ ସହ


ଟୁନା ପ୍ରଧାନ

ବିଭିନ୍ନ ଆପରାଧିକ ମାମଲା ରହିଥିବା ସୂଚନା ଦିଆଯାଇଛି। ଟୁନା ଗଞ୍ଜେଇ ଜବତ ମାମଲା ସମେତ ୨ଟି ଚୋରି ମାମଲାରେ ବଡ଼ଗଡ଼ ଥାନା ପାଇଁ ୱାଣ୍ଟେଡ୍ ଥିଲେ।

ସୂଚନା ଅନୁଯାୟୀ, ଜୁଲାଇ ୬ରେ ବଡ଼ଗଡ଼ ପୋଲିସ ବାଙ୍କୁଆଳ ବ୍ରିଜ୍ ନିକଟରେ ଚଢ଼ାଉ କରି ଏକ ଅଟୋରେ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଅଭିଯୁକ୍ତ ପ୍ରକାଶ ମାଳୀ ଏବଂ ନୀଳାଚଳ ନାୟକଙ୍କୁ ଗିରଫ କରିଥିଲା। ସେହିସମୟରେ ଉକ୍ତ ଅଟୋର ଡ୍ରାଇଭର ଟୁନା ଘଟଣାସ୍ଥଳରୁ ଖସି ପଳାଇଥିଲେ। ପୋଲିସ ଟୁନାଙ୍କ ଅଟୋ ସମେତ ୨୧ କେଜି ୩୩୦ ଗ୍ରାମ ଗଞ୍ଜେଇ, ୨୦୯ ଟଙ୍କା ଓ ୨ଟି ମୋବାଇଲ ଜବତ କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୩୬୧/୨୦୨୩) ରୁଜୁ କରି ପ୍ରକାଶ ଓ ନୀଳାଚଳଙ୍କୁ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ଟୁନାଙ୍କୁ ପୋଲିସ ଗିରଫ କରିବାକୁ ଖୋଜାଖୋଜି କରୁଥିଲା। ହେଲେ ଟୁନା ପୋଲିସକୁ ଧରାଛୁଆଁ ଦେଉ ନ ଥିଲେ। ମା’ଙ୍କ ଦଶାହ ପାଇଁ ଟୁନା ଘରକୁ ଆସିଥିବା ଖବର ପାଇବା ପରେ ତାଙ୍କୁ ଧରିବାକୁ ପୋଲିସ ଯୋଜନା କରିଥିଲା। ବାଙ୍କୁଆଳ ନଦୀ ତୁଠରେ ପରିବାର ଲୋକଙ୍କ ସହ ଟୁନା ଦଶାହ କର୍ମ ଓ ଶୁଦ୍ଧିକ୍ରିୟା କରିଥିଲେ। ପରେ ମା’ଙ୍କ ଅସ୍ଥି ବିସର୍ଜନ ପାଇଁ ବିନ୍ଦୁ ସାଗରକୁ ଆସିଥିଲେ। ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି ଟୁନାଙ୍କୁ କାବୁ କରିଥିଲା।



ଓଡ଼ିଶା ବିଭାଗୀୟ ମୁଖ୍ୟ ଦପ୍ତର ସେକ୍ସନ୍ ଅଫିସର ଏବଂ ଅମଲା ସଂଘ ପକ୍ଷରୁ ଭୁବନେଶ୍ୱର ୯ ତାଲା ସମ୍ମୁଖରେ ଗୁରୁବାର ଦିଆଯାଇଥିବା ଧାରଣା।

## ଡାକ୍ତରଖାନା ଟିକେଟ କାଉଣ୍ଟରରେ ତାଲା ପକାଇଲେ ରୋଗୀ

**ଖଇରା, (ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲ୍ଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ସକାଳେ ଆଉଟଡୋର ଟିକେଟ କାଉଣ୍ଟର ଖୋଲିବାରେ ବିଳମ୍ବ ଯୋଗୁ ଧାଡି ଲଗାଇଥିବା ରୋଗୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ବାଧ୍ୟ ହୋଇ ରୋଗୀ ତଥା ସମ୍ପର୍କୀୟମାନେ ଗେଟରେ ତାଲା ପକାଇ ଦେଇଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ସମ୍ପର୍କରେ ମେଡିକାଲ ଅଫିସର ପ୍ରଭାକର ମିଶ୍ର କହିଛନ୍ତି, ସେ ଆଜିଠାରୁ ଜଣେ ଏଏନଏମ୍‌ଙ୍କୁ କାଉଣ୍ଟର ଖୋଲିବାକୁ ଦାୟିତ୍ୱ ଦେଇଛନ୍ତି। ବହୁ ସମୟରେ ଡାକ୍ତରଖାନା ନିର୍ଦ୍ଧାରିତ ସମୟରେ ଖୋଲୁ ନ ଥିବା ରୋଗୀମାନେ ଅଭିଯୋଗ କରିଛନ୍ତି।



**ସଂକ୍ଷେପରେ**

## ହାତୀ ଆକ୍ରମଣରେ ଜଣେ ମୃତ

ଲେଫ୍ରିପଡା,୧୨।୧୦
(ଦେଶରଞ୍ଜନପଟେଲ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ରେଞ୍ଜ ଅନ୍ତର୍ଗତ ଗୁଣ୍ଡିଆଡ଼ିହି ସେକ୍ସନରେ ଗୁରୁବାର ଭୋର ସମୟରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଗରକୁଣ୍ଡା ଗ୍ରାମର ସୁରେନ୍ଦ୍ର ବାର୍ଲା (୩୫)। ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଗୁଣ୍ଡିଆଡ଼ିହି ଗ୍ରାମର ପଦ୍ମିନୀ ବୈଗା (୪୫)। ସୂଚନା ଅନୁଯାୟୀ, ଗୁରୁବାର ଭୋର ସମୟରେ ସୁରେନ୍ଦ୍ର ବିଲକୁ ଯାଇଥିବା ବେଳେ ପଦ୍ମିନୀ ପାଣି ଆଣିବା ପାଇଁ ଯାଇଥିଲେ। ଠିକ ଏହି ସମୟରେ ଦୁହେଁ ଦନ୍ତା ହାବୁଡ଼ରେ ପଡିଯାଇଥିଲେ। ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ହାତୀ ଘଉଡାଇ ୨ ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଖବର ଲେଖା ହେବା ସୁଦ୍ଧା(ସନ୍ଧ୍ୟା ୮ଟା) ହାତୀଟି ନିକଟସ୍ଥ ଜଙ୍ଗଲରେ ଥିବାରୁ ବନ ବିଭାଗ ପକ୍ଷରୁ ଘଉଡ଼ାଇବା କାର୍ଯ୍ୟକ୍ରମ ଜାରି ରହିଛି।

## ଶିଶୁ ପୁତ୍ରଙ୍କୁ ଟାଙ୍ଗିଆରେ ହାଣି ଦେଲେ ବାପା

ବେଦବ୍ୟାସ/ରାଉରକେଲା,୧୨।୧୦
(ଆଲୋକ ସ୍ୱାଇଁ/ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଗର୍ଜନ ପଞ୍ଚାୟତ ତୁମରନ୍ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଟାଙ୍ଗିଆ ଚୋଟରେ ଦେଢବର୍ଷର ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ସୀମର ସିଂ। ଅଭିଯୁକ୍ତ ବାପା ହେଲେ ବୁଦ୍ଧେଶ୍ୱର ସିଂ(୪୫)। ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ହତ୍ୟା ମାମଲା(୨୧୪/୨୩) ରୁଜୁ ହୋଇଛି। ଗ୍ରାମବାସୀ ବୁଦ୍ଧେଶ୍ୱରଙ୍କୁ ପୋଲିସ ଜିମା ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଗ୍ରାମରେ ବୁଦ୍ଧେଶ୍ୱର ସ୍ତ୍ରୀ ପ୍ରମିଳା ଓ ଦେଢ଼ ବର୍ଷର ପୁଅ ସହ ରହୁଥିଲେ। ବୁଦ୍ଧେଶ୍ୱରଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ଗୁରୁବାର ହଠାତ୍ ସେ ତାଙ୍କ ସ୍ତ୍ରୀଙ୍କୁ ଏକ ଟାଙ୍ଗିଆରେ ହାଣି ଦେବାକୁ ଉଦ୍ୟମ କରିଥିଲେ। ଭୟଭୀତ ହୋଇ ପଡୋଶୀଙ୍କ ଘରକୁ ଦୌଡି ପଳାଇଥିଲେ ତାଙ୍କ ସ୍ତ୍ରୀ। ମା'ପଛରେ ଦୌଡି ଯାଉଥିବା କୁନିପୁଅକୁ ଉତ୍ତ୍ୟକ୍ତ ହୋଇ ବୁଦ୍ଧେଶ୍ୱର ସେହି ଟାଙ୍ଗିଆରେ ଚୋଟ ମାରିଥିଲେ। ଘଟଣାସ୍ଥଳରେ ପୁଅର ମୃତ୍ୟୁ ହୋଇ ଯାଇଥିଲା। ପୁଅକୁ ରକ୍ଷା କରିବାକୁ ଆସିଥିବା ଦୁଇ ପଡୋଶୀ ଲକି କୁମ୍ଭାର(୬୦) ଓ ଘାଶି କିଷାନ(୫୨) ମଧ୍ୟ ବୁଦ୍ଧେଶ୍ୱରଙ୍କ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ ଉତ୍ତ୍ୟକ୍ତ ବୁଦ୍ଧେଶ୍ୱରଙ୍କୁ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି। ଉକ୍ତ ମାମଲାକୁ ନେଇ ପୋଲିସ ତଦନ୍ତ କରୁଛି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

## ସ୍ୱାମୀ, ସ୍ତ୍ରୀଙ୍କୁ ୨ବର୍ଷ କାରାଦଣ୍ଡ

ଜୟପୁର,ରାୟଗଡା, ୧୨।୧୦ (ପବନ ପାଣିଗ୍ରାହୀ/ଆଶିଷ ରଞ୍ଜନ ପଣ୍ଡା)

ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଜୟପୁର ଭିଜିଲାନ୍ସ କୋର୍ଟ ସ୍ୱାମୀ ଓ ସ୍ତ୍ରୀଙ୍କୁ ଦଣ୍ଡିତ କରିଛନ୍ତି। ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ଏ ସମ୍ପର୍କିତ ଏକ ମାମଲାର ବିଚାର କରି ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ରାୟଗଡା ଜିଲା କାଶୀପୁରର ପୂର୍ବତନ ମାର୍କେଟିଂ ଇନ୍ସପେକ୍ଟର ପ୍ରଫୁଲ୍ଲ ପାଣିଗ୍ରାହୀ ଓ ସ୍ତ୍ରୀ ରେଣୁବାଳା ପାଣିଗ୍ରାହୀଙ୍କୁ ଦଣ୍ଡିତ କରିଛନ୍ତି। ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଅର୍ଥ ଅନାଦୟ ହେଲେ ଅଧିକା ୩ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ୨୦୧୮ରେ ପ୍ରଫୁଲ୍ଲ ସମ୍ବଲପୁର ଜିଲା କୁଚିଣ୍ଡାର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଭାବେ ଅବସର ନେଇଛନ୍ତି। ୨୦୦୪ରେ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ମାମଲାକୁ ସରକାରୀ ଓକିଲ ଶଶୀଧର ପଟ୍ଟନାୟକ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ପ୍ରଫୁଲ୍ଲ ତାଙ୍କର ଅଧିକାଂଶ ସମ୍ପତି ତାଙ୍କ ସ୍ତ୍ରୀ ରେଣୁବାଳାଙ୍କ ନାମରେ କରି ଦେଇଥିବାରୁ ଏହି ମାମଲାରେ ରେଣୁବାଳାଙ୍କୁ ମଧ୍ୟ ଭିଜିଲାନ୍ସ କୋର୍ଟ ଦଣ୍ଡିତ କରିଛନ୍ତି।

# ମାସକୁ ୧୦୦୦ ବିଦ୍ୟାଳୟରେ ମୋ' ସ୍କୁଲ ପ୍ରକଳ୍ପର ସମୀକ୍ଷା

**'ମୋ ସ୍କୁଲ'ର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ**

**ସୁରଭିରେ 'ଆକାଂକ୍ଷୀ ପାଭିଲିଅନ'**

ଭୁବନେଶ୍ୱର,୧୨।୧୦
(ଅନୁରାଧା ମହାରଣା)

'ମୋ ସ୍କୁଲ' ଅଭିଯାନ ଅଧୀନରେ ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ସାମାଜିକ ସମୀକ୍ଷା କରାଯାଇଛି। ପ୍ରତି ବ୍ଲକରୁ ଗୋଟିଏ ଲେଖାଏ ବିଦ୍ୟାଳୟ ଓ ୫ ଲକ୍ଷରୁ ଅଧିକ ଟଙ୍କାର ପ୍ରକଳ୍ପ କରାଯାଇଥିବା ୯୨୬ଟି ବିଦ୍ୟାଳୟରେ ଏହି ସମୀକ୍ଷା ସଫଳ ହୋଇଛି। ଏହାପରେ ପ୍ରତି ମାସରେ ମୋ ସ୍କୁଲ ପ୍ରକଳ୍ପ ଶେଷ ହେଇଥିବା ୧୦୦୦ଟି ଉଚ୍ଚ ବିଦ୍ୟାଳୟରେ ସାମାଜିକ ସମୀକ୍ଷା କରାଯିବ। ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ 'ମୋ ସ୍କୁଲ ଅଭିଯାନ'ର ୪୩ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ଏହାସହ ବୈଠକରେ ଅନେକ କାର୍ଯ୍ୟକ୍ରମ ଓ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବର୍ତ୍ତମାନ ସୁଦ୍ଧା 'ମୋ ସ୍କୁଲ ଅଭିଯାନ'ରେ ୮ ଲକ୍ଷ ୧୨ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଡି ହୋଇଛନ୍ତି। ଗତ ମାସରେ ୧୨ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ଉନ୍ନତି ପାଇଁ ୫କୋଟି ୪୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି। ଏହି ଅନୁଦାନ ସହ ଅଭିଯାନ ପକ୍ଷରୁ ମୋଟ ୧୬ କୋଟି ୪୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ୯୨୬ଟି ପ୍ରକଳ୍ପ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଜଗତ୍‌ସିଂହପୁର ଜିଲା ସର୍ବାଧିକ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛି। ସେହିପରି ବାଲେଶ୍ୱରରୁ ୬୬ଲକ୍ଷ, ବଲାଙ୍ଗୀରରୁ ୪୧ଲକ୍ଷ, ଭଦ୍ରକରୁ ୨୯ଲକ୍ଷ ଓ ଗଞ୍ଜାମରୁ ୬୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଗ୍ରହଣ କରାଯାଇଛି। ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଇଂଲିଶ ଭାଷାର ଦକ୍ଷତା ବୃଦ୍ଧି କରିବାକୁ 'ମୋ ସ୍କୁଲ' ଅଭିଯାନ ଓ ଜଲି ଫ୍ୟୁଚର ଫାଉଣ୍ଡେଶନର ସହଭାଗିତାକୁ ବୈଠକ ଅନୁମୋଦନ ଦେଇଛି। ଶିଶୁ ଦିବସରେ ଆୟୋଜିତ ହେବାକୁ ଥିବା ଶିଶୁ ମହୋତ୍ସବ 'ସୁରଭି'ରେ ଚଳିତ ବର୍ଷ 'ଆକାଂକ୍ଷୀ ପାଭିଲିୟନ' କରାଯିବ। ଏଥିରେ 'ଛାତ୍ରୀଛାତ୍ର ବାଇସ୍କୋପ' ନିର୍ମାଣ କରାଯିବ। ବାଇସ୍କୋପ୍‌ରେ ୪ଟି ଲେଭ୍‌ଲରେ ୪ଟି କ୍ଲବ 'କ୍ରୀଡ଼ାଙ୍ଗନ', ସାହିତ୍ୟ ସୃଜନୀ', 'ଜିଜ୍ଞାସା' ଓ 'କୌଶଳୀ'କୁ ପ୍ରଦର୍ଶନ କରାଯିବ। ବୈଠକରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ସ୍ୱତନ୍ତ୍ର ସଚିବ ରତିକାନ୍ତ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ମନୋଜ ପାଢ଼ୀ, 'ମୋ ସ୍କୁଲ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ ଜେନା, ଓସେପାର ବିତ୍ତ ପରାମର୍ଶଦାତା ସୁଦେଷ୍ଣା କର , 'ମୋ ସ୍କୁଲ'ର ଭାରପ୍ରାପ୍ତ ଅଧିକାରୀ ଡ. ମଣିପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏଚ୍‌ଏଆଇ ପିଡିଙ୍କୁ ୨ କି.ମି. ଚଲାଇଲେ ବିଧାୟକ



ଏନ୍‌ଏଚ୍‌ଏଆଇ ପିଡିଙ୍କୁ ଚଲାଇ ଚଲାଇ ନିଆଯାଉଛି।

**ଶୋଚନୀୟ ରାଜପଥର ମରାମତି ଦାବି**

ଠାକୁରମୁଣ୍ଡା,୧୨।୧୦
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଯଶିପୁର ବଜାର ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ସମ୍ପର୍କରେ ଅନୁଧ୍ୟାନ ପାଇଁ ଆସିଥିବା ଭାରତର ରାଜପଥ କର୍ତ୍ତୃପକ୍ଷ(ଏନ୍‌ଏଚ୍‌ଏଆଇ)ର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି)ଙ୍କୁ ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆଙ୍କ ସମେତ ସ୍ଥାନୀୟ ଲୋକେ ୨ କି.ମି. ଚଲାଇ ଚଲାଇ ନେବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ୪୯ନଂ. ଜାତୀୟ ରାଜପଥର ଯଶିପୁର ଧବାଡିହାଠାରୁ ପଦ୍ମପୁରମୁଖ୍ୟ ରାସ୍ତାଟି ମରଣଯନ୍ତା ପାଲଟିଛି। ସପ୍ତାହକ ମଧ୍ୟରେ ଏଠାରେ ଦୁର୍ଘଟଣାରେ ୩ଜଣଙ୍କ ପ୍ରାଣହାନି ଘଟି ସାରିଲାଣି। ପୂର୍ବରୁ ଯଶିପୁର ଅଞ୍ଚଳବାସୀ ଏହାର ମରାମତି ଦାବିରେ ରାଜପଥ ଅବରୋଧ କରିଥିଲେ। ବିଭାଗୀୟ ମନ୍ତ୍ରୀ, ଜିଲାପାଳ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ରାଜପଥ ମରାମତି ହୋଇ ପାରିନାହିଁ। କିଛି ଦିନ ପୂର୍ବେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏହି ରାସ୍ତା ଦେଇ ଯାଉଥିବା ବେଳେ ଏନ୍‌ଏଚ୍‌ଏଆଇ ପିଡିଙ୍କୁ ତାଗିଦା ମଧ୍ୟ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ତାଗିଦା ପରେ ରାସ୍ତା ଅବସ୍ଥା ଦେଖିବାକୁ ଗୁରୁବାର ଏନ୍‌ଏଚ୍‌ଏଆଇ ପିଡି ଆସିଥିବା ବେଳେ ବିଧାୟକ ଏବଂ ସ୍ଥାନୀୟ ଜନସାଧାରଣ ତାଙ୍କୁ ୨ କି.ମି. ପାଦରେ ଚଲାଇ ଚଲାଇ ନେଇ ରାସ୍ତା ଦେଖାଇଥିଲେ।

# ସାଙ୍ଗମାନଙ୍କ ସହ ପୁରୀ ଯାଇଥିଲେ, ଶବ ହୋଇ ଫେରିଲେ




ଆଗରପଡ଼ା କଲେଜ ପକ୍ଷରୁ ବାହାରିଥିବା ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା।

**ବୈରୀ ରେଳଧାରଣାରୁ ମିଳିଲା ମୃତଦେହ**

ଆଗରପଡ଼ା, ୧୨।୧୦(ସୁଶାନ୍ତ କୁମାର ଦାଶ)

ସାଙ୍ଗମାନଙ୍କ ସହ ବୁଧବାର ରାତିରେ ଟ୍ରେନ୍‌ରେ ପୁରୀ ଯାଇଥିଲେ। ଯାଜପୁର ରୋଡ୍ ଷ୍ଟେଶନ ପରେ ଅନ୍ୟ ବଗିରୁ ଆସେ ବୋଲି ସାଙ୍ଗମାନଙ୍କୁ କହି ଆଉ ଫେରି ନ ଥିଲେ। ହେଲେ ଗୁରୁବାର ସକାଳେ ଯାଜପୁର ଜିଲା ବୈରୀ ଷ୍ଟେଶନ ପାଖ ରେଳଧାରଣାରୁ ତାଙ୍କ ମୃତଦେହ ମିଳିବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ମୃତକ ହେଲେ ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ପୁରୁଷଣ୍ଡ ଗ୍ରାମର ସଂଗ୍ରାମ ନାୟକ(୨୦)।

ସୂଚନା ଅନୁଯାୟୀ, ସଂଗ୍ରାମ ସାଙ୍ଗମାନଙ୍କ ସହ ପୁରୀ ଯାଉଥିବା ବେଳେ ଭଦ୍ରକ ଷ୍ଟେଶନରେ ନିଜ ଫେସ୍‌ବୁକ ପୋଷ୍ଟରେ ମିଶନ ପୁରୀ ଲେଖିଥିଲେ। ପୁରୁଷୋତ୍ତମ ଏକ୍ସପ୍ରେସ୍‌ରେ ଯାଉଥିବା ବେଳେ ଯାଜପୁର ରୋଡ୍ ଷ୍ଟେଶନ ପରେ ଅନ୍ୟ ବଗିରୁ ଆସେ ବୋଲି କହି ସାଙ୍ଗମାନଙ୍କ ପାଖରୁ ଚାଲି ଯାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ସାଙ୍ଗମାନେ ଟ୍ରେନ୍‌ରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। କଲ୍ କରିବାରୁ ଫୋନ୍ ମଧ୍ୟ ଉଠାଇ ନ ଥିଲେ। ପୁରୀରେ ପହଞ୍ଚିବା ପରେ ସେଠାରେ ମଧ୍ୟ ତାଙ୍କୁ ନ ପାଇବାରୁ ସେମାନେ ଜିଆର୍‌ପିରେ ଅଭିଯୋଗ କରିଥିଲେ। ସକାଳେ ଏକ ଅଜଣା ମୃତଦେହ ବୈରୀ ରେଳଧାରଣାଠାରେ ପଡ଼ିଥିବା ଖବରପାଇ ତାଙ୍କ ବାପା ରାମଚନ୍ଦ୍ର ନାୟକଙ୍କ ସମେତ ପରିବାର ଲୋକ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ ଓ କେତେଜଣ ଗ୍ରାମବାସୀ ପହଞ୍ଚି ମୃତଦେହ ସଂଗ୍ରାମଙ୍କର ବୋଲି ଚିହ୍ନଟ କରିଥିଲେ। ରେଲୱେ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ସଂଗ୍ରାମ ଆଗରପଡ଼ା କଲେଜରେ ଯୁକ୍ତ ୩ ତୃତୀୟ ବର୍ଷ ବିଜ୍ଞାନ ଛାତ୍ର ଥିଲେ। ସେ ଜଣେ ମେଧାବୀ ଛାତ୍ର ସହ ଅତ୍ୟନ୍ତ ଶାନ୍ତ ଓ ସରଳ ସ୍ୱଭାବର ପିଲା ଥିଲେ। ଗୁରୁବାର କଲେଜ ପକ୍ଷରୁ ଆଗରପଡ଼ା ବଜାରରେ ଏକ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା କରାଯାଇଛି।

## ପିକ୍‌ଅପ୍‌କୁ ଧକ୍କାଦେଲା ଟ୍ରକ୍: ୨ ମୃତ

ଦେବଗଡ଼, ୧୨।୧୦
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଚଟିବରଘାଟ ଛକ ନିକଟରେ ଗୁରୁବାର ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଟ୍ରକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବାରକୋଟ ବ୍ଲକ ବଳମ ଗ୍ରାମର ସଞ୍ଜୀବ ରାଉତ ଓ ଭାଲୁମୁଣ୍ଡା ଗ୍ରାମର ଚନ୍ଦନ ପଲେଇ। ସୂଚନା ଅନୁଯାୟୀ ସଞ୍ଜୀବ ଓ ଚନ୍ଦନ ପିକ୍‌ଅପ୍ ଭ୍ୟାନ ଯୋଗେ ସମ୍ବଲପୁରରୁ ଦେବଗଡ ଆସୁଥିଲେ। ଚଟିବରଘାଟ ଛକରେ ଟାୟାର ପଙ୍କଚର ହେବାରୁ ସେମାନେ ଗାଡିକୁ ରାସ୍ତା ପାର୍ଶ୍ୱରେ ଅଟକାଇ ଚକା ବଦଳାଉଥିଲେ। ଏହି ସମୟରେ ସମ୍ବଲପୁର ପଟୁ ଦେବଗଡ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ଫାଣ୍ଡି ପୋଲିସ ଜବତ କରିବା ସହ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

# ଫେରାର ଆନ୍ତଃ ରାଜ୍ୟ ଗଞ୍ଜେଇ ବେପାରୀ ଗିରଫ

**ଗଜପତିରେ ୪ କୋଟିର ଗଞ୍ଜେଇ ଜବତ ମାମଲା**



- **ପଶ୍ଚିମବଙ୍ଗରୁ ଧରିଲା ଓଡ଼ିଶା ଏସ୍‌ଟିଏଫ୍**
- **୧.୨୫ ଲକ୍ଷ ଟଙ୍କା ଜବତ**

ଭୁବନେଶ୍ୱର,୧୨।୧୦
(ସତ୍ୟଜିତ୍ ରାଉତ)

ଗଜପତି ଜିଲାରେ ଏକ ମିନିଟ୍ରକ୍‌ରୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ ମାମଲାରେ ଫେରାର ଥିବା ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପଶ୍ଚିମବଙ୍ଗରୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ପୂର୍ବ ବର୍ଦ୍ଧମାନ ଜିଲାର ଶରତ କୁମାର ଦେ ଓରଫ କାଳିଆ। ଶରତଙ୍କଠାରୁ ଏସ୍‌ଟିଏଫ୍ ୧ ଲକ୍ଷ ୨୫ ହଜାର ଟଙ୍କା ଜବତ କରିଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୨୩/୨୦୨୩) ରୁଜୁ କରି ସରତଙ୍କୁ ଗୁରୁବାର ଗଜପତି ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଶରତଙ୍କ ନାମରେ ଆର୍. ଉଦୟଗିରି ଥାନାରେ ୩ ଓ ପୁରୀ ବ୍ରହ୍ମଗିରି ଥାନାରେ ୨ଟି ନିଶା କାରବାର ମାମଲା ରହିଛି। ସେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାରକୁ ଗଞ୍ଜେଇ ଚାଲାଣ କରନ୍ତି। ଏପରିକି ସେ ପୂର୍ବରୁ ପୋଲିସ ହାତରୁ ଥରେ ଖସି ଯାଇଥିଲେ ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଏହି ମାମଲାରେ ଫେରାର ଥିବା ଶରତଙ୍କ ଅନ୍ୟ ଜଣେ ସହଯୋଗୀଙ୍କୁ ଧରିବାକୁ ଏସ୍‌ଟିଏଫ୍ ଖୋଜାଖୋଜି କରୁଛି।

ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୦ ସକାଳେ ଶରତ ଓ ତାଙ୍କ ସହଯୋଗୀ ଏକ ମିନି ଟ୍ରକ୍‌ରେ ୪୩ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଭର୍ତ୍ତି କରି ୩୨୬ ନଂ. ଜାତୀୟ ରାଜପଥରେ ନେଉଥିବା ବେଳେ ପାଟ୍ରୋଲିଂ କରୁଥିବା ମୋହନା ପୋଲିସ୍ ପିଛା କରିଥିଲା। ପୋଲିସ ଉକ୍ତ ମିନିଟ୍ରକ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ମୋହନାଠାରୁ ୧୦ କି.ମି ଦୂର ମଧୁରଆମ୍ବ ନିକଟରେ ଗାଡ଼ି ଛାଡ଼ି ଶରତ ଓ ସହଯୋଗୀ ଦୌଡ଼ି ପଳାଇଥିଲେ। ପୋଲିସ ଉକ୍ତ ଗଞ୍ଜେଇ ଭର୍ତ୍ତି ଗାଡ଼ି ଜବତ କରିଥିଲା। ଏହି ମାମଲାରେ ମୋହନା ଥାନା ପକ୍ଷରୁ ଏକ ମାମଲା (ନଂ.୧୨୦/୨୦୨୩) ରୁଜୁ କରାଯାଇଥିଲା। ହେଲେ ପରେ ଏସ୍‌ଟିଏଫ୍ ଏହି ମାମଲାର ତଦନ୍ତ ଭାର ନେଇଥିଲା। ତେବେ ସରତଙ୍କ ବାପା ଏକାଦଶୀ ଦେ ମଧ୍ୟ ଜଣେ ଗଞ୍ଜେଇ ବେପାରୀ। ସେ ଏକ ଗଞ୍ଜେଇ ଜବତ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପୁରୀ ଜେଲରେ ୧୦ ବର୍ଷ ଜେଲଦଣ୍ଡ ଭୋଗୁଛନ୍ତି ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ସମାଜ ମଙ୍ଗଳ ଅଧିକାରୀଙ୍କ ବିରୋଧରେ ଏତଲା ଦେଲେ ବିଡିଓ

**ଭତ୍ତା ଟଙ୍କା ହେରଫେର**

ଔପଦା,୧୨।୧୦(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତରେ ଭତ୍ତା ଟଙ୍କା ହେରଫେର ନେଇ ବିଡ଼ିଓ ଅଭିଷେକ ଦାଶ ଗତ ୧୦ତାରିଖରେ ଔପଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ନେଇ ପୋଲିସ ପକ୍ଷରୁ ମାମଲା (ନଂ.୯୭/୨୩) ରୁଜୁ କରାଯାଇଛି। ଭତ୍ତା ଟଙ୍କା ହେରଫେର ସମ୍ପର୍କରେ ଅଭିଯୋଗ ଆସିବାରୁ ବିଡ଼ିଓଙ୍କ ପତ୍ର ସଂଖ୍ୟା ୩୯୬୦ ତା ୬।୧୦।୨୦୨୩ରେ ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କଠାରୁ କ୍ଷମତା ଅପସାରଣ କରାଯାଇ ବ୍ଲକ ଜନ ମଙ୍ଗଳ ଅଧିକାରୀ ନିରଞ୍ଜନ ବେହେରାଙ୍କୁ କ୍ଷମତା ହସ୍ତାନ୍ତର କରାଯାଇଛି। ଔପଦା ବ୍ଲକରେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବୃଦ୍ଧାବୃଦ୍ଧଙ୍କ ପାଇଁ ଭତ୍ତା ଟଙ୍କାକୁ ହେରଫେର ଘଟଣାର ତଦନ୍ତ ଲାଗି ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତର ମୃତ ଲୋକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ, ଭତ୍ତାଧିକାରୀଙ୍କର ପୂର୍ବ ମାସର ବାକି ଟଙ୍କା ଉଠାଣ ସହ ଜଣେ ହିତାଧିକାରୀଙ୍କ ନାମରେ ଏକାଧିକ ବାର ଟଙ୍କା ଉଠାଣ କରାଯାଇ ଲକ୍ଷାଧିକ ଭତ୍ତା ଟଙ୍କା ହେରଫେର କରାଯାଇଥିବା ଜଣାଯାଇଛି। ଭତ୍ତା ଟଙ୍କା ହେରଫେର ସମ୍ପର୍କରେ ଜିଲାପାଳଙ୍କଠାରୁ ନୀଳଗିରି ଉପଜିଲାପାଳ ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ବିଡିଓଙ୍କ ପର୍ଯ୍ୟନ୍ତ ଅଭିଯୋଗ ହୋଇଛି। ଜିଲାପାଳ ଓ ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ନୀଳଗିରି ଉପଖଣ୍ଡସ୍ତରୀୟ ସମାଜ ମଙ୍ଗଳ ଅଧିକାରିଣୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବଡ଼ପୋଖରୀ ପଞ୍ଚାୟତରେ ତଦନ୍ତ କରିଛନ୍ତି। ଏହାର ତଦନ୍ତ ରିପୋର୍ଟ ଜିଲାପାଳ, ନୀଳଗିରି ଉପଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ ବିଡ଼ିଓ ଦାଶ ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସାଲିମା ରାଉତଙ୍କ ବିରୋଧରେ ୨ଲକ୍ଷ ୨୪ହଜାର ୭୦୦ ଟଙ୍କା ହେରଫେର କରିଥିବା ଥାନାରେ ଅଭିଯୋଗ କରିଛନ୍ତି। ଭତ୍ତା ଟଙ୍କା ଆତ୍ମସାତରୁ ରକ୍ଷା ପାଇବା ପାଇଁ ସମ୍ପୃକ୍ତ ବ୍ୟକ୍ତି ତରବରିଆ ଭାବେ ଫତେପୁର ଷ୍ଟେଟ୍‌ବ୍ୟାଙ୍କରେ ଥିବା ବ୍ଲକ ଆକାଉଣ୍ଟରେ ୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଚେକ୍ ଜମା କରିଛନ୍ତି।

ଏ ସମ୍ପର୍କରେ ବିଡ଼ିଓ ଅଭିଷେକ ଦାଶଙ୍କୁ ପଚାରିବାରୁ ସରକାରୀ ଟଙ୍କା ହେରଫେରକୁ ନେଇ ଥାନାରେ ଅଭିଯୋଗ ହୋଇଛି। ସରକାରୀ ଟଙ୍କାକୁ ସୁରକ୍ଷା ବଦଳରେ ଅପବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ମୋତିଆବିନ୍ଦୁ ଅସ୍ତ୍ରୋପଚାର କରି ଦୃଷ୍ଟିଶକ୍ତି ହରାଇଲେ

**ମାସେ ଅପରେଶନ ବନ୍ଦ ରଖିବାକୁ ସିଡିଏମ୍‌ଓଙ୍କ ନିର୍ଦ୍ଦେଶ**

ଭଦ୍ରକ, ୧୨।୧୦(ସନାତନ ରାଉତ)

ଭଦ୍ରକ ଡାହାଣୀଗଡ଼ିଆସ୍ଥିତ ଏକ ଘରୋଇ ହସ୍ପିଟାଲରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ତ୍ରୁଟି ଯୋଗୁଁ ଦୃଷ୍ଟିଶକ୍ତି ହରାଇଥିବା ନେଇ ୩ଜଣ ରୋଗୀ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ମାସକ ପାଇଁ ଅପରେଶନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବା ସହ ହସ୍ପିଟାଲର କାଗଜପତ୍ର ମଗାଇ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୩୦ରେ ମୋତିଆବିନ୍ଦୁ କ୍ୟାମ୍ପରେ ଚିହ୍ନଟ ହୋଇ ଆସିଥିବା ରୋଗୀମାନଙ୍କର ଅପରେଶନ କରାଯାଇଥିଲା। ଏହାର ୭ ଦିନ ପରେ ଅର୍ଥାତ୍ ଗତ ୮ ତାରିଖରେ ବାଲେଶ୍ୱର ଜିଲା ଔପଦା ଥାନା ଅଧୀନ ପାଇକପଡ଼ା ଗ୍ରାମର ରତ୍ନାକର ପାଢ଼ୀ(୮୦), ଭଦ୍ରକ ପୁରୁଣାବଜାରର ଶେଖ୍ ଇସା(୮୫), ସାବରଙ୍ଗ ଥାନା ଚାପୁଣ୍ଡିଆ ଗ୍ରାମର ସୁଲୋଚନା ନାୟକ(୭୦), ପୁରୁଣାବଜାର ଥାନା ଅଧୀନ ନଙ୍ଗାମହଲାର ରିଆନା ବିବିଙ୍କ ସମେତ କେତେକ ବ୍ୟକ୍ତି ପହଞ୍ଚି ଅପରେଶନ ପରେ ସେମାନଙ୍କ ଆଖିକୁ ଭଲ ଦେଖାଯାଉ ନ ଥିବା ଅଭିଯୋଗ କରିଥିଲେ। ଏନେଇ ମେଡିକାଲ କର୍ତ୍ତୃପକ୍ଷ କିମ୍ବା ଡାକ୍ତର କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ପଳାଇ ଯାଇଥିବାରୁ ରୋଗୀମାନଙ୍କ ପରିବାର ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ୯ ତାରିଖରେ ଦୃଷ୍ଟିଶକ୍ତି ହରାଇଥିବା ବ୍ୟକ୍ତିମାନେ ସାମାଜିକ କର୍ମୀ ରାଜଲକ୍ଷ୍ମୀ ମହାପାତ୍ରଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପାତ୍ରଙ୍କୁ ଭେଟି ଅଭିଯୋଗ କରିଥିଲେ। ଏନେଇ ସୁଲୋଚନାଙ୍କ ପୁଅ ପ୍ରସନ୍ନ, ରିଆନା ବିବି ଏବଂ ରତ୍ନାକର ଭଦ୍ରକ ଟାଉନ ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ଟାଉନ ଥାନାରେ ଏନେଇ ୩ଟି ମାମଲା (ନଂ.୫୩୫/ ୫୩୬/ ୫୩୭/ ୨୩) ରୁଜୁ କରାଯାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପାତ୍ର କହିଛନ୍ତି, କାଗଜପତ୍ର ଯାଞ୍ଚ ଚାଲିଛି। ଜିଲାପାଳଙ୍କ ସହ ଆଲୋଚନା ପରେ ଆବଶ୍ୟକ ସ୍ଥଳେ ହସ୍ପିଟାଲ ସିଲ୍ ହୋଇପାରେ।

# ୱାର୍କିଂ ପ୍ରଫେସନାଲଙ୍କ ଏମ୍‌ବିଏ ପ୍ରଥମ ବ୍ୟାଚ୍‌ର ଶୁଭାରମ୍ଭ

**ଦିଲ୍ଲୀ କ୍ୟାମ୍ପସ୍‌ରେ ଆଇଆଇଏମ୍ ସମ୍ବଲପୁରର କାର୍ଯ୍ୟକ୍ରମ**



ଦିଲ୍ଲୀ କ୍ୟାମ୍ପସରେ ଏମ୍‌ବିଏ ପ୍ରଥମ ବ୍ୟାଚର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିଥିମାନେ।

ସମ୍ବଲପୁର,୧୨।୧୦(ବି.ଶଙ୍କର)

ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ଦିଲ୍ଲୀ କ୍ୟାମ୍ପସରେ ୱାର୍କିଂ ପ୍ରଫେସନାଲଙ୍କ ଏମ୍‌ବିଏ ପ୍ରଥମ ବ୍ୟାଚ୍‌ର ଶୁଭାରମ୍ଭ କରାଯାଇଛି। ନୂଆଦିଲ୍ଲୀ ବସନ୍ତକୁଞ୍ଜ ଆଇଏସ୍‌ଆଇଡି କ୍ୟାମ୍ପସ୍‌ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଯୁଗ୍ମ ସଚିବ ଡ. ଆଲୋକ ମିଶ୍ର ଯୋଗଦେଇ ଜାତୀୟ ଶିକ୍ଷାନୀତି(ଏନ୍‌ଇପି)ରେ ରଖିଥିବା କ୍ରେଡିଟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଗୁଗୁଲ କ୍ଲାଉଡ କନ୍‌ସଲଟିଂର ଲିଡ୍ କନସଲଟାଣ୍ଟ ସତନିକ ଗୋସ୍ୱାମୀ ଉତ୍ପାଦ ପରିଚାଳନାର ବିଭିନ୍ନ ଦିଗ, ଷ୍ଟାର୍ଟଅପ୍‌ର ୩ଟି ପ୍ରମୁଖ ଉପାଦାନ ବ୍ୟବସାୟ, ଆଗ୍ରହ ଓ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ଉତ୍ପାଦକୁ ଦୀର୍ଘସ୍ଥାୟୀ ଓ ଲାଭଦାୟକ କରିବା, ଉତ୍ପାଦ ତିଆରି କରି ପଠାଇବା ଓ ସଫଳତାକୁ ସୁନିଶ୍ଚିତ କରିବା ପ୍ରଡକ୍ଟ ମ୍ୟାନେଜରଙ୍କ କାମ ବୋଲି ସେ କହିଛନ୍ତି।

ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସ୍ୱାଲ କହିଛନ୍ତି, ଶିଳ୍ପର ଅଭ୍ୟୁଦୟ ସହିତ ମ୍ୟାନେଜମେଣ୍ଟ ଶିକ୍ଷାରେ ସମାନ ଧରଣର ଅଭ୍ୟୁଦୟର ଆବଶ୍ୟକତା ରହିଛି। ନବସୃଜନ ପ୍ରେରିତ ଉଦ୍ୟମିତର ପ୍ରସାର ଜରୁରୀ। ଏହା ଆଗାମୀ ଦିନରେ ଦେଶର ଜିଡିପି ଉପରେ ସକାରାତ୍ମକ ପ୍ରଭାବ ପକାଇବ। ଶିକ୍ଷାରେ ଅନ୍ତର୍ଭୁକ୍ତୀକରଣ ଓ ଲିଙ୍ଗଗତ ବିବିଧତା ପାଇଁ ଆମେ ଆମର ଶ୍ରେଷ୍ଠ କାର୍ଯ୍ୟ କରୁଛୁ। ଉଦ୍ୟମିତ ମାନସିକତାକୁ ଗ୍ରହଣ କରିବା ଏବଂ ସାମାଜିକ ସମସ୍ୟା ପାଇଁ ସମାଧାନ ବିକାଶ କରିବା ଲାଗି ଆମେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛୁ, ଯାହା ସେମାନଙ୍କୁ ଡିଜିଟାଲ ପ୍ରଯୁକ୍ତି, ଦୀର୍ଘସ୍ଥାୟିତ୍ୱ ଓ ନବସୃଜନରେ ଆଗରେ ରହିବାରେ ସହାୟକ ହେବ ବୋଲି ପ୍ରଫେସର ମହାଦେଓ ସୂଚିତ କରିଛନ୍ତି। ଏସ୍‌ଜି ଜନସନର ପୂର୍ବତନ ସିଇଓ ପ୍ରଫେସର ରାଜୀବ ଟଣ୍ଡନ, ଇଣ୍ଡିଆ ଆସେଲରେଟର ସହପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ଦୀପକ ଶର୍ମା, ପ୍ରଫେସନାଲଙ୍କ ପାଇଁ ଏମ୍‌ବିଏର ଅଧ୍ୟକ୍ଷ ପ୍ରଫେସର ପୁନମ୍ କୁମାର, ପ୍ରଫେସର ଏସ୍‌ଏଚ ରାଓ ଓ ଅମୃତ ମହାନ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଏହା ଆଇଆଇଏମ୍ ସମ୍ବଲପୁର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଯେଉଁଠାରେ ୱାର୍କିଂ ପ୍ରଫେସନାଲ ଓ ଉଦ୍ୟୋଗୀମାନେ ନିଜ ପ୍ରଫେସନାଲ ଯାତ୍ରା ଜାରି ରଖିବା ସହ ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହାର ମୁଖ୍ୟ ବିଶେଷତ୍ୱ ହେଉଛି ଡାଟା ସାଇନ୍ସ ଓ ପ୍ରଡକ୍ଟ ମ୍ୟାନେଜମେଣ୍ଟ, ଇନୋଭେଶନ ଓ ଷ୍ଟାର୍ଟଅପ୍ ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ। ୱାର୍କିଂ ପ୍ରଫେସନାଲଙ୍କ ପାଇଁ ଏମ୍‌ବିଏର ପ୍ରଥମ ବ୍ୟାଚରେ ୮୦ ବର୍ଷୀୟ ଉଦ୍ୟୋଗୀ ଜି. ଏମ୍. ଗୁପ୍ତା ସାମିଲ ହୋଇଛନ୍ତି। ସେ ପିଏଚ୍‌ଡି ଶେଷ କରିଥିବା ବେଳେ ପ୍ରତିରକ୍ଷାର ଏକ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଆଇଆଇଏମ୍ ସମ୍ବଲପୁର ପକ୍ଷରୁ ୨୦୨୩ ଡିସେମ୍ବର ୨୧ରୁ ୨୩ ପର୍ଯ୍ୟନ୍ତ ପାନ ଆଇଆଇଏମ୍ ୱାର୍ଲଡ ମ୍ୟାନେଜମେଣ୍ଟ କନ୍‌ଫରେନ୍ସ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉତ୍ତରାଖଣ୍ଡର ପିଥୋରାଗଡ଼ରେ ୪,୨୦୦ କୋଟି ଟଙ୍କା ବ୍ୟୟରେ ଗ୍ରାମାଞ୍ଚଳ ବିକାଶ, ସଡକ, ବିଦ୍ୟୁତ୍, ଜଳସେଚନ, ପାନୀୟ ଜଳ, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦି ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରୁଛନ୍ତି। କାର୍ଯ୍ୟକ୍ରମରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଓ ତାଙ୍କ କ୍ୟାବିନେଟ ସହକର୍ମୀମାନେ ଉପସ୍ଥିତ ଅଛନ୍ତି।

# ବ୍ରହ୍ମପୁର ଏସ୍‌ପିଙ୍କୁ ଏନ୍‌ଏଚ୍‌ଆର୍‌ସି ସମନ୍

ବ୍ରହ୍ମପୁର,୧୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରରେ ଘଟିଥିବା ଏକ ସମ୍ବେଦନଶୀଳ ମାମଲାର ଶୁଣାଣି କରି ଜାତୀୟ ମାନବ ଅଧିକାର କମିସନ୍(ଏନ୍‌ଏଚ୍‌ଆରସି) ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍.ଙ୍କୁ ସମନ୍ ଜାରି କରିଛନ୍ତି। ଗତବର୍ଷ ନଭେମ୍ବରରେ ଜଣେ ବଳାତ୍କାର ପୀଡ଼ିତା ବ୍ରହ୍ମପୁର ଏସଡିଜେଏମ୍‌ଙ୍କ କୋର୍ଟ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ନ୍ୟାୟ ଓ ସୁରକ୍ଷା ଗୁହାରି କରି ସେ ଏଭଳି ଚରମ ପଦକ୍ଷେପ ନେଇଥିବା କହିଥିଲେ। ପୀଡ଼ିତାଙ୍କ ମାନବ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଏନ୍‌ଏଚ୍‌ଆରସିରେ ପିଟିସନ୍ ରୁଜୁ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏନ୍‌ଏଚ୍‌ଆରସି ମାମଲାକୁ ଗ୍ରହଣ କରି ପର୍ଯ୍ୟାୟ କ୍ରମେ ଶୁଣାଣି କରିବା ସହିତ ବ୍ରହ୍ମପୁର ଏସ୍‌ପିଙ୍କୁ ଏଟିଆର୍ ଓ ଅନ୍ୟାନ୍ୟ ତଥ୍ୟ ମାଗିଥିଲେ। ବ୍ରହ୍ମପୁର ପୋଲିସ ତରଫରୁ ତାହା ଦାଖଲ କରାଯାଇଥିଲା। କିନ୍ତୁ ଏଥିରେ ଏନ୍‌ଏଚ୍‌ଆରସି ସନ୍ତୋଷ ପ୍ରକାଶ କରି ନ ଥିଲେ। ତେଣୁ ଆସନ୍ତା ୧୭ତାରିଖରେ ବ୍ରହ୍ମପୁର ଏସ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ହାଜର ପାଇଁ ଏନ୍‌ଏଚ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି।

# ୩ ଏକର ଜମି ଦେବାକୁ ଅନୁମତି ମାଗିଲା ବିଡିଏ

## ଏନ୍‌ଜିଟିରେ ଶିଖରଚଣ୍ଡୀ ପାନୀୟ ଜଳ ପ୍ରକଳ୍ପ ମାମଲା: ବିକଳ୍ପ ପ୍ରସ୍ତାବ ଦେଲା ସମିତି

ଭୁବନେଶ୍ୱର, ୧୨।୧୦ (ବନ୍ଦନା ସେଠୀ)

ପାନୀୟ ଜଳ ପ୍ରକଳ୍ପ ପାଇଁ ଶିଖରଚଣ୍ଡୀ ପାହାଡ଼ ଜୈବ ବିବିଧତା ନଷ୍ଟ ପ୍ରସଙ୍ଗକୁ ନେଇ ଗୁରୁବାର ଏନ୍‌ଜିଟି (ନ୍ୟାଶ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍)ରେ ଶୁଣାଣି ହୋଇଥିଲା। ଏଥିରେ ଏନ୍‌ଜିଟି ଉଭୟ ପକ୍ଷକୁ ଜେରା କରିବା ସହ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଏଥିରେ ଶିଖରଚଣ୍ଡୀ ଭଳି ଏକ ଐତିହାସିକ ସ୍ଥାନରେ କୌଣସି ସ୍ଥାୟୀ ନିର୍ମାଣ କରାଯାଇ ପାରିବ ନାହିଁ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଶୁଣାଣି ବେଳେ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପାଣିଟାଙ୍କି ପ୍ରକଳ୍ପ ପାଇଁ ଆବଶ୍ୟକ ୩ ଏକର ଜମିରେ ନିର୍ମାଣ ପ୍ରଦାନ ପାଇଁ ବିଡିଏ ପକ୍ଷରୁ ଅନୁମତି ମଗାଯାଇଥିଲା। ଏଥିସହ ଗଛ କଟା ଯାଇଥିବା ବାକି ସାଢେ ୪ଏକର ଜମିରେ ପୁନଃ ଗଛ ଲଗାଯାଉଥିବା ତଥ୍ୟ ରଖାଯାଇଥିଲା। ଅପରପକ୍ଷେ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ପାଣିଟାଙ୍କି ପ୍ରକଳ୍ପ ଅନ୍ୟତ୍ର କରିବା ପାଇଁ ଏନ୍‌ଜିଟି ସମ୍ମୁଖରେ ପ୍ରସ୍ତାବ ରଖାଯାଇଥିଲା। ସମିତି ପକଳ୍ପକୁ ବିରୋଧ କରୁ ନ ଥିବାବେଳେ ଯେଉଁଭଳି ଭାବେ ବିଡିଏ ଏବଂ ୱାଟ୍‌କୋ କୌଣସି ଅନୁମତି ନ ନେଇ, ପଲ୍ଲୀସଭା ନ କରି ମନଇଚ୍ଛା ଜଙ୍ଗଲ କାଟି ସଫା କରିଦେଲେ ତାହାକୁ ବିରୋଧ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ପାଇଁ ସମିତି ପକ୍ଷରୁ ପ୍ରାୟ ୫ଟି ସ୍ଥାନ ଚିହ୍ନଟ କରାଯାଇଛି ଏବଂ ବିଡିଏ ସମ୍ପୃକ୍ତ ସ୍ଥାନ ଦେଖିବା ପାଇଁ ମଧ୍ୟ ପ୍ରସ୍ତାବ ରଖାଯାଇଥିଲା। ତେବେ ଦୁଇପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଏନ୍‌ଜିଟି ପରବର୍ତ୍ତୀ ପର୍ଯ୍ୟାୟରେ ନିଷ୍ପତ୍ତି ଶୁଣାଇବେ ବୋଲି ସୂଚନା ମିଳିଛି। ଅପରପକ୍ଷେ ବିଡିଏ ସମ୍ପୃକ୍ତ ସ୍ଥାନଗୁଡ଼ିକୁ ଦେଖିବା ପରେ ତାହା ପ୍ରକଳ୍ପ ପାଇଁ ଉପଯୁକ୍ତ ନ ହେଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସମିତି ଆବାହକ ସଚିନ୍ ମହାପାତ୍ର ସୂଚନା ଦେଇଛନ୍ତି। ଭୁବନେଶ୍ୱରର ୩୦% ଲୋକଙ୍କ ପାଇଁ ଏହି ପାନୀୟ ଜଳ ପ୍ରକଳ୍ପ ହେଉ ଥିବାରୁ ପ୍ରକଳ୍ପକୁ ସମିତି ବିରୋଧ କରୁ ନ ଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ଜଙ୍ଗଲ (ସଂରକ୍ଷଣ) ଆଇନ୍ ୧୯୮୦କୁ ଉଲ୍ଲଂଘନ କରି ଶିଖରଚଣ୍ଡୀ ପାହାଡ଼ରେ ନିର୍ମାଣଧୀନ ପାନୀୟ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରାଯାଉଥିବା ଅଭିଯୋଗ କରି ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଅନୁଭବ କରି ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେଠାରେ ପ୍ରକଳ୍ପ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଶୁଣାଣି ସମୟରେ ୱାଟ୍‌କୋ ଆବଶ୍ୟକତାଠାରୁ ଅଧିକ ଜମି ନେଇଥିବା ଏବଂ ଡିଏଫ୍‌ଓଙ୍କ ବିନା ଅନୁମତିରେ ଶହଶହ ଗଛ କଟା ହୋଇଥିବା ଜଣାପଡିଥିଲା।

## ୧୨ ବାଇକ୍ ଜବତ, ଯୁବକ ଗିରଫ

ଖୋର୍ଦ୍ଧା,୧୨।୧୦(ପ୍ରଭାତ ପାଣିଗ୍ରାହୀ)

ଦୀର୍ଘଦିନ ଧରି ଖୋର୍ଦ୍ଧା ତଥା ଆଖପାଖ ଅଞ୍ଚଳରେ ବାରମ୍ବାର ବାଇକ୍ ଚୋରିକୁ ନେଇ ଟାଉନ ଥାନା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିଲା। ତେବେ ବାଇକ୍ ଚୋରିରେ ସମ୍ପୃକ୍ତି ନେଇ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା କଣାସ ଥାନା ହଳଦିପଦାର ରୁତୁ ରଞ୍ଜନ ବେହେରା ଓରଫ ରୁବୁ(୩୨)। ତାଙ୍କ ନିକଟରୁ ୧୨ଟିବାଇକ୍ ଜବତ ହୋଇଛି।

## ପାଗଳ କୁକୁର କାମୁଡ଼ାରେ ନାବାଳକ ମୃତ

କେନ୍ଦୁଝର,୧୨।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କାଞ୍ଜିପାଣି ଥାନା ଅଧୀନ ଶିଙ୍କୁଲାପଦା ଗ୍ରାମରେ ପାଗଳ କୁକୁର କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଦୁର୍ଯ୍ୟୋଧନ ପ୍ରଧାନଙ୍କ ପୁଅ ବିଶ୍ୱନାଥ ପ୍ରଧାନ(୯)। ବିଶ୍ୱନାଥ ଶିଙ୍କୁଲାପଦା ପ୍ରାଇମେରୀ ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠପଢ଼ିବା ସହିତ ବାପାଙ୍କ ଏକମାତ୍ର ପୁତ୍ରଥିଲେ। ବିଶ୍ୱନାଥଙ୍କୁ ମାସକ ପୂର୍ବେ ଏକ ପାଗଳ କୁକୁର କାମୁଡ଼ିଥିଲା। ତେବେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାର ଲୋକେ ତାଙ୍କୁ ଚେରମୂଳି ଖାଇବାକୁ ଦେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଗତ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଗୁରୁବାରମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

## ବ୍ୟାସନଗର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନିଲମ୍ବନକୁ ବିରୋଧ

ଯାଜପୁରରୋଡ୍,୧୨।୧୦(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ପିଛା ଛାଡୁନାହିଁ ବିବାଦ। ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବୁଧବାର କାର୍ଯ୍ୟରୁ ନିଲମ୍ବନ କରାଯିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତେଣୁ ନିଲମ୍ବନକୁ ବିରୋଧ କରି ଗୁରୁବାର ଶତାଧିକ ଛାତ୍ରୀଛାତ୍ର ମହାବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଅଧ୍ୟକ୍ଷଙ୍କ ନିଲମ୍ବନ ପଛରେ କଲେଜ କର୍ତ୍ତୃପକ୍ଷଙ୍କ କୌଣସି ଭୂମିକା ନାହିଁ ବୋଲି ସାମୟିକ ଭାବେ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଦିଲୀପ ମହାନ୍ତି କହି ପିଲାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ପିଲାମାନେ ମାନି ନ ଥିଲେ। ପରେ ଯାଜପୁରରୋଡ୍ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଓ କଲେଜ କର୍ତ୍ତୃପକ୍ଷ ଆସି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଫାଟକରୁ ତାଲା ଖୋଲିଥିଲେ।



ସୂଚନାଯୋଗ୍ୟ, ସେପ୍ଟେମ୍ବର ୯ରେ କଲେଜ ପରିଚାଳନା କମିଟି ସଭାପତିଙ୍କ ତତ୍ତ୍ୱାବଧାନରେ ଏକ ବୈଠକ କଲେଜରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁଙ୍କ ଉପରେ ପରିଚାଳନା କମିଟି ସଭାପତି ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଶିକ୍ଷା ବିଭାଗକୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଫଳରେ ବୁଧବାର ଉଚ୍ଚ ଶିକ୍ଷା ବିଭାଗ ଅଧ୍ୟକ୍ଷ ସ୍ୱାଇଁଙ୍କ ଉପରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତାଙ୍କୁ ଅଧ୍ୟକ୍ଷ ପଦରୁ ନିଲମ୍ବନ କରିଛି। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦୀର୍ଘଦିନ ହେବ ମହାବିଦ୍ୟାଳୟରେ ଲାଗିରହିଥିବା ବିଭିନ୍ନ ବିବାଦ ପାଇଁ ମହାବିଦ୍ୟାଳୟର ଛବି ମଳିନ ପଡ଼ିବା ସହ ପିଲାମାନଙ୍କ ପାଠ ପଢ଼ାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି। ବାରମ୍ବାର ଅଧ୍ୟକ୍ଷ ପରିବର୍ତ୍ତନ କରାଯାଇଛି। ବିନା କାରଣରେ କେତେକ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଉଛି। ଫଳରେ ଅଭିଭାବକଙ୍କ ମଧ୍ୟରେ ପିଲାଙ୍କ ଶିକ୍ଷା, ସୁରକ୍ଷା ଓ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

# ପୁଅ ହେଲା ପରଃ ଘର ଛାଡ଼ି ମା'ବାପା ଅନ୍ୟତ୍ର କଲେ ବିବାହ

- ରଙ୍ଗ୍ ଫୋନ ନମ୍ବର ଉଜାଡ଼ିଦେଲା ସଂସାର
- ମା'ବାପାଙ୍କୁ ପୁଅର ଆକୁଳ ନିବେଦନ ତୁମେ ଫେରିଆସ
- ଭିକ୍ଷା ମାଗି ବଡ଼ ମା' ପୁତୁରା ମୁହଁରେ ଦେଉଛି ଆହାର

ମହାକାଳପଡ଼ା, ୧୨।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ପ୍ରେମ ବୁଝେନା ବୟସ, ଜାତି କି ଗୋତ୍ର। ରଙ୍ଗ୍ ଫୋନ ନମ୍ବରରୁ ପ୍ରେମ ଉଜାଡ଼ି ଦେଲା ସୁଖର ସଂସାର। ଉଭୟ ସ୍ତ୍ରୀ ସ୍ୱାମୀ ନିଜ ଜନ୍ମ କଲା ପୁତ୍ର ସ୍ନେହ ଛାଡ଼ି ପ୍ରେମରେ ହେଲେ ବାଇଆ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପେଟଛେଲା ପଞ୍ଚାୟତର ଶବରପଡ଼ା ଗାଁରେ। ଗାଁର ମଣିଆ ଭକ୍ତା (୩୮) ବାଲେଶ୍ୱର ଅଞ୍ଚଳର ଲକ୍ଷ୍ମୀ ଭକ୍ତା (୨୮)ଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପର୍ଯ୍ୟନ୍ତ ପରିବାର ମଧ୍ୟରେ ଖୁବ୍ ଖୁସିରେ ଚଳୁଥିଲେ। ସେମାନଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ ହୋଇଥିଲା। ପୁତ୍ର ସନ୍ତାନ ଜନ୍ମ ଲାଭ ପରେ ବୈବାହିକ ଜୀବନରେ ସୃଷ୍ଟି ହେଲା ଝଡ଼। ଏହି ସମୟରେ ଏକ ଅଜଣା ରଙ୍ଗ୍ ନମ୍ବରରୁ ଫୋନ କଲ୍ ସୃଷ୍ଟି କଲା ପରିବାର ମଧ୍ୟରେ ଫାଟ। ସ୍ୱାମୀ ମଣିଆ ଘରେ ଅନୁପସ୍ଥିତ ଥିବା ବେଳେ ଲକ୍ଷ୍ମୀ ଏହି ରଙ୍ଗ୍ ନମ୍ବରରୁ ଯୁବକଙ୍କ ସହ ପ୍ରେମାଳାପରୁ ଧୀରେ ଧୀରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହେଲା। ଏହି ଘଟଣା ସ୍ୱାମୀ ଜାଣିବା ପରେ ଉଭୟ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ମାନମନାନ୍ତର ସୃଷ୍ଟି ହେଲା। ସ୍ୱାମୀ ସ୍ତ୍ରୀଙ୍କୁ ସନ୍ଦେହ କରିବାରୁ ପରିବାରରେ ଅଶାନ୍ତି ଲାଗି ରହିଲା। ଶେଷରେ



ଶବରପଲ୍ଲୀରେ ମା' ବାପା ଅନ୍ୟତ୍ର ବିବାହ କଲାପରେ ବେସାହାରା ପୁଅ।

ନିଜର ଜନ୍ମ କଲା ୮ବର୍ଷର ପୁଅକୁ ଛାଡ଼ି ମା' ଲକ୍ଷ୍ମୀ ବାରିପଦା ଅଞ୍ଚଳର ଜଣେ ଯୁବକଙ୍କ ସହ ଫେରାର ହୋଇଗଲେ। ଅନ୍ୟପକ୍ଷରେ ମଣିଆ କିଛିବର୍ଷ ପରେ ନିଜ ପୁଅ ମୋହ ଛାଡ଼ି ସେ ମଧ୍ୟ ବାଲେଶ୍ୱର ଅଞ୍ଚଳର ଜଣେ ଯୁବତୀଙ୍କୁ ସାଙ୍ଗରେ ଧରି ପଳାଇ ଗଲେ। ଏପଟେ ୮ବର୍ଷର ପୁଅ ମା'ବାପା ସ୍ନେହ ଆଦରରୁ ବଞ୍ଚିତ ହେଲା। ମା' ବାପା ଅନ୍ୟତ୍ର ବିବାହ କରିବା ପରେ ମଣିଆ ଭକ୍ତାଙ୍କ ଭାଉଜ କାଞ୍ଚନ ଭକ୍ତା (୬୫) ଭିନ୍ନକ୍ଷମ ହୋଇ ମଧ୍ୟ ଭିକ ମାଗି ପୁତୁରା ମୁହଁରେ ଆହର ଦେଉଛନ୍ତି। ଅଭାବୀ ଜନଜାତି ପରିବାରର କାଞ୍ଚନ ପରିଣତ ବୟସରେ ଆଉ କେତେଦିନ ପୁତୁରା ମୁହଁରେ ଆହାର ଦେବେ ସେହି ଚିନ୍ତା ଏବେ ତାଙ୍କୁ ଘାରିଛି। ପୁତୁରା ମୁହଁକୁ ଚାହିଁ ସବୁ ଦୁଃଖ କଷ୍ଟ ଭୁଲିଯାଏ ବୋଲି କହିଛନ୍ତି ବଡ଼ ମା' କାଞ୍ଚନ । ଅନ୍ୟ ପକ୍ଷରେ ମା'ର ପୁରୁଣା ଫଟୋକୁ ଦେଖି ଗୁମୁରି ଗୁମୁରି କାନ୍ଦି ଆଖିରୁ ଲୁହ ନିଗାଡୁଛି ପୁଅ । ମା'କୁ ନେହୁରା ହୋଇ କହୁଛି ମା' ତୁ ଫେରି ଆ। ବଡ଼ ମା' କାଞ୍ଚନ କହିବା କଥା ପୁତୁରାକୁ ସରକାରୀ ଆବାସିକ ବିଦ୍ୟାଳୟରେ ତା'ର ପାଠ ପଢା ସହ ଖାଇବା ପିଇବା ବନ୍ଦୋବସ୍ତ କରି ଦିଆ ଗଲେ ସେ ନିଶ୍ଚିନ୍ତ ହୁଅନ୍ତେ । ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ପବିତ୍ର କୁମାର ବେହେରାଙ୍କ କହିବା କଥା ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ବେସାହାରା ବାଳକଙ୍କୁ ଥଇଥାନ କରିବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ମତାମତ ଦେଇନାହାନ୍ତି।

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

QUOTATION CALL NOTICE FOR SUPPLY & INSTALLATION OF PVC WATER TANK FOR MESS AREA OF GIRLS HOSTEL FOR NLUO CUTTACK

Sealed quotations in prescribed format are invited for Supply & Installation of PVC water tank for mess area of girls' hostel for NLUO Cuttack. Last date & time of receipt is 19.10.2023 at 11.00 AM. For details please visit website: www.nluo.ac.in. Sd/- Registrar

NATIONAL LAW UNIVERSITY ODISHA, CUTTACK
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha
[Accredited with 'A' Grade by NAAC]

QUOTATION CALL NOTICE FOR SUPPLY OF BOOK SHELVES & CHAIRS AT NLUO CUTTACK

Sealed quotations in prescribed format are invited for Supply of Bookshelves & Chairs at NLUO Cuttack. Last date & time of receipt is 26.10.2023 at 11.30 AM.
For details please visit website : www.nluo.ac.in. Sd/- Registrar

EXPRESSION OF INTEREST
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)
No.463/SIHM/2023-24/TENDER Date: 12.10.2023
E-tender invited by SIHM, Balangir from individuals/companies/ firms registered in India for supply / Outsourcing of Manpower at SIHM, Balangir for the academic session 2023-24.
Interested parties may kindly visit the below mentioned website for further details:
www.tenderwizard.com/SIHM or www.sihmbalangir.org
Sd/- Principal

ଦ.ପୂ. ରେଳପଥ - ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ସାଉଥ୍-୨୩-୨୪-୩୪, ତାରିଖ: ୧୦।୧୦।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନ୍‌ଜିଜି), ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: (I) ଡିଭିଜନାଲ ଇଞ୍ଜିନିୟର (ଦକ୍ଷିଣ)/ଚକ୍ରଧରପୁରଙ୍କ ଅଧୀନରେ ଚାଇବାସା, ଡାଙ୍ଗୋଆପୋଷି, ବଡ଼ଜାମଦା ଏବଂ ଜରୋଲି ଷ୍ଟେଶନଠାରେ ହାଇ ଲେଭଲ୍ ପ୍ଲାଟ୍‌ଫର୍ମର ସର୍ଫେସିଂ । (II) ଡିଭିଜନାଲ ଇଞ୍ଜିନିୟର (ଦକ୍ଷିଣ)/ଚକ୍ରଧରପୁରଙ୍କ ଅଧୀନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଚାଇବାସା, ବଡ଼ବିଲ, ବଡ଼ଜାମଦା, ଡାଙ୍ଗୋଆପୋଷି ଏବଂ ଜରୋଲି ଷ୍ଟେଶନଠାରେ ଦିବ୍ୟାଙ୍ଗଜନଙ୍କ ପାଇଁ ନ୍ୟୂନତମ ଅତ୍ୟାବଶ୍ୟକ ସୁବିଧାସୁଯୋଗର ବ୍ୟବସ୍ଥା କରିବା (ଟେଲିକମ୍ ଲିଫ୍ଟ ଓ କୁଇକ୍ ୱାଟରିଂ ସିଷ୍ଟମକୁ ଛାଡ଼ି) (ଫେଜ୍-III) । ଟେଣ୍ଡର ମୂଲ୍ୟ: ₹୧୦,୩୦,୫୦,୫୧୦.୫୨ । ଇଏମ୍‌ଡି: ₹୬,୬୫,୩୦୦/- । ଖୋଲାଯିବା ତାରିଖ: ୩୧।୧୦।୨୦୨୩ । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେମାନେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-695)

ପୂର୍ବ ତଟ ରେଳ ପଥ
e-Tender Notice No.: 42/ET/SBP/ENGG/2023-24, ତା.06.10.2023
e-Tender No.: 22-eT-DENW-SBP-23
କାର୍ଯ୍ୟର ନାମ: ରେଳପଥ ବୈଶିଷ୍ଟ୍ୟ ଅନୁସାରେ, କୋମାଖାନ ଡିପୋଠାରେ ବାହାର ପାର୍ଶ୍ୱ ରେଳପଥ ଜମି/କ୍ୱାରୀ ଠାରୁ, ମେସିନ୍ ଦ୍ୱାରା ଭଙ୍ଗା ଯାଇଥିବା 80,000 CUM. ଟ୍ରାକ୍ ବାଲାଷ୍ଟର ଯୋଗାଣ ଓ ଷ୍ଟାକିଙ୍ଗ୍ କାର୍ଯ୍ୟ ଏବଂ ସମ୍ବଲପୁର ମଣ୍ଡଳର ADEN/ମହାସମୁନ୍ଦ କ୍ଷେତ୍ରାଧିକାର ଅଧିନସ୍ଥ ରେଳପଥର ୱାଗନ୍‌ଗୁଡିକରେ ଲୋଡିଙ୍ଗ୍ କାର୍ଯ୍ୟ (ସମାପ୍ତି ଅବଧି: ମୌସୁମୀ ସମୟକୁ ବାଦ୍ ଦେଇ ୧୨ ମାସ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹ 11,23,87,200/-
Bid Security : ₹7,12,000/-
କାର୍ଯ୍ୟ ସମାପ୍ତିର ଅବଧି : 12(ବାର) ମାସ (ମୌସୁମୀ ସମୟକୁ ବାଦ୍ ଦେଇ)
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ : ତା.13.11.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକବିଭାଗ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିଓ ଏଗୁଡ଼ିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ୧୫ (ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। http://www.ireps.gov.in
ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଂ) ସମ୍ବଲପୁର
PR-653/O/23-24

Pharmaceuticals & Medical Devices Bureau of India (PMBI)
(Under Department of Pharmaceuticals, Govt. of India)
E-1, 8th Floor, Videocon Tower, Jhandewalan Extn., New Delhi-110055
Tel.: 011- 49431800

RECRUITMENT IN PMBI
Advt. No. PMBI/06/2023

Pharmaceuticals & Medical Devices Bureau of India (PMBI) is the implementing agency for Pradhan Mantri Bhartiya Janaushadhi Pariyojana of Department of Pharmaceuticals, Ministry of Chemicals & Fertilizers, Government of India. The objective of the scheme is to make available quality generic medicines at affordable prices to all. PMBI is expanding it's operations and has urgent requirement in various departments. Walk-in-Interviews for such positions shall be held as follows:

| S. No. | Name of Posts | No. of Vacancy | Department | Walk-in-Interviews (Date, Day and Time) | Venue of Walk-in-Interviews |
|---|---|---|---|---|---|
| 1. | Assistant Manager | 02 | Procurement | 19.10.2023 (Thursday) (09:30 AM to 02:00 PM) | Pharmaceuticals & Medical Devices Bureau of India (PMBI), E-1, 8th Floor, Videocon Tower, Jhandewalan Extn., New Delhi – 110055 |
| 2. | Senior Executive | 02 | | | |
| 3. | Executive | 01 | Media & PR | 19.10.2023 (Thursday) (02:00 PM to 05:00 PM) | |
| 4. | Executive | 02 | Finance & Accounts | 20.10.2023 (Friday) 09:30 AM to 02:00 PM) | |
| 5. | Assistant Manager | 03 | IT & MIS | 20.10.2023 (Friday) (02:00 PM to 05:00 PM) | |

Eligible candidates may appear for Walk-in-Interviews on the above-mentioned dates on the given venue. For the application form, salary structure and detailed terms & conditions visit at our website: janaushadhi.gov.in.
CEO, PMBI

TP SOUTHERN ODISHA DISTRIBUTION LIMITED TPSODL
(Procurement Department)
BPR North Star Building, 2nd Floor, Khodasingi, Berhampur, Odisha-760010
NOTICE INVITING TENDER Dt.: 13.10.2023
TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Supply of 11kV CROSS ARM HT V SHAPE | TPSODL/OT/2023-24/058 | 50,000 | 5,000 | 25.10.2023; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

TP SOUTHERN ODISHA DISTRIBUTION LIMITED TPSODL
(Procurement Department)
BPR North Star Building, 2nd Floor, Khodasingi, Berhampur, Odisha-760010
NOTICE INVITING TENDER
NIT No.: TPCODL/P&S/NIT/23-24/19
Bids are invited from eligible Bidders for the following tenders of Odisha DISCOMs, namely TPCODL/TPNODL/TPWODL/TPSODL (JV of Tata Power & Odisha Govt.):

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL / CCG / 23-24 / 042 | Rate Contract for the supply of 33 KV & 11 KV Fault Passage Indicator & DCU. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website https://www.tpcentralodisha.com. All tenders will be available on TPCODL website w.e.f. from Dtd. 13.10.2023. Future communication / corrigendum to tender documents, if any, shall be available on TPCODL website.

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ସୋନାଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ମଧ୍ୟପ୍ରଦେଶରେ ଭାଜପା ପ୍ରାର୍ଥୀ ତାଲିକା

# ଟିକେଟ ହରାଇପାରନ୍ତି ୩୦ ବିଧାୟକ

**ଭୋପାଳ,୧୨।୧୦**

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଶାସକ ଦଳ ଭାଜପା ୪ ପର୍ଯ୍ୟାୟରେ ୧୩୬ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ତେବେ ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଦଳରେ ବିସ୍ଫୋରକ ହୋଇପାରେ ବୋଲି ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା କହିଛନ୍ତି। ଅବଶିଷ୍ଟ ୯୪ ଆସନ ନିମନ୍ତେ ପ୍ରାର୍ଥୀ ଚୂଡ଼ାନ୍ତ କରିବା ପାଇଁ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ରବିବାର ବସିବାକୁ ଯାଉଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରମୁଖ ଯୋଗଦେବେ। ଭଲ ପ୍ରଦର୍ଶନ କରି ନ ଥିବା କେତେଜଣ ବିଧାୟକ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିପାରନ୍ତି ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଅବଶିଷ୍ଟ ୯୪ ଆସନ ମଧ୍ୟରୁ ୬୭ଟିରେ ଭାଜପା ବିଧାୟକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୫ରୁ ୩୦ ବିଧାୟକଙ୍କୁ ସିଇସି ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇ ନ ପାରେ। କାରଣ ସେମାନଙ୍କ କାର୍ଯ୍ୟରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ଜନସାଧାରଣ ସନ୍ତୁଷ୍ଟ ନ ଥିବା ଜଣାପଡ଼ିଛି। ୬୭ ବିଧାୟକଙ୍କ ମଧ୍ୟରୁ ପାଖାପାଖି ୫୦ ପ୍ରତିଶତ ସେମାନଙ୍କ ଆସନରୁ ଜିତିବା ସମ୍ଭାବନା ନ ଥିବା ଦଳ ଅନୁଭବ କରୁଥିବାରୁ ସେଠାରେ ନୂଆ ମୁହଁଙ୍କୁ ଟିକେଟ ଦେଇପାରେ ବୋଲି ଜଣେ ବରିଷ୍ଠ ଭାଜପା ନେତା କହିଛନ୍ତି।

# ଦିଲ୍ଲୀ ଗସ୍ତ ବେଳେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗ ଉଠାଉ ଭାଜପା: ବିଜେଡି

**ଭୁବନେଶ୍ୱର,୧୨।୧୦(ଅନିଲ ଦାସ)**


ସସ୍ମିତ ପାତ୍ର

ଭାଜପା ନେତା ଜୟନାରାୟଣ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ସେ ଏବଂ ଓଡ଼ିଶାର ସମସ୍ତ ଭାଜପା ବିଧାୟକ ଖୁବ୍‌ଶୀଘ୍ର ଦିଲ୍ଲୀ ଯିବେ। ଆମେ ଆଶା କରୁଛୁ ସେମାନେ ଏଥର ଦିଲ୍ଲୀ ଗସ୍ତ କାଳରେ ରାଜନୀତି ନ କରି ସେଠାରେ ଓଡ଼ିଶାର ଲୋକମାନଙ୍କ ପ୍ରସଙ୍ଗ ଉଠାଇବେ ବୋଲି ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ ଲୋକଙ୍କର ଏହିସବୁ ସମସ୍ୟା ମଧ୍ୟରେ ରହିଛି ସମ୍ବଲପୁରରୁ କଟକ ପର୍ଯ୍ୟନ୍ତ ଲମ୍ବିଥିବା ଜାତୀୟ ରାଜପଥର ଦୁରବସ୍ଥା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ ଟଙ୍କା କରିବାକୁ ଓଡ଼ିଶା ବିଧାନସଭାରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା। ସେହିପରି ଓଡ଼ିଶାର କୃଷକମାନଙ୍କୁ ଫସଲ ବୀମା ଟଙ୍କା ଏବଂ ଆବଶ୍ୟକ ସାର ଯୋଗାଇବା । ସର୍ବନିମ୍ନ ସହାୟକ ମୂଲ୍ୟକୁ ଉତ୍ପାଦନ ଖର୍ଚ୍ଚର ୧.୫ ଗୁଣ ଧାର୍ଯ୍ୟ କରିବା ଏବଂ ସ୍ୱାମୀନାଥନ କମିଟି ରିପୋର୍ଟ ସୁପାରିସକୁ କାର୍ଯ୍ୟକାରୀ କରିବା । ସେହିଭଳି ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ଦୁର୍ବଳ ଟେଲି-ସାନ୍ଦ୍ରତା ଏବଂ ବ୍ୟାଙ୍କିଙ୍ଗ୍ ସେବାର ଅଭାବ ପ୍ରସଙ୍ଗ ସହିତ ଓଡ଼ିଶା ପାଇଁ ଅଟକା ଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ୭ ଲକ୍ଷ ଘର ଯୋଗାଇବା, କେନ୍ଦୁପତ୍ର ଉପରେ ୧୮% ଜିଏସ୍‌ଟିକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବା । ପଶ୍ଚିମ ଓଡ଼ିଶାର ଅଧିକାଂଶ ଭାଜପା ବିଧାୟକ ୨୦୧୯ରେ ସେହି କେନ୍ଦୁପତ୍ର କର୍ମଚାରୀଙ୍କ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ଏଥର ଭାଜପା ନେତାମାନେ ଲୋକଙ୍କ ଏହିସବୁ ସମସ୍ୟା ଉଠାଇବେ ବୋଲି ସସ୍ମିତ କହିଛନ୍ତି।

# ରାଜ୍ୟ କଂଗ୍ରେସର ଓବିସି ବିଭାଗ ଅଧ୍ୟକ୍ଷ ହେଲେ ବିଜୟାନନ୍ଦ ଚାଉଳିଆ

**ଭୁବନେଶ୍ୱର, ୧୨।୧୦(ସୁନିତ୍ ମିଶ୍ର)**

ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଓବିସି ବିଭାଗ ଅଧ୍ୟକ୍ଷ ଭାବେ ବିଜୟାନନ୍ଦ ଚାଉଳିଆଙ୍କୁ ନିଯୁକ୍ତ କରାଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଭାପତି ମଲିକାର୍ଜୁନ ଖାଡ୍‌ଗେ ଏହି ନିଯୁକ୍ତି ଦେଇଛନ୍ତି। ଏନେଇ ଏଆଇସିସି ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଆଇସିସି ସାଧାରଣ ସମ୍ପାଦକକେ. ସି ଭେଣୁଗୋପାଳଙ୍କ ଦସ୍ତଖତରେ ଉକ୍ତ ଚିଠି ପ୍ରକାଶ ପାଇଛି।

# ମୁଖ୍ୟମନ୍ତ୍ରୀ ପୁରୀରୁ ନିର୍ବାଚନ ଲଢ଼ିବା ନେଇ ଚର୍ଚ୍ଚା

### ମୋଦି ଏମ୍‌ପି ପ୍ରାର୍ଥୀ ହୋଇପାରନ୍ତି


ନବୀନ ପଟ୍ଟନାୟକ


ନରେନ୍ଦ୍ର ମୋଦି

**ପୁରୀ, ୧୨।୧୦(ଅଜିତ୍ ମହାନ୍ତି)**

ଶ୍ରୀକ୍ଷେତ୍ରର ବିକାଶ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ମୁଖ୍ୟମନ୍ତ୍ରୀ ସର୍ବଦା ଫୋକସ୍‌ରେ ପୁରୀକୁ ରଖିବା ସହ ଶ୍ରୀମନ୍ଦିର ସମେତ ଏଠାକାର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେ ଏଠାରୁ ବିଧାୟକ ଭାବେ ନିର୍ବାଚିତ ହେଲେ ଆହୁରି ବିକାଶ ହେବ। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ପୁରୀରୁ ନିର୍ବାଚନ ଲଢିବାକୁ ପ୍ରସ୍ତାବ ଦିଆଯିବ ବୋଲି ଶ୍ରୀମନ୍ଦିର ଦଇତାପତି ନିଯୋଗର ସମ୍ପାଦକ ତଥା ବିଜେଡି ନେତା ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି। ରାମକୃଷ୍ଣଙ୍କ ଏଭଳି ମନ୍ତବ୍ୟ ପରେ ମୁଖ୍ୟମନ୍ତ୍ରୀ ପୁରୀରୁ ନିର୍ବାଚନ ଲଢିବା ନେଇ ଚର୍ଚ୍ଚା ଜୋରଦାର ହୋଇଛି।

ଶାଳୀନତାପୂର୍ଣ୍ଣ ପୋଷାକ ପରିଧାନ କରି ଭକ୍ତମାନେ ଶ୍ରୀମନ୍ଦିରକୁ ଆସିବା ନେଇ ମତ ରଖିବା ଅବସରରେ ରାମକୃଷ୍ଣ ଉପରୋକ୍ତ ପ୍ରସଙ୍ଗରେ ସୂଚନା ଦେଇଥିଲେ। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ପୁରୀର ବିକାଶ ଦିଗରେ ପଦକ୍ଷେପ ନେବା ସହ କାର୍ଯ୍ୟ କରୁଛନ୍ତି। ସମ୍ପ୍ରତି ପରିକ୍ରମା ପ୍ରକଳ୍ପ, ଶ୍ରୀସେତୁ ସମେତ ବିଭିନ୍ନ ପ୍ରକଳ୍ପ ଏବଂ ବିମାନବନ୍ଦର କାର୍ଯ୍ୟ ଚାଲିଛି। ଡିସେମ୍ବର ସୁଦ୍ଧା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଆଗକୁ ଆହୁରି ବିକାଶମୂଳକ କାର୍ଯ୍ୟ ହାତକୁ ନେବେ ବୋଲି ସରକାର କହୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏଠାରୁ ବିଧାନସଭା ଆସନରୁ ପ୍ରାର୍ଥୀ ହୁଅନ୍ତୁ ବୋଲି ସେବାୟତ ଓ ପୁରୀବାସୀ ଚାହାନ୍ତି। ସେ ପୁରୀ ବିଧାୟକ ହେଲେ ବିକାଶ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହୋଇପାରିବ। ସେ ଏଠାରୁ ପ୍ରାର୍ଥୀ ହେବାରେ କିଛି ଅସୁବିଧା ନାହିଁ। ପୁରୀବାସୀ ତାଙ୍କୁ ସ୍ୱାଗତ କରିବା ସହ ବିପୁଳ ସମର୍ଥନ ଦେବେ ବୋଲି ରାମକୃଷ୍ଣ ପ୍ରକାଶ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ଭାଜପାର ପ୍ରାର୍ଥୀ ହୋଇପାରନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ରାମକୃଷ୍ଣଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ମୋର କିଛି ଅସୁବିଧା ନାହିଁ କି କିଛି ଫରକ ପଡ଼ିବନି। ଲଢେଇ ହେବ, ଶହେ ଶହେରେ ହେବ। ତେବେ ଭୋଟର ଯାହା ଫାଇନାଲ କରିବେ। ପୁରୀବାସୀ ସ୍ୱାଭିମାନୀ, ହାୱାରେ ଉଡ଼ିଯିବେନି। ସେମାନେ ନିଜ ଅଞ୍ଚଳର ପ୍ରାର୍ଥୀଙ୍କୁ ଖୋଜିବେ। ସେହିପରି ପ୍ରଧାନମନ୍ତ୍ରୀ ମୋଦି ଏଠାରୁ ଲୋକ ସଭା ଆସନରୁ ନିର୍ବାଚନ ଲଢିପାରନ୍ତି ବୋଲି ମୁଁ ବି ଶୁଣୁଛି। ତାଙ୍କୁ ପୁରୀବାସୀ ସ୍ୱାଗତ କରିବା ସହ ବିପୁଳ ସମର୍ଥନ ଦେବେ। ତେଣୁ ଲଢେଇ ଜୋରଦାର ହେବ ବୋଲି ଜୟନ୍ତ ପ୍ରକାଶ କରିଛନ୍ତି। ଉଭୟ ନବୀନ ଓ ମୋଦି ପୁରୀରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଏବେ ଓଡ଼ିଶା ରାଜନୈତିକ ପାଣିପାଗକୁ ଧୀରେ ଧୀରେ ଉଷ୍ମ କରିବାରେ ଲାଗିଛି। ତେବେ ଏ ସଂକ୍ରାନ୍ତରେ ବିଜେଡି କିମ୍ବା ଭାଜପା ପକ୍ଷରୁ ବିଧିବଦ୍ଧ ପ୍ରତିକ୍ରିୟା ମିଳିପାରିନାହିଁ।

# ‘ଦେଶର ଏକତାକୁ ପ୍ରମାଣିତ କରିବ ମାଟି ସଂଗ୍ରହ କାର୍ଯ୍ୟକ୍ରମ’

**ଚାନ୍ଦବାଲି,୧୨।୧୦(କିଶାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ପାଞ୍ଚପଡ଼ାର ୪, ୮ ଓ ୯ ନମ୍ବର ୱାର୍ଡ଼ରେ ଗୁରୁବାର ଭାଜପା ପକ୍ଷରୁ ‘ମୋ ଦେଶ ମୋ ମାଟି’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ମନ୍ଦିର ପରିସରରୁ ଯୁବନେତା ନୀଳମଣି ପଣ୍ଡାଙ୍କ ନେତୃତ୍ୱରେ ମାଟି ସଂଗ୍ରହ ଆରମ୍ଭ କରାଯାଇଥିଲା। ରାଜ୍ୟ ସଭାପତି ମନମୋହନ ସାମଲ ଓ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଘରକୁ ଘର ଯାଇ ମାଟି ସଂଗ୍ରହ କରିଥିଲେ। ଦେଶର ଅଖଣ୍ଡତା ପାଇଁ ଯେଉଁ ଯବାନମାନେ ଲଢ଼ିଛନ୍ତି, ସେମାନଙ୍କ ସ୍ମୃତି ରକ୍ଷା ପାଇଁ ମୋଦିଜୀଙ୍କ ଆହ୍ୱାନ କ୍ରମେ ଆଜି ମାଟି ସଂଗ୍ରହ କରାଯାଉଛି। ପୂର୍ବରୁ ବିଭିନ୍ନ ଜିଲା ତଥା ଭଦ୍ରକର ଇରମ ସହ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭୀମ ଭୋଇ, ଗୋପବନ୍ଧୁ ଦାସ, ମଧୁସୂଦନ ରାଓ ପ୍ରମୁଖଙ୍କ ପୁଣ୍ୟତମ ଜନ୍ମପୀଠରୁ ମଧ୍ୟ କଳସରେ ମାଟି ସଂଗ୍ରହ କରାଯାଇଛି। ଏହି ମାଟି ଦିଲ୍ଲୀ ଯିବ, ସେଠାରେ ଶହୀଦଙ୍କ ପାଇଁ ଏକ ବଡ଼ ସ୍ମାରକୀ ହେବ ବୋଲି ମନମୋହନ କହିଛନ୍ତି। ପ୍ରତି ଘରୁ ମାଟି ସଂଗ୍ରହ କାର୍ଯ୍ୟକ୍ରମ ଆଗାମୀ ଦିନର ଦେଶର ଏକତାକୁ ପ୍ରମାଣିତ କରିବ ବୋଲି ଉପସଭାପତି ପୂର୍ଣ୍ଣଚନ୍ଦ୍ର କହିଥିଲେ। କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, କାହ୍ନୁଚରଣ ବେହେରା, ମୀନକେତନ ବିଶ୍ୱାଳ, ଦେବେନ୍ଦୁ ମହାପାତ୍ର, ଚନ୍ଦନ ରାଉତ, ବିଜୟ ବେହେରା, ସ୍ମୃତିରଞ୍ଜନ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି, କମଳାକାନ୍ତ ସୂତାର, ଅଭୟ ସାମଲ, ସୌମ୍ୟରଞ୍ଜନ ମହାନ୍ତିଙ୍କ ସହ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ।

**୧୩ତମ ଜନ୍ମଦିନ ଶୁଭେଚ୍ଛା**


ଲକ୍ଷ୍ମୀପ୍ରିୟା ଧଳ(ସୋନାଲି)
ଭଣ୍ଡାରିପୋଖରୀ, ଭଦ୍ରକ
୧୩ତମ ଜନ୍ମଦିନ ଅବସରରେ ଶୁଭେଚ୍ଛା ଓ ଶୁଭ କାମନା । ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ଅଜା, ଆଇ, ବାପା, ବୋଉ, ନାଣ୍ଣୁ (ମାମୁ), ଟିକିନା ମାଉସୀ ।
ଧ-୧୫୫୩

**MARUTI GROUP OF INSTITUTION**
BARGARH, ODISHA
MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)
MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY
: TECHNICIAN (DMLT) - 2 Yrs.
Consultancy required contact:
7605930501, 9438066954
Eligibility for Admission for all +2 Science Pass

**Classified Everyday**
0674-2580101, 2549949

**CLASSIFIED DISPLAY**
MORE SPACE ' SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1500.00 | 2000.00 | 6000.00 | 12000.00 | 12000.00 | 25000.00 | 20000.00 | 40000.00 |

TARIFF — GST 5%


AUTOMOBILE
**SALE**

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235


REAL ESTATE
**SALE**

ଘରବାରି ବାସୋପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲଓ୍ୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। **9439924161.** D-75236

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

Duplex sale at Bhubaneswar @ 57 lakhs only. Contact: 9777433701. D-75232

New house 2 Stories on 5000Sqft. Land with shops for urgent sale Mainroad, Bhagwanpur, Dhenkanal@1.5cr, OSHB MIG house at Mahisapat @42lakhs. 9337416139. D-1549

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **9337166296, 9853474706.** D-75233

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

Commercial 2000sqft. @ 1400 at Mancheswar (Owner). Contact: 7008711445, 6372801963. D-1532

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

Khurda-Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421


Healthcare

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75051

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Spa Kerala body Massage only best Therapist @699/- Bhubaneswar. 9337672475. D-1535

**Body massage by experience, good looking therapist @999/-. (Bhubaneswar) 9078484455.** D-1533

Newly open health benefits Spa special offer @ 999. Contact: 7749034655. D-75157

**Full Body massage, expert Therapist positively health benefits. 8917243035 / 7205044659.** D-75156


business

**Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819.** D-75154

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

IN THE COURT OF THE ADDL. SENIOR CIVIL JUDGE, TALCHER
MAT NO.-170/2021

ପ୍ରବୀଣ କୁମାର ପ୍ରଧାନ, ବୟସ ୩୩ବର୍ଷ, ପି: ପ୍ରକାଶ ଚନ୍ଦ୍ର ପ୍ରଧାନ, ସା: ହନୁମାନପୁର, ଥାନା: କଣିହାଁ, ଜିଲ୍ଲା: ଅନୁଗୋଳ (ଓଡ଼ିଶା) ....ଦରଖାସ୍ତକାରୀ

ବନାମ

ମମତା ସାହୁ, ବୟସ ୨୭ବର୍ଷ, ସ୍ୱା: ପ୍ରବୀଣ କୁମାର ପ୍ରଧାନ, ସା: ହନୁମାନପୁର, ଥାନା: କଣିହାଁ, ଜିଲ୍ଲା: ଅନୁଗୋଳ (ଓଡ଼ିଶା) ସା: କମ୍ପରକେଲା, ପୋ.ଅ: ଶିଗଡ଼, ଥାନା: ପାଲଲହଡ଼ା, ଜିଲ୍ଲା: ଅନୁଗୋଳ ....ଅପରପକ୍ଷ

ଅତ୍ର ବିଜ୍ଞାପନ ପ୍ରଚାର ଦ୍ୱାରା ପ୍ରବୀଣ କୁମାର ପ୍ରଧାନ ଦରଖାସ୍ତକାରୀ ଉକ୍ତ ଅଦାଲତରେ ତାଙ୍କ ସ୍ତ୍ରୀ ଯଥା ଉପରୋକ୍ତ ଅପରପକ୍ଷ ମମତା ସାହୁ, ପିତା: ସୁଶୀଳ କୁମାର ସାହୁ, ସା: କମ୍ପରକେଲା, ଥାନା: ପାଲଲହଡ଼ା, ଜିଲ୍ଲା: ଅନୁଗୋଳଙ୍କ ନାମରେ ଉପରୋକ୍ତ ମକଦ୍ଦମା ଛାଡ଼ପତ୍ର ନିମନ୍ତେ ଆବେଦନ କରିଛନ୍ତି। ଉକ୍ତ ମକଦ୍ଦମାର ଅପରପକ୍ଷଙ୍କ ହାଜର ନିମନ୍ତେ ଆସନ୍ତା ତା ୨୨।୧୧।୨୩ ପୂର୍ବାହ୍ନ ୧୦.୩୦ ମି. ଧାର୍ଯ୍ୟ କରାଯାଇଅଛି। ଯଦି ଉପରୋକ୍ତ ଅପରପକ୍ଷ ମମତା ସାହୁ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଦ୍ୱାରା ହାଜର ହୋଇ ଆପଣ ଆପଣାର ଜବାବ ତଲବ ଜଣାଇବା ନିମନ୍ତେ ପଦକ୍ଷେପ ନେବେ ନାହିଁ ବା ଆବେଦନକାରୀଙ୍କର ପ୍ରାର୍ଥନା ବିରୁଦ୍ଧରେ ଆପତ୍ତି କରିବାକୁ ଇଚ୍ଛା ପ୍ରକାଶ କରିବେ ନାହିଁ ତେବେ ଉପରୋକ୍ତ ନିରୋପିତ ଦିବସରେ ଆଇନ ଅନୁଯାୟୀ ଅପରପକ୍ଷଙ୍କ ଅନୁପସ୍ଥିତିରେ ବିଚାର କରାଯିବ।

ଅଦ୍ୟ ତା୦୯।୧୦।୨୩ ଆମ୍ଭ ସ୍ୱାକ୍ଷର ଓ ଅଦାଲତଙ୍କ ମୋହର ଯୁକ୍ତେ ଦିଆଗଲା।
ସ୍ଥାନ: ତାଳଚେର
ସ୍ୱା./- ଅତିରିକ୍ତ ସିଭିଲ୍ ଜଜ୍, ବରିଷ୍ଠ ବିଭାଗ, ତାଳଚେର
ଧ- ୧୫୪୭

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ
ପ୍ଲଟ ନଂ.- ୧୨୦, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪
ଆପଣଙ୍କ ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଶୃଙ୍ଖଳିତ ଜୀବନ ଦର୍ଶନ ଆମ ଜୀବନର ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:
ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ, ବଡ଼ପୁଅ- ଉରମ, ସାନପୁଅ- ଉଜ୍ୱଳ, ସାନବୋହୂ- ଶ୍ରଦ୍ଧା, ନାତି- ଅର୍ଚ୍ଚିତ, ନାତୁଣୀ- ଆଦିଶ୍ରୀ, ପିହୂ ।
ଧ-୧୫୫୦

**ଦ୍ୱାଦଶାହ ଉପଲକ୍ଷେ**

ସ୍ୱର୍ଗତ କୁମାର ଚନ୍ଦ୍ର ବଳ
ଉପସଭାପତି ଜିଲ୍ଲା କଂଗ୍ରେସ କମିଟି କେନ୍ଦ୍ରାପଡା । ଜଣେ ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠ ଓ ତ୍ୟାଗପୂତ ମନୋଭାବ ନେଇ କଂଗ୍ରେସ ଦଳକୁ ଡେରାବିଶ ବ୍ଲକ ଓ କେନ୍ଦ୍ରାପଡା ଜିଲ୍ଲାରେ ସୁଦୃଢ଼ କରିବା ପାଇଁ ଦକ୍ଷ ସଂଗଠକ ଭାବେ ଆପଣ ପରିଚିତ ଥିଲେ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।
ଜୟନ୍ତ ମହାନ୍ତି ପୂର୍ବତନ ଅଧ୍ୟକ୍ଷ, ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ, ଓଡ଼ିଶା ଓ ବରିଷ୍ଠ କଂଗ୍ରେସ ନେତା ।
ଧ-୧୫୩୭

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**

ସ୍ୱର୍ଗତ ଇଂ.ଫକୀର ମୋହନ ସାହୁ
ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ପୁତ୍ର: ସିନୁ (ଶ୍ରୀନିବାସ ସାହୁ)
ଧ-୧୫୪୮





ସଚିନ ତେନ୍ଦୁଲକର

ଭାରତରେ ଖେଳା ଯାଉଛି ଦିନିକିଆ କ୍ରିକେଟ ବିଶ୍ୱକପ। ବିଶ୍ୱ କ୍ରିକେଟରେ ଭାରତ-ପାକିସ୍ତାନ ମ୍ୟାଚର ମଜା ନିଆରା। ସମଗ୍ର ବିଶ୍ୱର ନଜର ଏହି ଦୁଇ ଦେଶର ମ୍ୟାଚ୍ ଉପରେ ରହିଥାଏ। ରାଜନୈତିକ ଓ ସୀମା ବିବାଦ କାରଣରୁ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଖେଳା ଯାଉ ନ ଥିବା ବେଳେ ଆଇସିସି ଟୁର୍ନାମେଣ୍ଟ ଗୁଡିକରେ ମୁକାବିଲା ଉପରେ କ୍ରୀଡାପ୍ରେମୀଙ୍କ ନଜର ରହିଥାଏ। ଏହି କ୍ରୀଡା ମହାକୁମ୍ଭର ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ବିଶ୍ୱର ସର୍ବବୃହତ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦିନିକିଆ ବିଶ୍ୱକପରେ ଉଭୟ ଦଳ ମଧ୍ୟରେ ୭ଟି ମ୍ୟାଚ୍ ଖେଳା ଯାଇଥିବା ବେଳେ ସବୁଥିରେ ଭାରତ ବିଜୟୀ ହୋଇଛି। ୧୯୯୨ ପର୍ଯ୍ୟନ୍ତ ଉଭୟ ଦଳ ବିଶ୍ୱକପରେ କେବେବି ପରସ୍ପରର ସମ୍ମୁଖୀନ ହୋଇ ନ ଥିବା ବେଳେ ୧୯୯୨ ପରଠାରୁ ସମସ୍ତ ବିଶ୍ୱକପରେ ପରସ୍ପର ସହ ମ୍ୟାଚ୍ ଖେଳିଛନ୍ତି। କେବଳ ୨୦୦୭ ବିଶ୍ୱକପ ଯେଉଁଥିରେ ଉଭୟ ଦଳ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ ଏଥିରେ ବ୍ୟତିକ୍ରମ ରହିଛି। ଦିନିକିଆ ବିଶ୍ୱକପରେ ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ସମସ୍ତ ମ୍ୟାଚ୍ ଓ ଏହାର ଫଳାଫଳ ଉପରେ ଏକ ଆଲେଖ୍ୟ....



ପାକିସ୍ତାନ ବିପକ୍ଷ ଶତକୀୟ ଇନିଂସ୍ ଅବସରରେ ଶଟ୍ ଖେଳୁଛନ୍ତି ବିରାଟ କୋହଲି।

# ଭାରତ ୭, ପାକିସ୍ତାନ ୦

**➤୧୯୯୨: ଭାରତ ୪୩ ରନ୍‌ରେ ବିଜୟୀ**

ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏହି ସଂସ୍କରଣରେ ପାକିସ୍ତାନ ଚାମ୍ପିୟନ ହୋଇଥିଲେ ମଧ୍ୟ ଭାରତ ଠାରୁ ପରାଜିତ ହୋଇଥିଲା। ଉଭୟ ଦଳ ମଧ୍ୟରେ ଖେଳା ଯାଇଥିବା ଲିଗ୍ ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ସଚିନ୍ ତେନ୍ଦୁଲକରଙ୍କ ଅପରାଜିତ ୫୪ ଓ ଅଜୟ ଜାଡେଜାଙ୍କ ୪୬ ରନ୍ ବଳରେ ଭାରତ ୪୯ ଓଭରରେ ୭ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ପାକିସ୍ତାନ ପକ୍ଷରୁ ମୁସ୍ତାକ ଅହମଦ ୩ ଓ ଆକ୍ୱିବ ଜାଭେଦ୍ ୨ ଉଇକେଟ ନେଇଥିଲେ। ଜବାବରେ ମନୋଜ ପ୍ରଭାକର, କପିଳ ଦେବ ଓ ଜାଭାଗଲ ଶ୍ରୀନାଥଙ୍କ ୨ ଉଇକେଟ ସଫଳତା ବଳରେ ପାକିସ୍ତାନ ୪୮.୧ ଓଭରରେ ୧୭୩ ରନ୍‌ରେ ଅଲଆଉଟ ହୋଇଥିଲା। ତେନ୍ଦୁଲକରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**➤୧୯୯୬: ଭାରତ ୩୯ ରନ୍‌ରେ ବିଜୟୀ (କ୍ୱାର୍ଟର ଫାଇନାଲ)**

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳା ଯାଇଥିବା ବିଶ୍ୱକପ କ୍ୱାର୍ଟର ଫାଇନାଲରେ ପାକିସ୍ତାନକୁ ୩୯ ରନ୍‌ରେ ପରାସ୍ତ କରିଥିଲା ଭାରତ। ଭାରତ ପକ୍ଷରୁ ନଭଜୋତ ସିଂ ସିଦ୍ଧୁ ୯୩ ଓ ଅଜୟ ଜାଡେଜା ଦ୍ରୁତ ୪୫ ରନ୍ ସ୍କୋର କରିଥିଲେ। ମୁସ୍ତାକ ଅହମଦ ଓ ୱାକର ୟୁନିସ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୮୭ ରନ୍ କରିଥିଲା। ଜବାବରେ ପାକିସ୍ତାନ ୪୯ ଓଭରରେ ୯ ଉଇକେଟ ହରାଇ ୨୪୮ ରନରେ ସୀମିତ ରହିଥିଲା। ଆମୀର ସୋହେଲ ୫୫ ଓ ସଇଦ ଅନୱର ୪୮ ରନ୍ କରିଥିଲେ। ବେଙ୍ଗାଲୁରୁର ଦୁଇ ଲୋକାଲ ବୟ ଭେଙ୍କଟେଶ ପ୍ରସାଦ ଓ ଅନୀଲ କୁମ୍ବଲେ ୩ଟି ଲେଖାଏ ଉଇକେଟ ନେଇଥିଲେ। କ୍ରିକେଟର ଅନ୍ୟତମ ପ୍ରସିଦ୍ଧ ବିବାଦ ଭେଙ୍କଟେଶ ପ୍ରସାଦ-ଆମୀର ସୋହେଲ ଘଟଣା ଏହି ମ୍ୟାଚରେ ଘଟିଥିଲା। ନଭଜୋତ ସିଦ୍ଧୁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**➤୧୯୯୯: ଭାରତ ୪୭ ରନ୍‌ରେ ବିଜୟୀ**

ମାଞ୍ଚେଷ୍ଟରରେ ଖେଳାଯାଇଥିବା ଏହି ମ୍ୟାଚକୁ ଭାରତ ୪୭ ରନରେ ଜିତି ନେଇଥିଲା। ରାହୁଲ ଦ୍ରାବିଡ ୬୧, ମହମ୍ମଦ ଆଝାରୁଦ୍ଦିନ ୫୯ ଓ ସଚିନ୍ ତେନ୍ଦୁଲକର ୪୫ ରନ୍ କରିଥିଲେ। ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୨୨୭ ରନ୍ ସ୍କୋର କରିଥିଲା। ୱାସିମ ଆକ୍ରମ ଓ ଆଝାର ମେହମୁଦ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୫.୩ ଓଭରରେ ୧୮୦ ରନ୍‌ରେ ଅଲଆଉଟ ହୋଇଥିଲା। ଭେଙ୍କଟେଶ ପ୍ରସାଦ ୫ ଉଇକେଟ ଅକ୍ତିଆର କରି ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିଲେ।

**➤୨୦୦୩: ଭାରତ ୬ ଉଇକେଟରେ ବିଜୟୀ**

ଦକ୍ଷିଣ ଆଫ୍ରିକାର ସେଞ୍ଚୁରିଅନରେ ଖେଳା ଯାଇଥିବା ମ୍ୟାଚକୁ ଭାରତ ୬ ଉଇକେଟରେ ଜିତି ନେଇଥିଲା। ସଇଦ୍ ଅନୱରଙ୍କ ୧୦୧ ରନ୍ ବଳରେ ପାକିସ୍ତାନ ୭ ଉଇକେଟରେ ୨୭୩ ରନ୍ କରିଥିଲା। ଜାହିର ଖାଁ ଓ ଆଶିଷ ନେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସଚିନ୍ ତେନ୍ଦୁଲକରଙ୍କ ୯୮ ରନ୍ ବଳରେ ଭାରତ ୪୫.୪ ଓଭରରେ ୨୭୬ ରନ୍ କରି ବିଜୟୀ ହୋଇଥିଲା। ପାକିସ୍ତାନ ପକ୍ଷରୁ ୱାକାର ୟୁନିସ ୨ଟି ଉଇକେଟ ନେଇଥିଲେ। ତେନ୍ଦୁଲକର ଏହି ମ୍ୟାଚରେ ପ୍ଲେୟର ଅଫ୍ ଦ ମ୍ୟାଚ ହୋଇଥିଲେ।

**➤୨୦୧୧: ଭାରତ ୨୯ ରନରେ ବିଜୟୀ (ସେମି ଫାଇନାଲ)**

ଭାରତରେ ଖେଳା ଯାଇଥିବା ଏହି ସଂସ୍କରଣର ସେମି ଫାଇନାଲରେ ଉଭୟ ଦଳ ପ୍ରବେଶ କରିଥିଲେ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା ଭାରତ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୯ ଉଇକେଟରେ ୨୬୦ ରନ୍ କରିଥିଲା। ସଚିନ୍ ତେନ୍ଦୁଲକର ୮୫ ଓ ବୀରେନ୍ଦ୍ର ସେହ୍ୱାଗ ୩୮ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ୱାହାବ ରିୟାଜ ୫ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୯.୫ ଓଭରରେ ୨୩୧ ରନରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ଜାହିର ଖାଁ, ଆଶିଷ ନେହେରା, ମୁନାଫ ପଟେଲ, ହରଭଜନ ସିଂ ଓ ୟୁବରାଜ ସିଂ ୨ଟି ଲେଖାଏ ଉଇକେଟ ନେଇଥିଲେ। ସଚିନ୍ ତେନ୍ଦୁଲକରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରଯାଇଥିଲା।



ଉଇକେଟ ନେବାପରେ ଉଲ୍ଲସିତ ଭେଙ୍କଟେଶ ପ୍ରସାଦ।

**➤୨୦୧୫: ଭାରତ ୭୬ ରନ୍‌ରେ ବିଜୟୀ**

୨୦୧୫ ବିଶ୍ୱକପରେ ଉଭୟ ଦଳ ମୁହାମୁହିଁ ହୋଇଥିବା ବେଳେ ଭାରତ ୭୬ ରନ୍‌ରେ ବିଜୟୀ ହୋଇଥିଲା। ବିରାଟ କୋହଲି ଏହି ମ୍ୟାଚ୍‌ରେ ଶତକ ହାସଲ କରିଥିବା ବେଳେ ଭାରତ ୭ ଉଇକେଟରେ ୩୦୦ ରନ୍ ସ୍କୋର କରିଥିଲା। କୋହଲି ପାକିସ୍ତାନ ବିପକ୍ଷରେ ଶତକ ସହ ୧୦୭ ରନ୍ କରିଥିବା ବେଳେ ଶିଖର ଧାୱନ ୭୩ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ସୋହେଲ ଖାନ୍ ୫ ଉଇକେଟ ସଫଳତା ହାସଲ କରିଥିଲେ। ୩୦୧ ରନ୍‌ର ପିଛା କରି ପାକିସ୍ତାନ ୨୨୪ ରନରେ ସମସ୍ତ ଉଇକେଟ ହରାଇଥିଲା। ମିସବା ଉଲ ହକ୍ ସର୍ବାଧିକ ୭୬ ରନ କରିଥିବା ବେଳେ ଭାରତ ପକ୍ଷରୁ ମହମ୍ମଦ ଶାମି ୪ ଉଇକେଟ ନେଇଥିଲେ। ବିରାଟ କୋହଲିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**➤୨୦୧୯: ଭାରତ ୮୯ ରନ୍‌ରେ ବିଜୟୀ (ଡକ୍ ୱର୍ଥ ଲୁଇସ୍)**

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଖେଳା ଯାଇଥିବା ବର୍ଷା ବାଧାପ୍ରାପ୍ତ ଏହି ମୁକାବିଲାକୁ ଭାରତ ୮୯ ରନ୍‌ରେ ଜିତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫ ଉଇକେଟ ହରାଇ ୩୩୬ ରନ୍ ସ୍କୋର କରିଥିଲା। ରୋହିତ ଶର୍ମା ୧୧୩ ବଲ୍‌ରୁ ୧୪୦ ରନ୍ କରିଥିବା ବେଳେ ବିରାଟ କୋହଲି ୭୭ ଓ ଲୋକେଶ ରାହୁଲ ୫୭ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ମହମ୍ମଦ ଆମିର ୩ ଉଇକେଟ ନେଇଥିଲେ। ଡକ୍‌ୱର୍ଥ ଲୁଇସ୍ ମେଥଡରେ ମ୍ୟାଚ୍‌କୁ ୪୦ ଓଭର ବିଶିଷ୍ଟ କରାଯାଇଥିବା ବେଳେ ପାକିସ୍ତାନ ସମ୍ମୁଖରେ ୩୦୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୬ ଉଇକେଟରେ ୨୧୨ ରନ୍ କରି ପରାଜିତ ହୋଇଥିଲା। ବିଜୟ ଶଙ୍କର, ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

# ୱିଲିୟମସନଙ୍କ ପ୍ରତ୍ୟାବର୍ତ୍ତନରେ ନ୍ୟୁଜିଲାଣ୍ଡ ଦୃଢ଼

ଚେନ୍ନାଇ,୧୨।୧୦(ପି.ଟି.)

ନ୍ୟୁଜିଲାଣ୍ଡ ଦଳର ନିୟମିତ ଅଧିନାୟକ କେନ୍ ୱିଲିୟମସନ୍ ବାଂଲାଦେଶ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ପ୍ରଥମ ଦୁଇ ମ୍ୟାଚରେ ବିଜୟ ସହିତ ନ୍ୟୁଜିଲାଣ୍ଡ ୪ ପଏଣ୍ଟ ଅର୍ଜନ କରିଥିବା ବେଳେ ନେଟ୍ ରନ୍ ରେଟ୍‌ରେ ଏହା ଅନ୍ୟ ଦଳମାନଙ୍କଠାରୁ ଆଗରେ ରହିଛି। ବାଂଲାଦେଶ ବିପକ୍ଷ ମ୍ୟାଚ ଜିତିବା ସହିତ ଦଳ ଅନ୍ୟମାନଙ୍କଠାରୁ ଆଗରେ ରହିବାକୁ ପ୍ରୟାସ କରିବ। ୱିଲିୟମସନ୍ ସ୍ପିନ୍ ଖେଳିବାରେ ମାହିର ଥିବାବେଳେ ଭାରତୀୟ ପରିବେଶ ସହ ମଧ୍ୟ ଅଭ୍ୟସ୍ତ। ଚେପକ୍‌ର ସ୍ପିନ୍ ସହାୟକ ପିଚ୍‌ରେ ଏହା ନ୍ୟୁଜିଲାଣ୍ଡକୁ ବେଶ୍ ସହାୟକ ହେବ। ତେଣୁ ତାଙ୍କ ପ୍ରତ୍ୟାବର୍ତ୍ତନରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ଲାଇନଅପ୍ ଆହୁରି ଦୃଢ ହେବ। ସେହିପରି ଦଳ ଚୟନ ନ୍ୟୁଜିଲାଣ୍ଡ ମ୍ୟାନେଜମେଣ୍ଟ ପାଇଁ ମୁଣ୍ଡବିନ୍ଧାର କାରଣ ରହିବ। ୱିଲିୟମସନ୍‌ଙ୍କ ସ୍ଥାନରେ ୩ ନମ୍ବରରେ ବ୍ୟାଟିଂ କରିଥିବା ରାଚିନ୍ ରବୀନ୍ଦ୍ର ଉଭୟ ମ୍ୟାଚ୍‌ରୁ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଛନ୍ତି। ଅନ୍ୟ ପକ୍ଷରେ ତାଙ୍କ ସ୍ପିନ୍ ବୋଲିଂ ଦଳ ପାଇଁ ବୋନସ ଭାବରେ ଉଭା ହେବ।

ଏହା ସହିତ ଟପ୍ ଅର୍ଡରରେ ଦଳ ୱିଲ ୟଙ୍ଗ, ଡେଭନ୍ କନ୍‌ୱେ ଓ ଡାରିଲ୍ ମିଚେଲ୍‌ଙ୍କ ବ୍ୟାଟରୁ ଭଲ୍ ରନ ଆଶା କରିବ। ଚେପକ୍‌ର ପିଚ୍ ପ୍ରଥମ ମ୍ୟାଚ୍ ପରି ସ୍ପିନ୍ ସହାୟକ ହୋଇପାରେ। ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ସ୍ପିନର ୬ ଉଇକେଟ ନେଇଥିବା ବେଳେ ଏହି ମ୍ୟାଚ୍‌ରେ ତୃତୀୟ ସ୍ପିନର ଭାବରେ ଇଶ୍ ସୋଢୀ ଖେଳିପାରନ୍ତି। ଅନ୍ୟପକ୍ଷରେ ସ୍ପିନ୍ ସହାୟକ ଟ୍ରାକ୍ ବାଂଲାଦେଶକୁ ମଧ୍ୟ ସମାନ ଭାବରେ ସହାୟକ ହେବ। ବାଂଲାଦେଶ ଏହାର ସ୍ପିନରଙ୍କ ଜରିଆରେ ସଫଳତା ହାସଲ କରିବାକୁ ଚାହିଁବ। ସାକିବ୍ ଅଲ ହସନ୍, ମେହିଦୀ ହସନ ମିରାଜ ଓ ହସନ୍ ମେହମୁଦଙ୍କ ଉପରେ ବାଂଲାଦେଶର ବୋଲିଂ ନିର୍ଭର କରିବ। ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ଚେନ୍ନାଇ ପିଚ୍‌ରେ ସବୁଠାରୁ ଅଧିକ ଖେଳିଥିବାରୁ ଏହା ଫାଇଦା ପ୍ରଦାନ କରିବ। ୨ ମ୍ୟାଚ୍‌ରୁ ୭ ଉଇକେଟ ନେଇ ସାରିଥିବା ସାଣ୍ଟନର ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ମଧ୍ୟ ରହିଛନ୍ତି। ସେହିପରି ବାଂଲାଦେଶର ଅଭିଜ୍ଞ ଖେଳାଳି ଭାବରେ ଶାକିବ୍ ଅଲ ହସନ, ମୁଶଫିକୁର ରହିମ, ଲିଟନ୍ ଦାସ ଓ ନଜମୁଲ ହୋସେନ୍ ଶନ୍ତୋଙ୍କୁ ନିଜ ଉପରକୁ ଦାୟିତ୍ୱ ନେବାକୁ ହେବ। ଉଭୟ ଦଳ ଦିନିକିଆରେ ୪୧ ଥର ମୁହାଁମୁହିଁ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ୩୦ ଥର, ବାଂଲାଦେଶ ୧୦ ଥର ଓ ଥରେ ବିନା ଫଳାଫଳରେ ମ୍ୟାଚ୍ ଶେଷ ହୋଇଛି। ତେବେ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡର କ୍ଲିନ୍‌ସ୍ଲେଟ୍ ରହିଛି। ଉଭୟ ଦଳ ଦିନିକିଆ ବିଶ୍ୱକପ୍‌ରେ ୫ ଥର ଖେଳିଥିବା ବେଳେ ପ୍ରତିଥର ନ୍ୟୁଜିଲାଣ୍ଡ ବାଜି ମାରିଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ**

ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



କେନ୍ ୱିଲିୟମସନ୍

## ଗେଲ୍ ମୋ ପାଇଁ ପ୍ରେରଣା: ରୋହିତ

**ଚେନ୍ନାଇ,୧୨।୧୦(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିବାରେ ୟୁନିଭର୍ସ ବସ୍ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇଥିଲେ ରୋହିତ ଶର୍ମା। ବୁଧବାର ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୫ ଛକା ମାରିବା ସହ ଗେଲ୍‌ଙ୍କୁ ସେ ପଛରେ ପକାଇଥିଲେ। ତେବେ ଏଭଳି ଛକା ମାରିବାରେ ଗେଲ୍ ତାଙ୍କର ପ୍ରେରଣା ବୋଲି କହିଛନ୍ତି ରୋହିତ ଶର୍ମା। କ୍ରିସ୍ ଗେଲ୍ ଆକ୍ରମଣାତ୍ମକ କ୍ରିକେଟ ଖେଳିବାର ଏକ ପୋଥି ହୋଇଥିବା ବେଳେ ମୁଁ ଏଥିରୁ କିଛି ପୃଷ୍ଠାକୁ ଅନୁସରଣ କରିବାକୁ ପ୍ରୟାସ କରିଛି ବୋଲି ରୋହିତ କହିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ଗେଲ୍ ୫୫୧ ଇନିଂସରେ ୫୫୩ ଛକା ମାରିଥିବା ବେଳେ ରୋହିତ ତାଙ୍କୁ ପଛରେ ଛାଡିଛନ୍ତି। ନବୀନ ଉଲ୍ ହକ୍‌ଙ୍କୁ ପୁଲ୍ ଶଟ୍ ଜରିଆରେ ଛକା ମାରିବା ସହ ରୋହିତ ନିଜର ୪୭୩ ତମ ଇନିଂସରେ ଏହି ରେକର୍ଡକୁ ଅତିକ୍ରମ କରିଛନ୍ତି। ଉଭୟ ଗେଲ୍ ଓ ମୋର ଜର୍ସି ନମ୍ବର ୪୫। ଅନ୍ୟ ଜଣେ ଜର୍ସି ନମ୍ବର ୪୫ ଖେଳାଳି ତାଙ୍କ ରେକର୍ଡ ଭାଙ୍ଗିଥିବାରୁ ଗେଲ୍ ନିଶ୍ଚିତ ଖୁସି ହୋଇଥିବେ ବୋଲି କହିଛନ୍ତି ରୋହିତ। କ୍ରିକେଟ କ୍ୟାରିୟର ଆରମ୍ଭ କରିବା ସମୟରେ ଛକା ମାରିବା ଏକ ଚ୍ୟାଲେଞ୍ଜ ରହିଥିଲା। ତେବେ ଅନେକ ପରିଶ୍ରମ କରିବା ସହିତ ଛକା ମାରିବାର କଳା ଉପରେ ନିୟନ୍ତ୍ରଣ ଆସିଛି। ସେହିପରି ଆଫଗାନିସ୍ତାନ ମ୍ୟାଚରେ ବୋଲରଙ୍କ ପ୍ରଦର୍ଶନକୁ ନେଇ ରୋହିତ ସନ୍ତୋଷ ପ୍ରକାଶ କରିଛନ୍ତି। ବ୍ୟାଟିଂ ସହାୟକ ପିଚ୍‌ରେ ଆଫଗାନିସ୍ତାନ ସ୍କୋରକୁ ନିୟନ୍ତ୍ରଣରେ ରଖିବା ଆକ୍ରମଣାତ୍ମକ ଖେଳିବା ପାଇଁ ପ୍ରେରଣା ଯୋଗାଇଥିଲା ବୋଲି ସେ କହିଛନ୍ତି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ଅହମଦାବାଦରେ ପାକିସ୍ତାନ ବିପକ୍ଷରେ ଖେଳିବ।

# ଅଭ୍ୟାସ ଆରମ୍ଭ କଲେ ଗିଲ୍

ଅହମଦାବାଦ,୧୨।୧୦(ପି.ଟି.)

ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଖୁସି ଖବର। ଭାରତୀୟ ଦଳ ଓପନର ଶୁବମନ ଗିଲ୍ ଗୁରୁବାର ଅହମଦାବାଦ ସ୍ଥିତ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି। ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଗିଲ୍ ସୁସ୍ଥ ହୋଇ ଫେରିବା ପରେ ଗୁରୁବାର ପ୍ରଥମ ଥର ନେଟ୍ସରେ ଯୋଗ ଦେଇଛନ୍ତି। ଶନିବାର ପାକିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଗିଲ୍ ଅଭ୍ୟାସ କରିବା ଭାରତୀୟ ଫ୍ୟାନଙ୍କ ପାଇଁ ନୂତନ ଆଶା ସଞ୍ଚାର କରିଛି। ତେବେ ପାକିସ୍ତାନ ବିପକ୍ଷ ମ୍ୟାଚ ପାଇଁ ଗିଲ୍ ଫିଟ୍ ହେବେ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ୨୨ ବର୍ଷୀୟ ଗିଲ୍ ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚରୁ ମଧ୍ୟ ବାଦ୍ ପଡିଥିଲେ। ଭାରତୀୟ ଦଳ ଅହମଦାବାଦରେ ପହଞ୍ଚି ନ ଥିଲେ ମଧ୍ୟ ଏହାର ବାମହାତୀ ଥ୍ରୋ ଡାଉନ୍ ସ୍ପେଶାଲିଷ୍ଟ ନୁଆନ୍ ସେନେଭିରତ୍ନେଙ୍କୁ ଆଗୁଆ ରିଲିଜ୍ କରାଯାଇଥିଲା। ଗୁରୁବାର ସକାଳ ୧୧ଟା ସମୟରେ ଗିଲ୍ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ମେନ୍ ଆରେନାରେ କିଛି ସମୟ ଧରି ବିସିସିଆଇର ଟିମ୍ ଡାକ୍ତର ରିଜୱାନଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଓ ସ୍ପ୍ରିଣ୍ଟ କରିବା ପରେ ବ୍ୟାଟିଂ ଅଭ୍ୟାସ କରିଥିଲେ। ଶାହିନ୍ ଆଫ୍ରିଦିଙ୍କ ମୁକାବିଲା କରିବା ପାଇଁ ଗିଲ୍‌ଙ୍କୁ ବୋଲିଂ କରିଥିଲେ ନୁଆନ୍ ସେନେଭିରତ୍ନେ। ସେହିପରି କିଛି ସ୍ଥାନୀୟ ଖେଳାଳିଙ୍କୁ ମଧ୍ୟ ନେଟ୍ ବୋଲର ଭାବରେ ବ୍ୟବହାର କରାଯାଇଥିଲା। ଶୁକ୍ରବାରର ଟ୍ରେନିଂ ସେସନ୍ ପରେ ଗିଲ୍ ଖେଳିବେ କି ନାହିଁ ତା ଉପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି।



ଶୁବମନ ଗିଲ୍

# ଦୀପ୍‌ଗ୍ରେସ୍, ଅମିତଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ




କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସଙ୍କ ସହ ଅମିତ ରୋହିଦାସ ଓ ଦୀପ୍‌ଗ୍ରେସ୍ ଏକ୍କା।

**ଭୁବନେଶ୍ୱର, ୧୨।୧୦**
**(ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ଅମିତ ରୋହିଦାସ ଓ ବ୍ରୋଞ୍ଜ ବିଜୟିନୀ ମହିଳା ହକି ଦଳର ସଦସ୍ୟା ଦୀପ୍ ଗ୍ରେସ୍ ଏକ୍କାଙ୍କୁ ଗୁରୁବାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରିଛନ୍ତି। ଗତ ଏସିଆନ ଗେମ୍ସରେ ଭାରତ ରେକର୍ଡ ସଂଖ୍ୟକ ୧୦୭ ପଦକ ବିଜୟୀ ହୋଇଥିଲା। ଦୁଇ ଖେଳାଳିଙ୍କ କଠିନ ପରିଶ୍ରମ, ପ୍ରତିଶ୍ରୁତିବଦ୍ଧତା ଏବଂ ଦକ୍ଷତାକୁ କ୍ରୀଡ଼ାମନ୍ତ୍ରୀ ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଅଫିସିଆଲ୍ସ ଏବଂ ସ୍ପୋର୍ଟ୍ସ ଇକୋ ସିଷ୍ଟମର ଆଥ୍‌ଲେଟମାନେ ଉପସ୍ଥିତ ଥିଲେ। ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ାମନ୍ତ୍ରୀ କହିଥିଲେ ଯେ, ଅମିତ ରୋହିଦାସ ଓ ଦୀପ୍ ଗ୍ରେସ୍ ଏକ୍କା କେବଳ ପଦକ ଆଣି ଆମକୁ ଗର୍ବିତ କରିନାହାନ୍ତି, ସେମାନେ ଅନ୍ୟ ପ୍ରତିଭାସମ୍ପନ୍ନ ଆଥ୍‌ଲେଟଙ୍କୁ ପ୍ରେରିତ କରିଛନ୍ତି। ସେମାନଙ୍କ ପରିଶ୍ରମ, ତ୍ୟାଗ ଏବଂ ପ୍ରତିଶ୍ରୁତିବଦ୍ଧତାକୁ ଆଗାମୀ ପିଢ଼ି ପ୍ରେରଣା ଭାବେ ନେବା ଉଚିତ। ଏହା ପ୍ରକୃତରେ ଭାରତ ଓ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ। ସମ୍ବର୍ଦ୍ଧିତ ହେବା ଅବସରରେ ଅମିତ ଓ ଦୀପ୍ ଗ୍ରେସ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। କଠିନ ପରିଶ୍ରମ ସହ ତ୍ୟାଗ ଏବଂ ଶୃଙ୍ଖଳା ରହିଲେ ସଫଳତା ପାଇବା ସମ୍ଭବ। ଆତ୍ମବିଶ୍ୱାସ ସହ ପ୍ରତିଷ୍ଠିତ କୋଚ୍‌ଙ୍କ ଅଧୀନରେ ଟ୍ରେନିଂ ଆମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସହାୟକ ହୋଇଛି ବୋଲି ଅମିତ କହିଛନ୍ତି। ସେହିପରି ଓଡ଼ିଶାରେ ଏବେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ସହ ବଡ଼ ଟୁର୍ନାମେଣ୍ଟମାନ ଆୟୋଜନ ହେଉଛି। ମୁଖ୍ୟମନ୍ତ୍ରୀଙ୍କ କ୍ରମାଗତ ସମର୍ଥନ ଆମକୁ ଉତ୍ସାହିତ କରିବା ସହ ପ୍ରେରଣା ଯୋଗାଇଛି ବୋଲି ଦୀପ୍‌ଗ୍ରେସ୍ ପ୍ରକାଶ କରିଛନ୍ତି। ଏସିଆନ ଗେମ୍ସର ସେମିଫାଇନାଲରେ ପରାଜିତ ହେବା ପରେ ଆମେ ଭାଙ୍ଗି ପଡ଼ିଥିଲୁ। ମାତ୍ର ପରାଜୟରୁ ଶିକ୍ଷାଲାଭ କରି ଆଗାମୀ ମ୍ୟାଚ ଜିତିଲୁ ଏବଂ ବ୍ରୋଞ୍ଜ ପଦକ ହାସଲ କଲୁ। ତେଣୁ ସବୁବେଳେ ନିଜ ଉପରେ ଆତ୍ମବିଶ୍ୱାସ ରଖିବା ସହ ଟ୍ରେନିଂ ସମୟରେ କଠିନ ପରିଶ୍ରମ କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରକାଶଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଭୟ ଅମିତ ଓ ଦୀପ୍ ଗ୍ରେସ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ ଅମିତଙ୍କୁ ୧.୫ କୋଟି ଓ ଦୀପ୍ ଗ୍ରେସ୍‌ଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଥିଲେ।

# ୧୦୦ ମିଟରରେ ମଣିକାନ୍ତଙ୍କୁ ସ୍ୱର୍ଣ୍ଣ

**ବେଙ୍ଗାଲୁରୁ, ୧୨।୧୦ (ପି.ଟି.)**

ଏଠାରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦୦ ମିଟରରେ ସର୍ଭିସେସର ମଣିକାନ୍ତ ଏଚ୍. ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗୋଟିଏ ଦିନ ପୂର୍ବରୁ ବୁଧବାର ସେମିଫାଇନାଲରେ ୧୦.୨୩ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ଭାଙ୍ଗିଥିବା ମଣିକାନ୍ତ ଗୁରୁବାର ଫାଇନାଲରେ ୧୦.୪୨ ସେକେଣ୍ଡ ସମୟ ସହିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ସର୍ଭିସେସର ନିଖିଲ ପାଟିଲ ୧୦.୬୯ ସେକେଣ୍ଡ ସହ ରୌପ୍ୟ ଏବଂ ରେଲୱେର ଶିବା ବି. (୧୦.୭୦) ବ୍ରୋଞ୍ଜ ପଦକ ପାଇଛନ୍ତି। ୧୧୦ ମିଟର ହର୍ଡଲ୍ସରେ ରେଲୱେର ତେଜାସ ଶିରସେଙ୍କ ଭଲ ପ୍ରଦର୍ଶନ ଜାରି ରହିଛି। ସେ ୧୩.୬୭ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ଏକ ମିଟ୍ ରେକର୍ଡ। ୨୦୧୧ରେ ସିଦ୍ଧାନ୍ତ ଥିଙ୍ଗଲୟା ୧୩.୭୭ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡର ଅଧିକାରୀ ଥିଲେ।

# ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତିଙ୍କୁ ସ୍ୱର୍ଣ୍ଣ

## ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍



ପୋଡିୟମରେ ସ୍ୱର୍ଣ୍ଣ ପଦକ ଗ୍ରହଣ ଅବସରରେ ପ୍ରଜ୍ଞା ପ୍ରଶାନ୍ତି ସାହୁ (ମଝି)।

**ଭୁବନେଶ୍ୱର, ୧୨।୧୦**
**(ତପନ ସ୍ୱାଇଁ)**

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ୬୨ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଗୁରୁବାର ଅନୁଷ୍ଠିତ ମହିଳା ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତି ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୧୩.୪୬ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ବିହାରର ସପ୍‌ନା କୁମାରୀ ୧୩.୪୭ ଓ କର୍ନାଟକର ଅଞ୍ଜଳି ସି. ୧୩.୫୭ ସେକେଣ୍ଡ ସମୟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଜ୍ଞା ସମ୍ପ୍ରତି କିଟ୍ ବିଶ୍ୱବଦ୍ୟାଳୟରେ ସ୍ପୋର୍ଟ୍ସ କୋଟାରେ ସମାଜବିଜ୍ଞାନ ଅଧ୍ୟୟନ କରୁଛନ୍ତି। ଏହି ସଫଳତା ପାଇଁ ପ୍ରଜ୍ଞାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ମହିଳା ଲଙ୍ଗଜମ୍ପରେ ଅଂଶଗ୍ରହଣ କରିଥିବା ମନୀଷା ମେରେଲ ନୈରାଶ୍ୟଜନକଭାବେ ୧୨ଶ ସ୍ଥାନରେ ରହିଛନ୍ତି। ସେ ୫.୭୦ ମିଟର ଡେଇଁ ପାରିଥିଲେ। ଏଥିରେ ଆନ୍ଧ୍ର ପ୍ରଦେଶର ଭବାନୀ ଯାଦବ ଭଗବତୀ ୬.୨୨ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଥିଲେ। ମହିଳା ୧୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦଙ୍କ ପ୍ରଦର୍ଶନ ମଧ୍ୟ ଆଶାନୁରୂପ ହୋଇ ପାରିନାହିଁ। ସେ ୧୧.୬୫ ସେକେଣ୍ଡ ସମୟ ନେଇ ୪ର୍ଥ ସ୍ଥାନରେ ରହିଛନ୍ତି। ତାମିଲନାଡୁର ଗିରିଧରନି ରବିକୁମାର ୧୧.୩୬, କର୍ନାଟକର ସ୍ନେହା ଏସ.ଏସ. ୧୧.୪୨ ଓ ପଞ୍ଜାବର କମଲଜିତ କୌର ୧୧.୫୨ ସେକେଣ୍ଡ ନେଇ ପ୍ରଥମ ୩ ସ୍ଥାନ ପାଇଥିଲେ।

# ସୁବ୍ରତ-ନିଶାନ୍ତ ଫାଇନାଲ

## ଅଲ୍ ଓଡ଼ିଶା ସିନିୟର ସ୍ନୁକର

**ଭୁବନେଶ୍ୱର, ୧୨।୧୦ (ତପନ ସ୍ୱାଇଁ)**

କଟକ କ୍ଲବରେ ଚାଲିଥିବା ୨୯ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ସିନିୟର ସ୍ନୁକର ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ସୁବ୍ରତ ଦାସ ଓ ନିଶାନ୍ତ ବିଶ୍ୱାଳ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ସୁବ୍ରତ ୫-୦ (୫୮-୩୩, ୭୬-୧୮, ୮୪-୧୭, ୫୫-୨୧, ୬୦-୩୫) ଫ୍ରେମ୍‌ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ସେହିପରି ଦ୍ୱିତୀୟ ସେମିରେ ନିଶାନ୍ତ ୫-୨ (୬୧-୬୨, ୬୯-୩୨, ୩୨-୬୩, ୬୬-୧୩, ୭୭-୩୭, ୪୯-୨୭, ୭୧-୬)ରେ ଜିତ୍ କିଶୋର ଦାସଙ୍କୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ନିଶାନ୍ତ ଅନ୍ତିମ ଫ୍ରେମ୍‌ରେ ୬୦ ପଏଣ୍ଟ ବ୍ରେକ୍ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଏହା ସର୍ବାଧିକ ବ୍ରେକ୍ ପଏଣ୍ଟ। ସୁବ୍ରତ ଏପର୍ଯ୍ୟନ୍ତ ୪ଥର ଓ ନିଶାନ୍ତ ୨ ଥର ସିନିୟର ସ୍ନୁକର ଟାଇଟଲ ଜିତି ସାରିଛନ୍ତି।




ସୁବ୍ରତ ଦାସ ଓ ନିଶାନ୍ତ ବିଶ୍ୱାଳ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୩/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Friday, October 13/2023 | Page 20 | ₹ 7.00 | SAMBALPUR



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୩ ଅକ୍ଟୋବର, ୨୦୨୩

**୮୭ ଲିଟର ମଦ ଜବତ, ଜଣେ ଗିରଫ**

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ମହରାପଦର ପଞ୍ଚାୟତ ଚାଉଳବାଂଜି ଗାଁରେ ପୋଲିସ ଚଢ଼ାଉ କରି ୭୦ ଲିଟର ଦେଶୀ ମହୁଲି ମଦ, ୧୭ ଲିଟର ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ସୁମନ ନିଆଲ (୫୦)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।



## ସଂକ୍ଷେପରେ

### ୫ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ

ବେଲପଡା,୧୨।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପୋଲିସ ବୁଧବାର କପାଣି ବସ୍‌ଷ୍ଟାଣ୍ଡ ନିକଟରୁ ୫ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ପିଏସଆଇ ବିନୟ କୁମାର ପରିଡାଙ୍କ ନେତୃତ୍ୱରେ ଉଦ୍ଧାର କରାଯାଇଥିଲା। ଚାଲାଣ କରୁଥିବା ଜଣେ ଦାଦନ ସର୍ଦ୍ଦାର ଆନ୍ଧ୍ରପ୍ରଦେଶ ନେରୋଲ ଜିଲା ଅନ୍ତର୍ଗତ ସାନ୍ତଦେବି କୋଦାପୁରମ ଗ୍ରାମର ଇଶ୍ୱରୀୟ ଏର୍ଲାଙ୍କୁ ଗିରଫ କରାଯାଇଛି। ସେ ବେଆଇନ ଭାବେ ଦାଦନ ଚାଲାଣ କରୁଥିଲେ। ତଦନ୍ତ ବେଳେ ଦାଦନ ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ନଥିବା ଜଣାପଡିଛି। ଥାନାରେ ଦଫା ୩୭୦, ୩୭୪, ୪୨୦ ଶ୍ରମଧାରା ଆଇନ ୨୫ ରେ ଏକ ମାମଲା(୨୫୮/୨୩) ରୁଜୁ ହୋଇଛି। ସର୍ଦ୍ଦାରଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପାଟଣାଗଡ଼ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି

ଦେଓଗାଁ,୧୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ଚଳିତବର୍ଷ ୧୮ ତମ ଗିରିଗୋବର୍ଦ୍ଧନ ପୂଜା ଉତ୍ସବପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟା ମାହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚଳିତବର୍ଷ ଉତ୍ସବକୁ ଆଡମ୍ବରପୂର୍ଣ୍ଣ ଭାବେ ପରିଚାଳନା କରିବାପାଇଁ ମତପ୍ରକାଶ ପାଇଥିଲା। ଭୀମପାହାଡ ପର୍ଯ୍ୟଟନସ୍ଥଳୀଭାବେ ସ୍ୱୀକୃତି ପରେ ସରକାରୀସ୍ତରରେ ଅନେକ ଉନ୍ନତିକରଣ କରାଯାଇଛି। ବିଶେଷ କରି ସ୍ଥାନୀୟ ବନ୍ଧରେ ନୌକାବିହାର, ନୂତନ ପାର୍କ, ମିଶନଶକ୍ତି କାଫେ ହେବାପରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଛି। ଏଣୁ ଚଳିତବର୍ଷ ଗିରିଗୋବର୍ଦ୍ଧନ ପୂଜାରେ ପ୍ରବଳ ଭିଡ ହେବାର ଆଶଙ୍କା ରହିଥିବାରୁ ତାର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି।

### ଶିକ୍ଷକ ସୁରେଶ ବର୍ଗେଙ୍କ ବିୟୋଗରେ ଶିକ୍ଷକ ସଂଘର ଶୋକ

ଦେଓଗାଁ,୧୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ବରକାନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁରେଶ ବର୍ଗେ(୪୮)ଙ୍କ ଆକାଳ ବିୟୋଗ ଘଟିଛି। ସ୍ୱର୍ଗତ ଶିକ୍ଷକଙ୍କ ବାସଭବନ ସିନ୍ଧିରାବାହାଲିରେ ବ୍ଲକ ଏନପିଏସ ଶିକ୍ଷକ ସଂଘ ତରଫରୁ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବ୍ଲକ ଏନପିଏସ ଶିକ୍ଷକ ସଂଘ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଶିତୋଷ ପାଣିଗ୍ରାହୀ, ସମ୍ପାଦକ ଚକାନନ କମ୍ପ ଯୋଗଦେଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶିକ୍ଷକ ସୁଶାନ୍ତ ଷଡଙ୍ଗୀ, ଅଜିତ ବାରିକ, ସଞ୍ଜୀବ କର୍ଣ୍ଣ, ତପନ ନାଗ, ଅନୁପ ମେହେର, ରମେଶ ସା ପ୍ରମୁଖ ଉପସ୍ଥିତ ଥିଲେ।

### ନିରୁପମା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା


ନିରୁପମା ମାଝି।

କଣ୍ଟାବାଞ୍ଜି,୧୨।୧୦(ଗୁରୁଦୟାଲ ହଂସ)

ପୂର୍ବତନ ଜିଲା ପରିଷଦ ସଭ୍ୟା ନିରୁପମା ମାଝି ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ଓଡିଶା ସରକାରଙ୍କ ତଫସିଲଭୁକ୍ତ ଜାତି ଓ ଜନଜାତି ତଥା ସଂଖ୍ୟାଲଘୁ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଚିଠି ନଂ.୨୧୩୭୫/ତା୧୨।୧୦।୨୦୨୩ରେ ଏହା ସୂଚିତ କରାଯାଇଛି। ତାଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ। ଶ୍ରୀମତୀ ମାଝି ପୂର୍ବରୁ ତୁରେକେଲା ବ୍ଲକରୁ ୧୧ନଂ ଜିଲା ପରିଷଦ ଜୋନରୁ ସଭ୍ୟାଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାମୀ ଚାଉଲସୁଖା ପଞ୍ଚାୟତର ସମିତି ସଭ୍ୟ ଅଛନ୍ତି।

# ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରନାହିଁ

## ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ (ଦିଶା) କମିଟି ବୈଠକ

ବଲାଙ୍ଗୀର,୧୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ଏସଆଇଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦିଶା ବୈଠକରେ ମଞ୍ଚାସୀନ ପ୍ରତିନିଧି, ଅଧିକାରୀ ଓ କର୍ମଚାରୀ।

ବଲାଙ୍ଗୀର ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ (ଦିଶା) କମିଟି ବୈଠକ ସ୍ଥାନୀୟ ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷା ବଲାଙ୍ଗୀର ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କ ପ୍ରତିନିଧି ବିଷ୍ଣୁ ପ୍ରସାଦ କେଡିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଦିଶା କମିଟି ମନୋନୀତ ସଦସ୍ୟ, ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା, ଉନ୍ନୟନ କାମକୁ କ୍ଷୀପ୍ରତର କରିବା, ବିଭିନ୍ନ ସ୍ଥାନରେ ଥିବା ପ୍ରତିବନ୍ଧକକୁ ଦୂର କରିବା, ଆବଶ୍ୟକସ୍ଥଳେ ସରକାରୀସ୍ତରରେ ବ୍ୟବସ୍ଥାଗତ ଢ଼ାଞ୍ଚାରେ ମଧ୍ୟ ପରିବର୍ତ୍ତନ ଅଣାଯିବା ଉପରେ ଅଧ୍ୟକ୍ଷା ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ଅନୁଦାନ ଥାଇ ଯଦି ଜନସାଧାରଣ ପିଇବା ପାଣି ପାଇବେ ନାହିଁ ତେବେ ଏହାଠୁ ବଡ ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହେବ ବୋଲି ସିଂଦେଓ କହିଥିଲେ। ବୈଠକରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଶାସନିକ ଅଧିକାରୀଙ୍କ ଭୁଲ ତଥ୍ୟକୁ ନେଇ ବଲାଙ୍ଗୀର ବିଧାୟକ ମିଶ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତା କାମ ଏବଂ ଦୁର୍ନୀତିରେ ଜଡିତ ଠିକାଦାରଙ୍କୁ ବିଭାଗୀୟ ଯନ୍ତ୍ରୀ ସୁରକ୍ଷା ଦେଉଥିବା ବୈଠକରେ ଆଲୋଚନା ହୋଇଥିଲା। ବିଧାୟକ ମିଶ୍ର ସ୍ୱଚ୍ଛ ଭାରତ ମିଶନ ଯୋଜନାକୁ ନେଇ ପ୍ରଶ୍ନ କରିଥିଲେ। ଏହି ଯୋଜନାକୁ ସେ ଏକ ବିଫଳ ଯୋଜନା ବୋଲି କହିଥିଲେ। ହିତାଧିକାରୀ ଏହି ଯୋଜନାର ପାଇଖାନା ବ୍ୟବହାର କରୁନାହାନ୍ତି। ବିନା ପାଣିରେ ଏହି ଯୋଜନା ପ୍ରଣୟନ କରୁଥିବାରୁ ଏହା ଏକ ଭୁଲ ଯୋଜନା ବୋଲି ସେ କହିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରୁଥିବା ଶ୍ରମିକମାନେ ଆଇନ ଅନୁଯାୟୀ ପାଉଣା ୧୫ ଦିନ ମଧ୍ୟରେ ପାଇବା କଥା । କିନ୍ତୁ ପ୍ରାୟତଃ ଶ୍ରମିକମାନେ ମାସ ମାସ ଧରି ତାଙ୍କ ପାଉଣାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାର ଅନୁଦାନ ପ୍ରଦାନ କରୁ କି ନକରୁ ଶ୍ରମିକ ତାର ଶ୍ରମ ପାଉଣା ଯେମିତି ୧୫ ଦିନ ଭିତରେ ପାଇପାରିବ ରାଜ୍ୟ ସରକାର ଓ ଜିଲାସ୍ତରୀୟ ଅଧିକାରୀ ସେସବୁ ସୁନିଶ୍ଚିତ କରିବା ଆଇନରେ ରହିଛି। କିନ୍ତୁ କେତେବେଳେ ଆଧାର ସଂଯୋଗୀକରଣ ତ କେତେବେଳେ ବ୍ୟାଙ୍କ ଖାତା ତାଳମେଳ ଖାଉ ନ ଥିବା ଦର୍ଶାଇ ଶ୍ରମିକମାନଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ସେ କହିଥିଲେ। ବଲାଙ୍ଗୀର ମହାରାଣୀ ସାଗରର ଅନୁଦାନ ଓ ଏହାର କାର୍ଯ୍ୟାନ୍ୱୟନକୁ ନେଇ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡ୍ଡ) ପ୍ରକଳ୍ପ ନିର୍ଦ୍ଦେଶକ ଗତ ବୈଠକରେ ଦେଇଥିବା ତଥ୍ୟ ଆଜିର ବୈଠକରେ ମେଳ ଖାଉନାହିଁ ବୋଲି ବିଧାୟକ ମିଶ୍ର କହିଥିଲେ। ଏହାକୁ ନେଇ ବିଧାୟକ ମିଶ୍ର ଅଧିକାରୀମାନେ କାହିଁକି ଜନପ୍ରତିନିଧିମାନଙ୍କୁ ଭୁଲ ତଥ୍ୟ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ତାଙ୍କ ଚେଷ୍ଟା ମତେ ମହାରାଣୀ ସାଗର ପାଇଁ ଅଟକଳ ପରିମାଣର ଏକ ତୃତୀୟାଂଶ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିବା ପରେ ଏନ୍‌ବିସିସି ସହ ଚୁକ୍ତି ସ୍ୱାକ୍ଷରିତ ହୋଇ ଭିତ୍ତିପ୍ରସ୍ତର ଦିଆଯାଇଥିଲା। କିନ୍ତୁ କାହିଁକି କେଜାଣି ସେସବୁକୁ ପରେ ବିନା କାଗଜପତ୍ରରେ ରଦ୍ଦ କରାଯାଇ ସେହି ସମାନ ଅର୍ଥରେ ଅଲଗା ନାଁରେ ଯୋଜନା କରି ଜନସାଧାରଣ ତଥା ଜନପ୍ରତିନିଧିଙ୍କୁ ମିଥ୍ୟା ତଥ୍ୟ ଦିଆଯାଉଛି ବୋଲି ସେ ବିରକ୍ତି ପ୍ରକାଶ କରିଥିଲେ। ବୈଠକରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଜିଲାର ଦୁର୍ବଳ ନେଟୱର୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଏହାର ଏକ କମିଟି ଗଠନ ସହ ସବିଶେଷ ତଥ୍ୟ ଦେବାକୁ ଆଦେଶ ଦେଇଥିଲେ। ଯଥାଶୀଘ୍ର ସର୍ଭେ କରି ନୂଆ ଟାୱାର ଲଗେଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

### ଏଲ୍‌ଆଇ ପଏଣ୍ଟ ବିଦ୍ୟୁତ୍ ବିଚ୍ଛିନ୍ନ, ଚାଷୀ ହତାଶ

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଆଗଲାପାଲି ଗ୍ରାମର ଏକ ଏଲଆଇ ପଏଣ୍ଟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇପଡିଛି। ୫ଦିନ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ସଂଯୋଗ ପାଇଁ ପଦକ୍ଷେପ ନିଆ ଯାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅଗଲାପାଲି ଗ୍ରାମର ୧୨ ଜଣ ଚାଷୀ ଉଠା ଜଳସେଚନ ବିଭାଗ ପକ୍ଷରୁ ଗଭୀର ନଳକୂପ ଖନନ କରି ଚାଷ କରୁଛନ୍ତି। ଅଣ ଜଳସେଚିତ ଏହି ଗ୍ରାମର ଚାଷୀ ଖରିଫ ଚାଷରେ ପାଣି ନିଅଣ୍ଟିଆ ସମୟରେ ଏହି ପ୍ରକଳ୍ପ କାମରେ ଆସିବ ବୋଲି ଆଶା ରଖିଛନ୍ତି। ହେଲେ ଗତ କିଛିଦିନ ହେଲା ଭାଲିଆମୁଣ୍ଡାରୁ ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ହେଲେ ଗତ କିଛିଦିନ ହେଲା ଭାଲିଆମୁଣ୍ଡାଠାରେ ପ୍ରକଳ୍ପକୁ ଯାଇଥିବା ସଂଯୋଗ ତାର ଛିଣ୍ଡି ପଡିଛି। ଏହାକୁ ସଂଯୋଗ ପାଇଁ ଗତ ୫ ଦିନ ହେଲା ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ମୌଖିକ ଅବଗତ କରିବା ସହ ଅନଲାଇନରେ ଜଣାଇଛନ୍ତି। ହେଲେ ସଂଯୋଗ ଦେବାରେ ବିଭାଗ ପକ୍ଷରୁ ଆନ୍ତରିକତା ଦେଖା ଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏକ ସପ୍ତାହ ହେବ ବର୍ଷାଭାବ ଯୋଗୁ ଜମିରୁ ପାଣି ଶୁଖିବାରେ ଲାଗିଛି । ଖରିଫ ଚାଷ ପ୍ରଭାବିତ ଆଶଙ୍କା ଦେଖାଦେଇଛି। ବିଦ୍ୟୁତ୍ ସଂଯୋଗ ନହେଲେ ଚାଷ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ।

# ଆଗଲପୁରରେ କଂଗ୍ରେସର ପଦଯାତ୍ରା



ପଞ୍ଚାୟତ କାର୍ଯ୍ୟାଳୟ ଆଗରୁ ବାହାରୁଥିବା କଂଗ୍ରେସ ପଦଯାତ୍ରା।

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ବ୍ଲକ ବୁଦୁଲା ପଞ୍ଚାୟତରେ ବ୍ଲକ କଂଗ୍ରେସ ପକ୍ଷରୁ ହର୍ ଘର୍ ହାତ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚିନ୍ତାମଣି ଭୋଇଙ୍କ ଅଧ୍ୟକ୍ଷତା ଓ ଜିଲା ଅନୁସୂଚିତ ଜାତି ସେଲ ସଭାପତି ଓମପ୍ରକାଶ କୁମ୍ଭାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁଦୁଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଏହି ପଦଯାତ୍ରା ବାହାରିଥିଲା। ଏଥିରେ ଟଙ୍କଧର ଗଡତ୍ୟା, ପୂର୍ବତନ ବ୍ଲକ ଉପସଭାପତି ମନମୋହନ ପଟେଲ, ଜିଲା ଯୁବ କଂଗ୍ରେସ ସଭାପତି ଗଣେଶ ସାହୁ, ବିଶ୍ୱଜିତ ସିଂଦେଓ, ବ୍ରଜବିହାରୀ ନାଗ, ବଜରଙ୍ଗ ଅମାତ, ମଧୁ ପଧାନ, ପାଣ୍ଡବ ପଟେଲ, ଉତ୍ତର ନାୟକ, ସର୍ବେଶ୍ୱର ଗଡତ୍ୟାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ପଦଯାତ୍ରା ଅବସରରେ କଂଗ୍ରେସ ନେତୃମଣ୍ଡଳୀ ଭାଜପା ଓ ବିଜେଡିର ଜନମାରଣ ନୀତି ଉପରେ ପଚାର ପତ୍ରିକା ବଣ୍ଟନ କରିଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଗୁଡ଼ଭେଲା,୧୨।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷରା ସହରସ୍ଥିତ ତୋଷାଳି ବିଦ୍ୟା ମନ୍ଦିର ପରିସରରେ ବୀରମହାରାଜପୁର ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଗୁରୁବାର ଚକ୍ଷୁ ପରୀକ୍ଷା ଶିବିର ସହ ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଛି। ବିଦ୍ୟା ମନ୍ଦିର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଚିକିତ୍ସାଳୟ ଆସିଥିବା ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ଏହାପରେ ଚକ୍ଷୁ ଯତ୍ନ ନେବା ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

### କାମ କରୁନି ଲାଇଟ୍, ଶୁଣୁନାହାନ୍ତି ଠିକାଦାର

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ନ୍‌ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ବୁର୍ଡା, ବାଞ୍ଜିପାଲି ଓ ସିଆଲବାହାଲିରେ ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟ ଲଗାଯାଇଛି । ବୁର୍ଡା ଗ୍ରାମ ଦେଇ ଯାଇଥିବା ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥରେ ଲାଗିଥିବା ଷ୍ଟ୍ରିଟଲାଇଟ ସମେତ ବୁର୍ଡା, ବାଞ୍ଜିପାଲି ଓ ସିଆଲବାହାଲି ବସ୍ତିର କେତେକ ସ୍ଥାନର ଲାଇଟ ଆଉ କାମ କରୁନାହିଁ । ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପଞ୍ଚାୟତକୁ ମରାମତି ପାଇଁ ଗ୍ରାମବାସୀ ଜଣାଇ ଆସୁଛନ୍ତି। ଡିଆରଡିଏରୁ କେତେକ ହାଇମାଷ୍ଟ ଓ ଷ୍ଟ୍ରିଟ ଲାଇଟ ଛେଳଖାଇ ଅଞ୍ଚଳର ଜଣେ ଠିକେଦାର ଲଗାଇଛନ୍ତି। ୱାରେଣ୍ଟି ସମୟ ଥିବାରୁ ସମ୍ପୃକ୍ତ ଠିକାଦରଙ୍କୁ ମରାମତି ପାଇଁ ଜଣାଇ ଆସୁଥିଲେ ସୁଦ୍ଧା କର୍ଣ୍ଣପାତ କରୁ ନ ଥିବା ସରପଞ୍ଚ ସୁଦୀପ କୁମାର ସା କହିଛନ୍ତି। ଏ ଦିଗରେ ଜିଲାପାଳ ଆବଶ୍ୟକ ପଦକ୍ଷେପ ନେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ଆମ କୃଷି ସଚେତନତା ଶିବିର


ଶିବିରରେ ଉପସ୍ଥିତ ଆତ୍ମା ଅଧ୍ୟକ୍ଷ ଓ ଅଧିକାରୀ।

ଦେଓଗାଁ,୧୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଗୁରୁବାର ଆମକୃଷି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କୃଷିକର୍ମୀ କଞ୍ଜିତ କରୁଆଁଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ସମ୍ମାନୀତ ଅତିଥିଭାବେ ଆତ୍ମା ଅଧ୍ୟକ୍ଷ ଗୋବିନ୍ଦ ଦାଶ, ବିଟିଏମ ପ୍ରାଣବନ୍ଧୁ ସାହୁ ଯୋଗଦେଇଥିଲେ। ପ୍ରଶିକ୍ଷକଭାବେ ଭୁବନେଶ୍ୱରରୁ ଆମକୃଷିର ପ୍ରକଳ୍ପ ସଂଯୋଜକ ସୁଦାମ ମାହାକୁଡ ଯୋଗଦେଇ ଆମକୃଷି ପୋର୍ଟାଲ ବିଷୟରେ ଅବଗତ କରିଥିଲେ। ପଞ୍ଜୀକୃତ ଚାଷୀମାନେ ମୋବାଇଲରେ କେମିତି କୃଷି ସମ୍ବନ୍ଧୀୟ ପରାମର୍ଶ ସିଧାସଳଖ ପାଇପାରିବେ ସେ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଫଇଏସ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷି, ଜଳ ସଂଚାଳନ ତଥା ଚାଷ ଜଳ ଆକଳନ, ଜଳ ଖେଳ ବିଷୟରେ ଅବଗତ କରିଥିଲେ। ଆରସିଡିସି ଦ୍ୱାରା ଚାଲିଥିବା ସିଡିପି ଯୋଜନାର ବ୍ଲକ ସଂଯୋଜକ ବିଶ୍ୱବାସ କର୍ମୀ, ମହାଶକ୍ତି ସଂଗଠନ ଦ୍ୱାରା ଚାଲିଥିବା ସିଡିପି ଯୋଜନାର ବ୍ଲକ ସଂଯୋଜକ ଜ୍ୟୋତି ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ସିଡିପି ଯୋଜନାରେ ଚାଷୀଙ୍କୁ ମିଳୁଥିବା ପ୍ରୋତ୍ସାହନ ଓ ଅଣଧାନଚାଷ ଉପରେ ଆଲୋକପାତ କରିଥିଲେ। ଶିବିରରେ କୃଷକ ସାଥି, ଗ୍ରାମ୍ୟ କୃଷିକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶାନ୍ତର ଶ୍ରମିକ ସଚେତନତା ଶିବିର

ଖପ୍ରାଖୋଲ,୧୨।୧୦(ଅଭୟ ତ୍ରିପାଠୀ)



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦେଶାନ୍ତର ଶ୍ରମିକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଡେଟ ଏକ୍ସନର ଜିଲା ସଂଯୋଜିକ ସନ୍ଧ୍ୟାରାଣୀ ପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ସ୍ଥାନୀୟ ସରପଞ୍ଚ ସନ୍ତୋଷିନୀ ବରିହା, ସମ୍ମାନୀତ ଅତିଥି ଏଡେଟ ଆକ୍ସନ ପ୍ରତିନିଧି ଜ୍ୟୋତିପ୍ରକାଶ, ଖପ୍ରାଖୋଲ ଥାନା ଏସଆଇ ଗୋପୀନାଥ ମହାକୁଡ, ବ୍ଲକ ଏପିଓ ପ୍ରଶାନ୍ତ କୁମାର ସାହୁ, ଅଭୟ ତ୍ରିପାଠୀ, ସହ ଶ୍ରମ ଅଧିକାରୀ ବିନୋଦ ବିହାରୀ ନାୟକ, ଗ୍ରାମୀଣ ଶ୍ରମ ନିରୀକ୍ଷକ ଅଶୋକ କୁମାର ଦୁଙ୍ଗଦୁଙ୍ଗ, ସୁପର ଭାଇଜର ଶକୁନ୍ତଳା ଯୋଗଦେଇଥିଲେ। ଦେଶାନ୍ତର ଶ୍ରମିକମାନେ ନିଜ ଭିଟାମାଟିରେ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ଆତ୍ମନିର୍ଭରଶୀଳ ହୋଇପାରିବେ, ପଞ୍ଜୀକୃତ ମଧ୍ୟସ୍ଥି ମାଧ୍ୟମରେ ଦେଶାନ୍ତର ଯିବା ସହ ଅଙ୍ଗନବାଡ଼ି କର୍ମୀ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଥାନା ଓ ଶ୍ରମ ବିଭାଗକୁ ସୂଚନା ଦେଇ ଯିବାକୁ କହିଥିଲେ। ଏହି ଅବସରରେ ଶ୍ରମିକ ସଚେତନତା ରଥ ବିଭିନ୍ନ ଗାଁ ବୁଲିଥିବା ବେଳେ ଏଏସଆଇ ନାରାୟଣ ସାହୁ, ଏନ.କେ.ନାଏକ, ଲୋଚନ ବରିହା, ଅଙ୍ଗନବାଡ଼ି କର୍ମୀ, ସିଏଲଏଫ ମିଶନ ଶକ୍ତି, ସଚେତନ ନାଗରିକ, ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଉଦ୍‌ଘାଟନ ଅବସରରେ ବକ୍ତବ୍ୟ ରଖୁଛନ୍ତି ବିଧାୟକ ମହାଲିଙ୍ଗ।

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପ୍ରାଥମିକ ବିଦ୍ୟାଳୟରେ ପଲ୍ଲୀ ଆଲୋକ ପାଠାଗାର ପ୍ରତ୍ୟକ୍ଷ ସହଯୋଗରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ବିଦ୍ୟାଳୟର ୨୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବକ୍ତୃତା, କୁଇଜ, ଚିତ୍ରାଙ୍କନ, କୁଇଜ, ଏକକ ନୃତ୍ୟଗୀତରେ ଭାଗ ନେଇଥିଲେ। ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ସିଆରସିସି ହୃଷୀକେଶ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ପଲ୍ଲୀ ଆଲୋକ ପାଠାଗାର ସମ୍ପାଦକ ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଧାନଶିକ୍ଷକ ଭାବଗବତିଆ ସାହୁ, ଶିକ୍ଷାବିତ୍ ଲଳିତମୋହନ ସାହୁ, ନରସିଂହ ସାହୁ, ଗଜେନ୍ଦ୍ର ଦଣ୍ଡସେନା, ସଦାନନ୍ଦ ପଶାୟତ ଅତିଥିଭାବେ ଯୋଗଦେଇଥିଲେ। ଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ମୁକେଶ ମାହଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ। ମିଲେଟର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ।

# ପ୍ରତିଶ୍ରୁତି ରଖିଲାନି ଏନ୍‌ଏଚ୍ ବିଭାଗ

## ଆନ୍ଦୋଳନମୁହାଁ ବଣିକ ସଂଘ

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା କଲେଜ ଛକରୁ ଲାଇନଜୁରୀ ପୋଲ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଏନେଇ ସ୍ଥାନୀୟ ବଣିକ ସଂଘ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ ହୋଇଥିଲା। ସେତେବେଳେ ରାସ୍ତା ପ୍ରଶସ୍ତିକରଣ କାମ ନହେବା ପର୍ଯ୍ୟନ୍ତ ଧୂଳିଗୁଣ୍ଡ ଉଡୁଥିବାରୁ ରାସ୍ତାରେ ପାଣି ସିଞ୍ଚନ ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ର କୁହାଯାଇଥିଲା। ୩ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରତିଶ୍ରୁତି ରଖି ନାହାନ୍ତି ଏନଏଚ କର୍ତ୍ତୃପକ୍ଷ । ଧୂଳିଗୁଣ୍ଡକୁ ନେଇ ଯାତ୍ରୀ ଏବଂ ବ୍ୟବସାୟୀ ଅଣନିଶ୍ୱାସୀ ହୋଇପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବଣିକ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ହାତକୁ ନିଆଯାଇଛି। ପ୍ରାୟ ୨ ବର୍ଷ ହେବ ପ୍ରଶସ୍ତୀ କରଣ କାମ ଚାଲିଥିଲେ ସୁଦ୍ଧା କାମ ସରୁନି। ରାଜପଥର ଅନେକ ସ୍ଥାନରେ ରାସ୍ତା କାମ ବାକି ରହିଛି। ଲୋଇସିଂହା କଲେଜ ଛକରୁ ଲାଇନଜୁରୀ ପୋଲ ପର୍ଯ୍ୟନ୍ତ କାମ ବାକି ରହିଛି । ଏହି ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ପିଚୁ ମରାମତି ନ କରି କ୍ରଶରଗୁଣ୍ଡରେ ରାସ୍ତା ମରାମତି କରାଯାଉଛି। ଖରା ହେଲେ ଗାଡି ଚଳାଚଳ ହେଲେ ଧୂଳିଗୁଣ୍ଡ ଉଡୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନର ବ୍ୟବସାୟୀ ଓ ଗ୍ରାହକ ଅଣନିଶ୍ୱାସୀ ହୋଇପଡୁଛନ୍ତି। ପ୍ରତିକାର ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବଣିକ ସଂଘ ପ୍ରତିନିଧି ଭେଟିଥିଲେ। ଅକ୍ଟୋବର ୧୫ରୁ ରାସ୍ତା ପ୍ରଶସ୍ତୀକରଣ ଓ ଡ୍ରେନ କାମ ଅଗ୍ରଗତି କରାଯିବ ବୋଲି କହିଥିଲେ । ରାସ୍ତା ସମ୍ପୂର୍ଣ୍ଣ ହେବା ଯାଏ ପାଣି ସିଞ୍ଚନ କରାଯିବାକୁ ବଣିକ ସଂଘ ପ୍ରତିନିଧିଙ୍କୁ କହିଥିଲେ। ହେଲେ ପ୍ରତିଶ୍ରୁତି ନ ରଖିବାରୁ ବୁଧବାର ବିଧାୟକ ମହାଲିଙ୍ଗଙ୍କୁ ବଣିକ ସଂଘ ପ୍ରତିନିଧି ଭେଟିଥିଲେ। ବିଧାୟକ ମହାଲିଙ୍ଗ ନିର୍ବାହୀ ଯନ୍ତ୍ରୀଙ୍କ ସହ କଥା ହୋଇ ସମସ୍ୟା ଜଣାଇବା ପରେ ବୁଧବାର ସନ୍ଧ୍ୟାରୁ ସମ୍ପୃକ୍ତ ଅଞ୍ଚଳରେ ପାଣି ସିଞ୍ଚନ କରିବାକୁ ନିର୍ବାହୀ ଅଧିକାରୀ କଥା ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶ ଏବଂ ଜନ ସାଧାରଣଙ୍କ ସମସ୍ୟାକୁ ବିଭାଗ ଅଣଦେଖା କରିଥିବାରୁ ବଣିକ ସଂଘ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆନ୍ଦୋଳନ ପାଇଁ ବଣିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ୮୭ ଲିଟର ମଦ ଜବତ, ଜଣେ ଗିରଫ

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ମହାରାପଦର ପଞ୍ଚାୟତ ଚାଉଳବାଂଜି ଗାଁରେ ପୋଲିସ ଚଢ଼ାଉ କରି ୭୦ ଲିଟର ଦେଶୀ ମହୁଲି ମଦ, ୧୭ ଲିଟର ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ସୁମନ ନିଆଲ (୫୦)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ କହିଛନ୍ତି।

# ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରନାହିଁ

### ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ (ଦିଶା) କମିଟି ବୈଠକ

ବଲାଙ୍ଗୀର,୧୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଉନ୍ନୟନ, ସମନ୍ୱୟ ଓ ତଦାରଖ (ଦିଶା) କମିଟି ବୈଠକ ସ୍ଥାନୀୟ ରାଜ୍ୟ ହୋଟେଲ ପ୍ରବନ୍ଧନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଛି। କମିଟି ଅଧ୍ୟକ୍ଷା ବଲାଙ୍ଗୀର ଲୋକ ସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲାପାଳ ଚଞ୍ଚଳ ରାଣା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶିଙ୍କ ପ୍ରତିନିଧି ବିଷ୍ଣୁ ପ୍ରସାଦ କେଡିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ ସିଂ, ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଦିଶା କମିଟି ମନୋନୀତ ସଦସ୍ୟ, ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା, ଉନ୍ନୟନ କାମକୁ କ୍ଷୀପ୍ରତର କରିବା, ବିଭିନ୍ନ ସ୍ଥାନରେ ଥିବା ପ୍ରତିବନ୍ଧକକୁ ଦୂର କରିବା, ଆବଶ୍ୟକସ୍ଥଳେ ସରକାରୀସ୍ତରରେ ବ୍ୟବସ୍ଥାଗତ ଢ଼ାଞ୍ଚାରେ ମଧ୍ୟ ପରିବର୍ତ୍ତନ ଅଣାଯିବା ଉପରେ ଅଧ୍ୟକ୍ଷା ସିଂଦେଓ ଗୁରୁତ୍ୱାରୋପ କରିଥିଲେ। ଅନୁଦାନ ଥାଇ ଯଦି ଜନସାଧାରଣ ପିଇବା ପାଣି ପାଇବେ ନାହିଁ ତେବେ ଏହାଠୁ ବଡ ଦୁର୍ଭାଗ୍ୟଜନକ କଥା ଆଉ କ'ଣ ହେବ ବୋଲି ସିଂଦେଓ କହିଥିଲେ। ବୈଠକରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ପ୍ରଶାସନିକ ଅଧିକାରୀଙ୍କ ଭୁଲ ତଥ୍ୟକୁ ନେଇ ବଲାଙ୍ଗୀର ବିଧାୟକ ମିଶ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ନିମ୍ନମାନର ରାସ୍ତା କାମ ଏବଂ ଦୁର୍ନୀତିରେ ଜଡିତ ଠିକାଦାରଙ୍କୁ ବିଭାଗୀୟ ଯନ୍ତ୍ରୀ ସୁରକ୍ଷା ଦେଉଥିବା ବୈଠକରେ ଆଲୋଚନା ହୋଇଥିଲା। ବିଧାୟକ ମିଶ୍ର ସ୍ୱଚ୍ଛ ଭାରତ ମିଶନ ଯୋଜନାକୁ ନେଇ ପ୍ରଶ୍ନ କରିଥିଲେ। ଏହି ଯୋଜନାକୁ ସେ ଏକ ବିଫଳ ଯୋଜନା ବୋଲି କହିଥିଲେ। ହିତାଧିକାରୀ ଏହି ଯୋଜନାର ପାଇଖାନା ବ୍ୟବହାର କରୁନାହାନ୍ତି। ବିନା ପାଣିରେ ଏହି ଯୋଜନା ପ୍ରଣୟନ କରୁଥିବାରୁ ଏହା ଏକ ଭୁଲ ଯୋଜନା ବୋଲି ସେ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାମ କରୁଥିବା ଶ୍ରମିକମାନେ ଆଇନ ଅନୁଯାୟୀ ପାଉଣା ୧୫ ଦିନ ମଧ୍ୟରେ ପାଇବା କଥା । କିନ୍ତୁ ପ୍ରାୟତଃ ଶ୍ରମିକମାନେ ମାସ ମାସ ଧରି ତାଙ୍କ ପାଉଣାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାର ଅନୁଦାନ ପ୍ରଦାନ କରୁ କି ନକରୁ ଶ୍ରମିକ ତାର ଶ୍ରମ ପାଉଣା ଯେମିତି ୧୫ ଦିନ ଭିତରେ ପାଇପାରିବ ରାଜ୍ୟ ସରକାର ଓ ଜିଲାସ୍ତରୀୟ ଅଧିକାରୀ ସେସବୁ ସୁନିଶ୍ଚିତ କରିବା ଆଇନରେ ରହିଛି। କିନ୍ତୁ କେତେବେଳେ ଆଧାର ସଂଯୋଗୀକରଣ ତ କେତେବେଳେ ବ୍ୟାଙ୍କ ଖାତା ତାଳମେଳ ଖାଉ ନ ଥିବା ଦର୍ଶାଇ ଶ୍ରମିକମାନଙ୍କୁ ହଇରାଣ କରିବା ଠିକ୍ ନୁହେଁ ବୋଲି ସେ କହିଥିଲେ। ବଲାଙ୍ଗୀର ମହାରାଣୀ ସାଗରର ଅନୁଦାନ ଓ ଏହାର କାର୍ଯ୍ୟାନ୍ୱୟନକୁ ନେଇ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡ୍ଡା) ପ୍ରକଳ୍ପ ନିର୍ଦ୍ଦେଶକ ଗତ ବୈଠକରେ ଦେଇଥିବା ତଥ୍ୟ ଆଜିର ବୈଠକରେ ମେଳ ଖାଉନାହିଁ ବୋଲି ବିଧାୟକ ମିଶ୍ର କହିଥିଲେ। ଏହାକୁ ନେଇ ବିଧାୟକ ମିଶ୍ର ଅଧିକାରୀମାନେ କାହିଁକି ଜନପ୍ରତିନିଧିମାନଙ୍କୁ ଭୁଲ ତଥ୍ୟ ଦେଉଛନ୍ତି ବୋଲି ପ୍ରଶ୍ନ କରିଥିଲେ। ତାଙ୍କ ଚେଷ୍ଟା ମତେ ମହାରାଣୀ ସାଗର ପାଇଁ ଅଟକଳ ପରିମାଣର ଏକ ତୃତୀୟାଂଶ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆସିବା ପରେ ଏନ୍‌ବିସିସି ସହ ଚୁକ୍ତି ସ୍ୱାକ୍ଷରିତ ହୋଇ ଭିତ୍ତିପ୍ରସ୍ତର ଦିଆଯାଇଥିଲା। କିନ୍ତୁ କାହିଁକି କେଜାଣି ସେସବୁକୁ ପରେ ବିନା କାଗଜପତ୍ରରେ ରଦ୍ଦ କରାଯାଇ ସେହି ସମାନ ଅର୍ଥରେ ଅଲଗା ନାଁରେ ଯୋଜନା କରି ଜନସାଧାରଣ ତଥା ଜନପ୍ରତିନିଧିଙ୍କୁ ମିଥ୍ୟା ତଥ୍ୟ ଦିଆଯାଉଛି ବୋଲି ସେ ବିରକ୍ତି ପ୍ରକାଶ କରିଥିଲେ। ବୈଠକରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ଜିଲାର ଦୁର୍ବଳ ନେଟୱର୍କ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ଏହାର ଏକ କମିଟି ଗଠନ ସହ ସବିଶେଷ ତଥ୍ୟ ଦେବାକୁ ଆଦେଶ ଦେଇଥିଲେ। ଯଥାଶୀଘ୍ର ସର୍ଭେ କରି ନୂଆ ଟାୱାର ଲଗେଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।



ଏସଆଇଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦିଶା ବୈଠକରେ ମଞ୍ଚାସୀନ ପ୍ରତିନିଧି, ଅଧିକାରୀ ଓ କର୍ମଚାରୀ।

## ସଂକ୍ଷେପରେ

### ୫ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ

ବେଲପଡା,୧୨।୧୦(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ପୋଲିସ ବୁଧବାର କପାଣି ବସ୍‌ଷ୍ଟାଣ୍ଡ ନିକଟରୁ ୫ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ପିଏସଆଇ ବିନୟ କୁମାର ପରିଡାଙ୍କ ନେତୃତ୍ୱରେ ଉଦ୍ଧାର କରାଯାଇଥିଲା। ଚାଲାଣ କରୁଥିବା ଜଣେ ଦାଦନ ସର୍ଦ୍ଦାର ଆନ୍ଧ୍ରପ୍ରଦେଶ ନେରୋଲ ଜିଲା ଅନ୍ତର୍ଗତ ସାନ୍ତଦେବି କୋଦାପୁରମ ଗ୍ରାମର ଇଶ୍ୱରୀୟ ଏର୍ଲାଙ୍କୁ ଗିରଫ କରାଯାଇଛି। ସେ ବେଆଇନ ଭାବେ ଦାଦନ ଚାଲାଣ କରୁଥିଲେ। ତଦନ୍ତ ବେଳେ ଦାଦନ ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ନଥିବା ଜଣାପଡିଛି। ଥାନାରେ ଦଫା ୩୭୦, ୩୭୪, ୪୨୦ ଶ୍ରମଧାରା ଆଇନ ୨୫ ରେ ଏକ ମାମଲା(୨୫୮/୨୩) ରୁଜୁ ହୋଇଛି। ସର୍ଦ୍ଦାରଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପାଟଣାଗଡ଼ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି

ଦେଓଗାଁ,୧୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ପର୍ଯ୍ୟଟନସ୍ଥଳୀ ଭୀମପାହାଡ ପାଦଦେଶରେ ଚଳିତବର୍ଷ ୧୮ ତମ ଗିରିଗୋବର୍ଦ୍ଧନ ପୂଜା ଉତ୍ସବପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟା ମାହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଚଳିତବର୍ଷ ଉତ୍ସବକୁ ଆଡମ୍ବରପୂର୍ଣ୍ଣ ଭାବେ ପରିଚାଳନା କରିବାପାଇଁ ମତପ୍ରକାଶ ପାଇଥିଲା। ଭୀମପାହାଡ ପର୍ଯ୍ୟଟନସ୍ଥଳୀଭାବେ ସ୍ୱୀକୃତି ପରେ ସରକାରୀସ୍ତରରେ ଅନେକ ଉନ୍ନତିକରଣ କରାଯାଇଛି। ବିଶେଷ କରି ସ୍ଥାନୀୟ ବନ୍ଧରେ ନୌକାବିହାର, ନୂତନ ପାର୍କ, ମିଶନଶକ୍ତି କାଫେ ହେବାପରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଛି। ଏଣୁ ଚଳିତବର୍ଷ ଗିରିଗୋବର୍ଦ୍ଧନ ପୂଜାରେ ପ୍ରବଳ ଭିଡ ହେବାର ଆଶଙ୍କା ରହିଥିବାରୁ ତାର ସୁପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି।

### ଶିକ୍ଷକ ସୁରେଶ ବର୍ଗେଙ୍କ ବିୟୋଗରେ ଶିକ୍ଷକ ସଂଘର ଶୋକ

ଦେଓଗାଁ,୧୨।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ବରକାନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ସୁରେଶ ବର୍ଗେ(୪୮)ଙ୍କ ଆକାଳ ବିୟୋଗ ଘଟିଛି। ସ୍ୱର୍ଗତ ଶିକ୍ଷକଙ୍କ ବାସଭବନ ସିନ୍ଦିରାବାହାଲିରେ ବ୍ଲକ ଏନପିଏସ ଶିକ୍ଷକ ସଂଘ ତରଫରୁ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବ୍ଲକ ଏନପିଏସ ଶିକ୍ଷକ ସଂଘ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଶିତୋଷ ପାଣିଗ୍ରାହୀ, ସମ୍ପାଦକ ଚକାନନ କମ୍ପ ଯୋଗଦେଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶିକ୍ଷକ ସୁଶାନ୍ତ ଷଡଙ୍ଗୀ, ଅଜିତ ବାରିକ, ସଞ୍ଜୀବ କର୍ଣ୍ଣ, ତପନ ନାଗ, ଅନୁପ ମେହେର, ରମେଶ ସା ପ୍ରମୁଖ ଉପସ୍ଥିତ ଥିଲେ।

### ନିରୁପମା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା


ନିରୁପମା ମାଝି।

କଣ୍ଟାବାଞ୍ଜି,୧୨।୧୦(ଗୁରୁଦୟାଲ ହଂସ)

ପୂର୍ବତନ ଜିଲା ପରିଷଦ ସଭ୍ୟା ନିରୁପମା ମାଝି ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ଓଡିଶା ସରକାରଙ୍କ ତଫସିଲଭୁକ୍ତ ଜାତି ଓ ଜନଜାତି ତଥା ସଂଖ୍ୟାଲଘୁ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଚିଠି ନଂ.୨୧୩୭୫/ତା୧୨।୧୦।୨୦୨୩ରେ ଏହା ସୂଚିତ କରାଯାଇଛି। ତାଙ୍କ କାର୍ଯ୍ୟକାଳ ୨ ବର୍ଷ ରହିବ। ଶ୍ରୀମତୀ ମାଝି ପୂର୍ବରୁ ତୁରେକେଲା ବ୍ଲକରୁ ୧୧ନଂ ଜିଲା ପରିଷଦ ଜୋନରୁ ସଭ୍ୟାଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାମୀ ଚାଉଳସୁଖା ପଞ୍ଚାୟତର ସମିତି ସଭ୍ୟ ଅଛନ୍ତି।

## ଏଲ୍‌ଆଇ ପଏଣ୍ଟ ବିଦ୍ୟୁତ୍ ବିଚ୍ଛିନ୍ନ, ଚାଷୀ ହତାଶ

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଆଗଲାପାଲି ଗ୍ରାମର ଏକ ଏଲଆଇ ପଏଣ୍ଟର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇପଡିଛି। ୫ଦିନ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ ସଂଯୋଗ ପାଇଁ ପଦକ୍ଷେପ ନିଆ ଯାଉ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅଗଲାପାଲି ଗ୍ରାମର ୧୨ ଜଣ ଚାଷୀ ଉଠା ଜଳସେଚନ ବିଭାଗ ପକ୍ଷରୁ ଗଭୀର ନଳକୂପ ଖନନ କରି ଚାଷ କରୁଛନ୍ତି। ଅଣ ଜଳସେଚିତ ଏହି ଗ୍ରାମର ଚାଷୀ ଖରିଫ ଚାଷରେ ପାଣି ନିଅଣ୍ଟିଆ ସମୟରେ ଏହି ପ୍ରକଳ୍ପ କାମରେ ଆସିବ ବୋଲି ଆଶା ରଖିଛନ୍ତି। ହେଲେ ଗତ କିଛିଦିନ ହେଲା ଭାଲିଆମୁଣ୍ଡାରୁ ଉକ୍ତ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ହେଲେ ଗତ କିଛିଦିନ ହେଲା ଭାଲିଆମୁଣ୍ଡାଠାରେ ପ୍ରକଳ୍ପକୁ ଯାଇଥିବା ସଂଯୋଗ ତାର ଛିଣ୍ଡି ପଡିଛି। ଏହାକୁ ସଂଯୋଗ ପାଇଁ ଗତ ୫ ଦିନ ହେଲା ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ମୌଖିକ ଅବଗତ କରିବା ସହ ଅନଲାଇନରେ ଜଣାଇଛନ୍ତି। ହେଲେ ସଂଯୋଗ ଦେବାରେ ବିଭାଗ ପକ୍ଷରୁ ଆନ୍ତରିକତା ଦେଖା ଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏକ ସପ୍ତାହ ହେବ ବର୍ଷାଭାବ ଯୋଗୁ ଜମିରୁ ପାଣି ଶୁଖିବାରେ ଲାଗିଛି । ଖରିଫ ଚାଷ ପ୍ରଭାବିତ ଆଶଙ୍କା ଦେଖାଦେଇଛି । ବିଦ୍ୟୁତ୍ ସଂଯୋଗ ନହେଲେ ଚାଷ କ୍ଷତିଗ୍ରସ୍ତ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



ଭାଜପା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେତା ଓ କର୍ମୀ।

ବୌଦ୍ଧ,୧୨।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଭାଜପା ପକ୍ଷରୁ ବୌଦ୍ଧ ବ୍ଲକଠାରେ ବ୍ଲକସ୍ତରୀୟ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଗୃହୀତ ଅମୃତ ମାଟି କଳସଗୁଡିକ ସଂଗ୍ରହ କରାଯାଇଥିଲା। ସଂଗୃହୀତ ମାଟି କଳସକୁ ଧରି ଏକ ଶୋଭାଯାତ୍ରା ହୋଇଥିଲା। ଏହାକୁ ଆଗାମୀ ଦିନରେ ଜିଲାସ୍ତରରୁ ଭୁବନେଶ୍ୱର ନିଆଯାଇ ସେଠାରୁ ଦିଲ୍ଲୀ ନେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ,ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସରୋଜ ପ୍ରଧାନ, ସୂର୍ଯ୍ୟ ନାରାୟଣ ମହାପାତ୍ର, ଶ୍ୟାମସୁନ୍ଦର ପୁରୋହିତ, ତାପସ ପଟ୍ଟନାୟକ, ସୁଶାନ୍ତ ବାଘ, ନିବେଦିତା ମହାକୁଡ, ମିନାରାଣୀ ମିଶ୍ର , ତ୍ରିପୁରାରୀ ବେହେରା, ମାଗୁଣି ଗାଇଗୌରିଆ, ପ୍ରଣବ ନାଏକ, ସ୍ୱରୁପା ପଟ୍ଟନାୟକ, ସତ୍ୟାନନ୍ଦ ପାଣ୍ଡେଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ସାମିଲ ଥିଲେ ।

## ଚକ୍ଷୁ ଚିକିତ୍ସା ଶିବିର

ଗୁଡ଼ଭେଲା,୧୨।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷରା ସହରସ୍ଥିତ ତୋଷାଳି ବିଦ୍ୟା ମନ୍ଦିର ପରିସରରେ ବୀରମହାରାଜପୁର ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଗୁରୁବାର ଚକ୍ଷୁ ପରୀକ୍ଷା ଶିବିର ସହ ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଛି। ବିଦ୍ୟା ମନ୍ଦିର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଚିକିତ୍ସାଳୟ ଆସିଥିବା ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷଣ କରାଯାଇଥିଲା। ଏହାପରେ ଚକ୍ଷୁ ଯତ୍ନ ନେବା ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଏଥିରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

## କାମ କରୁନି ଲାଇଟ୍, ଶୁଣୁନାହାନ୍ତି ଠିକାଦାର

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ନ୍‌ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ବୁର୍ଡା, ବାଞ୍ଜିପାଲି ଓ ସିଆଲବାହାଲିରେ ହାଇମାଷ୍ଟ ଓ ଷ୍ଟ୍ରିଟଲାଇଟ ଲଗାଯାଇଛି । ବୁର୍ଡା ଗ୍ରାମ ଦେଇ ଯାଇଥିବା ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାପଥରେ ଲାଗିଥିବା ଷ୍ଟ୍ରିଟଲାଇଟ ସମେତ ବୁର୍ଡା, ବାଞ୍ଜିପାଲି ଓ ସିଆଲବାହାଲି ବସ୍ତିର କେତେକ ସ୍ଥାନର ଲାଇଟ ଆଉ କାମ କରୁନାହିଁ । ଲୋକେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପଞ୍ଚାୟତକୁ ମରାମତି ପାଇଁ ଗ୍ରାମବାସୀ ଜଣାଇ ଆସୁଛନ୍ତି। ଡିଆରଡିଏରୁ କେତେକ ହାଇମାଷ୍ଟ ଓ ଷ୍ଟ୍ରିଟ ଲାଇଟ ଛେଳଖାଇ ଅଞ୍ଚଳର ଜଣେ ଠିକେଦାର ଲଗାଇଛନ୍ତି। ୱାରେଣ୍ଟି ସମୟ ଥିବାରୁ ସମ୍ପୃକ୍ତ ଠିକାଦରଙ୍କୁ ମରାମତି ପାଇଁ ଜଣାଇ ଆସୁଥିଲେ ସୁଦ୍ଧା କର୍ଣ୍ଣପାତ କରୁ ନ ଥିବା ସରପଞ୍ଚ ସୁଦୀପ କୁମାର ସା କହିଛନ୍ତି। ଏ ଦିଗରେ ଜିଲାପାଳ ଆବଶ୍ୟକ ପଦକ୍ଷେପ ନେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଜିଲାସ୍ତରୀୟ ପୋଷଣ କାର୍ଯ୍ୟକ୍ରମ ପାଳିତ



ପୋଷଣ କାର୍ଯ୍ୟକ୍ରମରେ ଅତିଥି।

ବୌଦ୍ଧ,୧୨।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଟାଉନହଲଠାରେ ଜିଲାସ୍ତରୀୟ ପୋଷଣ କାର୍ଯ୍ୟକ୍ରମ ଗୁରୁବାର ଦିନ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ମିଲେଟ ଖାଦ୍ୟ ଓ ସୁସ୍ଥ ଜୀବନ ସଂପର୍କରେ ସଚେତନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଖାଦ୍ୟ ପ୍ରଦର୍ଶନୀରେ ମାଣ୍ଡିଆ ପ୍ରସ୍ତୁତ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ସରକାରଙ୍କ ନବଜାତକ ଶିଶୁମାନଙ୍କ ଅନ୍ନପ୍ରାସନ୍ନ,ଗର୍ଭବତୀ ମହିଳାଙ୍କ ସୁଆଦିଆ ଉତ୍ସବ ଆଦି ନେଇ ଆଲୋଚନା କରାଯାଇଥିଲା। ବୌଦ୍ଧ ସିଡିପିଓ ମିନତୀ ଦେଓ, କଣ୍ଟାମାଳ ସିଡିପିଓ ଜ୍ୟୋସ୍ନାରାଣୀ ପାଢୀ,ବାଲ୍ୟ ବିବାହ ନିରାକରଣ ପରାମର୍ଶଦାତ୍ରୀ ପ୍ରବିଜ୍ଞା ଦାସଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଘଣ୍ଟାପଡ଼ା,୧୨।୧୦(ପ୍ରଭାତ କୁମାର ସାହୁ)

ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ତମାସିନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରୂପା ସିଂ କ୍ଷେତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ପବିତ୍ର ମୋହନ ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଘଣ୍ଟାପଡ଼ା ପଞ୍ଚାୟତ ସରପଞ୍ଚ ରିତା କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ସୁରଭି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଗୋପୀନାଥ କହଁର ଯୋଗ ଦେଇଥିଲେ। ପରେ କ୍ଲଷ୍ଟରର ୧୮ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚଗୀତର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ୪ଟି ଆମ୍ବୁଲାନ୍ସର ଲୋକାର୍ପଣ

ବୌଦ୍ଧ,୧୨।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ଦିନ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ୪ ଗୋଟି ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଜୟକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଏହି ଆମ୍ବୁଲାନ୍ସର ଲୋକାର୍ପଣ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଯୋଗ ଦେଇଥିଲେ।



ମନ୍ତ୍ରୀଙ୍କ ଦ୍ୱାରା ଆମ୍ବୁଲାନ୍ସର ଲୋକର୍ପଣ।

ଏହାଦ୍ୱାରା ଗରିବ ଲୋକମାନେ ଉପକୃତ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଡ. ସଂଘମିତ୍ରା ପଣ୍ଡା, ତାରେଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବୌଦ୍ଧ ପଞ୍ଚାୟତ କଲେଜରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର



ଓଡିଆ ବିଭାଗର ପାଠଚକ୍ରରେ ଅତିଥି ଓ ଛାତ୍ରୀଛାତ୍ର।

ବୌଦ୍ଧ,୧୨।୧୦(ଅଜିତ କୁମାର ବାରିକ)

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟଠାରେ ଗୁରୁବାର ଦିନ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଏକ ଦିବସୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରର ବିଷୟବସ୍ତୁ ଥିଲା 'ଓଡିଆ ସାହିତ୍ୟର ବିଭା ଓ ବିଭାବନା'। ପାଠଚକ୍ରରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଓଡିଆ ଛାତ୍ରର କର୍ତ୍ତବ୍ୟ ଓ ସାହିତ୍ୟର ବିଭା ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଶରତ ଚନ୍ଦ୍ର ପତି ପାଠଚକ୍ରର ଉଦ୍ଦେଶ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପିକା ବାସନ୍ତି ପ୍ରଧାନ, ଅଧ୍ୟାପକ ଦାଶରଥି ବିଶ୍ୱାଳ, ଅଧ୍ୟାପକ ତ୍ରିନାଥ ରଣା, ଅଧ୍ୟାପିକା ତପସ୍ୱିନୀ ପ୍ରଧାନ ଯୋଗଦେଇ ସାହିତ୍ୟର ବଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀଛାତ୍ରମାନେ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ପାଠଚକ୍ର ସମ୍ପାଦିକା ଜୟଶ୍ରୀ କ୍ଷେତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପାଠଚକ୍ରରେ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ରଖିଲାନି ଏନ୍‌ଏଚ୍ ବିଭାଗ

### ଆନ୍ଦୋଳନମୁହାଁ ବଣିକ ସଂଘ

ଲୋଇସିଂହା,୧୨।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ଲୋଇସିଂହା କଲେଜ ଛକରୁ ଲାଇନଜୁରୀ ପୋଲ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ଏନେଇ ସ୍ଥାନୀୟ ବଣିକ ସଂଘ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ ହୋଇଥିଲା। ସେତେବେଳେ ରାସ୍ତା ପ୍ରଶସ୍ତିକରଣ କାମ ନହେବା ପର୍ଯ୍ୟନ୍ତ ଧୂଳିଗୁଣ୍ଡ ଉଡୁଥିବାରୁ ରାସ୍ତାରେ ପାଣି ସିଞ୍ଚନ ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ର କୁହାଯାଇଥିଲା। ୩ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରତିଶ୍ରୁତି ରଖି ନାହାନ୍ତି ଏନଏଚ କର୍ତ୍ତୃପକ୍ଷ । ଧୂଳିଗୁଣ୍ଡକୁ ନେଇ ଯାତ୍ରୀ ଏବଂ ବ୍ୟବସାୟୀ ଅଣନିଶ୍ୱାସୀ ହୋଇପଡୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବଣିକ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାମ ହାତକୁ ନିଆଯାଇଛି। ପ୍ରାୟ ୨ ବର୍ଷ ହେବ ପ୍ରଶସ୍ତୀ କରଣ କାମ ଚାଲିଥିଲେ ସୁଦ୍ଧା କାମ ସରୁନି। ରାଜପଥର ଅନେକ ସ୍ଥାନରେ ରାସ୍ତା କାମ ବାକି ରହିଛି। ଲୋଇସିଂହା କଲେଜ ଛକରୁ ଲାଇନଜୁରୀ ପୋଲ ପର୍ଯ୍ୟନ୍ତ କାମ ବାକି ରହିଛି । ଏହି ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ପିଚୁ ମରାମତି ନ କରି କ୍ରଶରଗୁଣ୍ଡରେ ରାସ୍ତା ମରାମତି କରାଯାଉଛି। ଖରା ହେଲେ ଗାଡି ଚଳାଚଳ ହେଲେ ଧୂଳିଗୁଣ୍ଡ ଉଡୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନର ବ୍ୟବସାୟୀ ଓ ଗ୍ରାହକ ଅଣନିଶ୍ୱାସୀ ହୋଇପଡୁଛନ୍ତି। ପ୍ରତିକାର ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ବଣିକ ସଂଘ ପ୍ରତିନିଧି ଭେଟିଥିଲେ। ଅକ୍ଟୋବର ୧୫ରୁ ରାସ୍ତା ପ୍ରଶସ୍ତୀକରଣ ଓ ଡ୍ରେନ କାମ ଅଗ୍ରଗତି କରାଯିବ ବୋଲି କହିଥିଲେ । ରାସ୍ତା ସମ୍ପୂର୍ଣ୍ଣ ହେବା ଯାଏ ପାଣି ସିଞ୍ଚନ କରାଯିବାକୁ ବଣିକ ସଂଘ ପ୍ରତିନିଧିଙ୍କୁ କହିଥିଲେ। ହେଲେ ପ୍ରତିଶ୍ରୁତି ନ ରଖିବାରୁ ବୁଧବାର ବିଧାୟକ ମହାଲିଙ୍ଗଙ୍କୁ ବଣିକ ସଂଘ ପ୍ରତିନିଧି ଭେଟିଥିଲେ। ବିଧାୟକ ମହାଲିଙ୍ଗ ନିର୍ବାହୀ ଯନ୍ତ୍ରୀଙ୍କ ସହ କଥା ହୋଇ ସମସ୍ୟା ଜଣାଇବା ପରେ ବୁଧବାର ସନ୍ଧ୍ୟାରୁ ସମ୍ପୃକ୍ତ ଅଞ୍ଚଳରେ ପାଣି ସିଞ୍ଚନ କରିବାକୁ ନିର୍ବାହୀ ଅଧିକାରୀ କଥା ଦେଇଥିଲେ। ବିଧାୟକଙ୍କ ନିର୍ଦ୍ଦେଶ ଏବଂ ଜନ ସାଧାରଣଙ୍କ ସମସ୍ୟାକୁ ବିଭାଗ ଅଣଦେଖା କରିଥିବାରୁ ବଣିକ ସଂଘ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଆନ୍ଦୋଳନ ପାଇଁ ବଣିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ପୋଖରୀରେ ବୁଡ଼ି ବୃଦ୍ଧା ମୃତ**

ଦେବଗଡ (ଶଶାଙ୍କ ଶେଖର ଝାଙ୍କର) : ବାରକୋଟ ଥାନା ଅନ୍ତର୍ଗତ ରେଙ୍ଗାଲବାହାଲ ଗ୍ରାମରେ ଗୁରୁବାର ଗାଧୋଉଥିବା ବେଳେ ପୋଖରୀରେ ବୁଡିଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଗ୍ରାମର ମାଳତୀ ଦୀପ (୭୨) ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ଅସାବଧାନତାବଶତଃ ବୁଡିଯାଇ ପ୍ରାଣ ହରାଇଥିଲେ। ସ୍ଥାନୀୟ ଲୋକେ ମୃତଦେହ ଉଦ୍ଧାର କରି ବାରକୋଟ ପୋଲିସକୁ ସୂଚନା ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

## ସଂକ୍ଷେପରେ

### ଟ୍ରେନ୍ ଲାଇନ୍‌ରେ ଯୁବକଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,୧୨।୧୦(ବିଜୟ ବରାଡ):** ବ୍ରଜରାଜନଗର ଲଜକୁରା ସାଇଡିଂ ଟ୍ରେନ୍ ଲାଇନ୍‌ରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଜିଆରପି ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ ୧୯ନଂ ୱାର୍ଡ ଗଣେଶନଗର ଅଞ୍ଚଳରେ ରହୁଥିବା ମାନିକା ଦାଶଙ୍କ ପୁଅ ଅଜୟ ଦାଶ (୩୮) ବୁଧବାର ରାତିରେ ଘରୁ କୁଆଡେ ପଳାଇଯାଇଥିଲେ। ଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ବିଳମ୍ବିତ ରାତିରେ ସ୍ଥାନୀୟ ଲଜକୁରା ସାଇଡିଂରେ କୋଇଲା ବୋଝେଇ ଟ୍ରେନ୍‌ରେ କଟି ଆତ୍ମହତ୍ୟା କରିଥିଲେ। ଟ୍ରେନ ଲାଇନ ଯାଞ୍ଚ କରୁଥିବା ବ୍ରଜରାଜନଗର ଷ୍ଟେଶନ କର୍ମଚାରୀ ଏହା ଜାଣିବା ପରେ ଜିଆରପିକୁ ଖବର ଦେଇଥିଲେ। ଜିଆରପି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଜିଲା ଦକ୍ଷତା କମିଟି ବୈଠକ

**ଦେବଗଡ଼, ୧୨।୧୦(ଶଶାଙ୍କ ଶେଖର ଝାଙ୍କର):** ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲା ଦକ୍ଷତା କମିଟି (ନୂଆଁଓଡ଼ିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ନୂତନ ଜ୍ଞାନକୌଶଳରେ ବେକାରୀ ଯୁବକମାନଙ୍କୁ ତାଲିମ ଦେବା ସହିତ ସାବଲମ୍ବୀ କରାଇ ରୋଜଗାରକ୍ଷମ କରାଇବା ପାଇଁ ଆଲୋଚନା କରାଯାଇଥିଲା। ଆଇଟି ସେକ୍ଟରରେ ମୋବାଇଲ ମରାମତି, ସୌରଶକ୍ତି ଚାଳିତ ଯନ୍ତ୍ରାଂଶ ମରାମତି, ବ୍ୟୁଟିସିଆନ, ରେଫ୍ରିଜେରେଟର ମରାମତି, ରାଜମିସ୍ତ୍ରିଙ୍କୁ ତାଲିମ ଆଦି ଉପରେ ତାଲିମ ଦେବା ପାଇଁ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ ବିଶ୍ୱରଞ୍ଜନ ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦିତ୍ୟଆଲୁମିନିୟମରେ ବିଶ୍ୱ ଦୃଷ୍ଟିଶକ୍ତି ଦିବସ

**ସମ୍ବଲପୁର,୧୨।୧୦(ବି.ଶଙ୍କର):** ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଗୁରୁବାର ବିଶ୍ୱ ଦୃଷ୍ଟିଶକ୍ତି ଦିବସ ପାଳିତ ହୋଇଯାଇଛି। ଉପ ପରିଚାଳକ ମନୋରଞ୍ଜନ ବେହେରା ଓ ପିଏଲ୍ ସୁବାସ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ୪ଟି କ୍ୟାମ୍ପରୁ ୨୨ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇ ମାଗଣା ଅସ୍ତ୍ରୋପଚାର ପାଇଁ ପଠାଯାଇଛି । କର୍ମକ୍ଷେତ୍ରରେ ଚକ୍ଷୁର ଯତ୍ନକୁ ଲକ୍ଷ୍ୟ ରଖି କମ୍ପାନୀ ବିଭିନ୍ନ ସମୟରେ ଚକ୍ଷୁ ସଚେତନତା କାର୍ଯ୍ୟ କରିଆସୁଛି। ଜନସାଧାରଣଙ୍କୁ କର୍ମକ୍ଷେତ୍ରରେ ସେମାନଙ୍କ ଦୃଷ୍ଟିଶକ୍ତିର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ସମ୍ବଲପୁରସ୍ଥିତ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ରେଙ୍ଗାଲି ବ୍ଲକରେ ଏକ ଭିଜନ ସେଣ୍ଟର ଖୋଲାଯାଇଛି। ରେଙ୍ଗାଲି ବ୍ଲକରୁ ମୋତିଆବିନ୍ଦୁ ଜନିତ ଅନ୍ଧତ୍ୱ ଦୂରିଭୂତ କରିବା କମ୍ପାନୀର ମୂଳ ଲକ୍ଷ୍ୟ ରହିଛି। ତ୍ରିଲୋଚନ ନେତ୍ରାଳୟ ଦଳ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଗତ ୨ବର୍ଷ ମଧ୍ୟରେ କେନ୍ଦ୍ରରେ ୭ହଜାରରୁ ଅଧିକ ରୋଗୀଙ୍କ ଚିକିତ୍ସା କରାଯାଇଛି। ସେମାନଙ୍କ ମଧ୍ୟରୁ ୧୪୫୦ ଜଣଙ୍କ ମାଗଣାରେ ମୋତିଆବିନ୍ଦୁ ଅପରେଶନ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି ।

# ଗ୍ରାହକ ସେବା କେନ୍ଦ୍ର ବିରୋଧରେ ସଙ୍ଗିନ ଅଭିଯୋଗ

**କୁତ୍ରା,୧୨।୧୦(ଦେବାଶିଷ ସାହୁ)**



ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତରକେରାଠାରେ ଥିବା ଏକ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଗ୍ରହକ ସେବା କେନ୍ଦ୍ର ବିରୋଧରେ ସଙ୍ଗୀନ ଅଭିଯୋଗ ହୋଇଛି। ଗ୍ରାହକଙ୍କ ଆକାଉଣ୍ଟରୁ ତାଙ୍କ ବିନା ଅନୁମତିରେ ପଇସା ଉଠା ଯାଉଛି। ସୂଚନାଯୋଗ୍ୟ, ଲାଞ୍ଜିବେରନା ଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ ଗ୍ରହକ ସେବା କେନ୍ଦ୍ର ତରକେରା ଗ୍ରାମର ରୂପେଶ ତିରିଆଙ୍କ ନାମରେ ରହିଛି। ଏଠାରେ ଆକାଉଣ୍ଟ ଖୋଲିବା ସହିତ ଟଙ୍କା ନେଣଦେଣ ମଧ୍ୟ ହେଉଛି। ତେବେ ଏଠାରେ ଟଙ୍କା ଉଠାଇବା ପାଇଁ ଆସୁଥିବା ଲୋକଙ୍କ ଫିଙ୍ଗର ପ୍ରିଣ୍ଟ ନେଇ ଲୋକେ ଯେତିକି ବାହାର କରୁଛନ୍ତି ତା ଠାରୁ ଅଧିକ ଟଙ୍କା ଆକାଉଣ୍ଟରୁ କଟି ଯାଉଥିବା ଅଭିଯୋଗ କରିଛନ୍ତି ବଡ଼ମାଲ, ତରକେରା, ଉଡ଼ରୁମା, ପଙ୍ଗନିଅବହାଲ ଗ୍ରାମର ଲୋକେ। ପିଙ୍ଗନିଆବାହାଲ ଗ୍ରାମର ଜୈନିକା ମହିଳାଙ୍କ ଆକାଉଣ୍ଟରେ ଆବାସ ଯୋଜନ ୬୫ ହଜାର ଟଙ୍କା ଆସିଥିବା ବେଳେ ସେ ଗ୍ରାହକ ସେବା କେନ୍ଦ୍ର ଠାରୁ ୫୫ ହଜାର ଟଙ୍କା ବାହାର କରିଥିଲେ। ହେଲେ ଆଉ ୧୦ ହଜାର ଟଙ୍କା ଆକାଉଣ୍ଟରୁ ଉଠିଥିବା ଅଭିଯୋଗ କରିଛନ୍ତି। ଆଉ ଜଣଙ୍କ ଆକାଉଣ୍ଟରେ କୌଣସି ୫୫୦୦ ଟଙ୍କା ପଡିଥିବା ବେଳେ ସେ ମାତ୍ର ୫୦୦ ଟଙ୍କା ବାହାର କରିଥିବା କହିଛନ୍ତି। ଆଉ ୫ ହଜାର ଟଙ୍କା ଗ୍ରାହକ ସେବା କେନ୍ଦ୍ର ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି। ସେହିଭଳି ଭାବରେ ଆଉ ଜଣେ ଗ୍ରାହକ ପଇସା ଉଠାଇବା ପାଇଁ ଯାଇଥିବା ବେଳେ ତାଙ୍କ ଫିଙ୍ଗର ପ୍ରିଣ୍ଟ ନେଇ ସରଭର ଡାଉନ ଥିବା କହି ତାଙ୍କୁ ଫେରାଇ ଦେଇଥିଲେ। ହେଲେ ତାଙ୍କ ଆକାଉଣ୍ଟରୁ ୬ ହଜାର ଟଙ୍କା ଉଠିଯାଇଥିଲା। ପରେ ସେ ତାଙ୍କ ସମ୍ପର୍କୀୟଙ୍କ ସହିତ ଯାଇ ତାଙ୍କୁ କହିବା ପରେ ଟଙ୍କା ଫେରସ୍ତ କରିଥିଲେ। ଏଭଳି ଭାବରେ ଅନେକ ଗ୍ରହକଙ୍କ ପାଖରୁ ଏଭଳି ଲୁଟ ହେଉଥିବା ନଜର ସମ୍ନାକୁ ଆସିଛି। ଆଗରୁ ମଧ୍ୟ ଏଭଳି ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଥିବା କହିଛନ୍ତି ଗ୍ରହକମାନେ। ଏହାକୁ ନେଇ ଗ୍ରାହକ ସେବା ମାଲିକଙ୍କୁ ପଚାରିବାରୁ , ସଠିକ ଭାବେ ଉତ୍ତର ଦେଇ ନ ପାରି ବିଭିନ୍ନ ପ୍ରକାର ବାହାନା କରି କଥା କାଟିବାକୁ ଚେଷ୍ଟା କରିଥିଲେ। ତେଣୁ ଏଥିପ୍ରତି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହା ବରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଏନ୍‌ଟିପିସି ଡୁଲଙ୍ଗା ପକ୍ଷରୁ ଅନ୍ତର୍ଜାତୀୟ ବାଳିକା ଶିଶୁ ଦିବସ



**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଏନ୍‌ଟିପିସି ଡୁଲଙ୍ଗା, ଓଡ଼ିଶା ସରକାରଙ୍କ ଉଦ୍ୟମରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସରକାରୀ ଉଚ୍ଚ ବିଦ୍ୟାଳୟକୁ ସହାୟତା ପ୍ରଦାନ କରିଛି। ଯୁବ ପ୍ରତିଭାଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା ନିମନ୍ତେ ସୁରଭି କାର୍ଯ୍ୟକ୍ରମ ହେଉଛି ଏକ ପଦକ୍ଷେପ। ଏହି ଅବସରରେ ଏନ୍‌ଟିପିସି ଡୁଲଙ୍ଗା ପ୍ରକଳ୍ପ ମୁଖ୍ୟ କେ. ଚନ୍ଦ୍ରଶେଖର ଅଂଶଗ୍ରହଣକାରୀ ଶିକ୍ଷା କ୍ଷେତ୍ରରେ ଲିଙ୍ଗଗତ ସମାନତା ଏବଂ ସଶକ୍ତିକରଣର ମହତ୍ତ୍ୱକୁ ଚିହ୍ନି ଅନ୍ତର୍ଜାତୀୟ ବାଳିକା ଶିଶୁ ଦିବସ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ।

# ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଲେ ସରକାରୀ କଲେଜ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଏସୀୟ କ୍ରିଡ଼ାରେ ଭାରତୀୟ ଦଳର ଚମତ୍କାର ପ୍ରଦର୍ଶନ ପାଇଁ ସୁନ୍ଦରଗଡ ସରକାରୀ କଲେଜର ଛାତ୍ରୀଛାତ୍ରମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ.ଲଳିତ ରଞ୍ଜନ ସାହୁ ଅଧ୍ୟକ୍ଷତା କରି ଭାରତର ମହିଳା ଓ ପୁରୁଷ ହକି ଦଳ ଏସୀୟ କ୍ରୀଡାରେ ସୁନ୍ଦର ପ୍ରଦର୍ଶନ ପାଇଁ ଖେଳାଳି ଓ ଖେଳ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ହକି ଦଳକୁ ଯେଉଁ ପ୍ରୋତ୍ସାହନ ଯୋଗାଇଛନ୍ତି ସେ ସମ୍ପର୍କରେ ଦର୍ଶାଇଥିଲେ। ଭାରତୀୟ ଜାତୀୟ ଖେଳ ହିସାବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କିଭଳି ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି ହେବ ସେନେଇ ଗୁରୁତ୍ୱରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଧାପକ ଆଲୋକ କୁମାର ନାଏକ, ଅଧାପକ ପ୍ରଭାକର ସେଠୀ, ଶିବ ପ୍ରସାଦ ମହାନ୍ତି, ନୂତନ ଖମାରୀ, ସେକ୍ସନ ଅଫିସର ପ୍ରଦୀପ କୁମାର ବହିଦାରଙ୍କ ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଦେବଗଡ,୧୨।୧୦(ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ତଥା ଦେବଗଡ ଥାନା ଅନ୍ତର୍ଗତ କଣ୍ଢଳ ଗ୍ରାମରେ ଗୁରୁବାର ଜିଲା ପୋଲିସ ବିଭାଗ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଥାନା ଆଇଆଇସି ସରୋଜ କୁମାର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବଗଡ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ କଲେଜ ଅଧ୍ୟକ୍ଷ ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉକ୍ତ ଦୁଇ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ସାଇବର ଅପରାଧକୁ କିଭଳି ରୋକାଯାଇପାରିବ ସେ ନେଇ ସଚେତନ କରାଯାଇଥିଲା। ପରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଚେତନତା ରଥ ଗାଁରେ ବୁଲି ଲିଫଲେଟ ବଣ୍ଟନ ସହ ଏଲ୍‌ଇଡି ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା।

# ୱାର୍ଡବାସୀଙ୍କୁ ସଚେତନ କରିବେ ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ

**ଦେବଗଡ଼,୧୨।୧୦(ଶଶାଙ୍କ ଶେଖର ଝାଙ୍କର)**

**ବାଲ୍ୟ ବିବାହମୁକ୍ତ ପୌରାଞ୍ଚଳ ପାଇଁ ଅଣ୍ଟା ଭିଡ଼ିଲେ**

ସମଗ୍ର ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ପ୍ରସାଶନ ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଶାସନ ପକ୍ଷରୁ ଜିଲାପାଳ ସୋମେଶ ଉପାଧ୍ୟାୟ ସୂଚନା ପ୍ରଦାନକାରୀଙ୍କ ପାଇଁ ୩୦୦୦ଟଙ୍କା ଘୋଷଣା କରିଛନ୍ତି। ଏହି ପ୍ରକ୍ରିୟାରେ ୨୦୨୧ରେ ଜିଲାର ୩୭୦ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି। ଏହାବ୍ୟତୀତ ଆଉ ୨୬୦ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା ପାଇଁ ପଲ୍ଲିସଭାରୁ ଗୃହୀତ ହୋଇ ଜିଲା ପ୍ରଶାସନର ଅନୁମୋଦନ ପାଇଁ ଦାଖଲ କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି। ଆସନ୍ତା ଶିଶୁ ଦିବସରେ ଦେବଗଡ ପୌରାଞ୍ଚଳକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା ପାଇଁ ଅଣ୍ଟା ଭିଡିଛନ୍ତି ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରି ଦେଈ ଓ ଉପାଧ୍ୟକ୍ଷ ପ୍ରଜିତ ଭୋଜ।

ଏହି ପରିପ୍ରେକ୍ଷୀରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ରଙ୍କ ଅବାହକତ୍ୱ ଓ ପୌରପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରି ଦେଈଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ସମସ୍ତ ୱାର୍ଡରେ ୱାର୍ଡ ମେମ୍ବରଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ ବିରୋଧ ଟାସ୍କ ଫୋର୍ସକୁ ସୁଦୃଢ କରାଯାଇ ବାଲ୍ୟ ବିବାହ ନିଷେଧ ଅଧିନିୟମକୁ କଡାକଡି ଭାବେ ଲାଗୁ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହିମାସ ଶେଷ ସୁଦ୍ଧା ୱାର୍ଡମେମ୍ବରଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ୱାର୍ଡରେ ବୈଠକ କରି ୱାର୍ଡକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିବା ପାଇଁ ପ୍ରଶାସନ ନିକଟରେ ଉପସ୍ଥାପନ କରାଯିବ। ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ପ୍ରତ୍ୟେକ ୱାର୍ଡକୁ ଯାଇ ୱାର୍ଡବାସୀଙ୍କୁ ବାଲ୍ୟ ବିବାହ ଅଧିନିୟମ ସମ୍ପର୍କରେ ସଚେତନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସମସ୍ତ ୱାର୍ଡର ଅଙ୍ଗନୱାଡି କର୍ମୀଙ୍କ ସମେତ ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ପୌରପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ତିଳେଇବଣୀ ସିଡିପିଓ କାଞ୍ଚନ ପଣ୍ଡା, ସୁରକ୍ଷା ଅଧିକାରୀ ଚିନ୍ମୟ ସାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆକ୍ସନ ଏଡ୍ ଜିଲା ସଂଯୋଜକ ବିରେନ୍ଦ୍ର ମହାପାତ୍ର ଓ ଦେବରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କୁଆଁରମୁଣ୍ଡା,୧୨।୧୦(ମହେନ୍ଦ୍ର କୁମାର ସାହୁ)**



କୁଆଁରମୁଣ୍ଡା ହରିହର ହାଇସ୍କୁଲକୁ ସାଇବର ସଚେତନତା ରଥ ଓ ମାସ୍କଟ ଯାଉଛି।

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ପୋଲିସ ଉପଖଣ୍ଡର ବୀରମିତ୍ରପୁର ଓ କୁଆଁରମୁଣ୍ଡା ଅଞ୍ଚଳରେ ସାଇବର ସଚେତନତା ରଥ ଓ ମାସ୍କଟ ପରିକ୍ରମା ସଚେତନତା କରାଯାଇଛି। ଏହି ଉପଲକ୍ଷେ ଅପରାହ୍ନରେ ଉଭୟ ରଥ ଓ ମାସ୍କଟ କୁଆଁରମୁଣ୍ଡା ହରିହର ହାଇସ୍କୁଲରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଜନସାଧାରଣଙ୍କୁ ସାଇବର ଅପରାଧ ଓ ଏହାର ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେଇଥିଲା। ଏହାସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଇବର ସୁରକ୍ଷା ସମ୍ପର୍କିତ କୁଇଜ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ବୀରମିତ୍ରପୁର ପୋଲିସ ଉପଖଣ୍ଡ ଅଧିକାରୀ ସୁଶାନ୍ତ ଦାସ, ଆଇଆଇସି ଆଶିଷ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ କୁମାର ମହାପାତ୍ର ଓ ବୀରମିତ୍ରପୁର ପୋଲିସ ଟିମ୍ ଉପସ୍ଥିତ ରହି ରଥ ଓ ମାସ୍କଟକୁ ବଜରଙ୍ଗ ଛକ ନିକଟରେ ସ୍ୱାଗତ କରିବା ସହ ୧୪୩ ନମ୍ବର ଜାତୀୟ ରାଜପଥ ନିକଟସ୍ଥ ହରିହର ହାଇସ୍କୁଲକୁ ପାଛୋଟି ନେଇଥିଲେ। ସ୍କାଉଟ୍ ଛାତ୍ରୀଛାତ୍ରଙ୍କ ସହ ଏସ୍‌ଏଚଜି ମହିଳା, ଆଶାକର୍ମୀ, ବନ ଅଧିକାରୀ ପଞ୍ଚାନାରାୟଣ ସରାଫଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ,ଶିକ୍ଷକ ଏଥିରେ ଉପସ୍ଥିତ ଥିଲେ। ଅନୁଷ୍ଠିତ ସଭା କାର୍ଯ୍ୟରେ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଦାଶ,ଏସ୍‌ଡିପିଓ ଦାଶ, ଜିଲା ସାଇବର ଥାନା ଆଇଆଇସି ପ୍ରଶାନ୍ତସାହୁ, ଆଇଆଇସି ଜେନା, ଫାଣ୍ଡି ଅଧଇକାରୀ ମହାପାତ୍ର,ସରପଞ୍ଚ ରାଜେଶ ହାସଦା, ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୀମା ସୁଜାତା ତିର୍କୀ ପ୍ରମୁଖ ଉପସ୍ଥିତ ରହି ସାଇବର ସୁରକ୍ଷା ସମ୍ପର୍କରେ ନିଜ ନିଜ ବକ୍ତବ୍ୟ ରଖିଥିଲେ।

## ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ନାକଟିଦେଉଳ,୧୨।୧୦(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ କିସିଣ୍ଡା ମହାବିଦ୍ୟାଳୟରେ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ସହାୟତାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶ୍ରୀତା ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟ ଅଧ୍ୟାପକ/ଅଧ୍ୟାପିକା କୌଶିକ କୁମାର ପ୍ରଧାନ, ସୁଶାନ୍ତ ନାଏକ, ସଞ୍ଜୟ କୁମାର ପ୍ରଧାନ, ଅନିତା ପ୍ରଧାନ, ସ୍ୱାଗତିକ ମୁଦୁଲିଙ୍କ ସମେତ ନେହେରୁ ଯୁବକେନ୍ଦ୍ର ଜିଲା ସଂଯାଜକ ମାରିଆନ ବିଲୁଙ୍ଗ ଯୋଗ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ର ମହାବିଦ୍ୟାଳୟରୁ ମାଟି ସଂଗ୍ରହ କରି ମାଠିଆରେ ଦେଇଥିଲେ। ଏହି ମାଟିକୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ପଠାଇବା ପାଇଁ ସ୍ଥିର କରାଯାଇଥିଲା।

# ବିଶ୍ୱ ଦୃଷ୍ଟି ଦିବସ ପାଳିତ

**ଦେବଗଡ଼, ୧୨।୧୦(ଶଶାଙ୍କ ଶେଖର ଝାଙ୍କର)**

ଜିଲା ଚିକିତ୍ସା ବିଭାଗ ଆନୁକୂଲ୍ୟରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧନା ଦାସ ସବୁଜ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏଥିରେ ଏନ୍‌ଏମ୍ ସେଣ୍ଟରର ଛାତ୍ରୀଙ୍କ ସହିତ ସାସ୍ଥ୍ୟ ବିଭାଗର କର୍ମଚାରୀ ସାମିଲ ହୋଇଥିଲେ। ପରେ ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣାଅଜଣା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଉତ୍ତମ ପ୍ରସାଦ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ମାନସ ପ୍ରଧାନ ପ୍ରଥମ, ବିଶଜିତ ଦେହୁରି ଦ୍ୱିତୀୟ, ଆୟୁଷ୍ମାନ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉଦ୍‌ଯାପିତ

**ଦେବଗଡ଼, ୧୨।୧୦(ଶଶାଙ୍କ ଶେଖର ଝାଙ୍କର)**

ଭାରତୀୟ ରେଡ଼କ୍ରସ ସୋସାଇଟି ଓ ଜିଲା ରେଡ଼କ୍ରସ ମିଳିତ ସହଯୋଗରେ ତିନିଦିନିଆ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଦେବଗଡ଼ ଆଦର୍ଶ ମହାବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ଜରୁରୀକାଳୀନ ଅଧିକାରୀ ତଥା ଭାରତୀୟ ରେଡ଼କ୍ରସ ସୋସାଇଟି ଦେବଗଡ଼ର ସମ୍ପାଦକ ସୁଶାନ୍ତ କୁମାର ନାଏକ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଓ ଉପଜିଲାପାଳ ପରିକ୍ଷିତ ସାହୁ, ଜିଲା ପ୍ରକଳ୍ପ ଅଧିକାରୀ ପ୍ରଭାସ ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶରରୁ ଆସିଥିବା ଗୋବିନ୍ଦ ରାଓ, ସୁମନ୍ତ ଦ୍ୱିବେଦୀ ପ୍ରାଥମିକ ଚିକିତ୍ସା ତାଲିମ ପ୍ରଦାନ କରିଥିଲେ। ଓଡ୍ରାଫ ଓ ଅଗ୍ନିଶମ ବାହିନୀ ଦୁର୍ଘଟଣାକୁ କିପରି ଏଡ଼ାଇହେବ ସେ ନେଇ କୌଶଳ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଦେବଗଡ଼ ମହାବିଦ୍ୟାଳୟ ଓ ଏନ୍‌ଏମ୍ ସେଣ୍ଟରର ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।




ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇଲେ ଲୋକେ

**ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ**

**ଦେବଗଡ଼, ୧୨।୧୦ (ଶଶାଙ୍କ ଶେଖର ଝାଙ୍କର)**




ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ପ୍ରତିବାଦ କରୁଛନ୍ତି ଲୋକେ।

ଦେବଗଡ ଜିଲା ବାରକୋଟ ବ୍ଲକ ବମ୍ପରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେଇଥିଲେ।

ସୂଚନା ଅନୁଯାୟୀ ବମ୍ପରଡା ପଞ୍ଚାୟତ ଝରବାହାଲ ଗ୍ରାମର ଛବିଳ ନାଏକ (୩୨) ବୁଧବାର ସନ୍ଧ୍ୟାରେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବମ୍ପରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେତେବେଳେ ଡାକ୍ତର ଓ ଅନ୍ୟ କୌଣସି କର୍ମଚାରୀ ଉପସ୍ଥିତ ନ ଥିଲେ। ଦୀର୍ଘ ପ୍ରାୟ ୨ଘଣ୍ଟା ଅପେକ୍ଷା କରିବା ପରେ କେହି ନ ଆସିବାରୁ ଛବିଳଙ୍କୁ ପରିବାର ଲୋକେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଡାକ୍ତରଖାନାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସାଧନା ଦାଶ, ଏଡିପିଏଚ୍‌ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟା ସମୟରେ ତାଲା ଖୋଲାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୩/୨୦୨୩ Bhubaneswar, Friday, October 13/2023 | ପୃଷ୍ଠା-୧



**କ୍ୱିଣ୍ଟନ ଡି'କକ୍‌ଙ୍କ ଶତକ**

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଓପନିଂ ବ୍ୟାଟର କ୍ୱିଣ୍ଟନ ଡି'କକ୍ ଏକ ଆକର୍ଷଣୀୟ ଶତକ ହାସଲ କରିଛନ୍ତି।

୦୬

୦୫

**'ବୈଜୁ ବାୱରା'ରେ ନୟନତାରା**

ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ ଫିଲ୍ମ 'ବୈଜୁ ବାୱରା'ରେ ସାଉଥ୍ ଅଭିନେତ୍ରୀ ନୟନତାରା ମୁଖ୍ୟ ଚରିତ୍ରରେ ନଜରକୁ ଆସିବେ।



# ଗେଣ୍ଡୁ ଚାରା ପାଇଁ ନାବାଳିକାଙ୍କୁ ହତ୍ୟା

**ଗେଣ୍ଡୁ ଚାରା ଚୋରି କରିଥିବା ଅଭିଯୋଗ ଆଣି ଝିଅାରିକୁ ବଡ଼ମା' ହତ୍ୟା କରିବା ଭଳି ଘଟଣା ଯେକେହି ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ଦଣ୍ଡ ଦେବାକୁ ଯାଇ ବାଡ଼େଇବା ଫଳରେ ଝିଅାରିର ମୃତ୍ୟୁ ଘଟିଥିବା ପୋଲିସ କହିଛି।**



ଅଭିଯୁକ୍ତ ଲକ୍ଷ୍ମୀ ମୁର୍ମୁ



ମୃତ ସରସ୍ୱତୀ ହାଁସଦା

- ସମ୍ପର୍କୀୟ ବଡ଼ ମା' ସାଜିଲେ ବଇରି
- ହତ୍ୟା ପରେ ରଶିରେ ଝୁଲାଇଦେଲେ

ଉଦଳା,୧୨।୧୦
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଭାଲୁଝୁରୁଡ଼ା ଗ୍ରାମରେ ସାମାନ୍ୟ ଗେଣ୍ଡୁ ଚାରା ଚୋରିକୁ ନେଇ ଜଣେ ନାବାଳିକାଙ୍କୁ ସମ୍ପର୍କୀୟ ବଡ଼ ମା' ନୃଶଂସ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ହତ୍ୟାକୁ ଆତ୍ମହତ୍ୟା ରୂପ ଦେବା ପାଇଁ ନାବାଳିକାଙ୍କ ବେକରେ ରଶି ଲଗାଇ ଝୁଲାଇ ଦେବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତ ନାବାଳିକା ଜଣକ ହେଲେ ଗୁଣ୍ଟି ହାଁସଦାଙ୍କ ଝିଅ ସରସ୍ୱତୀ(୧୧)। ପୋଲିସ ଅଭିଯୁକ୍ତ ବଡ଼ ମା' ଲକ୍ଷ୍ମୀ ମୁର୍ମୁଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୨୩/୨୩) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ସରସ୍ୱତୀ ଭୁବନେଶ୍ୱରସ୍ଥିତ ଲକ୍ଷ୍ମୀସାଗର ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥିଲେ। ମା' ବାପା ତାଙ୍କୁ ସେଠାରେ ନ ପଢ଼ାଇ ଉଦଳାରେ ପଢାଇବେ ବୋଲି ମନସ୍ଥ କରିଥିଲେ। ସାର୍ଟିଫିକେଟ ଆଣିବା ନିମନ୍ତେ ବାପା ଗୁଣ୍ଟି ଏବଂ ମା' ସୀତା ଦିନକ ପୂର୍ବରୁ ସରସ୍ୱତୀଙ୍କୁ ସମ୍ପର୍କୀୟ ବଡ଼ ମା' ଲକ୍ଷ୍ମୀଙ୍କ ଘରେ ଛାଡ଼ି ଅନ୍ୟ ଦୁଇ ପିଲାଙ୍କୁ ସାଙ୍ଗରେ ନେଇ ଭୁବନେଶ୍ୱର ଯାଇଥିଲେ। ବୁଧବାର ମଧ୍ୟାହ୍ନରେ ସୀତାଙ୍କୁ ବଡ଼ ମା' ଲକ୍ଷ୍ମୀ ଫୋନ କରି ତାଙ୍କ ଝିଅ ପଇସା ଓ ଗେଣ୍ଡୁ ଚାରା ଚୋରି କରିଛି ବୋଲି କହିଥିଲେ। ଘରେ ପହଞ୍ଚିଲେ ବୁଝିବି ବୋଲି ସୀତା ତାଙ୍କୁ କହିଥିଲେ। ତେବେ ସନ୍ଧ୍ୟାରେ ସରସ୍ୱତୀ ବେକରେ ଓଢଣି ଲଗାଇ ଆତ୍ମହତ୍ୟା କରିଥିବା ଫୋନ ଯୋଗେ ସୀତାଙ୍କୁ ଜଣାଇଥିଲେ ବଡ଼ ମା' ଲକ୍ଷ୍ମୀ। ଏହା ଶୁଣି ସରସ୍ୱତୀଙ୍କ ମା' ଏବଂ ବାପା ଭୁବନେଶ୍ୱରରୁ ଫେରି ଆସି ରାତିରେ ☞ପୃଷ୍ଠା-୪

# ସିଡବ୍ଲ୍ୟୁସି ସଦସ୍ୟାଙ୍କୁ ହତ୍ୟା, ଡ୍ରାଇଭର ଗିରଫ

ବ୍ରହ୍ମପୁର,୧୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ବିଜିପୁର ନୀଳକଣ୍ଠନଗରରେ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି) ସଦସ୍ୟା ସୌଦାମିନୀ ରଥଙ୍କୁ ବୁଧବାର ରାତିରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଚୋରି ଧରାପଡିଯିବା ଭୟରେ କାର୍ ଡ୍ରାଇଭର କଟୁରିରେ ପିଟି ସୌଦାମିନୀଙ୍କୁ ହତ୍ୟା କରିଛନ୍ତି। ଅଭିଯୁକ୍ତ କାର୍ ଡ୍ରାଇଭର ସୀମାଞ୍ଚଳ ସାହୁଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ଅପରାହ୍ନରେ ତାଙ୍କୁ ଉକ୍ତ ଘରକୁ ଆଣି କ୍ରାଇମ୍ ସିନ୍ ରିକ୍ରିଏଶନ କରିଛି। ସୀମାଞ୍ଚଳଙ୍କ ସ୍କୁଟି, ତାଙ୍କ ପକେଟରୁ ସୌଦାମିନୀଙ୍କ ମୋବାଇଲ ଫୋନ ଓ ଘରୁ କଟୁରି ଜବତ କରାଯାଇଛି। ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ସୌଦାମିନୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଅରୁଣା'ର ସମ୍ପାଦିକା ଥିବା ବେଳେ ଗତ ଜୁଲାଇ ୧୨ ତାରିଖରେ ସିଡବ୍ଲ୍ୟୁସି ସଦସ୍ୟା ଭାବେ ନିଯୁକ୍ତି ପାଇଥିଲେ। ତାଙ୍କର ଏକମାତ୍ର ପୁଅ ଓ ବୋହୂ ବେଙ୍ଗାଲୁରୁରେ ରୁହନ୍ତି। ସୌଦାମିନୀ ଏକା ରହୁଥିଲେ। ଗତ ୧୦ତାରିଖରେ ସେ ୩ଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାକୁ ଘରେ ତାଲା ପକାଇ ଭୁବନେଶ୍ୱର ଆସିବା ବେଳେ ଗୁରୁବାର ଫେରିବେ ବୋଲି କାର୍ ଡ୍ରାଇଭର ସୀମାଞ୍ଚଳଙ୍କୁ କହିଥିଲେ। କୌଣସି କାରଣବଶତଃ ସୌଦାମିନୀ ବୁଧବାର ରାତି ପ୍ରାୟ ସାଢେ ୧୦ଟାରେ ବ୍ରହ୍ମପୁର ଫେରିଆସିଥିଲେ। ଘର ଭିତରେ ହଠାତ୍ ସୀମାଞ୍ଚଳଙ୍କୁ ଦେଖି ତାଙ୍କର ସନ୍ଦେହ ହୋଇଥିଲା। ସୌଦାମିନୀ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଫୋନରେ ଘଟଣା ସମ୍ପର୍କରେ କହିଥିଲେ। ସୀମାଞ୍ଚଳ ଧରାପଡିଯିବା ଭୟରେ ଏକ କଟୁରିରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରି ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ସୌଦାମିନୀ କାର ଡ୍ରାଇଭର ମୋତେ



ସୌଦାମିନୀ ରଥ

**ଚୋରି ଧରାପଡ଼ିଯିବା ଭୟରେ ହତ୍ୟାକାଣ୍ଡ**

ମାରିଦେଲା ବୋଲି ସମ୍ପର୍କୀୟଙ୍କୁ ଚିତ୍କାର କରି ଜଣାଇଥିଲେ। ସମ୍ପର୍କୀୟମାନେ ଘରେ ପହଞ୍ଚି ସୌଦାମିନୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ଘଟଣା ସମ୍ପର୍କରେ ତାଙ୍କ ପୁଅ ପ୍ରବୀଣ ଓ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ମୃତଦେହ ଜବତ କରିବା ସହ ରାତିସାରା ଜଗି ରହିଥିଲା। ଗୁରୁବାର ସକାଳେ ପୁଅ ଓ ବୋହୂ ଆସି ପହଞ୍ଚିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା ସହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ରହ୍ମପୁର ଟାଉନ ଏସ୍‌ଡ଼ିପିଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି, କାର୍ ଡ୍ରାଇଭର ସୀମାଞ୍ଚଳ ଚୋରି କରିବା ଉଦ୍ଦେଶ୍ୟରେ ସୌଦାମିନୀଙ୍କ ଘରେ ପଶିଥିଲେ। ଧରାପଡ଼ିଯିବା ଭୟରେ ସେ ହତ୍ୟାକାଣ୍ଡ ଭିଆଇଛନ୍ତି। ସୌଦାମିନୀଙ୍କ ଭଉଣୀ ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୧୦/୨୩ରେ ହତ୍ୟା ମାମଲା ରୁଜୁ କରି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ଏସ୍‌ଡିପିଓ କହିଛନ୍ତି।



ମାଲକାନଗିରି ଜିଲା ଷ୍ଟାଡିୟମ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଲକ୍ଷ୍ମୀ ବସ୍ ସେବା ଯୋଜନାକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ଉପସ୍ଥିତ ଅଛନ୍ତି।

# ମାଲକାନଗିରିରୁ ଲକ୍ଷ୍ମୀ ବସ୍ ଯୋଜନା

- ୧୧୧ ପଞ୍ଚାୟତକୁ ଚାଲିଲା ୩୬ ବସ୍
- ୮୦୦ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ସାରା ରାଜ୍ୟରେ ଚାଲିବ ୧୦୦୦ରୁ ଅଧିକ ବସ୍

ଭୁବନେଶ୍ୱର,(ଅନିଲ ଦାସ)/
ମାଲକାନଗିରି, (ଦୁର୍ଯ୍ୟୋଧନ ପାତ୍ର/
ନୃସିଂହ ଚରଣ ମହାନ୍ତି), ୧୨।୧୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲା ଷ୍ଟାଡିୟମରୁ ଗୁରୁବାର ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୩୬ ବସ୍ ଜିଲାର ୧୧୧ ପଞ୍ଚାୟତକୁ ସଦର ମହକୁମା ସହ ଯୋଡ଼ିବ। ଯୋଜନାର ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ୧୦ ଟଙ୍କା ଦେଇ ପ୍ରଥମ ଟିକେଟ୍ କିଣି ମାଲକାନଗିରିରୁ ଏମ୍‌ଭି-୦୩ ପର୍ଯ୍ୟନ୍ତ ଯାତ୍ରାକରି ସେଠାରେ ବିକ୍ୟୁଏସ୍‌ର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମାଲକାନଗିରି ମୋର ଅତି ପ୍ରିୟ। ମାଲକାନଗିରି ହିଁ ଓଡ଼ିଶା ବିକାଶର ଲଞ୍ଚପ୍ୟାଡ୍। ମାଲକାନଗିରିରୁ ୧ ଟଙ୍କିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଭଳି ପ୍ରମୁଖ ଯୋଜନା ଆରମ୍ଭ କରିଥିଲି। ଆଜି ପୁଣି ଥରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା 'ଲକ୍ଷ୍ମୀ ଯୋଜନା' ଆରମ୍ଭ କରି ମୁଁ ବହୁତ ଖୁସି। ଓଡ଼ିଶାର ବିକାଶରେ ମାଲକାନଗିରିର ଭୂମିକା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମା'ମାନଙ୍କ ପାଇଁ ବିଏସ୍‌କେୱାଇରେ ୧୦ ଲକ୍ଷ ଟଙ୍କା ବ୍ୟବସ୍ଥାର ପ୍ରସ୍ତାବ ମାଲକାନଗିରିରୁ ହିଁ ଆସିଥିଲା। ଆମର ଏହି ଲକ୍ଷ୍ମୀ ଯୋଜନାର ସମ୍ପର୍କ ମଧ୍ୟ ମାଲକାନଗିରି ସହ ରହିଛି। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମାଲକାନଗିରି ଗସ୍ତରୁ ସେ ଲୋକଙ୍କ ଅସୁବିଧା ବିଷୟରେ ଜାଣିପାରିଥିଲେ। ଏହା ପରେ ଏହି ଲକ୍ଷ୍ମୀ ଯୋଜନାର ପରିକଳ୍ପନା କରାଗଲା ବୋଲି ସେ କହିଛନ୍ତି।

ଏହି ଯୋଜନା ଆମର ପରିବହନ ବ୍ୟବସ୍ଥାରେ ରୂପାନ୍ତର ଆଣିବ। ଅର୍ଥନୀତିକୁ ଆହୁରି ମଜଭୁତ କରିବ ଏବଂ ଗାଁ ଗାଁରେ ସମୃଦ୍ଧି ଆଣିବ। ଏହି ଯୋଜନାରେ ସାରା ରାଜ୍ୟରେ ୧ ହଜାରରୁ ଅଧିକ ବସ୍ ଚାଲିବ। ଜିଲାର ସବୁ ପଞ୍ଚାୟତରେ ବିକାଶର ନୂଆ ଧାରା ଆରମ୍ଭ ହେଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ସହ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳରେ ଲକ୍ଷ୍ମୀ ଯୋଜନାରେ ବସ୍ ଚାଲିବ। ଯୋଗାଯୋଗ ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଘର ପାଖକୁ ଆସିବ ବସ୍। ପିଲାଙ୍କୁ ସ୍କୁଲ, କଲେଜ ସହିତ ଚାଷୀକୁ ମାର୍କେଟ ସହିତ ଯୋଡ଼ିବ। ରୋଗୀକୁ ହସ୍ପିଟାଲ ନେବ। ମା'ମାନେ ସେମାନଙ୍କ କାମ ପାଇଁ ବିଭିନ୍ନ ସ୍ଥାନକୁ ସୁବିଧାରେ ଯାଇପାରିବେ। ଲକ୍ଷ୍ମୀ ଯୋଜନା ଘରେ ଘରେ ଖୁସି ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖୁବ୍‌ଶୀଘ୍ର ମାଲକାନଗିରି ଏଥିରେ ସାମିଲ ହେବ। ଏଥିରେ ଗାଁରେ ମିଳିବ ସହରର ସୁବିଧା। ବ୍ୟାଙ୍କିଙ୍ଗ, ଇଣ୍ଟରନେଟ୍, ଡିଜିଟାଲ ଭିତ୍ତିଭୂମି ସବୁର ବିକାଶ ହେବା ସହିତ ଆମ ସଂସ୍କୃତିର ମଧ୍ୟ ପ୍ରସାର ହେବ ବୋଲି ସେ କହିଛନ୍ତି। ଗୁରୁପ୍ରିୟା ସେତୁର ଗୁରୁତ୍ୱ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମାଲକାନଗିରି ବିକାଶର ଏହା ଏକ ବଡ ମାଇଲଷ୍ଟୋନ। ଏହି ସେତୁ ଜରିଆରେ ସ୍ୱାଭିମାନ ଅଞ୍ଚଳରେ ବିକାଶର ଆଲୋକ ଆସିଛି।

ମୁଖ୍ୟମନ୍ତ୍ରୀ ମାଲକାନଗିରିରେ ୨୦୦କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖିଛନ୍ତି। ସମସ୍ତଙ୍କ ସହଯୋଗରେ ଏହି କାମ ସବୁ ଠିକ୍ ସମୟରେ ଶେଷ ହେବ ଏବଂ ମାଲକାନଗିରିର ବିକାଶ ଆହୁରି ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ସ୍ୱାଗତ ଭାଷଣ ଦେଇ କହିଥିଲେ, ମୁଖ୍ୟମନ୍ତ୍ରୀ ଯେତେସବୁ ନୂତନ ଯୋଜନା ଆରମ୍ଭ କରିଥାନ୍ତି, ତାହା ମାଲକାନଗିରି ଜିଲାରୁ ହୋଇଥାଏ। ଲକ୍ଷ୍ମୀ ବସ୍ ଯୋଜନା ଯୋଗୁ ମାଲକାନଗିରିର ଆଭ୍ୟନ୍ତରୀଣ ଅଞ୍ଚଳକୁ ବସ୍ ଚଳାଚଳ ହେବା ଫଳରେ ଗାଁଗହଳିର ଲୋକମାନେ ବହୁଳ ଭାବେ ଉପକୃତ ହେବେ। ଅନ୍ୟତମ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା କହିଛନ୍ତି, ମାଲକାନଗିରି ଜିଲାବାସୀଙ୍କ ପାଇଁ ଆଜି ଦିନଟି ଏକ ଐତିହାସିକ ଦିନ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱାଭିମାନ ଅଞ୍ଚଳରେ ଗୁରୁପ୍ରିୟା ସେତୁ ନିର୍ମାଣ ଫଳରେ ଆମ ଅଞ୍ଚଳର ବହୁତ ବିକାଶ ହୋଇଛି।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ଯେଉଁସବୁ ଯୋଜନା ଭାବନ୍ତି ତାକୁ ତୃଣମୂଳ ସ୍ତରରେ ଆରମ୍ଭ କରନ୍ତି। ଆଜି ୬ଟି ଜିଲାରେ ଲକ୍ଷ୍ମୀ ଯୋଜନା ଆରମ୍ଭ ହେଉଛି। ଲକ୍ଷ୍ମୀ ଯୋଜନା ମାଧ୍ୟମରେ ପଞ୍ଚାୟତରୁ ବ୍ଲକକୁ, ବ୍ଲକରୁ ଜିଲା ସଦରମହକୁମାକୁ ଗାଡ଼ି ଚଳାଚଳ କରିବ। ଗ୍ରାମାଞ୍ଚଳର କୃଷକ, ଛାତ୍ରୀଛାତ୍ର, ମା' ଭଉଣୀ ସମସ୍ତେ ଏହା ମାଧ୍ୟମରେ ଉପକୃତ ହେବେ। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ପ୍ରତି ବ୍ଲକରେ ବସ୍ ଷ୍ଟାଣ୍ଡ ନିର୍ମାଣ ହେଉଛି। ଏହା ବସ୍ ଚଳାଚଳ ବ୍ୟବସ୍ଥାରେ ଉନ୍ନତି ଆଣିବ।



୨ ଦିନିଆ ଜମ୍ମୁ-କଶ୍ମୀର ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ବୈଷ୍ଣୋଦେବୀଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ରେଆସି ଜିଲାର ତ୍ରିକୂଟ ପର୍ବତ ଶିଖରରେ ପୁନଃ ନିର୍ମିତ ପାର୍ବତୀ ଭବନ ଓ ୨୦୦ ମିଟର ଲମ୍ବ ଏକ ସ୍କାଏୱାକ୍‌ର ଉଦ୍‌ଘାଟନ କରିଛନ୍ତି। ଦର୍ଶନ ବେଳେ ରାଷ୍ଟ୍ରପତିଙ୍କ ସହ ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ଶ୍ରୀ ମାତା ବୈଷ୍ଣୋଦେବୀ ଶ୍ରାଇନ୍ ବୋର୍ଡ ସିଇଓ ଅଂଶୁଲ ଗର୍ଗ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଛନ୍ତି।

# ଦିନକ ପାଇଁ ୯୯ଟଙ୍କାରେ ସିନେମା ଦେଖା

ଭୁବନେଶ୍ୱର,୧୨।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

**ଆଜି ବିଶ୍ୱ ସିନେମା ଦିବସ**



ଆଜି ବିଶ୍ୱ ସିନେମା ଦିବସ। ଏହି ପରିପ୍ରେକ୍ଷୀରେ ସିନେମା ପ୍ରତି ଲୋକଙ୍କ ମନରେ ସ୍ୱତନ୍ତ୍ର ଉତ୍ସାହ, ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଶୁକ୍ରବାର ଦିନକ ପାଇଁ ସବୁ ବର୍ଗର ଟିକେଟ ମୂଲ୍ୟ ମାତ୍ର ୯୯ ଟଙ୍କା ରଖାଯାଇଛି। ଜଣେ ଦର୍ଶକ ଯେକୌଣସି ପ୍ରେକ୍ଷାଳୟରେ ବସି ମନ ମୁତାବକ ଫିଲ୍ମ ଦେଖିବାକୁ ସୁଯୋଗ ପାଇବେ। ଏନେଇ ମଲ୍ଟିପ୍ଲେକ୍ସ ଆସୋସିଏଶନ ଅଫ୍ ଇଣ୍ଡିଆ (ଏମ୍‌ଏଆଇ) ପକ୍ଷରୁ ଘୋଷଣା କରାଯାଇଛି। ଗତ ବର୍ଷଠାରୁ ଏମ୍‌ଏଆଇ ପକ୍ଷରୁ ବିଶ୍ୱ ସିନେମା ଦିବସ ପାଳନ ଅବସରରେ ଏପରି ନିଆରା ପଦକ୍ଷେପ ନିଆଯାଉଛି। ପୂର୍ବବର୍ଷ ଟିକେଟ୍‌ର ମୂଲ୍ୟ ୭୫ଟଙ୍କା ରଖାଯାଇଥିଲା। ପାଖାପାଖି ୬୫ ଲକ୍ଷ ସିନେପ୍ରେମୀ ପ୍ରେକ୍ଷାଳୟକୁ ଯାଇ ସିନେମା ଦେଖିଥିଲେ। ଭାରତରେ ପ୍ରାୟ ୪ ହଜାରରୁ ଅଧିକ ମଲ୍ଟିପ୍ଲେକ୍ସ, ପିଭିଆର୍, ଆଇନକ୍ସ, ସିନେପଲିସ୍, ମିରାଜ୍ ଓ ଡିଲାଇଟ୍ ଆଦି ରହିଛି। ବର୍ତ୍ତମାନର ଓଟିଟି ଦୌଡ଼ରେ ଦର୍ଶକଙ୍କୁ ପ୍ରେକ୍ଷାଳୟକୁ ପୁନଃ ଆକର୍ଷିତ କରିବା ପାଇଁ ଗତ ବର୍ଷଠାରୁ ଏଭଳି ଏକ ଧାରା ଆରମ୍ଭ ହୋଇଛି।

ମହାରାଜା ଫିଲ୍ମ ହଲ୍‌ର ମ୍ୟାନେଜର୍ ଲିଙ୍ଗରାଜ ପଣ୍ଡା କହିଛନ୍ତି, ସିନେମା ଦର କମ୍ ପାଇଁ ଅନ୍‌ଲାଇନ୍‌ରେ ବୁକିଂ ଚାଲିଛି। ଗୁରୁବାର ସନ୍ଧ୍ୟାସୁଦ୍ଧା ହୋଇଥିବା ବୁକିଂରୁ ସିନେମା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଥିବା ଲକ୍ଷ୍ୟ କରାଯାଉଛି। ପୂର୍ବଥର ମଧ୍ୟ ବହୁତ ଭଲ ଭିଡ଼ ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'ର ୩ଟି ଶୋ, ଅକ୍ଷୟ କୁମାରଙ୍କ ଫିଲ୍ମ 'ମିଶନ୍ ରାନିଗଞ୍ଜ'ର ୨ଟି ଶୋ' ଓ ଶାହାରୁଖ୍‌ଙ୍କ 'ଜୱାନ୍'ରେ ଗୋଟିଏ ଶୋ ରହିଛି। ଦର୍ଶକମାନେ ଏହି ସୁଯୋଗ ହାତଛଡ଼ା କରନ୍ତୁ ନାହିଁ। ସିନେପ୍ରେମୀ ସୁକୁମାର ସାହୁ କହିଛନ୍ତି, ମୁଁ କେଶରୀ ସିନେମା ହଲ୍‌ରେ ଓଡ଼ିଆ ଫିଲ୍ମ 'ଡଟ୍‌ପେନ୍' ଦେଖିବାକୁ ଯିବି। ଅନ୍‌ଲାଇନ୍‌ରେ ଟିକେଟ ମଧ୍ୟ ବୁକ୍ କରିଦେଇଛି। ଟିକେଟ୍ ମୂଲ୍ୟ ୯୯ ଟଙ୍କା ଓ କନ୍‌ଭିନିଏନ୍ସ ଚାର୍ଜ ୨୦ଟଙ୍କା ପଡ଼ିଲା। ଗତବର୍ଷ ମଧ୍ୟ ବିଶ୍ୱ ସିନେମା ଦିବସରେ ଏପରି ସୁଯୋଗ ପାଇଥିଲି।

## ସଂକ୍ଷେପରେ

### କୁଷ୍ଠ ରୋଗାକ୍ରାନ୍ତ ଲୋକଙ୍କ ସ୍ୱଯତ୍ନ ଶିକ୍ଷା ଓ ସଚେତନତା ଶିବିର

ଜୁନାଗଡ଼,୧୨।୧୦(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବୁଧବାର କୁଷ୍ଠ ରୋଗାକ୍ରାନ୍ତ ଭିନ୍ନକ୍ଷମ ଲୋକମାନଙ୍କ ସ୍ୱଯତ୍ନ ଶିକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଲେପ୍ରା ସୋସାଇଟି ସ୍ୱାଭିମାନ ପ୍ରକଳ୍ପର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ଜୁନାଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡାକ୍ତର ଭଗବାନ ପଣ୍ଡା ଓ ଜୁନାଗଡ଼ ବ୍ଲକ କୁଷ୍ଠ ନିରାକରଣ ଚିକିତ୍ସାଧିକାରୀ ଡାକ୍ତର ବିନୋଦିନୀ ପାତ୍ର ଉପସ୍ଥିତ ରହି କୁଷ୍ଠାକ୍ରାନ୍ତ ଭିନ୍ନକ୍ଷମ ଲୋକଙ୍କୁ ସ୍ୱଯତ୍ନ ସମ୍ବନ୍ଧୀୟ ଶିକ୍ଷା ଓ ସଚେତନ ପ୍ରଦାନ କରିଥିଲେ। ଶିବିରରେ ଉପସ୍ଥିତ ୧୭ଜଣ ହିତାଧିକାରୀଙ୍କୁ ଆବଶ୍ୟକ ମୁତାବକ ଏମସିଆର ଫୁଟଓଏର ଓ ଅଲକେର କୀଟ ବଣ୍ଟନ କରାଯାଇଥିଲା। ଜୁନାଗଡ଼ ବ୍ଲକ କୁଷ୍ଠ ନିରାକରଣ ସ୍ୱାସ୍ଥ୍ୟ କର୍ମୀ ଦିଲୀପ କୁମାର ରାଉତ ଓ ଲେପ୍ରା ସୋସାଇଟି ସ୍ୱାଭିମାନ ପ୍ରକଳ୍ପ କ୍ଷେତ୍ର ସଂଯୋଜକ ଶିଶିର କୁମାର ସାବତ ଶିବିରର ପରିଚାଳନା କରିଥିଲେ।

### ଆର୍ଥିକ, ସାମାଜିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ



ଖଡ଼ିଆଳ,୧୨।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁକଲାଠାରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ଆର୍ଥିକ ଏବଂ ସାମାଜିକ ସାକ୍ଷରତା ସଚେତନତା କାର୍ଯ୍ୟକ୍ରମ କ୍ୟାମ୍ପେନ ୩.୦ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମ୍ୟାନେଜର ରସାନ୍ତ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଉପେନ୍ଦ୍ର ପ୍ରଭାକର କଲେଜ ଡୁକଲାର ଅଧ୍ୟକ୍ଷ ବିଘ୍ନରାଜ ଦାଶ, ଡୁକୁଲା ସରପଞ୍ଚ ନିଲେନ୍ଦ୍ରି ମେହେର, ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଡୁକଲା ଶାଖାର ବ୍ୟାଙ୍କ ମ୍ୟାନେଜର ପ୍ରଦୀପ କୁମାର ସେଠୀ ଯୋଗଦେଇ ବିଭିନ୍ନ ବ୍ୟାଙ୍କିଂ ସେବା ଉପରେ ଆଲୋଚନା କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ବ୍ୟାଙ୍କରେ ନିଶ୍ଚିତ ଭାବେ ଖାତା ଖୋଲିବା ଦରକାର, ଯାହାଦ୍ୱାରା ସରକାରୀ ସୁବିଧା ସୁଯୋଗ ମିଳି ପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜନଧନ ଯୋଜନାରେ ଖୋଲିଥିବା ଖାତାରେ ମିଳୁଥିବା ସୁବିଧା ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ଅଟଳ ପେନସନ ଯୋଜନା ଉପରେ ବ୍ୟାଙ୍କ କର୍ତ୍ତୃପକ୍ଷ ବୁଝାଇବା ସହ ପ୍ରତ୍ୟେକ ବ୍ୟକ୍ତି ଏହାର ସୁଯୋଗ ଉଠାଇବାକୁ ଆହ୍ୱାନ ଦେଇଥିଲେ। ଏସବୁ ଯୋଜନା ଗାୟକ ଡୋଳାମଣି ଦଣ୍ଡସେନା ଓ ସାଥି ପାଲା ମାଧ୍ୟମରେ ସଚେତନତା କରିଥିଲେ। ସାରଥି ପଟେଲ, ଯଯାତି କେଶରୀ ମେହେର ଓ ବ୍ୟାଙ୍କ କ୍ୟାସିଅର ବିନୟ କୁମାର ସଗରିଆ ପ୍ରମୁଖ ସହଯୋଗ କରିଥିଲେ।

# ସଂସ୍କୃତି, ପରମ୍ପରା ଏକତାର ମନ୍ତ୍ର ଦିଏ

ବଲାଙ୍ଗୀର,୧୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ଶିକାଛିଡାଠାରେ ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

## ଶିକାଛିଡ଼ାରେ ନୂଆଁଖାଇ ଭେଟଘାଟ

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଶିକାଛିଡା ଗ୍ରାମରେ ଗଣପତି କଳା ପରିଷଦ ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଘାଟ ମହାସମାରୋହରେ ପାଳିତ ହୋଇଛି। ଶିକାଛିଡା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଅତିଥିମାନଙ୍କୁ ଏକ ଶୋଭାଯାତ୍ରାରେ ନେଇ କାର୍ଯ୍ୟକ୍ରମସ୍ଥଳକୁ ଯାଇଥିଲେ। ଅତିଥି ଭାବେ ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ଆହ୍ୱାନ କମିଟି ଆବାହକ ଗୋପାଳଜୀ ପାଣିଗ୍ରାହୀ, ଶିକାଛିଡା ସରପଞ୍ଚ କ୍ଷୀରେନ୍ଦ୍ରୀ ଶତପଥୀ, ସମିତି ସଭ୍ୟ ଗୋଲାପ ବାଗ, ସମିତି ସଭ୍ୟା ବିନିତା ପଧାନ, ଭାଜପା ସାଧାରଣ ସମ୍ପାଦକ ଅମିତ ସିଂ ନିନା, ଭାଜପା ନେତା ଶଶୀ ଭୂଷଣ ସାହୁ, ଯୁବ ସମାଜସେବୀ ବିନୋଦ କୁମାର କାଲସାଏ ଏବଂ ଅମାତ୍ୟ ପ୍ରତାପ ସିଂଦେଓ ଉପସ୍ଥିତ ଥିଲେ। ନୂଆଁଖାଇ ଏକ ସଦ୍‌ଭାବନାର ତିହାର। ଏହା ପରସ୍ପରକୁ ଏକତାବଦ୍ଧ କରେ। ନିଜ ସଂସ୍କୃତି, ପରମ୍ପରାର ଅନୁଭବ ଦିଏ ବୋଲି ଅତିଥିମାନେ କହିଥିଲେ। ନିଜ ସଂସ୍କୃତି ଏବଂ ପରମ୍ପାରକୁ ସମ୍ମାନ ଜଣାଇବାକୁ କହିଥିଲେ। ଅତିଥି କଳାକାରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଉଦଘୋଷକ ଜିତେନ୍ଦ୍ରିୟ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟର ଉଦ୍‌ଘୋଷକ ବୀରେନ୍ଦ୍ର ପାଣ୍ଡେ ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅତିଥି କଳାକାର ବରିଷ୍ଠ ଲୋକ କଣ୍ଠଶିଳ୍ପୀ ଦିଲୀପ ଦୀପ, କଣ୍ଠଶିଳ୍ପୀ ବିନୟ ସୁନା, ଭାଲେରର ସମଲେଶ୍ୱରୀ କଳା ପରିଷଦ, ବଲାଙ୍ଗୀରର ସାଇସ୍ୱର୍ଣ୍ଣ କଳା ପରିଷଦ, ନୂଆପଡା ଆମର କଳା ଆମର ସଂସ୍କୃତି କଳା ପରିଷଦ, ଜେଆରଏନ ଡ୍ୟାନ୍ସ ଗ୍ରୁପ ଏବଂ ବଲାଙ୍ଗୀରିଏନ ଧାଙ୍ଗିରି ଗ୍ରୁପଙ୍କ ନୃତ୍ୟଗୀତରେ ଉପସ୍ଥିତ ଦର୍ଶକ ଆତ୍ମବିଭୋର ହୋଇଥିଲେ। ଗଣମାଧ୍ୟମ ପ୍ରତିନିଧି ବଳରାମ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ଆଦିକନ୍ଦ ବଗର୍ତ୍ତୀ, ସମ୍ପାଦକ ରମାକାନ୍ତ ନାଏକ ଏବଂ ଅନୁଷ୍ଠାନ ସଦସ୍ୟ ବିଶେଷ ସହଯୋଗ କରିଥିଲେ।

# ନୂତନ ରାଜସ୍ୱ ଗ୍ରାମ ପାଇଁ ୨ ପଞ୍ଚାୟତରେ ଗ୍ରାମସଭା

କୋକସରା,୧୨।୧୦(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ତହସିଲ କାର୍ଯ୍ୟାଳୟ ଅଧୀନ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତ ଦାବ୍ରିଗୁଡା ଓ ମାଝିଗୁଡା ପଞ୍ଚାୟତର ଦାବ୍ରିଗୁଡାକୁ ନୂତନ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ପାଇଁ ପୂର୍ବରୁ ଗ୍ରାମବାସୀ ଦାବି କରି ଆସୁଥିବା ବେଳେ ରାଜସ୍ୱ ବିଭାଗ ଏହି ଦୁଇଟି ଗ୍ରାମକୁ ରାଜସ୍ୱ ଗ୍ରାମ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏ ନେଇ ବୁଧବାର ଦାବ୍ରିଗୁଡା ଗ୍ରାମ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେରେ ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଯମୁନା ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ତହସିଲଦାର ଦେବବ୍ରତ କରାଟି, ରାଜସ୍ୱ ପରିଦର୍ଶକ ଅଜୟ ସିରକା, ଆମପାଣି ରାଜସ୍ୱ ନିରୀକ୍ଷକ ବୈଷ୍ଣବ ଗୁରୁ, ଶରତ ଚନ୍ଦ୍ର ଶଗଡ଼ିଆ ପ୍ରମୁଖ ଉପସ୍ଥିତ ରହି ଦାବ୍ରିଗୁଡା ଓ ସର୍ଗିଗୁଡାକୁ ନେଇ ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଛନ୍ତି। ସେହିପରି ମାଝିଗୁଡା ପଞ୍ଚାୟତ ଦାବ୍ରିଗୁଡା ଖେଳ ପଡ଼ିଆରେ ଅପରାହ୍ନରେ ମାଝିଗୁଡା ସରପଞ୍ଚ ମାମି ବାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ତହସିଲଦାର ଦେବବ୍ରତ କରାଟି, ସମ୍ମାନିତ ଅତିଥି ଭାବେ ପାନାବେଡା ମହାବିଦ୍ୟାଳୟ ଅଧ୍ୟକ୍ଷ ଦାରିକାନାଥ ବାଗ, ବରିଷ୍ଠ ସାମାଜିକ କର୍ମୀ ଦୁର୍ଗା ନାଏକ, ଘନଶ୍ୟାମ ନାଏକ, ରାଜସ୍ୱ ପରିଦର୍ଶକ ଅଜୟ ରାଜ ସିରକ୍କା, କୋକସରା ଆରଆଇ ଝାନ୍ସି ରାଣି ଦିଶାରୀ, ସମିତି ସଭ୍ୟା ମାଝିଗୁଡା ନମିତା ଚଣ୍ଡି ଉପସ୍ଥିତ ରହିଥିଲେ। ତହସିଲଦାର କରାଟି ଦାବ୍ରିଗୁଡା ଓ କାଡୋପଡାକୁ ନେଇ ନୂତନ ରାଜସ୍ୱ ଗ୍ରାମ ହେବା ନେଇ ବିଭାଗୀୟ ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଥିଲେ। ପଙ୍କଜ ପୋଢ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅନୁଷ୍ଠିତ ଗ୍ରାମସଭାରେ ଉପସ୍ଥିତ ଅତିଥି।

# କଳାହାଣ୍ଡି ଛାତ୍ର ସୌମ୍ୟ ରଞ୍ଜନ ସିଂଙ୍କ ଅପୂର୍ବ ସଫଳତା

ଭବାନୀପାଟଣା,୧୨।୧୦(ଉତ୍ତମ କୁମାର ଦାଶ)



କଳାହାଣ୍ଡିର ଛାତ୍ର ସୌମ୍ୟରଞ୍ଜନ ସିଂହଙ୍କୁ କେନ୍ଦ୍ରମନ୍ତ୍ରୀ ପୁରସ୍କୃତ କରୁଛନ୍ତି।

## ଜାତୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରଣାଳୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ 'ଜାତୀୟସ୍ତରୀୟ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା'ରେ ପୁରସ୍କୃତ ହୋଇଛନ୍ତି କଳାହାଣ୍ଡି ପୁଅ ସୌମ୍ୟ ରଞ୍ଜନ ସିଂହ। କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗୋକୁଳେଶର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ସୌମ୍ୟ କୃତିତ୍ୱ ହାସଲ କରି କେନ୍ଦ୍ର ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ପ୍ରକାଶ ଯେ, ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତାରେ ମନୋନୀତ ହୋଇ ଓଡ଼ିଶାରୁ ୨୭ଜଣ ଛାତ୍ରୀଛାତ୍ର ଜାତୀୟସ୍ତରରେ ଅଂଶଗ୍ରହଣ କରିଥିଲେ। ୨୭ଟି ପ୍ରକଳ୍ପ ମଧ୍ୟରେ କଳାହାଣ୍ଡି ଜିଲାର ୨ଟି ପ୍ରକଳ୍ପ ଯଥା ଗୋକୁଳେଶର୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଜଗଦିଶ ପଧାନଙ୍କ ମାର୍ଗଦର୍ଶନରେ ଛାତ୍ର ସୌମ୍ୟଙ୍କ ଦ୍ୱାରା ପ୍ରସ୍ତୁତ 'ସେଫ୍ ସିଁଡ଼ିଙ୍ଗ୍ ଆଡଭାନ୍ସସେସ୍' ପ୍ରକଳ୍ପ ଓ ରାଜୀବ ଜୀ ଉଚ୍ଚ ବିଦ୍ୟାଳୟ ଗାଇଗାଁର ବିଜ୍ଞାନ ଶିକ୍ଷୟିତ୍ରୀ ଖିରୋଦ୍ରି ସାହାଙ୍କ ମାର୍ଗଦର୍ଶନରେ ଛାତ୍ରୀ ଖୁସବୁ ସାହୁଙ୍କ ଦାରା ପ୍ରସ୍ତୁତ 'ମଲ୍ଟି ପର୍ପସ ହ୍ୱିଲ ଚେଆର' ପ୍ରକଳ୍ପ ଜାତୀୟସ୍ତରରେ ପ୍ରଦର୍ଶିତ ହୋଇଥିଲା। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୭୪୧ଟି ପ୍ରକଳ୍ପରୁ ୬୦ଟି ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇଥିଲା। ତନ୍ମଧ୍ୟରୁ ଓଡ଼ିଶାର ୫ଟି ପ୍ରକଳ୍ପ ଶ୍ରେଷ୍ଠ ତାଲିକାରେ ରହିଥିଲା ବେଳେ କଳାହାଣ୍ଡିର ସୌମ୍ୟଙ୍କ 'ସେଫ୍ ସିଁଡ଼ିଙ୍ଗ୍ ଆଡଭାନ୍ସସେସ୍' ପ୍ରକଳ୍ପ ପୁରସ୍କୃତ ହୋଇଥିଲା। ଏହାସହ ଜାପାନରେ ଆୟୋଜନ ହେବାକୁ ଥିବା ସାକୁରା ବିଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ସେ ଅଂଶଗ୍ରହଣ କରିବେ। ସୌମ୍ୟଙ୍କ ଏହି ସଫଳତା ପାଇଁ କେସିଙ୍ଗା ତଥା ସମଗ୍ର ଜିଲାରେ ଖୁସିର ଲହରୀ ଖେଳିଯାଇଛି। ସୌମ୍ୟ ତଥା ତାଙ୍କ ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ଜଗଦିଶ ପଧାନଙ୍କୁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ଏଡିଇଓ ଟେମଲାଲ ଦୁବେ, ଡିଏସଏସ ଦୁଷ୍ମନ୍ତ ଶେଖର ପାଢ଼ୀ ଓ କଳାହାଣ୍ଡି ଜିଲା ଇନସ୍ପାଆର ଟିମ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ମୋ ପରିବାର, ଜୀବନ ବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

## ୮୦ ୟୁନିଟ ରକ୍ତ ସଂଗ୍ରହ

ଭବାନୀପାଟଣା,୧୨।୧୦(ଉତ୍ତମ କୁମାର ଦାଶ)

ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜିରାଉତଙ୍କ ବଳିଦାନ ଦିବସରେ ବୁଧବାର ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ଭବାନୀପାଟଣାସ୍ଥିତ କଳାହାଣ୍ଡି ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ମହାବିଦ୍ୟାଳୟ ଅଧ୍ୟକ୍ଷ ଡୁଲୁ ପଟ୍ଟନାୟକ ଉଦଘାଟନ କରିଥିଲେ। ରକ୍ତଦାନ ଶିବିରରେ ୮୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଓଡ଼ିଶା ମୋ ପରିବାର ସଂଯୋଜକ ଅମିତ ଯାଦବ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ମହାବିଦ୍ୟାଳୟ ଅଧ୍ୟାପିକା ଡା ଏସ ପ୍ରିୟା, ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ରାଉତ, ଡା ଗୋପାଳ ବେହେରା, ମିହିର କୁମାର ନାଥ ପ୍ରମୁଖ ରକ୍ତଦାତାଙ୍କୁ ସଚେତନ କରିଥିଲେ। ଶିବିରରେ ଅତିଥି ଭାବେ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ଅନାମ ନାଏକ, ବିଜେଡି ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଛାତ୍ର ରାଜ୍ୟ ଉପସଭାପତି ଅଭିଷେକ ମହାପାତ୍ର, ରାଜ୍ୟ ଯୁବ ଉପସଭାପତି ମଣ୍ଟୁ ନାଏକ, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ହରଜିନ୍ଦର ସିଂ, ଯୁବନେତା ସେନାପତି ନାଏକ, ରାଜୀବ ସତପଥି, ଛାତ୍ର ଟାଉନ ସଭାପତି ନବୀନ ନାୟକ, ଛାତ୍ର ଜିଲା ଉପସଭାପତି ମୁନା ବେହେରା ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଶିବିରରେ ସ୍ୱେଚ୍ଛାସେବୀ ଭାବେ ତାପସ କୁମାର ବେହେରା, ଆୟୁଷ ଦାସ, ମନିଷା ସାହୁ, ଶ୍ରୀୟାଲି କର, ବିଶାଲ ମେହେର, ରାଜ ନନ୍ଦିନୀ, ନିକିତା ନାୟକ, ବର୍ଷା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ଓଡ଼ିଶା ମୋ ପରିବାର ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

# ଯୁବଶକ୍ତି ଝାଙ୍କଡ଼ ପାଇକ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ବେହେରା/କୋକସରା,୧୨।୧୦ (ଭୂପେଶ ତିୱାରୀ/ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛିଲିପା ପଞ୍ଚାୟତ ଛିଲିପା ଗ୍ରାମ ହନୁମାନ ବାଟିକାଠାରେ ଗୁରୁବାର ଯୁବଶକ୍ତି ଝାଙ୍କଡ଼ ପାଇକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆବାହକ ଛିଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ଓ ଜନ୍ମେଜୟ ନାଏକଙ୍କ ତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଝଙ୍କଡ଼ ପାଇକ ସମାଜର କେନ୍ଦ୍ରିୟ କମିଟି ସମ୍ପାଦକ ରାହସକାନ୍ତ ରାଉତ, ମୁଖ୍ୟବକ୍ତା ଭାବେ ପୂର୍ବତନ ସଭାପତି ଟଙ୍କଧର ନାଏକ, ସମ୍ମାନିତ ଅତିଥି ଭାବେ ବୃନ୍ଦାବାହାଲ ସରପଞ୍ଚ ଇଂ. ଦିନେଶ କୁମାର ରାଉତ, ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ମହେନ୍ଦ୍ର ପ୍ରଧାନୀ, ଅଧ୍ୟାପକ ମୋହନ ଚରଣ ବିଶି, ଭଗବାନ ପ୍ରଧାନୀ, ପ୍ରସନ୍ନ ରାଉତ, ହିମାଦ୍ରୀ ରାଉତ, ଜଗୁ ପ୍ରସାଦ ରାଉତ, ଦେବରାଜ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଝଙ୍କଡ଼ ପାଇକଙ୍କ ଆରାଧ୍ୟ ଦେବୀ ମା' ଶାରଳାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଝଙ୍କଡ ପାଇକ ସମାଜକୁ ଆଗକୁ ନେତୃତ୍ୱ ନେବାକୁ ହେଲେ ଯୁବ ଶକ୍ତିକୁ କ୍ରିୟାଶୀଳ କରିବାକୁ ପଡିବ, ଯୁବଗୋଷ୍ଠୀ ଆଗକୁ ଆସିଲେ ସମାଜର ସାମଗ୍ରିକ ବିକାଶ ହେବ ବୋଲି ଅତିଥିମାନେ କହିଥିଲେ। ଆଗାମୀ ସମୟରେ ଝଙ୍କଡ଼ ସାମାଜିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଛିଲିପା ଗ୍ରାମର ଯୁବଗୋଷ୍ଠୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭୁଦତ୍ତ ପ୍ରଧାନୀ ମଞ୍ଚ ପରିଚାଳନା କରିଥିଲେ।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ଖଡ଼ିଆଳ,୧୨।୧୦(ସୁଜିତ୍ କୁମାର ପ୍ରଧାନ)



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ନୂଆପଡ଼ା ଜିଲା ଖଡ଼ିଆଳ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତଥା ମିଲେଟ ପ୍ରତିଯୋଗୀତା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ନଗରପାଳ ଉଜ୍ଜଳ ଗୁପ୍ତା ଯୋଗଦାନ କରିଥିଲେ। ଖଡ଼ିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଭାପତି ଭାବେ ଗୀତାରାଣୀ ଯୋଶୀ, ଅଧ୍ୟକ୍ଷ ମହିଳା ମହାବିଦ୍ୟାଳୟ ସସ୍ମିତା ସାମଲ ସମ୍ମାନିତ ଅତିଥି ଭାବେ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରୋତ୍ତମ ଠାକୁର ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷୟିତ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ମଧୁମିତା ପଟ୍ଟନାୟକ, ତାଜ ଉର୍ଦ୍ଧ୍ୱ କ୍ଲଷ୍ଟର ତଥା ଆୟୋଜକ ସୁରଭି ସିଆରସିସି ପ୍ରଶାନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ସୁକେଶ ପଟ୍ଟନାୟକ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ କର୍ମଚାରୀ, କିଶୋର ଚନ୍ଦ୍ର ଅଗସ୍ତି, ସସ୍ମିତା ନାୟକ, ଗିତାରାଣି ବାଗ, ଜୟମଣି ତାଣ୍ଡି, ସୁଗନ୍ଧା ରାଣୀ ପଣ୍ଡା, କଳ୍ପନା ମିଶ୍ର, ପ୍ରଣତୀ ପ୍ରଧାନ, ସୁମିତ୍ରା ପଣ୍ଡା, ସୂର୍ଯ୍ୟକାନ୍ତି ମହାରଣା, ବିଜୟାଶ୍ରୀ ନାୟକ, ଭାବିନି ମହାପାତ୍ର, ଶଶିକଳା ନାୟକ, ଲିପ୍ସା ପ୍ରଧାନୀ ତଥା କ୍ଲଷ୍ଟର୍ ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ସିନାପାଲି,୧୨।୧୦(ମନଫୁଲ ମେହେର)

ନୂଆପଡା ଜିଲା ପୋଲିସ ପକ୍ଷରୁ ସିନାପାଲିଠାରେ ଗୁରୁବାର ସ୍ଥାନୀୟ ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗଣ୍ଡାବାହାଲିଠାରେ ସାଇବର ସଚେତନତା ଅଭିଯାନ ରଥ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ସ୍ୱାଗତ କରାଯାଇଛି। ଗଣ୍ଡାବାହାଲି ହାଇସ୍କୁଲଠାରେ ଅନୁଷ୍ଠିତ ସଚେତନତା ସଭାରେ ସିନାପାଲି ଷ୍ଟେଟବ୍ୟାଙ୍କ ପରିଚାଳକ ଉତ୍କଳ ପ୍ରଧାନ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସା, ସରପଞ୍ଚ କୌଶଲ୍ୟା ମେହେର, ସାମାଜିକ କର୍ମୀ ଦିବାକର ଖମାରୀ, ମିଶନ ଶକ୍ତି ଅଧିକାରୀ ବିଜୟ ଭିତରିଆ, ପୋଲିସ ଏସଆଇ ପ୍ରଭାକର, ଅନିତା ଜନୀ, କ୍ରାଇମବ୍ରାଞ୍ଚ ଅଧିକାରୀ ସୁବ୍ରତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ମଞ୍ଚାସୀନ ଅଧିକାରୀ ସାଇବର ସୁରକ୍ଷା ନେଇ ବିଶେଷ ଭାବେ ସଚେତନ କରାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀଙ୍କୁ ପୁରସ୍କୃତ କରାଯାଇଥିଲା। ମଧ୍ୟାହ୍ନରେ ସିନାପାଲି ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିନାପାଲି କଲେଜର ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ବୃନ୍ଦ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମଙ୍କ ମଧ୍ୟରେ କୁଇଜ ଓ ନୃତ୍ୟ ପ୍ରତିଯୋଗୀ ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସିନାପାଲି ବସଷ୍ଟାଣ୍ଡଠାରେ ଆୟୋଜିତ ସନ୍ଧ୍ୟାକାଳୀନ କାର୍ଯ୍ୟକ୍ରମରେ ଲୋକଙ୍କୁ ସାଇବର କ୍ରାଇମ ନେଇ ସଚେତନତା କରାଯାଇଥିଲା।

# ଆଖିର ଯତ୍ନ ସବୁଠୁ ଗୁରୁତ୍ୱପୂର୍ଣ୍ଣ

ବଲାଙ୍ଗୀର,୧୨।୧୦(ବୀରେନ୍ଦ୍ର କୁମାର ଝାଙ୍କର)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଶେଷଜ୍ଞ ଡାକ୍ତରମାନେ ଆଲୋଚନା କରୁଛନ୍ତି।

ଆଖି ଅଛି ବୋଲି ଏଇ ସୁନ୍ଦର ପୃଥିବୀକୁ ଆମେ ଦେଖି ପାରୁଛୁ। ଫୁଲର ରଙ୍ଗ, ପକ୍ଷୀଙ୍କ ଉଡାଣ, ନଦୀ, ପାହାଡ, ନିଜସ୍ୱ ରୂପ, ସୌନ୍ଦର୍ଯ୍ୟ ଏବଂ ଅତି ଆପଣାର ମଣିଷ ମାନଙ୍କୁ ଦେଖି କୃତ୍ୟକୃତ୍ୟ ହୋଇପାରୁଛୁ। ଏଇ ସବୁ କିଛି ଅନୁଭବ ଆମର ଆଖି ଦ୍ୱାରା ସମ୍ଭବ ହେଉଛି। ଏଣୁ ଆଖିର ଯତ୍ନ ସବୁଠୁ ମହତ୍ତ୍ୱପୂର୍ଣ୍ଣ। ଯେଉଁମାନଙ୍କ ଆଖି ନାହିଁ ବା କୌଣସି କାରଣରୁ ଦୃଷ୍ଟିଶକ୍ତି ଚାଲିଯାଉଛି ସେମାନେ ଯେ କେତେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା କହିବା ବଡ କଷ୍ଟକର। ଏଣୁ ଯେକୌଣସି ପରିସ୍ଥିତିରେ ଆଖିର ଯତ୍ନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଗୁରୁବାର ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ବିଶେଷଜ୍ଞ ଡାକ୍ତରମାନେ ମତପ୍ରକାଶ କରିଛନ୍ତି। ଜିଲା ଅନ୍ଧତ୍ୱ ନିରାକରଣ ସମିତିର ଡିପିଏମ୍ ଡା. ଉଷାରାଣୀ ଦାଶଙ୍କ ପରିଚାଳନାକ୍ରମେ ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସମ୍ମିଳନୀ କକ୍ଷରେ କର୍ମକ୍ଷେତ୍ରରେ ଚକ୍ଷୁର ଯତ୍ନ ଉପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା କୁବେର ଚନ୍ଦ୍ର ମହନ୍ତ, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଏଡିଏମ୍‌ଓ ଡା. ପ୍ରଭାତ କୁମାର ରଥ, ଚକ୍ଷୁ ବିଭାଗ ମୁଖ୍ୟ ଡା ସଚଳା ଭୋଇ, ଏଡିଏମ୍‌ଓ ଡା ନମିତା ମିଶ୍ର, ସହକାରୀ ପ୍ରଫେସର ଡା ଜୟନ୍ତ ପଟେଲ ମଞ୍ଚାସୀନ ଥିଲେ। ପ୍ରଥମେ ଡା. ଦାଶ ଜିଲାରେ ଚାଲିଥିବା ଚକ୍ଷୁ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମଗୁଡିକର ସବିଶେଷ ସୂଚନା ଦେଇଥିଲେ। କିଭଳି ଭାବେ କର୍ମକ୍ଷେତ୍ରରେ ଆମେ ଆମର ଚକ୍ଷୁ ସୁରକ୍ଷିତ ରଖିପାରିବା ସେନେଇ ପାୱର ପଏଣ୍ଟରେ ବ୍ୟାଖ୍ୟା କରିଥିଲେ। ସରକାରୀ କାର୍ଯ୍ୟକ୍ରମଗୁଡିକ କିଭଳି ଜନସାଧାରଣ, ଛାତ୍ରୀଛାତ୍ର, ଶିକ୍ଷକ, ଚାକରିଆ, ଶ୍ରମିକ, କର୍ମଜୀବୀ ମହିଳା, ଗୃହିଣୀଙ୍କ ପାଖକୁ ପହଞ୍ଚିବ ସେନେଇ ବିଶେଷ ଆଲୋଚନା କରାଯାଇଥିଲା। ବିଭିନ୍ନ ଶିବିର ଏବଂ କାର୍ଯ୍ୟକ୍ରମ ଜରିଆରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷଜ୍ଞ ଡାକ୍ତରମାନେ ସେମାନଙ୍କ ଅନୁଭୂତି, ଆଖିର ଯତ୍ନ ଏବଂ ସର୍ବୋପରି ସାମାଜିକ ସଚେତନତା ଉପରେ ଅଧିକ ଜୋର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ତରଭା,୧୨।୧୦(ମାନଭଞ୍ଜନ ମିଶ୍ର)

ଗୁରୁବାର ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ କମସରା ଗ୍ରାମରେ ଜଣେ ଯୁବକ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଅର୍ଡା ଗ୍ରାମର ନିମାଇଁ ସରଭଙ୍ଗ (୨୫)। ପ୍ରକାଶ ଯେ, ନିମାଇଁ କମସରାରେ ଥିବା ତାଙ୍କର ସମ୍ପର୍କୀୟଙ୍କ ଘରେ ରହୁଥିଲେ। ପୂର୍ବାହ୍ନରେ ସେ ବେକରେ ଓଢ଼ଣୀ ଲଗାଇ ପଖାଂରେ ଝୁଲି ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ନଂ୧୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ବିଦ୍ୟାଳୟସ୍ତରୀୟ ଖେଳାଳି ଚୟନ ଶିବିର

ଅମରପାଲି,୧୨।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ମିନି ଷ୍ଟାଡିୟମଠାରେ ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ଖେଳାଳି ଚୟନ ଶିବିର ହୋଇଯାଇଛି। ଏଥିରେ କ୍ରିକେଟ ଓ ବିଭିନ୍ନ ଆଥେଲେଟରୁ ଖେଳାଳି ଚୟନ କରାଯାଇଛି। ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତନୁ କୁମ୍ଭକାର ଯୋଗଦେଇ ଚୟନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଚୟନ ଶିବିର ରେ ବ୍ଲକର ସମସ୍ତ ବିଦ୍ୟାଳୟରୁ ୧୪ ଓ ୧୭ ବର୍ଷରୁ କମ ବର୍ଗର ୧୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ଦୌଡ, ଖୋକୋ, କବାଡି, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ ଥ୍ରୋ ଆଦି ବିଭିନ୍ନ ଖେଳ କରାଯାଇଥିଲା। ଏହାସହିତ କ୍ରିକେଟ ପ୍ରତିଯୋଗିତା ମଧ ହୋଇ ବ୍ଲକସ୍ତରୀୟ ଏକ ଟିମ୍ ଚୟନ କରାଯାଇଥିଲା।

### ତରଭାରେ ଭାଜପାର ସଶକ୍ତୀକରଣ ବୈଠକ

ତରଭା,୧୨।୧୦(ମାନଭଞ୍ଜନ ମିଶ୍ର)

ଗୁରୁବାର ତରଭା ଭାଜପାର ବ୍ଲକସ୍ତରୀୟ ବୁଥ ସଶକ୍ତୀକରଣ ବୈଠକ ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ଜିଲା ସଭାପତି ସୁରେଶ ଚନ୍ଦ୍ର ମହଲା ଅଧକ୍ଷତା କରିଥିଲେ। ଜିଲା ଉପ ସଭାପତି ରାମନାରାୟଣ ବେଜ, ପୂର୍ବତନ ଜିଲା ସଭାପତି ରାଜକିଶୋର ମେଣ୍ଡଲି, ମଣ୍ଡଳ ସଭାପତି ମୁଟୁରାମ ମେଣ୍ଡଲି, ନଗର ସଭାପତି ସୁବାସ ସାହୁ, ବିମଳ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ତରଭା ବ୍ଲକର ତିନି ମଣ୍ଡଳ କମଶରା, ମେଣ୍ଡା ଓ ତରଭା ନଗରର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଅତିଥିମାନେ ତରଭାରେ ଦଳକୁ ସଶକ୍ତିକରଣ କରିବା ସହ ସମସ୍ତେ ଏକ ହୋଇ ଲଢିବାକୁ ଆହ୍ୱାନ କରିଥିଲେ। ଏଥର ତରଭା ବ୍ଲକରୁ ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ଦିଆଯିବ ବୋଲି ସର୍ବସମ୍ମତି ଭାବେ ମତପ୍ରକାଶ ପାଇଥିଲା। ବୈଠକରେ ପୂର୍ବତନ ବ୍ଲକ ସଭାପତି ଦିଲିପ ପୂଜାରୀ, ଭୁବନ ବାଦୀ , ନରେଶ ଶାଣ୍ଡେ, ଜୟ ମିଶ୍ର, ଗଣ୍ଡାରାମ କଲତା, ପ୍ରକାଶ ସାହୁଙ୍କ ସମେତ ଉପରୋକ୍ତ ତିନି ମଣ୍ଡଳର ଶତାଧିକ ପ୍ରମୁଖ କାର୍ଯକର୍ତ୍ତା ଉପସ୍ଥିତ ଥିଲେ। ପୂର୍ବତନ ବ୍ଲକ ସଭାପତି କେ. ନାଏକ ମଞ୍ଚ ପରିଚାଳନା କରିଥିଲେ।

# ଘାଟକଇଁତରା ସେତୁର ଉଭୟ ପାର୍ଶ୍ୱରେ ଖାଲଖମା

ସୋନପୁର,୧୨।୧୦(ମୃତ୍ୟୁଞ୍ଜୟ ଶତପଥୀ)


ବୈଠକରେ ଜିଲାପାଳ, ଅଧିକାରୀ ଓ କମିଟିର ସଭ୍ୟ ବୃନ୍ଦ।

## ଜିଲା ସଡକ ସୁରକ୍ଷା କମିଟି ବୈଠକ

- ଦୁର୍ଘଟଣା ବଢୁଛି, ମରାମତି ହେଉନି
- ଏନଏଚ ମୁଖ୍ୟ ଯନ୍ତ୍ରୀଙ୍କୁ ଚିଠି ଲେଖିବେ ଜିଲାପାଳ

ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟିର ବୈଠକ ଜିଲାପାଳ ବିମଳେନ୍ଦୁ ରାୟଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହେମନ୍ତ କୁମାର ପାଢ଼ୀ ଓ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ରାୟ ଜିଲାରେ ଦୁର୍ଘଟଣାଜନିତ ମୃତ୍ୟୁହାରକୁ ହ୍ରାସ କରିବା ନିମନ୍ତେ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫୭ ନମ୍ବର ଜାତୀୟ ରାଜପଥ(ଏନଏଚ)ରେ ତରଭା ଥାନା ଘାଟକଇଁତରା ସେତୁର ଉଭୟ ପାର୍ଶ୍ୱରେ ଏକାଧିକ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାର ମରାମତି କରାଯାଉ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ଏହାର ମରାମତି ପାଇଁ ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀଙ୍କୁ ଜିଲାପାଳ ଚିଠି ଲେଖିବେ ବୋଲି କହିଥିଲେ। ସେହିପରି ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଜିଲାର ୧୦ଟି ସ୍କୁଲ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଥିବା ୩୭ଟି ସ୍କୁଲ ଓ କଲେଜର ମୁଖ୍ୟ ଫାଟକକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଗଠିତ ଜିଲାସ୍ତରୀୟ କମିଟିକୁ ବୈଠକରେ ଅନୁମୋଦନ କରାଯାଇଥିଲା। ଜିଲାରେ ହାତୀମାନଙ୍କ ଗନ୍ତବ୍ୟ ସ୍ଥଳ ଯେପରି ସୁରକ୍ଷିତ ହୋଇ ରହିବ ଓ ସେଠାରେ ଜନସାଧାରଣଙ୍କ ଦୃଷ୍ଟିଗୋଚର ହେଲା ଭଳି ସୂଚନା ଫଳକମାନ ଲଗେଇବା ପାଇଁ ବନବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମଦ୍ୟପାନ କରି ଗାଡି ଚଳାଉଥିବା ଡ୍ରାଇଭରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସ୍ୱଦେଶ ଡେଲକୀ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ରେଆର ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅଞ୍ଜଳି ନେଗୀ, ଜିଲା ସଡକ ସୁରକ୍ଷା କମିଟିର ସଭ୍ୟ ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟଚଣ୍ଡୀଙ୍କ ପୀଠ ଚଳଚଞ୍ଚଳ

ସୋନପୁର,୧୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ଆସୁଛି ପାର୍ବଣ। ଜଗତଜନନୀ ମା' ଦୁର୍ଗା କରିବେ ଧରାବତରଣ। ଏହି କ୍ରମରେ ସୋନପୁର ସହରର ଶକ୍ତିପୀଠ ମା' ସୁରେଶ୍ୱରୀଙ୍କ ସମେତ ଅଷ୍ଟଚଣ୍ଡଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଆଉ ଗୋଟିଏ ଦିନ ପରେ ଆଶ୍ୱିନ ଅମାବାସ୍ୟା। ଅଷ୍ଟଚଣ୍ଡୀଙ୍କ ପୀଠ ସୁବର୍ଣ୍ଣପୁରରେ ପ୍ରସିଦ୍ଧ ବଳିଯାତ୍ରା ଆରମ୍ଭ ହେବ। ଅମାବାସ୍ୟା ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମା' ସୁରେଶ୍ୱରୀ, ଖମ୍ବେଶ୍ୱରୀ ଓ ବୁଢାରଜା ପୀଠରେ ବଳି ଅନୁଷ୍ଠିତ ହେବ। ଦହି ଦହନାରେ ମହକିବ ତନ୍ତ୍ରପୀଠ ସୁବର୍ଣ୍ଣପୁର। ମା'ଙ୍କ ଆଗମନ ପାଇଁ ଚାରିଆଡେ ପ୍ରସ୍ତୁତି ଚାଲିଛି। ସେହିପରି ନବଦିନାତ୍ମକ ଦୁର୍ଗୋତ୍ସବ ଓ ଚଣ୍ଡୀଯଜ୍ଞ ପାଇଁ କୋଷାଗାରରୁ ଗୁରୁବାର ମା' ସୁରେଶ୍ୱରୀ, ଖମ୍ବେଶ୍ୱରୀ ଓ ସମଲେଶ୍ୱରୀଙ୍କ ଅଳଙ୍କାର ବାହାର କରାଯାଇଛି। ଏହି ଅବସରରେ ଦେବୋତ୍ତର ବିଭାଗର ପରିଚାଳକ ଓ କର୍ମଚାରୀଙ୍କ ସମେତ କମିଟିର ସଦସ୍ୟ ବୈକୁଣ୍ଠନାଥ ଶତପଥୀ ଓ ଲଡୁକିଶୋର ମଲ୍ଲିକଙ୍କ ସମେତ ସେବାୟତ ବୃନ୍ଦ ଉପସ୍ଥିତ ଥିଲେ। ବିଶ୍ୱଶାନ୍ତି ପାଇଁ ସୁରେଶ୍ୱରୀଙ୍କ ପୀଠରେ ଚଣ୍ଡୀ ଯଜ୍ଞ ଆୟୋଜିତ ହେଉଛି। ପ୍ରତ୍ୟହ ମା'ଙ୍କ ବେଶ, ମଙ୍ଗଳ ଆରତୀ, ଷୋଡଷ ଉପଚାର ପୂଜା, ସନ୍ଧିପୂଜା ଓ କୁମାରୀ ପୂଜା ଆଦି ଅନୁଷ୍ଠିତ ହେବ। ୧୩ ତାରିଖ ଶୁକ୍ରବାର ସୁବର୍ଣ୍ଣପୁରର ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ଅଷ୍ଟବିଷ୍ଣୁଙ୍କ ଆଜ୍ଞାମାଳ ଯଜ୍ଞସ୍ଥଳକୁ ଅଣାଯିବାର କାର୍ଯ୍ୟକ୍ରମ ରହିଛି। ୧୪ ତାରିଖ ଅମାବାସ୍ୟା ଦିନ ମା' ସୁରେଶ୍ୱରୀଙ୍କ ଧବଳମୁଖି ବେଶ ଅନୁଷ୍ଠିତ ହେବ। ଅପରାହ୍ନରେ ସୁରେଶ୍ୱରୀ ମନ୍ଦିରରୁ ସମଲେଇ ମନ୍ଦିର ପର୍ଯ୍ୟନ୍ତ ବାଉତି ଛତ୍ର ଶୋଭାଯାତ୍ରାରେ ଯିବାର କାର୍ଯକ୍ରମ ରହିଛି।


ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ।

## ସୁବର୍ଣ୍ଣପୁର

### କୋଷାଗାରରୁ ବାହାରିଲା ଅଳଙ୍କାର

# ସଙ୍ଗୀତଜ୍ଞ ଅଭିଜିତ ପୂଜାହାରୀ ଜୟନ୍ତୀ ପାଳିତ


ସ୍ୱର୍ଗତ ଅଭିଜିତ।


ସ୍ମୃତିସଭାରେ ଯୋଗ ଦେଇଥିବା ଅତିଥି।

ବିନ୍ଦିକା,୧୨।୧୦(ରାମ ଗୋପାଳ ବାଘ)

## ଡା. ରାମଚାନ୍ଦିନୀ, ଡା. ବେଣୁଧର ପାଣ୍ଡେ ସମ୍ବର୍ଦ୍ଧିତ

ସୁବର୍ଣ୍ଣପୁର ଜିଲା ବିନ୍ଦିକା ଟାଉନହଲଠାରେ ଗୁରୁବାର ସଙ୍ଗୀତଜ୍ଞ ସ୍ୱର୍ଗତ ଅଭିଜିତ ପୂଜାହାରୀଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଏକ ସ୍ମୃତିସଭା ଶିକ୍ଷାବିତ୍ ପ୍ରମୋଦ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲାପାଳ ବିମେଳେନ୍ଦୁ ରାୟ, ସମ୍ମାନିତ ଅତିଥି ଭାବେ ତହସିଲଦାର ସୀତାରାମ ଭୋଇ ଓ ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ ପଣ୍ଡା ଯୋଗଦେଇ ସ୍ୱର୍ଗତ ପୂଜାହାରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଅଭିଜିତ ସ୍ମୃତି କମିଟି ତରଫରୁ ପ୍ରଫେସର ଡା.ଶଙ୍କର ରାମଚାନ୍ଦିନୀ, ପ୍ରଫେସର ଡା. ବେଣୁଧର ପାଣ୍ଡେଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ ହିମାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଉପଦେଷ୍ଟା ସୌମିତ୍ରୀ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାକୃତ ଭାବେ ୫୨ ଜଣ ରକ୍ତଦାନ କରିଥିବା ବେଳେ ୨୩୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥିମଧ୍ୟରୁ ଅସ୍ତ୍ରୋପଚାର ପାଇଁ ୧୫ ଜଣ ଚକ୍ଷୁରୋଗୀଙ୍କୁ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ଶିବିରରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପ୍ରଫେସର ଡା. ବେଣୁଧର ପାଣ୍ଡେ ୬୨ ଜଣଙ୍କୁ, ଚର୍ମରୋଗ ବିଶେଷଜ୍ଞ ଡା ତୁଷାର ଠାକୁର ୧୧୫ ଜଣଙ୍କୁ , ମେଡ଼ିସିନ ବିଶେଷଜ୍ଞ ପ୍ରଫେସର ଡା. ଶଙ୍କର ରାମଚାନ୍ଦିନୀ, ଡା. ସଞ୍ଜୟ ପଧାନ ୨୨୦ ଜଣଙ୍କୁ ସେବା ଯୋଗାଇଥିଲେ। ସମ୍ବଲପୁର ତ୍ରିଲୋଚନ ନେତ୍ର ଚିକିତ୍ସାଳୟରୁ ଡା. ପାୟଲ ମୁଖାର୍ଜୀ, ଟେକ୍ନିସିଆନ ପ୍ରୀତିପ୍ରିୟା ସାମଲ, ସୁନନ୍ଦା ଦିରା, ରୋଶନ ଭୋଇ ଯୋଗ ଦେଇଥିଲେ। ସେହିପରି ରକ୍ତଦାନ ଶିବିରରେ ବୁର୍ଲା ରକ୍ତଦାନ ଭଣ୍ଡାରରୁ ରକ୍ତଭଣ୍ଡାର ଅଧିକାରୀ ଦେବାଶିଷ ମିଶ୍ର, ଡା. ଆକାଶ ପଟେଲ, କାଉନସିଲର ମଣ୍ଟୁ ପଧାନ, ଏଲଟି କରୁଣାକର ସାହୁ, ପାଇନୁ ଭୋଇ, ଜନକ ବେହେରା ଯୋଗ ଦେଇଥିଲେ। ସାମାଜିକ କର୍ମୀ ନୀଳମଣି ସାହୁ, ସମ୍ବିତ ନେପାକ, ରାମ ଗୋପାଳ ବାଘ, ଭୁବନେଶ୍ୱର ପଧାନ, ମନୋରଞ୍ଜନ ମିଶ୍ର, ଶିକ୍ଷାବିତ ବିନୋଦ ବିହାରୀ ନାଏକ, ଅଭିଜିତ ସ୍ମୃତି କମିଟି ର ସଭାପତି ପ୍ରିୟରଞ୍ଜନ ହୋତା, ସନ୍ତୋଷିନୀ ଥାନାପତି ଓ ସ୍ମୃତି କମିଟିର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ଜଣେ ଏସ୍ଆଇ ଓ ୨ ଏଏସଆଇ ବଦଳିଲେ

## ସୁବର୍ଣ୍ଣପୁର ଜିଲା

ସୋନପୁର, ୧୨।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଜଣେ ପୋଲିସ ଏସ୍ଆଇ ଓ ୨ ଜଣ ଏଏସଆଇଙ୍କ ବଦଳି ହୋଇଛି। ସମ୍ବଲପୁର ଉତ୍ତରାଞ୍ଚଳ ଆଇଜି ଡ. ଦୀପକ କୁମାର ଚୌହାନ ହଠାତ୍ ଏହି ବଦଳି କରିଛନ୍ତି। ଏସଆଇ ଯଯାତି କେଶରୀ ସାହୁ, ଏଏସଆଇ ଏକାଦୋଶିଆ ପ୍ରଧାନ ଓ ଏଏସଆଇ ଚିତ୍ତରଞ୍ଜନ ମହାନନ୍ଦିଆଙ୍କୁ ସମ୍ବଲପୁର ବଦଳି କରାଯାଇଛି। ଯଯାତି ସୋନପୁର ଥାନାରେ କାର୍ଯ୍ୟରତ ଥିଲା ବେଳେ ଏକାଦୋଶିଆ ହରଡଖୋଲ ଫାଣ୍ଡି ଅଧିକାରୀ ଓ ଚିତ୍ତରଞ୍ଜନ ହିକୁଡି ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ବୁଧବାର ହଠାତ୍ ୩ ପୋଲିସ ଅଧିକାରୀଙ୍କ ବଦଳିକୁ ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ପୂର୍ବରୁ ଜିଲାର ୨ ଜଣ ଗୃହରକ୍ଷୀ ଓ ଜଣେ ମହିଳା ଏଏସଆଇଙ୍କୁ ନେଇ ପୋଲିସ ବଦନାମ ହୋଇଥିଲା। ଗଞ୍ଜେଇ ଚାଲାଣ ଅଭିଯୋଗରେ ତରଭା ଥାନାର ଜଣେ ଗୃହରକ୍ଷୀ ବଲାଙ୍ଗୀର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ସେହିପରି ମହିଳା ଏଏସଆଇଙ୍କୁ ଜଣେ ଗୃହରକ୍ଷୀ ସହାୟତା ବଦଳରେ ଦେହ ସୁଖ ମାଗିଥିବା ଅଭିଯୋଗ ହୋଇଥିଲା। ଉତ୍ତରାଞ୍ଚଳ ଆଇଜିଙ୍କ ହସ୍ତକ୍ଷେପ ପରେ ସମ୍ପୃକ୍ତ ଗୃହରକ୍ଷୀ କାର୍ଯ୍ୟରୁ ଅନ୍ତର ହୋଇଛନ୍ତି। ସେହିପରି ମହିଳା ଏଏସଆଇଙ୍କ ସ୍କୁଟିରେ ଗଞ୍ଜେଇ ଚାଲାଣ ହେଉଥିବା ସମୟରେ ପୋଲିସ ହାତରେ ତାହା ଧରାପଡିଥିଲା। ସମ୍ପୃକ୍ତ ମହିଳା ଏଏସଆଇଙ୍କୁ ଏବେ ରିଜର୍ଭକୁ ବଦଳି କରାଯାଇଛି। ଏହିସବୁ ଘଟଣା ପରେ ଜିଲା ପୋଲିସର କେତେଜଣ ଅଧିକାରୀ ଓ ଥାନାର ଗୃହରକ୍ଷୀ ଗଞ୍ଜେଇ ଚୋରାଚାଲାଣ ଓ ଅନ୍ୟ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହେଉଥିଲା। ଆଇଜିଙ୍କ ହସ୍ତକ୍ଷେପ ପରେ ଏବେ ଜିଲା ପୋଲିସର ଅଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

# ଶ୍ରୀରାମ କଲେଜରେ ସାଇବର ସୁରକ୍ଷା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଡୁଙ୍ଗୁରିପାଲି,୧୨।୧୦(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ରାଜ୍ୟ ସରକାର, ଓଡିଶା ପୋଲିସ ତଥା ରାମପୁର ପୋଲିସର ମିଳିତ ଆନୁକୂଲ୍ୟରେ ଏକ ସାଇବର ସୁରକ୍ଷା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପରିଚାଳନା ପରିଷଦ ସଭାପତି ତଥା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ରମେଶ ଚନ୍ଦ୍ର ପୂଜାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସୁବର୍ଣ୍ଣପୁର ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଉପ ଆରକ୍ଷୀ ଅଧୀକ୍ଷକ ପ୍ରତାପ ରଣା, ରାମପୁର ଷ୍ଟେଟବ୍ୟାଙ୍କର ଶାଖା ପ୍ରବନ୍ଧକ ଆରଏନ ମେହେର, ପ୍ରାକ୍ତନ ଇଂରାଜୀ ପ୍ରାଧ୍ୟାପକ ଦୁର୍ଗା ପ୍ରସାଦ ସାହୁ ଅତିଥି ଭାବରେ ଯୋଗଦେଇ ସାଇବର ସଚେତନତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଲସିଡି ମାଧ୍ୟମରେ ଭିଡିଓ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା। ଏହି ଅବସରରେ ଡ. ଲିଙ୍ଗରାଜ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ହାବିଲଦାର ମନୋଜ ପଣ୍ଡା କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଟିକେଚାନ୍ଦ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କୁଇଜରେ ଭାଗ ନେଇଥିବା କୃତି ଛାତ୍ରୀ ମଧୁସ୍ମିତା ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ବିଶ୍ୱନାଥ ପାଢ଼ୀ, ମୀନକେତନ ପାତ୍ର, ଟୋପିଶର ପାତ୍ର, ଲମ୍ବୋଦର ପ୍ରଧାନ, ଗ୍ରନ୍ଥାଗାରିକ ଆନନ୍ଦ ପଧାନ, ମାର୍କଣ୍ଡ ପୁଟେଲ, ସୁରେଶ ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଆଦିବାସୀଙ୍କ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ

ଘଣ୍ଟାପଡା,୧୨।୧୦(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଆରିମୂଳ ପ୍ରଗଣା ଆଦିବାସୀ କନ୍ଧ ସମାଜର ନୂଆଁଖାଇ ଭେଟଘାଟ ଓ ସଚେତନତା କାର୍ଯ୍ୟକ୍ରମ ଲମ୍ବସରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରଗାଁ ପଥରଗଡ଼ ଯାତ୍ରା ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶତାଧିକ ଆଦିବାସୀ ନିଜର ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପଡିଆରେ ପହଞ୍ଚିଥିଲେ। ବ୍ଲକ ଆଦିବାସୀ କନ୍ଧ ସମାଜର ସଭାପତି ନରୋତ୍ତମ ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଦୁର୍କା ପ୍ରଗଣା ସଭାପତି ସାମନ୍ତ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଧର୍ମୁ କହ୍ନର, ସୁବଳ ଚନ୍ଦ୍ର ବାରିକ ,ସର୍ବେଶ୍ୱର ସାହୁ, ଦେବେନ୍ଦ୍ର ମହାମଲିକ, ବିବଛ କହଁର , ଗୋପୀନାଥ କହଁର ଯୋଗଦାନ କରିଥିଲେ । ସମସ୍ତେ ସମସ୍ତଙ୍କୁ ନୂଆଁଖାଇର ଜୁହାର ଭେଟ ହୋଇଥିଲେ । ଭୂମିହୀନଙ୍କୁ ଜଙ୍ଗଲ ଜମି, ଡିହହୀନଙ୍କୁ ଘରଡିହ ଆଦି ପ୍ରଦାନ କରିବା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ସମାଜ ସଭାପତିମାନେ ଆସି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅନ୍ଧତ୍ୱ ଦୂରୀକରଣ ଉପରେ ଆଲୋଚନା

ଅମରପାଲି,୧୨।୧୦(ପୀତାମ୍ବର ସାହୁ)

## ମହାନଦୀ ନେତ୍ର ଚିକିତ୍ସାଳୟରେ ଜିଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ବୀରମହାରାଜପୁର ଉପକଣ୍ଠ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ସଭାଗୃହଠାରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡି ସି)ଡା. ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କନ୍ସଲଟାଣ୍ଟ ଅପଥାମୋଲୋଜି ଡା. ସଞ୍ଜିବ କୁମାର କର, ମେଡିକାଲ ଅଧୀକ୍ଷକ ମହାନଦୀ ନେତ୍ର ଚିକିତ୍ସାଳୟ ଡା. ଦେବେନ୍ଦ୍ର କୁମାର ସାହୁ, ଏଡମିନିଷ୍ଟ୍ରାଟର ବିଭୁ ପ୍ରସାଦ ବଳିୟାର ସିଂ, ପବ୍ଲିକ ରିଲେସନ ଅଫିସର୍ ଜି. ଗୋପାଳ ଓ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଶ୍ୱ ଦୃଷ୍ଟି ଦିବସର ଉଦ୍ଦେଶ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ଅନ୍ଧତ୍ୱ ଦୂରୀକରଣ ଉପରେ ଆଲୋକପାତ କରିଥିଲେ। ଏହାସହିତ ଏ ବର୍ଷର ସ୍ଲୋଗାନ 'କର୍ମ କ୍ଷେତ୍ରରେ ଚକ୍ଷୁର ଯତ୍ନ ନିଅନ୍ତୁ' ବୋଲି ଲୋକଙ୍କୁ ସଚେତନ କରିବାକୁ କୁହାଗଲା। କାର୍ଯ୍ୟକ୍ରମରେ ମହାନଦୀ ନେତ୍ର ଚିକିତ୍ସାଳୟର ବରିଷ୍ଠ କର୍ମକର୍ତ୍ତା, ସ୍ୱାସ୍ଥ୍ୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର ୧୦ ଜଣ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୂର୍ବରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇ ସହର ପରିକ୍ରମା କରାଯାଇଥିଲା। ଶେଷରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ବିଶ୍ୱ ଦୃଷ୍ଟି ଦିବସ ପାଳନ ଅବସରରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ସେବା ସମବାୟ ସମିତି ଫାଟକରେ ତାଲା

ବଘିଆପଡା/ବାଉଁଶୁଣୀ,୧୨।୧୦
( ଶ୍ରୀକାନ୍ତ ସାହୁ /ଦେବାଶିଷ ନେପାକ)


ସମ୍ପାଦକ ନିଯୁକ୍ତି ଦାବିରେ ମୁଣ୍ଡାପଡା ସେବା ସମବାୟ ସମିତି ଆଗରେ ଆଦିବାସୀ ମହିଳା ଓ ପୁରୁଷ ।

## ସମ୍ପାଦକ ନିଯୁକ୍ତି ଦାବି

ସମ୍ପାଦକ ନିଯୁକ୍ତି ଦାବିରେ ବୌଦ୍ଧ ବ୍ଲକ ମୁଣ୍ଡାପଡା ସେବା ସମବାୟ ସମିତି ଫାଟକରେ ତାଲା ପକାଇ ଆଦିବାସୀ ମହିଳା ଓ ପୁରୁଷଙ୍କ ପକ୍ଷରୁ ଗୁରୁବାର ଧାରଣା ଦିଆଯାଇଥିଲା। ଦାବିପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ମୁଣ୍ଡାପଡା ସେବା ସମବାୟ ସମିତିର ସମ୍ପାଦକ ଭାବେ ମୁଣ୍ଡାପଡାର ସଲିମ ସାହୁ ସେବା ସମବାୟ ସମିତି ପକ୍ଷରୁ ନିୟମ ଅନୁଯାୟୀ ମନୋନୀତ ହୋଇଥିଲେ। କିନ୍ତୁ କୁଚକ୍ରୀ ଗୋଷ୍ଠୀ ତାଙ୍କୁ ନିଯୁକ୍ତି କରାଇ ନ ଦେବାରୁ ସେ ଓଡିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ତାଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଅଦାଲତ ଆଦେଶ ଦେଇଥିଲେ। କିନ୍ତୁ ଏହାମଧରେ ଦୁଇମାସ ବିତିଥିଲେ ମଧ ଅଦ୍ୟାବଧି ସାହୁଙ୍କୁ ନିଯୁକ୍ତି ଦିଆଯାଇ ପାରିନାହିଁ। ଏନେଇ ଗୁରୁବାର ଦିନ ମୁଣ୍ଡାପଡା ସେବା ସମବାୟ ସମିତି ଅଧୀନସ୍ଥ କନ୍ଧଧୁମାଲ, ମୁଣ୍ଡାପଡା, ବଡଖଲିଗା ଗ୍ରାମର ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ମା' କନ୍ଧନୀବୁଢୀ ପୀଠରେ ପୂଜାର୍ଚ୍ଚନା କରିବା ପରେ ଏକ ଶୋଭଯାତ୍ରାରେ ସେବା ସମବାୟ ସମିତି ପର୍ଯ୍ୟନ୍ତ ଯାଇଥିଲେ। ସମିତିର ଫାଟକରେ ତାଲା ପକାଇ ପ୍ରତିବାଦ କରିବା ସହ ଫାଟକ ଆଗରେ ଧାରଣାରେ ବସିଥିଲେ। ସରକାର ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ଆଗାମୀ ଦିନରେ ଜିଲା ଆଦିବାସୀ ସଂଘ ଓ ରାଜ୍ୟ ଆଦିବାସୀ ସଂଘର ଦୃଷ୍ଟିଆକର୍ଷଣ କରାଯିବା ସହ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଗାଡ଼ିରୁ ଓଜନ ମେଶିନ ଚୋରି

**ବଡ଼ଗାଁ,୧୨।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବସଷ୍ଟାଣ୍ଡରେ ଟେମ୍ପୋ ଅଟକାଇ ଚାଳକ ଚା ପିଇବାକୁ ଯାଇଥିଲାବେଳେ ଗାଡ଼ିରେ ରଖିଥିବା ବିଦ୍ୟୁତ ଚଳିତ ଓଜନ ମେଶିନକୁ କେହି ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଲାତି ନେଇ ରାଉରକେଲା ଯାଉଥିବା ଟେମ୍ପୋ ଚାଳକ ଜିତେନ୍ଦ୍ର ସା ବଡ଼ଗାଁ ବସଷ୍ଟାଣ୍ଡରେ ଗାଡ଼ି ରଖି ଚା ପିଇବାକୁ ଯାଇଥିଲାବେଳେ ଚୋରି ହୋଇଥିଲା।

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା, ବଡ ଭାଇ ଗିରଫ

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ମହୁଲଯୋର ଗ୍ରାମ ପୋଖରୀରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ଘଟଣାରେ ପୋଲିସ ବୁଧବାର ମୃତ ଯୁବକ ମନୋରଞ୍ଜନ ମିଶ୍ରଙ୍କ ବଡଭାଇ ମନୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ମନୋଜଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ୨ତାରିଖ ସନ୍ଧ୍ୟାରେ ମନୋଜ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ୩ତାରିଖ ସକାଳେ ମୃତ ଦେହ ପୋଖରିରୀ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାରକୁ ଖବର ଦେଇଥିଲେ। ବଡ ଭାଇ ମନୋଜଙ୍କ ଏତଲା କ୍ରମେ ସଦର ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ ଭାଇ ତାଙ୍କ ଏତଲାରେ ଦର୍ଶାଇଥିଲେ ଯେ, କାଜୁ ବଗିଚା ଗଣ୍ଡଗୋଳକୁ ନେଇ ତାଙ୍କ ସାନ ଭାଇଙ୍କୁ ଗ୍ରାମର ୮ଜଣ ଯୁବକ ହତ୍ୟାକରି ପୋଖରୀରେ ଫିଙ୍ଗି ଦେଇଥିଲେ। ପୋଲିସ ପ୍ରଥମେ ଗ୍ରାମର କିଛି ଯୁବକଙ୍କୁ ପଚରାଉଚରା କରିଥିଲା। ତଦନ୍ତ ବେଳେ ପୋଲିସ ବଡଭାଇଙ୍କ ଘରେ ରକ୍ତର ଛିଟା ପଡିଥିବା ଦେଖିବାକୁ ପାଇଥିଲେ। ଫଳରେ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଥିଲା। ସାମାନ୍ୟ କଥାରେ ଉତକ୍ଷିପ୍ତ ହୋଇଯାଉଥିବା ବଡଭାଇ ମନୋଜ ଓ ସାନଭାଇ ମନୋରଞ୍ଜନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ସଦର ଏସ୍‌ଡିପିଓ ହିମାନଂଶୁ ବେହେରାଙ୍କ ତତ୍ତ୍ୱାବଧାନରେ ଆଇଆଇସି ସୁସ୍ମିତା ଦେବତା ମାମଲାର ତଦନ୍ତ ଅଧିକାରୀ ରହିଛନ୍ତି।

### ୪୨ ବର୍ଷରେ ପଦାର୍ପଣ କରିବ ଗାନ୍ଧୀଛକ ଦୁର୍ଗାପୂଜା

**ବ୍ରଜରାଜନଗର,୧୨।୧୦(ବିଜୟ ବରାଡ):** ସ୍ଥାନୀୟ ଗାନ୍ଧୀଛକ ଜୟଦୁର୍ଗା କ୍ଲବ ଆୟୋଜିତ ଦୁର୍ଗାପୂଜା ଚଳିତବର୍ଷ ୪୨ବର୍ଷରେ ପଦାର୍ପଣ କରିବ। ୧୯୮୨ରୁ ଏହି ପୂଜା ଆରମ୍ଭ ହୋଇଥିଲା। ଏଥର ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ଗୁରୁତ୍ୱ ଦେଇଛି। ଗତ ୨୦ବର୍ଷ ଧରି ମେଢ଼ ତିଆରି କରୁଛନ୍ତି ବ୍ରଜରାଜନଗରର ସତ୍ୟାନନ୍ଦ ଦାସ। ଦେବୀ ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଗଢ଼ିବା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଥରର ରାବଣ ପୋଡ଼ି ବେଶ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଗଣ୍ଡଘୋରା ହାଇସ୍କୁଲ ପଡିଆରେ ଦଶମୀ ଦିନ ରାବଣ ବଧ ଆୟୋଜନ କରାଯିବ। ଆସନ୍ତା ୧୫ ତାରିଖରୁ ଶାରଦୀୟ ନବରାତ୍ର ଆରମ୍ଭ ହେଉଛି ଓ ୨୦ ତାରିଖ ଷଷ୍ଠୀ ତିଥିରେ ମା'ଙ୍କ ପୂଜା ଆରମ୍ଭ ହେବ। ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା ଦାଇତ୍ୱ କ୍ରିତମାଲର ପଣ୍ଡିତ ପ୍ରଦୀପ ମିଶ୍ର ନିର୍ବାହ କରିବେ। ରୁଦ୍ରପ୍ରତାପ ଭୋଇ ଓ ତାଙ୍କ ସ୍ତ୍ରୀ ମମତା ଭୋଇ କର୍ତ୍ତା ରହିବେ। ମହାଷ୍ଟମୀରେ ଭାଇ ଜିଉନ୍ତିଆ ପାଳନ କରୁଥିବା ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ବ୍ୟବସ୍ଥା ରହିଛି। ୨୫ରେ ପାରମ୍ପରିକ ଲୋକବାଦ୍ୟ ଓ ଲୋକନୃତ୍ୟ ମାଧ୍ୟମରେ ମା'ଙ୍କୁ ମେଲାଣି ଦିଆଯିବ। ସପ୍ତମୀରେ ହିନ୍ଦୀ ଅର୍କେଷ୍ଟ୍ରା, ଅଷ୍ଟମୀରେ ଭଜନ ସନ୍ଧ୍ୟା, ନବମୀରେ ସମ୍ବଲପୁରୀ ଅର୍କେଷ୍ଟ୍ରା, ଦଶମୀରେ ବେଶୁ କମେଡି ସହ ଡ୍ୟାନ୍ସ ପ୍ରୋଗ୍ରାମ ଦର୍ଶକଙ୍କ ମନମୋହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥର ପୂଜା ପାଇଁ କମିଟି ପକ୍ଷରୁ ୧୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପୂଜା କମିଟି ସଭାପତି ମଣିରାମ ସିଂହ, ଉପସଭାପତି ଗୁରୁଦେବ ବଡ଼ାଇ, ସମ୍ପାଦକ ତପନ କୁମାର ବଡ଼ାଇ, ସହ ସମ୍ପାଦକ ମେଘନାଥ ବାରିକ, କୋଷାଧକ୍ଷ ଅଶୋକ ବଡ଼ପଣ୍ଡା ଓ ସହ କୋଷାଧକ୍ଷ ଅମିୟ କୁମାର ହୋତା(ବାବୁଲୁ) ବିଭିନ୍ନ ଦାୟିତ୍ୱ ତୁଲଉଛନ୍ତି।

# ଫସଲ ବିବିଧୀକରଣ ଯୋଜନା ପ୍ରଚାର ପାଇଁ ପଦଯାତ୍ରା

## ସାମିଲ ହେଲେ ୯ ଗ୍ରାମର ଶତାଧିକ ଚାଷୀ

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**



ଫସଲ ବିବିଧୀକରଣ ଯୋଜନାର ପ୍ରଚାର ପ୍ରସାର ପାଇଁ ବାହାରିଥିବା ପଦଯାତ୍ରା।

ଲେଫ୍ରିପଡା ବ୍ଲକ ବଡବଙ୍ଗା ପଞ୍ଚାୟତରେ ବୃହତ ଜଳ ସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନାର ପ୍ରଚାର ପ୍ରସାର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ରଙ୍ଗିଆମୁଣ୍ଡା ସୁନ୍ଦରଗଡ ତରଫରୁ ଗୁରୁବାର ଚାଷୀ ପଦଯାତ୍ରା, ସଚେତନତା ବୈଠକ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ରୋଷେଇ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଖରିଫ ଋତୁରେ ଅଣ ଧାନ ଜାତୀୟ ଫସଲ ଚାଷ ପ୍ରତି ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ତଥା ବଜାର ଚାହିଦା ମୁତାବକ ଅଣ ଧାନ ଫସଲ ଚାଷ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନାରେ ଚାଷୀଙ୍କୁ ମିଳିଥିବା ସୁବିଧା ସୁଯୋଗ ଉପରେ ସଚେତନତା କରିବାପାଇଁ ପୋଢମୁଡି, ଶ୍ରୀଭବନପୁର, ମହୀକାନୀ, ବଡବଙ୍ଗା, ଭରତପୁର, ଛୋଟବଙ୍ଗା, ଝାରଗାଁ, ବୁଦେଲକାନି, ଧୁରୁଆଡ଼ିହି ଗ୍ରାମର ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ସର୍ବପ୍ରଥମେ ଚାଷୀଙ୍କ ପଦଯାତ୍ରା ବଡବଙ୍ଗା ଗ୍ରାମ ପରିକ୍ରମା କରିବାପରେ ଏକ ସଚେତନତା ବୈଠକରେ ଅଣଧାନ ଜାତୀୟ ଫସଲ ଚାଷ ନିମନ୍ତେ ଥିବା ସୁଯୋଗ, ଲାଭ, କାର୍ଯ୍ୟାନ୍ୱିତ ପ୍ରଣାଳୀ ତଥା ଏଥି ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ ନିମନ୍ତେ ଆଲୋଚନା କରାଯାଇଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ରୋଷେଇ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଏଥିରେ ମହିକାନୀର ଅଲିଭା ଏସଏଚଜି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଝାରଗାଁର ଜୟ ଶ୍ରୀ କ୍ରୀଷ୍ଣା ଏସଏଚଜି ୨ୟ, ବଡବଙ୍ଗାର ମା' ତାରିଣୀ ଓ ଲୋକଡେଗାର ମା' ସନ୍ତୋଷି ଯୁଗ୍ମ ଭାବରେ ୩ୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅଞ୍ଜଳି ଘୋଷ ମୁଖ୍ୟ ଅତିଥି ତଥା ବଡବଙ୍ଗା ସରପଞ୍ଚ ସନ୍ତୋଷ ସୁରେନ ଓ ସମିତି ସଭ୍ୟ ମାନସ ରଞ୍ଜନ ସାହୁ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ। ଲେଫ୍ରିପରା ବ୍ଲକ କୃଷି ଅଧିକାରୀ ପୃଥିବୀରାଜ ମଣ୍ଡଳ, କୃଷି ଅଧିକାରୀ ସୁସ୍ମିତା ମୁର୍ମୁ ବୃହତ ଜଳ ସେଚନ ଅଞ୍ଚଳରେ ଫସଲ ବିବିଧି କରଣ ଯୋଜନା ଉପରେ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସେବକର ବ୍ଲକ ସଂଯୋଜକ ସୁମିତ କୁମାର ପଟେଲ ପରିଚାଳନା କରିଥିବାବେଳେ କୃଷି ଅଧିଦର୍ଶକ ଝରଣା ଦାସ, ପୁଷ୍ପଲତା ଭୂୟାଁ ତଥା ସେବକ ଦ୍ୱାରା ପରିଚାଳିତ ବିନ୍ଧ୍ୟଗିରି ଉତ୍ପାଦକ ସଂଗଠନ, ବସୁଧା ଉତ୍ପାଦକ ସଂଗଠନ, ଛେଦଲଗନ କୃଷି ଉତ୍ପାଦକ ସଂଗଠନ ଓ ବାବା ମେଢେଶ୍ୱର କୃଷକ ଉତ୍ପାଦକ ସଂଗଠନର କର୍ମୀମାନେ ସହଯୋଗ କରିଥିଲେ।

# ନିଶାସକ୍ତ ଅବସ୍ଥାରେ ସ୍କୁଲରେ ଗଡ଼ିଲେ ପ୍ରଧାନଶିକ୍ଷକ

**ବଡ଼ଗାଁ,୧୨।୧୦(ଅଶୋକ ଷଡ଼ଙ୍ଗୀ)**

ମଦ ପିଇ ସ୍କୁଲ ପରିସରରେ ଗଡ଼ିଲେ ପ୍ରଧାନଶିକ୍ଷକ। ଏଭଳି ଘଟଣା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପାମରା ଗ୍ରାମର ଜୁନାପଡ଼ା ପ୍ରାଥମିକ ବିଦ୍ୟାଳୟରେ। ବୁଧବାର ପ୍ରଧାନଶିକ୍ଷକ ଡମ୍ବରୁଧର ଠାକୁର ମଧ୍ୟାହ୍ନଭୋଜନ ଅଣ୍ଡା ନେଇ ଆସିଥିଲେ। ନିଶାସକ୍ତ ଅବସ୍ଥାରେ ଥିବାରୁ ଠିଆ ହୋଇ ନ ପାରି ତଳେ ଗଡ଼ିଥିଲେ। ତାଙ୍କର ଏଭଳି ଅବସ୍ଥା ଦେଖି ସ୍କୁଲ କମିଟି ସଭାପତି ଓ କମିଟି ସଦସ୍ୟମାନେ ପାଣି ଛିଞ୍ଚି ସାମାନ୍ୟ ସୁସ୍ଥ କଲାପରେ ଘରକୁ ପଠାଇଦେଇଥିଲେ। ଗ୍ରାମର କେତେକ ସଚେତନ ଯୁବକ ସ୍କୁଲକୁ ଯାଇ କାହିଁକି ନିଶାସକ୍ତ ହୋଇ ଆସିଛନ୍ତି ବୋଲି ପ୍ରଧାନଶିକ୍ଷକ ଠାକୁରଙ୍କୁ ପ୍ରଶ୍ନ କରିଥିଲେ। ଅଧିକାଂଶ ଦିନ ନିଶାସକ୍ତ ହୋଇ ସ୍କୁଲ୍‌କୁ ସେ ଆସୁଥିବା ପିଲାମାନେ ଅଭିଯୋଗ କରୁଥିବା କହିଥିଲେ। ଏ ନେଇ ସ୍କୁଲ ଶିକ୍ଷା କମିଟି ସଭାପତି ଗୀତାଞ୍ଜଳି କିଷାନ, ଶ୍ରୀମତୀ କିଷାନ, କୁମାରୀ ଖିଲାରୀ, ତୁଳସା ଲାକ୍ରା, ଦିଲ୍ଲୀପ ଖିଲାରୀ, ବିକ୍ରମ ମାଝିଙ୍କ ସହିତ କେତେକ ଗ୍ରାମବାସୀ କହିଛନ୍ତି,ପ୍ରଧାନଶିକ୍ଷକ ବୁଧବାର ଛୁଟିରେ ରହିବାକୁ ଦରଖାସ୍ତ ଦେଇଥିଲେ ମଧ୍ୟ ସ୍କୁଲ୍‌କୁ ଅଣ୍ଡା ଆଣି ଆସିଥିଲେ। ସେ ନିଶାସକ୍ତ ଅବସ୍ଥାରେ ଥିବାରୁ କୋଠରୀରେ ପଡି ଯାଇଥିଲେ। ତାଙ୍କ ବଦଳି ପାଇଁ ଆମେ ବିଇଓଙ୍କୁ ଜଣାଇବୁ ବୋଲି ସେମାନେ କହିଛନ୍ତି। ଗୁରୁବାର ମଧ୍ୟାହ୍ନରେ ସ୍କୁଲ୍ କମିଟି ସଦସ୍ୟ ବିଇଓଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇବାକୁ ଆସିଥିଲେ। ହେଲେ ବିଇଓ ନ ଥିବାରୁ ସାକ୍ଷାତ୍ ହୋଇପାରି ନଥିଲା। ସନ୍ଧ୍ୟାରେ ଏ ସଂପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଙ୍କୁ ପଚାରିବାରୁ, ଅଭିଯୋଗ ପାଇବା ପରେ ପ୍ରଧାନ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି ବୋଲି କହିଛନ୍ତି।



ମନ୍ତ୍ରୀ ସାରଦା ପ୍ରସାଦ ନାୟକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବିପର୍ଯ୍ୟସ୍ତ ଅବସ୍ଥାରେ ଝାରପଲମ, ପୁଡ଼ାଜଲଙ୍ଗା ରାସ୍ତା

**ହେମଗିର,୧୨।୧୦(ଚୈତନ୍ୟ ପଟେଲ)**

## ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଝାରପଲମ ଠାରୁ ପୁଡାଜଲଙ୍ଗାକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି। ଫଳରେ ଲୋକେ ଯା' ଆସରେ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତା ଉପରେ ଗିରିସିମା, ଝାରପଲମ, ମେଣ୍ଡ୍ରା, ବିଜାହାଣ୍ଡି, ବୁବରାକଛାର ଆଦି ଗ୍ରାମର ସହ ସହ ଲୋକ ନିର୍ଭର କରିଥାନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଲୋକେ ବାଧ୍ୟ ହୋଇ ପ୍ରାୟ ୧୦ କିଲୋମିଟରରୁ ଉର୍ଦ୍ଧ୍ୱ ଟପରିଆ ରାସ୍ତାଦେଇ ଯାତାୟତ କରୁଛନ୍ତି। ରାସ୍ତା ନିର୍ମାଣକୁ ନେଇ ଅନେକ ସମୟରେ ଗ୍ରାମବାସୀ ଆନ୍ଦୋଳନ କରୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଆଗାମୀ ଦିନରେ ରାସ୍ତା ନିର୍ମାଣ ନ ହେଲେ ଲୋକେ ଆନ୍ଦୋଳନ କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ବଡ଼ ପତ୍ରାପାଲିରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ



**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ବୁଧବାର ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା, ନଗର ମଣ୍ଡଳ ପକ୍ଷରୁ ୱାର୍ଡ଼ ନମ୍ବର ୧୭ ସ୍ଥିତ ବଡ଼ପତ୍ରାପାଲିଠାରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧ୍ୟକ୍ଷ ଜୁଏଲ ଓରାମ, ବିଧାୟିକା କୁସୁମ ଟେଟେ, ପୌରଧ୍ୟକ୍ଷା ତନୟା ମିଶ୍ର ଯୋଗଦେଇ ବଡ଼ପତ୍ରାପାଲି ସ୍ଥିତ ଗ୍ରାମର ଦିବ୍ୟ କାଲୋଙ୍କ ଘରଠାରୁ କଳସ ଯାତ୍ରାର ଶୁଭାରମ୍ଭ କରିଥିଲେ। ମଣ୍ଡଳ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଏମ୍‌ପି ଓରାମ, ବିଧାୟିକା ଟେଟେ ଏବଂ ପୌରଧ୍ୟକ୍ଷା ମିଶ୍ର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏହାପରେ ଗ୍ରାମର ସମସ୍ତ ଘରକୁ ଘର ବୁଲି ଅମୃତ କଳସରେ ପବିତ୍ର ମାଟି ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ସୁଖଲାଲ ମୁଣ୍ଡା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପଟେଲ, ଜିଲା ଯୁବମୋର୍ଚ୍ଚା ସଭାପତି ଅମୀୟ ପଟ୍ଟନାୟକ, ଏସସି ମୋର୍ଚ୍ଚା ଜିଲାସଭାପତି ସିମେଶ୍ୱର ଲରିଆ, ୱାର୍ଡ ପ୍ରମୁଖ ଘନଶ୍ୟାମ ରଣା, କାଉନସିଲର ମମତା ଖାଲଖୋ, ଭାରତୀ ପଟେଲ, ରମେଶ ସୋରେଙ୍ଗ, ଦୀପଞ୍ଜଳୀ ନନ୍ଦ, ମହିଳା ନେତ୍ରୀ ଲତିକା ପଟ୍ଟନାୟକ, କାନନାଲା ବେହେରା, ନିବେଦିତା ନେବି, ଲିନା ପଟେଲ, ସୌମେତ୍ରୀ ରଣା, ପରକ୍ଷିତ ସାହୁ, ସଞ୍ଜୀବ ପଟେଲ, ଶ୍ରୀକାନ୍ତ ଭଞ୍ଜ ସମେତ ୱାର୍ଡର ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

# କଳାକାର ମଞ୍ଚର ନୂଆଁଖାଇ ଭେଟଘାଟ

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ କଳାକାର ମଞ୍ଚ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ତମାମ ଚାଲିଥିବା ବେଳେ ସନ୍ଧ୍ୟାରେ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ପ୍ରଥମେ ମା' ସମଲେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିରାଟ ମଶାଲ ଶୋଭାଯାତ୍ରା ନାରୀ କଲ୍ୟାଣ କେନ୍ଦ୍ରଠାରେ ପହଞ୍ଚିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ ଦଳ ତରଫରୁ ନୃତ୍ୟ ପରିବେଷଣ ହୋଇଥିଲା। ଅପରାହ୍ନରେ କବି ସମ୍ମିଳନୀ ଓ ସମ୍ବଲପୁରୀ ପରିପାଟୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବି ସମ୍ମିଳନୀରେ ସମରେନ୍ଦ୍ର ଠାକୁର, ଗୋପାଳ ପୃଷ୍ଟେଠ ଓ ଫିରୋଜ ପଟେଲ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ରାଜମାତା ପଦ୍ମିନୀ ଶେଖର ଦେଓ, ବିଧାୟିକା କୁସୁମ ଟେଟେ, ପ୍ରଫୁଲ୍ଲ ସୁନାନି, ପ୍ରଦୀପ ଦତ୍ତ, ନାରାୟଣ ପଟେଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଷ୍ଟାର ନାଇଟର ଅତିଥିଭାବେ ଗାୟକ ଅମ୍ରିତା ନାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମ୍ବଲପୁର କଳାକାର ଲୋକେଶ, ହାସ୍ୟ କଳାକାର କେଦାର ପଟେଲ, ବେବି, ଟିଙ୍ଗାଲୁ ଓ ଅନ୍ୟମାନେ ସାମିଲ ଥିଲେ। ପ୍ରିୟଙ୍କା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରୋଶନ ସାହ, ଲିପ୍ସା ଦାସ ଓ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଳାକାର ମଞ୍ଚ ଉଦ୍ଧବ ଭିତ୍ରିଆ, ବିବେକ ନାୟକ, ଅଭିଷେକ ପଟେଲ, ଆୟୁଷ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବାଡରେ ପିଟିହୋଇ ଜଣେ ଗୁରୁତର

**ବଡ଼ଗାଁ,୧୨।୧୦(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବସଷ୍ଟାଣ୍ଡ ଗୋଲାଇ ଛକର ସୁରକ୍ଷା ବାଡରେ ବୁଧବାର ରାତିରେ ନିୟନ୍ତ୍ରଣ ହରାଇ ବାଇକ୍ ପିଟି ହେବାରୁ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ରାଜଗାଙ୍ଗପୁର ନିକଟ ରେଙ୍ଗାଲବାହାଲ ଗ୍ରାମର ଲାଜରୁସ ଖାଡା(୪୮)। ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ତାଙ୍କୁ ସ୍ଥାନୀୟ ଲୋକେ ବଡ଼ଗାଁ ମେଡିକାଲ୍‌କୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ ମେଡିକାଲ୍‌କୁ ପଠାଯାଇଛି।

# କବାଡ଼ି ଚାମ୍ପିୟନଶିପ ଉଦ୍‌ଘାଟିତ

**ବଣାଇଁ,୧୨।୧୦(ପ୍ରଦୀପ ତ୍ରିପାଠୀ)**



ସୁନ୍ଦରଗଡ଼ ଜିଲା ବଣାଇଁ ରାଜା ଧରଣୀଧର ଖେଳ ପଡିଆଠାରେ ଜିଲା ସ୍ତରୀୟ କବାଡ଼ି ଚାମ୍ପିୟନଶିପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ଚାଲିବାକୁ ଥିବା ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସଭାପତିତ୍ୱ କରିଛନ୍ତି। ଉଦ୍‌ଘାଟକ ଭାବେ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଓ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ସୁନ୍ଦରଗଡ଼, ଲେଫ୍ରିପଡ଼ା, ଟାଙ୍ଗରପାଲି, ହେମଗିରି, ରାଜଗାଙ୍ଗପୁର, କୁତ୍ରା, ବଡଗାଁ, କୁଆଁରମୁଣ୍ଡା, ବିଶ୍ରା, ନୂଆଗାଁ, ଲାଠିକଟା, ସବଡେଗା, ବାଲିଶଙ୍କରା, ଗୁରୁଣ୍ଡିଆ, ଲହୁଣିପଡ଼ା, ବଣାଇଁ, କୋଇଡ଼ାର ୧୪ ବର୍ଷ ଓ ୧୭ ବର୍ଷ ବର୍ଗରେ ଉଭୟ ବାଳିକା ଓ ବାଳକ ସମୁଦାୟ ୬୮ଟି ଦଳ ଭାଗ ନେଇଛନ୍ତି। ଏଥିରେ ସମୁଦାୟ ୮ ଶହ ୫୦ ବାଳିକା ବାଳକ ଯୋଗଦେଇଥିବା ବେଳେ ସମଗ୍ର ଜିଲାରୁ ୪୨ ଅଫିସିଆଲ ଷ୍ଟାଫ ଓ ୩୪ ଟିମ୍ ମ୍ୟାନେଜର ଯୋଗଦେଇଛନ୍ତି। ଉଭୟ ବର୍ଗରୁ ବାଳିକା ଓ ବାଳକ ମିଶାଇ ସମୁଦାୟ ୪ଟି ଚାମ୍ପିୟନ ଟିମ୍ ରାଜ୍ୟସ୍ତରକୁ ଖେଳିବା ପାଇଁ ଯୋଗ୍ୟତା ହାସଲ କରିବେ ବୋଲି ଜଣାପଡିଛି। ଆସନ୍ତା ୧୬,୧୭,୧୮ ରେ ଗଞ୍ଜାମଠାରେ ଅୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚାମ୍ପିୟନଶିପରେ ଯୋଗ୍ୟ ବିବେଚିତ ଦଳ ଭାଗ ନେବେ ବୋଲି ଜିଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି। ଉଦ୍‌ଘାଟନୀ ସଭାରେ ବଣାଇଁ ଉପଖଣ୍ଡର ୪ଟି ବ୍ଲକ ବିଇଓ ସହଯୋଗିତା କରିଥିଲେ ଓ ମଞ୍ଚ ପରିଚାଳନା ଗୋଗୁଆ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ କରିଥିଲେ। ସନ୍ଧ୍ୟାରେ ରାଜା ଧରଣୀଧର ଖେଳ ପଡିଆ ଠାରେ ବାଳିକା ବାଳକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି।

# ପେରିଫେରାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଟେନ୍‌ସା,୧୨।୧୦(ସମୀର କୁମାର ପାଢୀ**

ସୁନ୍ଦରଗଡ଼ ଜିଲା ଟେନ୍‌ସା ସେଲ୍ ଅଧୀନସ୍ଥ ବରସୁଆଁ ଲୌହଖଣି ସାମାଜିକ ଦାୟିତ୍ୱବୋଧ ବିଭାଗ ତଥା ସିଏସ୍‌ଆର୍ ଅଧିକାରୀ ଅମୀୟ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପେରିଫେରାଲ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଇସ୍ପାତ ଷ୍ଟାଡିୟମ ଓ ବରସୁଆଁ ଖେଳ ପଡିଆଠାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବଣାଇଁ ଉପଖଣ୍ଡରୁ ୧୬ଟି ଦଳ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ କୁଲା ବନାମ ଜିରୋ ପଏଣ୍ଟ ଫୁଟ୍‌ବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରସୁଆଁ ଲୌହଖଣିର ମହାପ୍ରବନ୍ଧକ ପି.ସି ବରୁଆ, ସମ୍ମାନିତ ଅତିଥିଭାବେ ଫାଇନାସ ପରିମହଲ ବଂଶଲ, ସିଭିଲି ବିଭାର ମୁଖ୍ୟ ବି. ଦତ୍ତ, ସାମାଜିକ କର୍ମୀ ପପୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ୨ଦିନ ଧରି ଅନୁଷ୍ଠିତ ହେବ। ବିଜେତା ଦଳକୁ ୧୦ ହଜାର, ଉପ ବିଜେତା ଦଳକୁ ୮ହଜାର ଲେଖାଏଦିଆଯିବ ବୋଲି ସିଏସଆର୍ ବିଭାଗ ମୁଖ୍ୟ ଅମୀୟ ରଞ୍ଜନ ରାଉତ ପ୍ରକାଶ କରିଛନ୍ତି।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

# ଜିଲାସ୍ତରୀୟ କନ୍ୟାସନ୍ତାନ ଦିବସ

**ସୁନ୍ଦରଗଡ଼,୧୧।୧୦(ଜୟ ନାରାୟଣ ମେଣ୍ଡୁଲି)**


ମଞ୍ଚାସୀନ ଅତିଥି ବୃନ୍ଦ।

ସ୍ଥାନୀୟ ସଦ୍‌ଭାବନା ଭବନଠାରେ ବୁଧବାର ଜିଲା ସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଏହି ଦିବସ ପାଳନର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ କହିବା ସହିତ କନ୍ୟା ସନ୍ତାନଙ୍କୁ ସମାଜରେ ତାଳ ମିଶାଇ ଆଗକୁ ବଢ଼ିବାରେ ସମସ୍ତେ ଆଗଭର ହେବା ସହିତ କନ୍ୟା ସନ୍ତାନଙ୍କ ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ଅଭିହିତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ କରିଥିଲେ ଯେ, ସମାଜରେ ମହିଳା ମାନେ ନିଜର ଅଧିକାର ପାଇଁ ସଂଗ୍ରାମ କରିଛନ୍ତି, ସେ ତସ୍ଲିମା ନସରିନ ହୁଅନ୍ତୁ ବା କଳ୍ପନା ଚାୱଲା, ସେମାନେ ସବୁ ଘାତ ପ୍ରତିଘାତକୁ ସାହସିକତାର ସହିତ ମୁକାବିଲା କରି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତ ବୋଲ ସେ କହିଥିଲେ। ଏହି ଅବସରରେ ବାଳିକାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଶୀଳା ରଥ ସଂଯୋଜନା କରିଥିଲେ। ଏଥିରେ ସୁରକ୍ଷା ଅଧିକାରୀ ଶୟ ତୁଲେଶ୍ୱରୀ ପଟେଲ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ନନ୍ଦଲାଲ ନାୟକ, ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନ, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ବାଳିକାମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଗାଡ଼ିରୁ ଓଜନ ମେଶିନ ଚୋରି

**ବଡ଼ଗାଁ,୧୨।୧୦( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବସଷ୍ଟାଣ୍ଡରେ ଟେମ୍ପୋ ଅଟକାଇ ଚାଳକ ଚା ପିଇବାକୁ ଯାଇଥିଲାବେଳେ ଗାଡ଼ିରେ ରଖିଥିବା ବିଦ୍ୟୁତ ଚଳିତ ଓଜନ ମେଶିନକୁ କେହି ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିଲାତି ନେଇ ରାଉରକେଲା ଯାଉଥିବା ଟେମ୍ପୋ ଚାଳକ ଜିତେନ୍ଦ୍ର ସା ବଡ଼ଗାଁ ବସଷ୍ଟାଣ୍ଡରେ ଗାଡ଼ି ରଖି ଚା ପିଇବାକୁ ଯାଇଥିଲାବେଳେ ଚୋରି ହୋଇଥିଲା।

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା, ବଡ ଭାଇ ଗିରଫ

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ ମହୁଲଯୋର ଗ୍ରାମ ପୋଖରୀରୁ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ଘଟଣାରେ ପୋଲିସ ବୁଧବାର ମୃତ ଯୁବକ ମନୋରଞ୍ଜନ ମିଶ୍ରଙ୍କ ବଡଭାଇ ମନୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ମନୋଜଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ୨ତାରିଖ ସନ୍ଧ୍ୟାରେ ମନୋଜ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ୩ତାରିଖ ସକାଳେ ମୃତ ଦେହ ପୋଖରିରୀ ଭାସୁଥିବା ଦେଖି ଗ୍ରାମବାସୀ ତାଙ୍କ ପରିବାରକୁ ଖବର ଦେଇଥିଲେ। ବଡ ଭାଇ ମନୋଜଙ୍କ ଏତଲା କ୍ରମେ ସଦର ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ ଭାଇ ତାଙ୍କ ଏତଲାରେ ଦର୍ଶାଇଥିଲେ ଯେ, କାଜୁ ବଗିଚା ଗଣ୍ଡଗୋଳକୁ ନେଇ ତାଙ୍କ ସାନ ଭାଇଙ୍କୁ ଗ୍ରାମର ୮ଜଣ ଯୁବକ ହତ୍ୟାକରି ପୋଖରୀରେ ଫିଙ୍ଗି ଦେଇଥିଲେ। ପୋଲିସ ପ୍ରଥମେ ଗ୍ରାମର କିଛି ଯୁବକଙ୍କୁ ପଚରାଉଚରା କରିଥିଲା। ତଦନ୍ତ ବେଳେ ପୋଲିସ ବଡଭାଇଙ୍କ ଘରେ ରକ୍ତର ଛିଟା ପଡିଥିବା ଦେଖିବାକୁ ପାଇଥିଲେ। ଫଳରେ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଥିଲା। ସାମାନ୍ୟ କଥାରେ ଉତକ୍ଷିପ୍ତ ହୋଇଯାଉଥିବା ବଡଭାଇ ମନୋଜ ଓ ସାନଭାଇ ମନୋରଞ୍ଜନଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ଜେରା ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ସଦର ଏସ୍‌ଡିପିଓ ହିମାନଂଶୁ ବେହେରାଙ୍କ ତତ୍ତ୍ୱାବଧାନରେ ଆଇଆଇସି ସୁସ୍ମିତା ଦେବତା ମାମଲାର ତଦନ୍ତ ଅଧିକାରୀ ରହିଛନ୍ତି।

### ୪୨ ବର୍ଷରେ ପଦାର୍ପଣ କରିବ ଗାନ୍ଧୀଛକ ଦୁର୍ଗାପୂଜା

**ବ୍ରଜରାଜନଗର,୧୨।୧୦(ବିଜୟ ବରାଡ):** ସ୍ଥାନୀୟ ଗାନ୍ଧୀଛକ ଜୟଦୁର୍ଗା କ୍ଲବ ଆୟୋଜିତ ଦୁର୍ଗାପୂଜା ଚଳିତବର୍ଷ ୪୨ବର୍ଷରେ ପଦାର୍ପଣ କରିବ। ୧୯୮୨ରୁ ଏହି ପୂଜା ଆରମ୍ଭ ହୋଇଥିଲା। ଏଥର ପୂଜା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ଗୁରୁତ୍ୱ ଦେଇଛି। ଗତ ୨୦ବର୍ଷ ଧରି ମେଢ଼ ତିଆରି କରୁଛନ୍ତି ବ୍ରଜରାଜନଗରର ସତ୍ୟନନ୍ଦ ଦାସ। ଦେବୀ ଦୁର୍ଗା ଓ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ଗଢ଼ିବା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଥରର ରାବଣ ପୋଡ଼ି ବେଶ ଆକର୍ଷଣୀୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଗଣ୍ଡଘୋରା ହାଇସ୍କୁଲ ପଡିଆରେ ଦଶମୀ ଦିନ ରାବଣ ବଧ ଆୟୋଜନ କରାଯିବ। ଆସନ୍ତା ୧୫ ତାରିଖରୁ ଶାରଦୀୟ ନବରାତ୍ର ଆରମ୍ଭ ହେଉଛି ଓ ୨୦ ତାରିଖ ଷଷ୍ଠୀ ତିଥିରେ ମା'ଙ୍କ ପୂଜା ଆରମ୍ଭ ହେବ। ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା ଦାଇତ୍ୱ କ୍ରିତମାଲର ପଣ୍ଡିତ ପ୍ରଦୀପ ମିଶ୍ର ନିର୍ବାହ କରିବେ। ରୁଦ୍ରପ୍ରତାପ ଭୋଇ ଓ ତାଙ୍କ ସ୍ତ୍ରୀ ମମତା ଭୋଇ କର୍ତ୍ତା ରହିବେ। ମହାଷ୍ଟମୀରେ ଭାଇ ଜିଉନ୍ତିଆ ପାଳନ କରୁଥିବା ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା ବ୍ୟବସ୍ଥା ରହିଛି। ୨୫ରେ ପାରମ୍ପରିକ ଲୋକବାଦ୍ୟ ଓ ଲୋକନୃତ୍ୟ ମାଧ୍ୟମରେ ମା'ଙ୍କୁ ମେଲାଣି ଦିଆଯିବ। ସପ୍ତମୀରେ ହିନ୍ଦୀ ଅର୍କେଷ୍ଟ୍ରା, ଅଷ୍ଟମୀରେ ଭଜନ ସନ୍ଧ୍ୟା, ନବମୀରେ ସମ୍ବଲପୁରୀ ଅର୍କେଷ୍ଟ୍ରା, ଦଶମୀରେ ବେଣ୍ଟୁ କମେଡି ସହ ଡ୍ୟାନ୍ସ ପ୍ରୋଗ୍ରାମ ଦର୍ଶକଙ୍କ ମନମୋହିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏଥର ପୂଜା ପାଇଁ କମିଟି ପକ୍ଷରୁ ୧୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ପୂଜା କମିଟି ସଭାପତି ମଣିରାମ ସିଂହ, ଉପସଭାପତି ଗୁରୁଦେବ ବଡ଼ାଇ, ସମ୍ପାଦକ ତପନ କୁମାର ବଡ଼ାଇ, ସହ ସମ୍ପାଦକ ମେଘନାଥ ବାରିକ, କୋଷାଧ୍ୟକ୍ଷ ଅଶୋକ ବଡ଼ପଣ୍ଡା ଓ ସହ କୋଷାଧ୍ୟକ୍ଷ ଅମିୟ କୁମାର ହୋତା(ବାବୁଲୁ) ବିଭିନ୍ନ ଦାୟିତ୍ୱ ତୁଲଉଛନ୍ତି।

# ଫସଲ ବିବିଧୀକରଣ ଯୋଜନା ପ୍ରଚାର ପାଇଁ ପଦଯାତ୍ରା

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ଲେଫ୍ରିପଡା ବ୍ଲକ ବଡବଙ୍ଗା ପଞ୍ଚାୟତରେ ବୃହତ ଜଳ ସେଚନ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନାର ପ୍ରଚାର ପ୍ରସାର ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ରଙ୍ଗିଆମୁଣ୍ଡା ସୁନ୍ଦରଗଡ ତରଫରୁ ଗୁରୁବାର ଚାଷୀ ପଦଯାତ୍ରା, ସଚେତନତା ବୈଠକ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ରୋଷେଇ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଖରିଫ ଋତୁରେ ଅଣ ଧାନ ଜାତୀୟ ଫସଲ ଚାଷ ପ୍ରତି ଚାଷୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ତଥା ବଜାର ଚାହିଦା ମୁତାବକ ଅଣ ଧାନ ଫସଲ ଚାଷ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଏହି ଯୋଜନାରେ ଚାଷୀଙ୍କୁ ମିଳିଥିବା ସୁବିଧା ସୁଯୋଗ ଉପରେ ସଚେତନତା କରିବାପାଇଁ ପୋଢମୁଢି, ଶ୍ରୀଭବନପୁର, ମହୀକାନୀ, ବଡବଙ୍ଗା, ଭରତପୁର, ଛୋଟବଙ୍ଗା, ଝାରଗାଁ, ବୁଦେଲକାନି,




ଫସଲ ବିବିଧୀକରଣ ଯୋଜନାର ପ୍ରଚାର ପ୍ରସାର ପାଇଁ ବାହାରିଥିବା ପଦଯାତ୍ରା।

ଧୁରୁଆଡ଼ିହି ଗ୍ରାମର ୧୫୦ରୁ ଊର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ସର୍ବପ୍ରଥମେ ଚାଷୀଙ୍କ ପଦଯାତ୍ରା ବଡବଙ୍ଗା ଗ୍ରାମ ପରିକ୍ରମା କରିବାପରେ ଏକ ସଚେତନତା ବୈଠକରେ ଅଣଧାନ ଜାତୀୟ ଫସଲ ଚାଷ ନିମନ୍ତେ ଥିବା ସୁଯୋଗ, ଲାଭ, କାର୍ଯ୍ୟାନ୍ୱିତ ପ୍ରଣାଳୀ ତଥା ଏଥି ନିମନ୍ତେ କାର୍ଯ୍ୟ ଖସଡା ପ୍ରସ୍ତୁତ ନିମନ୍ତେ ଆଲୋଚନା କରାଯାଇଥିଲା। ଏହାପରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ରୋଷେଇ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଏଥିରେ ମହିକାନୀର ଅଲିଭା ଏସଏଚଜି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଝାରଗାଁର ଜୟ ଶ୍ରୀ କ୍ରୀଷ୍ଣା ଏସଏଚଜି ୨ୟ, ବଡବଙ୍ଗାର ମା' ତାରିଣୀ ଓ ଲୋକଡେଗାର ମା' ସନ୍ତୋଷି ଯୁଗ୍ମ ଭାବରେ ୩ୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅଞ୍ଜଳି ଘୋଷ ମୁଖ୍ୟ ଅତିଥି ତଥା ବଡବଙ୍ଗା ସରପଞ୍ଚ

**ସାମିଲ ହେଲେ ୯ ଗ୍ରାମର ଶତାଧିକ ଚାଷୀ**

ସନ୍ତୋଷ ସୁରେନ ଓ ସମିତି ସଭ୍ୟ ମାନସ ରଞ୍ଜନ ସାହୁ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ। ଲେଫ୍ରିପରା ବ୍ଲକ କୃଷି ଅଧିକାରୀ ପୃଥିବୀରାଜ ମଣ୍ଡଳ, କୃଷି ଅଧିକାରୀ ସୁସ୍ମିତା ମୁର୍ମୁ ବୃହତ ଜଳ ସେଚନ ଅଞ୍ଚଳରେ ଫସଲ ବିବିଧି କରଣ ଯୋଜନା ଉପରେ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ସେବକର ବ୍ଲକ ସଂଯୋଜକ ସୁମିତ କୁମାର ପଟେଲ ପରିଚାଳନା କରିଥିବାବେଳେ କୃଷି ଅଧିଦର୍ଶକ ଝରଣା ଦାସ, ପୁଷ୍ପଲତା ଭୂୟାଁ ତଥା ସେବକ ଦ୍ୱାରା ପରିଚାଳିତ ବିନ୍ଧ୍ୟଗିରି ଉତ୍ପାଦକ ସଂଗଠନ, ବସୁଧା ଉତ୍ପାଦକ ସଂଗଠନ, ଛେଦଲଗନ କୃଷି ଉତ୍ପାଦକ ସଂଗଠନ ଓ ବାବା ମେଢେଶ୍ୱର କୃଷକ ଉତ୍ପାଦକ ସଂଗଠନର କର୍ମୀମାନେ ସହଯୋଗ କରିଥିଲେ।



ମନ୍ତ୍ରୀ ସାରଦା ପ୍ରସାଦ ନାୟକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# କଳାକାର ମଞ୍ଚର ନୂଆଁଖାଇ ଭେଟଘାଟ

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ କଳାକାର ମଞ୍ଚ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସକାଳ ୯ଟାରୁ ଆରମ୍ଭ ହୋଇ ଦିନ ତମାମ ଚାଲିଥିବା ବେଳେ ସନ୍ଧ୍ୟାରେ ଷ୍ଟାର ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ପ୍ରଥମେ ମା' ସମଲେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିରାଟ ମଶାଲ ଶୋଭାଯାତ୍ରା ନାରୀ କଲ୍ୟାଣ କେନ୍ଦ୍ରଠାରେ ପହଞ୍ଚିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ ଦଳ ତରଫରୁ ନୃତ୍ୟ ପରିବେଷଣ ହୋଇଥିଲା। ଅପରାହ୍ନରେ କବି ସମ୍ମିଳନୀ ଓ ସମ୍ବଲପୁରୀ ପରିପାଟୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବି ସମ୍ମିଳନୀରେ ସମରେନ୍ଦ୍ର ଠାକୁର, ଗୋପାଳ ପୃଷ୍ଟେଠ ଓ ଫିରୋଜ ପଟେଲ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେରେ ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ରାଜମାତା ପଦ୍ମିନୀ ଶେଖର ଦେଓ, ବିଧାୟିକା କୁସୁମ ଟେଟେ, ପ୍ରଫୁଲ୍ଲ ସୁନାନି, ପ୍ରଦୀପ ଦତ୍ତ, ନାରାୟଣ ପଟେଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଷ୍ଟାର ନାଇଟର ଅତିଥିଭାବେ ଗାୟକ ଅମ୍ରିତା ନାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ସମ୍ବଲପୁର କଳାକାର ଲୋକେଶ, ହାସ୍ୟ କଳାକାର କେଦାର ପଟେଲ, ବେବି, ଟିଙ୍ଗାଲୁ ଓ ଅନ୍ୟମାନେ ସାମିଲ ଥିଲେ। ପ୍ରିୟଙ୍କା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରୋଶନ ସାହ, ଲିପ୍ସା ଦାସ ଓ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଳାକାର ମଞ୍ଚ ଉଦ୍ଧବ ଭିତ୍ରିଆ, ବିବେକ ନାୟକ, ଅଭିଷେକ ପଟେଲ, ଆୟୁଷ ନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବଡ଼ ପତ୍ରାପାଲିରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୧୨।୧୦(ଜୟ ନାରାୟଣ ମେଣ୍ଡୁଲି)**

ବୁଧବାର ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା, ନଗର ମଣ୍ଡଳ ପକ୍ଷରୁ ୱାର୍ଡ଼ ନମ୍ବର ୧୭ ସ୍ଥିତ ବଡ଼ପତ୍ରାପାଲିଠାରେ ମୋ ମାଟିମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ତଥା ସଂସଦୀୟ ପ୍ରତିରକ୍ଷା କମିଟି ଅଧକ୍ଷ ଜୁଏଲ ଓରାମ, ବିଧାୟିକା କୁସୁମ ଟେଟେ, ପୌରଧ୍ୟକ୍ଷା ତନୟା ମିଶ୍ର ଯୋଗଦେଇ ବଡ଼ପତ୍ରାପାଲି ସ୍ଥିତ ଗ୍ରାମର ଦିବ୍ୟ କାଲୋଙ୍କ ଘରଠାରୁ କଳସ ଯାତ୍ରାର ଶୁଭାରମ୍ଭ କରିଥିଲେ। ମଣ୍ଡଳ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଏମ୍‌ପି ଓରାମ, ବିଧାୟିକା ଟେଟେ ଏବଂ ପୌରଧ୍ୟକ୍ଷା ମିଶ୍ର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ଏହାପରେ ଗ୍ରାମର ସମସ୍ତ ଘରକୁ ଘର ବୁଲି ଅମୃତ କଳସରେ ପବିତ୍ର ମାଟି ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ସାଧାରଣ ସମ୍ପାଦକ ଯଶୋବନ୍ତ ନାଏକ, ସୁଖଲାଲ ମୁଣ୍ଡା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପଟେଲ, ଶ୍ରୀକାନ୍ତ ଭଞ୍ଜ ସମେତ ୱାର୍ଡର ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

# କବାଡ଼ି ଚାମ୍ପିୟନଶିପ ଉଦ୍‌ଘାଟିତ

**ବଣାଇଁ,୧୨।୧୦(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ବଣାଇଁ ରାଜା ଧରଣୀଧର ଖେଳ ପଡିଆଠାରେ ଜିଲା ସ୍ତରୀୟ କବାଡ଼ି ଚାମ୍ପିୟନଶିପ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ଚାଲିବାକୁ ଥିବା ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସଭାପତିତ୍ୱ କରିଛନ୍ତି । ଉଦ୍‌ଘାଟକ ଭାବେ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ଓ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ସୁରଞ୍ଜନ କୁମାର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ସୁନ୍ଦରଗଡ଼, ଲେଫ୍ରିପଡ଼ା, ଟାଙ୍ଗରପାଲି, ହେମଗିରି, ରାଜଗାଙ୍ଗପୁର, କୁତ୍ରା, ବଡଗାଁ, କୁଆଁରମୁଣ୍ଡା, ବିଶ୍ରା, ନୂଆଗାଁ, ଲାଠିକଟା, ସବଡେଗା, ବାଲିଶଙ୍କରା, ଗୁରୁଣ୍ଡିଆ, ଲହୁଣିପଡ଼ା, ବଣାଇଁ, କୋଇଡ଼ାର ୧୪ ବର୍ଷ ଓ ୧୭ ବର୍ଷ ବର୍ଗରେ ଉଭୟ ବାଳିକା ଓ ବାଳକ ସମୁଦାୟ ୬୮ଟି ଦଳ ଭାଗ ନେଇଛନ୍ତି। ଏଥିରେ ସମୁଦାୟ ୮ ଶହ ୫୦ ବାଳିକା ବାଳକ ଯୋଗଦେଇଥିବା ବେଳେ ସମଗ୍ର ଜିଲାରୁ ୪୨ ଅଫିସିଆଲ ଷ୍ଟାଫ ଓ ୩୪ ଟିମ୍ ମ୍ୟାନେଜର ଯୋଗଦେଇଛନ୍ତି। ଉଭୟ ବର୍ଗରୁ ବାଳିକା ଓ ବାଳକ ମିଶାଇ ସମୁଦାୟ ୪ଟି ଚାମ୍ପିୟନ ଟିମ୍ ରାଜ୍ୟସ୍ତରକୁ ଖେଳିବା ପାଇଁ ଯୋଗ୍ୟତା ହାସଲ କରିବେ ବୋଲି ଜଣାପଡ଼ିଛି । ଆସନ୍ତା ୧୬,୧୭,୧୮ ରେ ଗଞ୍ଜାମଠାରେ ଅୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଚାମ୍ପିୟନଶିପରେ ଯୋଗ୍ୟ ବିବେଚିତ ଦଳ ଭାଗ ନେବେ ବୋଲି ଜିଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି।

### ପେରିଫେରାଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଟେନ୍‌ସା,୧୨।୧୦(ସମୀର କୁମାର ପାଢୀ**

ସୁନ୍ଦରଗଡ଼ ଜିଲା ଟେନ୍‌ସା ସେଲ୍ ଅଧୀନସ୍ଥ ବରସୁଆଁ ଲୌହଖଣି ସାମାଜିକ ଦାୟିତ୍ୱବୋଧ ବିଭାଗ ତଥା ସିଏସ୍‌ଆର୍ ଅଧିକାରୀ ଅମୀୟ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପେରିଫେରାଲ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଇସ୍ପାତ ଷ୍ଟାଡିୟମ ଓ ବରସୁଆଁ ଖେଳ ପଡିଆଠାରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବଣାଇଁ ଉପଖଣ୍ଡରୁ ୧୬ଟି ଦଳ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ କୁଲା ବନାମ ଜିରୋ ପଏଣ୍ଟ ଫୁଟ୍‌ବଲ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରସୁଆଁ ଲୌହଖଣିର ମହାପ୍ରବନ୍ଧକ ପି.ସି ବରୁଆ, ସମ୍ମାନିତ ଅତିଥିଭାବେ ଫାଇନାସ ପରିମହଲ ବଂଶଲ, ସିଭିଲି ବିଭାର ମୁଖ୍ୟ ବି. ଦତ୍ତ, ସାମାଜିକ କର୍ମୀ ପପୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ୨ଦିନ ଧରି ଅନୁଷ୍ଠିତ ହେବ। ବିଜେତା ଦଳକୁ ୧୦ ହଜାର, ଉପ ବିଜେତା ଦଳକୁ ୮ହଜାର ଲେଖାଏଦିଆଯିବ ବୋଲି ସିଏସଆର୍ ବିଭାଗ ମୁଖ୍ୟ ଅମୀୟ ରଞ୍ଜନ ରାଉତ ପ୍ରକାଶ କରିଛନ୍ତି।




ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

# ଗୋରୁ ବୋଝେଇ ଟ୍ରକ୍ ଓଲଟିଲା, ୩ ମୃତ

**ସମ୍ବଲପୁର,୧୨।୧୦(ବି.ଶଙ୍କର)**

୫୩ନଂ ଜାତୀୟ ରାଜପଥର ସମ୍ବଲପୁର ଜିଲା ବୁର୍ଲା ଥାନା ଅନ୍ତର୍ଗତ ଏ କଣ୍ଟାପାଲିଠାରେ ଗୁରୁବାର ରାତି ପ୍ରାୟ ୧୧ଟାରେ ଏକ ଗୋରୁ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇ ବୁର୍ଲା ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ଗୋରୁ ବୋଝେଇ ଟ୍ରକ୍ ବରଗଡରୁ ସମ୍ବଲପୁର ପଟକୁ ଆସୁଥିବାବେଳେ ଏ କଣ୍ଟାପାଲିଠାରେ ଭାରସାମ୍ୟ ହରାଇ ଓଲଟିପଡିଥିଲା। ଖବର ପାଇବା ପରେ ବୁର୍ଲା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତ କିମ୍ବା ଆହତଙ୍କ ପରିଚୟ ମିଳିନାହିଁ। ବୁର୍ଲା ପୋଲିସ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଦୁର୍ଘଟଣା ସମ୍ପର୍କରେ କୌଣସି ତଥ୍ୟ ମିଳିପାରି ନାହିଁ।

# ଜ୍ୟୋତି ପକ୍ଷରୁ ସଚେତନତା ସଭା

**ସମ୍ବଲପୁର,୧୨।୧୦(ବି.ଶଙ୍କର)**

ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା ଜ୍ୟୋତି ପକ୍ଷରୁ ବିଶ୍ୱ ଦୃଷ୍ଟି ଦିବସ ଗୁରୁବାର ହୀରାକୁଦ କଲୋନୀସ୍ଥିତ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ପାଳିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ ଚକ୍ଷୁର ଯତ୍ନ ଓ ସୁରକ୍ଷା ଶୀର୍ଷକ ସଚେତନତା ସଭା ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନି ବକ୍ତାଭାବେ ଯୋଗଦେଇ ଚକ୍ଷୁର ଯତ୍ନ ଓ ସୁରକ୍ଷା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପୂର୍ବତନ ଏମ୍‌ପି ପ୍ରମିଳା ବହିଦାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜ୍ୟୋତି ଅନୁଷ୍ଠାନର ବିଭିନ୍ନ ସଫଳ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ଓ ତାପସ ଦାସ, ବରିଷ୍ଠ ସଦସ୍ୟ ମନବୋଧ ତ୍ରିପାଠୀ ଓ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପର୍ଯ୍ୟସ୍ତ ଅବସ୍ଥାରେ ଝାରପଲମ, ପୁଡ଼ାଜଳଙ୍ଗା ରାସ୍ତା

**ହେମଗିର,୧୨।୧୦(ଚୈତନ୍ୟ ପଟେଲ)**

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଝାରପଲମ ଠାରୁ ପୁଡାଜଳଙ୍ଗାକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଖାଲ ଖମାରେ ଭର୍ତ୍ତି। ଫଳରେ ଲୋକେ ଯା' ଆସରେ ସମସ୍ୟା ଭୋଗୁଛନ୍ତି। ଏହି ରାସ୍ତା ଉପରେ ଗିରିସିମା, ଝାରପଲମ, ମେଣ୍ଡ୍ରା, ବିଜାହାଣ୍ଡି, ବୁବରାକଛାର ଆଦି ଗ୍ରାମର ସହ ସହ ଲୋକ ନିର୍ଭର କରିଥାନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ



ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସକାଶେ ପ୍ରସ୍ତୁତି ବୈଠକ।

**ସମ୍ବଲପୁର,୧୨।୧୦(ବି.ଶଙ୍କର)**

ସମ୍ବଲପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସକାଶେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓସ୍ୱାନ ହଲଠାରେ ଆୟୋଜିତ ବୈଠକରେ ଜିଲାପାଳ ଅନନ୍ୟା ଦାସ ଅଧ୍ୟକ୍ଷତା କରିଥିଲେ। ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସହାୟତା ଓ ଉପକରଣ ପ୍ରଦାନ ପାଇଁ ମୂଲ୍ୟାଙ୍କନ କରିବା, ଦକ୍ଷତା ବିକାଶ ପ୍ରାର୍ଥୀ ଚୟନ, ମାନୁଆଲ ପ୍ରମାଣପତ୍ରକୁ ୟୁଡିଆଇଡିକୁ ସ୍ଥାନାନ୍ତର ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମେନ୍ଦ୍ର ମଲ୍ଲିକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମ୍ବଲପୁର ସଂଯୁକ୍ତା କୁଲୁଙ୍କ ସମେତ ଜିଲାର ସମସ୍ତ ବିଡ଼ିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ନଭେମ୍ବର ୬ରୁ ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ ପର୍ଯ୍ୟାୟକ୍ରମେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯିବ। ହିତାଧିକାରୀ ଯେପରି ଠିକ ଭାବେ ସରକାରଙ୍କ ସମସ୍ତ ସୁବିଧା ପାଇପାରିବେ ସେଥିପାଇଁ ଗୁରୁତ୍ୱଦେବାକୁ ଜିଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# ଜିଲାସ୍ତରୀୟ କନ୍ୟାସନ୍ତାନ ଦିବସ

**ସୁନ୍ଦରଗଡ଼,୧୧।୧୦(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସଦ୍‌ଭାବନା ଭବନଠାରେ ବୁଧବାର ଜିଲା ସ୍ତରୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଏହି ଦିବସ ପାଳନର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ କହିବା ସହିତ କନ୍ୟା ସନ୍ତାନଙ୍କୁ ସମାଜରେ ତାଳ ମିଶାଇ ଆଗକୁ ବଢ଼ିବାରେ ସମସ୍ତେ ଆଗଭର ହେବା ସହିତ କନ୍ୟା ସନ୍ତାନଙ୍କ ସୁରକ୍ଷା ଦାୟିତ୍ୱ ଆମ ସମସ୍ତଙ୍କର ବୋଲି ଅଭିହିତ କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ କରିଥିଲେ ଯେ, ସମାଜରେ ମହିଳା ମାନେ ନିଜର ଅଧିକାର ପାଇଁ ସଂଗ୍ରାମ କରିଛନ୍ତି, ସେ ତସ୍ଲିମା ନସରିନ ହୁଅନ୍ତୁ ବା କଳ୍ପନା ଚାୱଲା, ସେମାନେ ସବୁ ଘାତ ପ୍ରତିଘାତକୁ ସାହସିକତାର ସହିତ ମୁକାବିଲା କରି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତ ବୋଲ ସେ କହିଥିଲେ। ଏହି ଅବସରରେ ବାଳିକାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଶୀଳା ରଥ ସଂଯୋଜନା କରିଥିଲେ। ଏଥିରେ ସୁରକ୍ଷା ଅଧିକାରୀ ଶୟ ତୁଳେଶ୍ୱରୀ ପଟେଲ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ନନ୍ଦଲାଲ ନାୟକ, ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନ, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ବାଳିକାମାନେ ଯୋଗ ଦେଇଥିଲେ।




ମଞ୍ଚାସୀନ ଅତିଥି ବୃନ୍ଦ।

## ବିନୋପୁରରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ବୋଡେନ,(ଟିକେଶ୍ୱର ନାଗ୍): ନୂଆପଡା ଜିଲା ବୋଡ଼େନ ବ୍ଲକ ବିନୋପୁର ଗ୍ରାମରେ ୨୩ତମ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ ସଭାପତି ପୁଷ୍ତମ ନାଗଙ୍କ ପରିଚାଳିତରେ ଅନୁଷ୍ଠିତ ହୋଇଛି। ଆସନ୍ତା ୨୭ରୁ ୩୧ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପୂଜା ପାଳନ ହେବ। ପ୍ରତ୍ୟେକ ଦିନ ରାତ୍ରରେ ନାଟକ ମନୋରଞ୍ଜନ ହେବାର ସ୍ଥିର କରାଯାଇଛି। ପ୍ରତେକ ଦିନ ଅନୁସାରେ ସଙ୍ଗୀତ ପ୍ରତିଯୋଗିତା ଓ ସଙ୍କୀର୍ତ୍ତନ ଦଳ ନାଚ ହେବ। ଏହି ବୈଠକରେ ଲୋକନାଥ ନିଆଲ, ଗୋରିଶଙ୍କର ନାଗ, ଟିକେଶ୍ୱର ନାଗ, ଟିକଚନ ନିଆଲ, ଦିବାନ ନିଆଲ, ଶ୍ୟାମସୁନ୍ଦର ଛତ୍ରିଆ, କାଶୀନାଥ ବେହେରା, ସୁରେଶ ମୁଣ୍ଡ ଓ ଗ୍ରାମର ବ୍ୟକ୍ତିମାନେ ଯୋଗଦାନ କରିଥିଲେ।

**ସଂକ୍ଷେପରେ**

## କେନାଲରେ ବୁଡ଼ି ନାବାଳକ ମୃତ

ଖଡ଼ିଆଳ,୧୨।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଲୋୟରଇନ୍ଦ୍ର ଡ୍ୟାମ କେନାଲକୁ ଗାଧୋଇବାକୁ ଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୋଲିସ ସୂତ୍ରରୁ ପ୍ରକାଶ ଯେ, ଖଡ଼ିଆଳ ଥାନା ଅନ୍ତର୍ଗତ ଗୋଇମୁଣ୍ଡି ଗ୍ରାମର ଧବଳେଶ୍ୱର ବନଛୋରଙ୍କ ପୁଅ ଟିଟୁ (୧୪) ବୋଲି ଜଣାପଡିଛି। ଟିଟୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଚଳାନ ପଡାଠାରେ ଥିବା ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ। ୨ କି.ମି. ଚନାବେଡା ଗ୍ରାମ ପର୍ଯ୍ୟନ୍ତ ଭାଷିଯାଇ ମୃତ୍ୟୁବରଣ କରିଥିଲେ। ଖବର ପାଇ ଖଡ଼ିଆଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ବହୁ ଖୋଜାଖୋଜି କରିବା ପରେ ଚନାବେଡା ବ୍ରିଜ ନିକଟସ୍ଥ କେନାଲରୁ ମୃତଦେହ ଜବତ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ନାବାଳକ ମୃତ୍ୟୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## କଲ୍ୟାଣ ମଣ୍ଡପ, ଆଦର୍ଶ ହାଟ, କୃଷି ସମବାୟ ସମିତି ନିର୍ମାଣ ଦାବି

ନୂଆପଡ଼ା,୧୨।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମିଛାପାଲିଠାରେ କଲ୍ୟାଣ ମଣ୍ଡପ, ଆଦର୍ଶ ହାଟ ଓ ପ୍ରାଥମିକ କୃଷି ସମବାୟ ସମିତି ନିର୍ମାଣ କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସୁନାବେଡା ଅଭୟାରଣ୍ୟ ପାଦଦେଶରେ ମିଛାପାଲି ପଞ୍ଚାୟତ କାର୍ଯ୍ୟାଳୟ ଅବସ୍ଥିତ। ଅଧିକାଂଶ ଗାଁ ମିଛାପାଲି ଉପରେ ନିର୍ଭର କରିଥାନ୍ତି। ମିଛାପାଲି ଅଞ୍ଚଳର କେନ୍ଦ୍ରସ୍ଥଳ ଭାବେ ରହିଛି। ସେଠାରେ ସପ୍ତାହିକ ହାଟ, ରାଜସ୍ୱ ନିରିକ୍ଷକ କାର୍ଯ୍ୟାଳୟ, ବ୍ୟାଙ୍କ ଶାଖା, ଆଶ୍ରମ ବିଦ୍ୟାଳୟ, ଡାକଘର, ପଞ୍ଚାୟତ କାର୍ଯ୍ୟାଳୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଦୋକାନ ରହିଛି। ସୁନାବେଡାଠାରୁ ଆରମ୍ଭ କରି ଅଞ୍ଚଳର ଲୋକେ ପ୍ରତହ୍ୟ ମିଛାପାଲି ଉପରେ ନର୍ଭର କରିଥାନ୍ତି। ତେଣୁ କରି ମଛାପାଲିଠାରେ କଲ୍ୟାଣ ମଣ୍ଡପ, ପ୍ରାଥମିକ କୃଷି ସମବାୟ ସମିକତି ଓ ଆଦର୍ଶ ହାଟ କରା ଗଲେ ଅଞ୍ଚଳର ଲୋକଙ୍କ ପାଇଁ ସୁବିଧା ହେବା ସହ ଅଞ୍ଚଳର ବିକାଶ ହୋଇ ପାରିବ। ହୃଦାନନ୍ଦ ଅଡବଙ୍ଗ, ତୀର ଆଡବଙ୍ଗ, ଗୌରହରି ଅଦା, ଦଶରଥ ଆଡବଙ୍ଗ, ଧନେଶ୍ୱର ମାଝି, ଲକ୍ଷ୍ମୀ ଅଡବଙ୍ଗ, ଉମାକାନ୍ତି ବିଭାର, କୁନି ମାଝି, ଫଗନୀ ପରଗନିଆ, ଜୟନ୍ତି ଠେଲା, ରାହାକି ଆଡବଙ୍ଗ, ବେଲ ଠେଲା, ଦୃପତି ଧରୁଆ, ସରାବନି ଧରୁଆ, ମମତା ବାଗ, ଜିରା ଅଡବଙ୍ଗ, ଦେବକି ଅଡବଙ୍ଗ, ଚଞ୍ଚଳା ତାଣ୍ଡି, ପିରବତି ବିଭାର, ତୁଲସା ଅଦା ପ୍ରମୁଖ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦେଢ଼ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଉନି

କେସିଙ୍ଗା,୧୨।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ନବନିର୍ମିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ ହୋଇ ଦେଢ଼ ବର୍ଷ ହେଲା ବିତିଗଲାଣି। ବର୍ତ୍ତମାନ ସୁଦ୍ଧା ଉଦଘାଟନ ହୋଇ ନ ଥିବାରୁ କାର୍ଯ୍ୟକ୍ଷମ ହେଉନି। ଫଳରେ ରୋଗୀ ସେବାରେ ଘୋର ସମସ୍ୟା ହେଉଛି। ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ହେଲା ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ ରହି ଆସୁଛନ୍ତି। ଯେଉଁ ବିଲ୍ଡିଂଗରେ ସ୍ୱାସ୍ଥ୍ୟ ମହିଳା କର୍ମୀ ରହୁଥିଲେ, ଉକ୍ତ ବିଲ୍ଡିଂଗ ଭାଙ୍ଗି ଯାଇ ନଷ୍ଟ ହେବାରୁ ନୂତନ ଭାବେ ୨୮ ଲକ୍ଷ ବ୍ୟୟ ଅଟକଳରେ ଆରୋଗ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି। ବର୍ତ୍ତମାନ ଦେଢ଼ ବର୍ଷ ହେଲା ଉକ୍ତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦଘାଟନ ହୋଇନାହିଁ। କିନ୍ତୁ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଗୃହ ଭାଙ୍ଗିଯିବାରୁ ସେହି ଉପଲକ୍ଷେ ଏହି ବିଲ୍ଡିଂଗ ନିର୍ମାଣ କରାଯାଇଛି। ବାଲସିରେ ଗତବର୍ଷ ନୂତନ ଭାବେ ଜଣେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ସୀମା ପୁଟେଲଙ୍କୁ ନିଯୁକ୍ତି ଦିଆଯାଇଛି।



ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର।



ବାଲସିର ନବନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ର

**ବାଲସି ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର**

■ ଗୋଟିଏ କେନ୍ଦ୍ରରେ ୨ କର୍ମଚାରୀ, କେଉଁ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ

ଅସ୍ଥାୟୀ ଭାବେ ହୋମଓପ୍ୟାଥିକ ହସ୍ପିଟାଲରେ କାମ କରି ଆସୁଛନ୍ତି। କିନ୍ତୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ କେସିଙ୍ଗାରୁ ବାଲସିକୁ ଯିବାଆସିବା କରନ୍ତି। ଯେଉଁ ଦିନ ଆସନ୍ତି ପୂର୍ବାହ୍ନ ୧୧ଟାରେ ଆସି ୧ଟା ଯାଏ ପୁଣି ଫେରି ଯାଆନ୍ତି। ଗତ ମାସରେ ନୂଆଁଖାଇ ଥିବାରୁ ୪ଦିନ ଆସିଥିଲେ। ପ୍ରତ୍ୟେକ ମାସରେ ୫ରୁ୧୦ ଦିନ ଆସିଥାନ୍ତି। ଗ୍ରାମାଞ୍ଚଳରେ ରୋଗୀମାନେ ଘୋର ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି। ଏହି ନୂତନ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଏହି ଦୁଇ ଜଣ କର୍ମଚାରୀଙ୍କ ମଧ୍ୟରେ କାହା ପାଇଁ ଉଦ୍ଦିଷ୍ଟ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କୁ ତୁରନ୍ତ ବଦଳି କରିବାକୁ ଦାବି ହେଉଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସ ଅଧିକାରୀ ନିହାର ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ତଦନ୍ତ କରିବି, ଅଳ୍ପ ଦିନରେ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟନ କରାଯିବ ବୋଲି ପ୍ରକାଶ କରିଥିଲେ।

## ଯୁବ ଚିତ୍ରଶିଳ୍ପୀ କ୍ଷୀରସିନ୍ଧୁ ସମ୍ବର୍ଦ୍ଧିତ

ଭବାନୀପାଟଣା,୧୨।୧୦(ଉତ୍ତମ କୁମାର ଦାଶ)

**ରାଜସ୍ଥାନରେ ଆନ୍ତଃରାଷ୍ଟ୍ରୀୟ କଳା ପର୍ବ**

ରାଜସ୍ଥାନ ଜୟପୁରର ଲଳିତ କଳା ଏକାଡେମୀ ଓ ଅନ୍ତରଙ୍ଗ କଳା ଏଣ୍ଡ ୱେଲଫେୟାର ସୋସାଇଟି, ଟୋଙ୍କର ମିଳିତ ଉଦ୍ୟମରେ ୨୭ତମ ଆନ୍ତଃରାଷ୍ଟ୍ରୀୟ କଳାପର୍ବ 'କ୍ରିୟାଂକ୍ସ' ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ଏକ ମାତ୍ର ଯୁବଶିଳ୍ପୀ କ୍ଷୀରସିନ୍ଧୁ ଭୋଇ (ଶ୍ୟାମ) ଯୋଗଦେଇ ରାଜ୍ୟ ଓ କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି। କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁବଶିଳ୍ପୀ ଭୋଇ ଅଂଶ ଗ୍ରହଣ କରି ନିଜ ପ୍ରତିଭା ବଳରେ ରଙ୍ଗ ତୁଳୀର କମାଲ ଦେଖାଇ ଅଗଣିତ କଳାପ୍ରେମୀଙ୍କ ହୃଦୟ ଜିଣିଛନ୍ତି। ଶିଳ୍ପୀ ଶିବିରରେ ଦେଶର ବିଭିନ୍ନ ରାଜ୍ୟରୁ ୪୦୦ ଶିଳ୍ପୀ ଯୋଗଦେଇଥିବା। ଏହା ତିନିଦିନ ଧରି ଚାଲିଥିଲା ବୋଲି ଆୟୋଜକ ସଚିବ ପୁଷ୍ପେନ୍ଦ୍ର ଜୈନ ପ୍ରକାଶ କରିଛନ୍ତି। ଏହି ବିଶାଳ ଚିତ୍ରକଳା ପ୍ରଦର୍ଶନୀ ଶିବିରର ଉଦ୍‌ଯାପନୀ ଉତ୍ସବରେ ଲୋକପ୍ରିୟ ବିଶିଷ୍ଟ ଅଭିନେତ୍ରୀ ନିତୁ କୋଡ୍ରାଲା ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡିଶାରୁ ପ୍ରତିନିଧି କରିଥିବା ଶିଳ୍ପୀ କ୍ଷୀରସିନ୍ଧୁଙ୍କୁ ମଧ୍ୟ ତାଙ୍କର ଉତ୍କୃଷ୍ଟ ଚିତ୍ରକଳା ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ଏହି ସଫଳତାରେ ବିଭିନ୍ନ ଅଞ୍ଚଳରୁ ତାଙ୍କ ନିକଟକୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିବାରେ ଲାଗିଛି।





କ୍ଷୀରସିନ୍ଧୁ ଭୋଇ ରଙ୍ଗତୂଳୀରେ ଆଙ୍କିଛନ୍ତି ଫଟୋ ଚିତ୍ର।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି





ଜଣେ କୃତୀ ଛାତ୍ରୀଙ୍କୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପୁରସ୍କୃତ କରୁଛନ୍ତି।

ଭବାନୀପାଟଣା,୧୨।୧୦(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ମେଦିନୀପୁର ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ସ୍ଥାନୀୟ ଆଞ୍ଚଳିକ ସାଧନ କେନ୍ଦ୍ର (କ୍ଲଷ୍ଟର)ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମେଦିନୀପୁର ସିଆରସିସି ତୁଳସୀ ରାମ ସାହୁଙ୍କ ଆବାହକରେ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ପ୍ରକୃତିବନ୍ଧୁ ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମ ଲାଲ ଦୁବେ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନନ୍ଦା ପଣ୍ଡା, ମେଦିନୀପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ବିଶ୍ୱାଳ, ଜିଲା ବ୍ଲକଗ୍ରାଣ୍ଟ ସ୍କୁଲ ସଭାପତି ସୁରେନ୍ଦ୍ର କୁମାର ପଟ୍ଟନାୟକ, ମ୍ୟୁଜିକ ଡାଇରେକ୍ଟର କ୍ଷୀରସିନ୍ଧୁ ନାଏକ, ମ୍ୟୁଜିକ ସିନିୟର୍ ଫିଲୋସଫର ରୁବି ମହାନ୍ତି, ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବିନ୍ଦ୍ର ନାଥ ଦାଶ, ଗୋଟଭଟ୍ଟା ଆଶ୍ରମ ସ୍କୁଲ ପ୍ରଧାନଶିକ୍ଷକ ବିଜୟ କୁମାର ବାଗ, ମୁଖ୍ୟବକ୍ତା ଭାବେ ଓଷ୍ଟା କଳାହାଣ୍ଡି ଜିଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ସୁରଭିର କୁଇଜ, ପ୍ରବନ୍ଧ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା ସହ ଓଡ଼ିଶା ମିଲେଟସ ସମୁଦାୟ ୧୮ଟି ବିଷୟରେ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଛାତ୍ରଛାତ୍ରୀମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସହ ଓଡ଼ିଶା ମିଲେଟ୍ସ, ପୃଷ୍ଟି ଶସ୍ୟ–ସୁସ୍ଥ ଜୀବନ 'ସହି ପୋଷଣ ଦେଶ ରୋଶନ' ସମ୍ପର୍କରେ ଆଲୋଚନା କରାଯାଇ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରୋତ୍ସାହିତ କରିଥିଲେ। ପୁରସ୍କାର ବିତରଣରେ ସହଯୋଗ କରିଥିଲେ ଶିକ୍ଷୟତ୍ରୀ ଗୀତାଞ୍ଜଳି ପଟ୍ଟନାୟକ, ଗୀତାଞ୍ଜଳି ସିଂ ଦେଓ, ପ୍ରତିଭା ଦାଶ, ଶିକ୍ଷକ ସକଳେଶ୍ୱର୍ ଆଚାର୍ଯ୍ୟ, କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ବିଶ୍ୱଜିତ ରାୟ, ସିଆରସିସି ଧନାଞ୍ଜୟ ସାହୁ, ଜ୍ୟୋତି ରାଣୀ ଦାଶ, ପୁଷ୍ପାଞ୍ଜଳି ସାହୁ, ବିଷ୍ଣୁ ଚରଣ ଗଉଡ, ହର ପ୍ରସାଦ ଦାଶ, ଲକ୍ଷ୍ମୀ ବଗର୍ତ୍ତୀ, ସଂଯୁକ୍ତା ରାଣୀ ବେହେରା, ପ୍ରଭାସିନୀ ପଣ୍ଡା, ରଜତ ବାଲା ଦାଶ, ରାଜେଶ କୁମାର ସାହୁ, ଅନିଲ ଶର୍ମା, ଦୀପକ ବଗର୍ତ୍ତୀ, ଶୁଭଶ୍ରୀ ବାଗ, ଜଗଦୀଶ ଭାଟି ସମେତ ମେଦିନୀପୁର କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସମସ୍ତ ସହଯୋଗ କରିଥିଲେ। ସୁରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ଶ୍ରେଣୀକୁ ୫ ଶିକ୍ଷକ, ବିପଦସଙ୍କୁଳ କୋଠାରେ ଶିକ୍ଷାଦାନ

**ସମସ୍ୟାରେ ବୁଢ଼ୀଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ଜୁନାଗଡ଼,୧୨।୧୦(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ୀଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସମୁଦାୟ ୧୯୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିରେ ୧୧୮ଜଣ ଛାତ୍ର ଓ ୭୬ଜଣ ଛାତ୍ରୀ ରହିଛନ୍ତି। ସେମାନଙ୍କୁ ଶିକ୍ଷାଦାନ ଦେବା ପାଇଁ ୭ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ତନ୍ମଧ୍ୟରୁ ଜଣେ ସିଆସିସି ଦାୟିତ୍ୱ ନିଭାଉଥିବାବେଳେ ଆଉ ଜଣଙ୍କୁ ଡେପୁଟେଶନରେ ଅନ୍ୟତ୍ର ପଠାଯାଇଛି। ଯଦ୍ୱାରା ୫ଜଣ ଶିକ୍ଷକରେ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ଠିକ ଶିକ୍ଷାଦାନ ହୋଇପାରୁନାହିଁ। ଅନ୍ୟପଟେ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ଛାତ୍ରୀଛାତ୍ର ବାରଣ୍ଡାରେ ପଢୁଛନ୍ତି। ସେହିପରି ବିଦ୍ୟାଳୟ କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଭୟରେ ବସି ପାଠ ପଢୁଛନ୍ତି। ମଧ୍ୟାହ୍ନ ଭୋଜନରେ ମଧ ପରିଚାଳନା ତ୍ରୁଟି ରହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆଦିବାସୀ ବହୁଳ ଏହି ଅନଗ୍ରସର ଅଞ୍ଚଳର ବିଦ୍ୟାଳୟକୁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାତିକୁ ବର୍ଚ୍ଛାରେ ଭୁସି ହତ୍ୟାକଲେ ଅଜା

ନୂଆପଡ଼ା,୧୨।୧୦(ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ଥାନା କ୍ରିଷ୍ଟା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ନାତିକୁ ହତ୍ୟା କଲେ ଅଜା। ସୂଚନା ଅନୁସାରେ କ୍ରିଷ୍ଟା ଗାଁର ଦୁଷ୍ମନ୍ତ ହଂସ (୨୧)ଙ୍କୁ ଅଜା ଯଦୁମଣି ହଂସ(୬୪) ପାରିବାରିକ କଳହରୁ ଗୁରୁବାର ରାତି ପ୍ରାୟ ୧୦ଟାରେ ଏକ ବର୍ଚ୍ଛାରେ ଭୁସି ହତ୍ୟା କରିଥିବା ଜଣାପଡିଛି। କୋମନା ଥାନା ପୋଲିସ ସୁମନ୍ତ କୁମାର ନାଏକଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଛି।

## ଲୋକକଳା ଦଳଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କେସିଙ୍ଗା,୧୨।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ୨ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଲୋକ କଳା ଦଳଙ୍କ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ କେସିଙ୍ଗା ବ୍ଲକର ୨୦ଦଳର ୫୦ଜଣ କଳାକାର ଯୋଗଦେଇଥିଲେ। କଳାକାରମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, କଳାକାରମାନଙ୍କ ବିଭିନ୍ନ ନାଚ, କୀର୍ତ୍ତନ, ଘୁମୁରା ଆଦି ବିଷୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅଭିନୟ କରିଥିଲେ। ୨ ଦିନ ଧରି କଳାକାରମାନଙ୍କୁ ତାଲିମ ବ୍ଲକ ପକ୍ଷରୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କେସିଙ୍ଗା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ଗ୍ରାମ ପଞ୍ଚାୟତ ଇନଚାର୍ଜ ଗଜାନନ ନାୟକ, ରାକେଶ ବାବୁ, ଯୋଗାଣ ସହ ଅଧିକାରୀ ସୁଶାନ୍ତ ସୱାଇଁ, ଶ୍ରୀମନ୍ତ ବଡ଼ ପଣ୍ଡା, ବ୍ଲକ ଲୋକକଳା ଦଳର ଉପସଭାପତି କମ୍ବୁପାଣି ବାଗ ପ୍ରମୁଖ ଉପସ୍ଥିତ ହୋଇଥିଲେ। ବିଭାଗୀୟ ଅଧିକାରୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ସାଂସ୍କୃତିକ ଆଦି ବିଷୟ କଳାକାରମାନଙ୍କୁ ତାଲିମ ପ୍ରଦାନ କରିଥିଲେ।



ବ୍ଲକ କାର୍ଯ୍ୟାଳୟର ସଭା ଗୃହରେ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ନୂତନ ରାଜସ୍ୱ ଗ୍ରାମ ପାଇଁ ୪ ଗ୍ରାମ ସାମିଲ

କୋକସରା,୧୨।୧୦(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ତହସିଲ ଅଧୀନ ବଡ଼ପୋବଡ଼ାଗୁଡ଼ା ପଞ୍ଚାୟତର ତଲାଗାଁ, ବାବେକୋହରା, ଭାଲିଆଯୋର ଓ ରଏନଗୁଡା ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଗୁରୁବାର ବଡ଼ପୋବଡ଼ାଗୁଡ଼ା ପଞ୍ଚାୟତ ବିଜୁ ଏକ୍ସପ୍ରେସ ୱେ ରାସ୍ତା କଡ଼ରେ ଥିବା ପଡ଼ିଆରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଯମୁନା ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ତହସିଲଦାର କରାଟି, ରାଜସ୍ୱ ପରିଦର୍ଶକ ଅଜୟ ସିରକା, ଆମପାଣି ରାଜସ୍ୱ ନିରୀକ୍ଷକ ବୈଷ୍ଣବ ଗୁରୁ, ଶରତ ଚନ୍ଦ୍ର ଶଗଡ଼ିଆ, ରାଜସ୍ୱ କର୍ମଚାରୀ ଶୁଭେନ୍ଦୁ ରାଉତ, ପୂର୍ବତନ ସରପଞ୍ଚ ରାମକୃଷ୍ଣ ମାଝି, ଗୋବର୍ଦ୍ଧନ ନାଏକ, ଧର୍ମାନନ୍ଦ ନାଏକ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ତହସିଲଦାର ତଲାଗାଁ, ବାବେକୋହରା, ଭାଲିଆଯୋର ଓ ରଏନଗୁଡାକୁ ମୂଳ ରାଜସ୍ୱ ଗ୍ରାମରୁ ଅଲଗା ହୋଇ ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ସୂଚନା ଦେଇଛନ୍ତି। ୪ ଗ୍ରାମର ଶତାଧିକ ଜନସାଧାରଣ ଉପସ୍ଥିତ ରହିଥିଲେ।

## ଖଡ଼ିଆଳ ସହରରେ ବେଧଡ଼କ ଚାଲିଛି ମଦ କାରବାର

ଖଡ଼ିଆଳ,୧୨।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଅବକାରୀ ଥାନା ଅଞ୍ଚଳରେ ବେଆଇନ ଭାବେ ମଦ କାରବାର ବହୁ ଦିନରୁ ଚାଲୁ ଥିବା ବେଳେ ବିଭାଗ ନିରବ ରହିଛି। ପ୍ରତି ପଡ଼ାରୁ ଓ ଗାଁରେ ବହୁ ସଂଖ୍ୟାରେ ମଦ କୋଠି ବେଧଡକ ଚାଲିଛି। ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ନିରବ ରହୁଥିବାରୁ ସାଧାରଣରେ ବିଭାଗୀୟ କାର୍ଯ୍ୟକୁ ଲୋକେ ଆଲୋଚନା ହେଉଛି। ଏନଏସିରେ ୧୩ଟି ୱାଡ଼ ଥିବା ବେଳେ ପ୍ରତି ୱାଡ଼ରେ ବହୁ ସଂଖ୍ୟକ ମଦ କୋଠି ରହିଛି। ଅବକାରୀ ବିଭାଗ ଓ ପୋଲିସ ପାଖରେ ହାରା ହାରି ୩୦ରୁ ୫୦ଟି କୋଠି ଚାଲିଛି। ଗାଁ ଗାଁରେ କୋଠି, ଘରେ ଘରେ ମଧ୍ୟ କୋଠି ଯୋଗୁ ଯୁବ ପିଢ଼ି ଉପରେ ଏହାର ପ୍ରଭାବ ବହୁ ମାତ୍ରାରେ ପ୍ରଭାବିତ କରୁଛି। ଖଡ଼ିଆଳ ସହରର ବସଷ୍ଟାଣ୍ଡ, ବୋଡ଼େନ ଛକ, ପୁରୁଣା ବସଷ୍ଟାଣ୍ଡ, ପାଖରେ ବି ଚାଲିଛି। ବିଭାଗୀୟ ଅଧିକାରୀଙ୍କ ସହାୟତାରେ ମଦ କୋଠି ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଫଳରେ ଏହାକୁ କମ ବୟସର ପିଲାଠାରୁ ନେଇ ଯୁବପୀଢ଼ି ଓ ବୟସ୍କ ଲୋକେ ଏହାର ଶିକାର ହୋଇ କୀଡ୍‌ନି ରୋଗରେ ପଡ଼ି ବହୁ ଲୋକଙ୍କ ଜୀବନ ଯାଉଛି। ଏ ନେଇ ମହିଳାମାନେ ବାରମ୍ବାର ଅବକାରୀ ବିଭାଗ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ବିଭାଗ ଚୁପ୍ ରହିଛି। ଏ ନେଇ ଜିଲା ଅବକାରୀ ଅଧିକାରୀ ସଂଘମିତ୍ରା ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ଆମର ପାଟ୍ରୋଲିଂ ବିଭାଗ ଚାରିପଟେ ନଜର ରଖିଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ବିଧାୟକଙ୍କ ହସ୍ତକ୍ଷେପ ପରେ ଧାରଣା ସ୍ଥଗିତ

ଖଡ଼ିଆଳ,୧୨।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ର ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ବିସ୍ଥାପିତଙ୍କ ଧାରଣା ୩୨ ଦିନ ପରେ ସ୍ଥଗିତ ହୋଇଛି। ୨୦୨୧ ଜାନୁୟାରୀ ୧ ତାରିଖକୁ କଟଅଫ ଡେଟ ମାନ୍ୟତା ଦେବା ପାଇଁ ଲୋୟର ଇନ୍ଦ୍ର ଜନସଚେତନ ମଞ୍ଚ ଦ୍ୱାରା ଅନିର୍ଦ୍ଦିଷ୍ଟକାଳ ଧାରଣା ଚାଲିଥିଲା। ନୂଆପଡା ଜିଲାପାଳ ହେମକାନ୍ତ ସାଏ ଏବଂ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ବିସ୍ଥାପିତଙ୍କ ସହ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି ବିସ୍ଥାପିତ। ୨ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ବିସ୍ଥାପିତମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସମସ୍ତ ବିସ୍ଥାପିତ ସମିତିର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଚେତନ ମଞ୍ଚ ସଭାପତି ନୀଳକଣ୍ଠ ପ୍ରଧାନ, ସମ୍ପାଦକ କିଶୋର ଚନ୍ଦ୍ର କଠାର, ସହ ସମ୍ପାଦକ ତୁକାରାମ ସଗରିଆ, ସାଲେକ ରାମ ହୋତା, ବିକ୍ରମ ଆଡ଼ବଙ୍ଗ, କିଶୋର ମାଝି, ନବୀନ ପ୍ରଧାନ, ହରିହର ବେହେରା, କଲ୍ୟାଣ ସଗରିଆ, ମନ୍ତୁ ଗୁଆଲ, ବିଦ୍ୟା କାଣ୍ଡ, ଦେବ ନିଆଲ, ପ୍ରେମଲାଲ ନିଆଲ, ଅନ୍ତରାମ ପଟେଲ, ରାଜେଶ କର, ଦେବଚନ ବେମାଲ, ମନ କୁମାର ବେହେରା, ଟୁନୁ ଜୁଣ୍ଡି, ଧର୍ମୁ ରାଉତ, ଗୌର ଚରଣ ରାଉତ, ପିଣ୍ଟୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିସ୍ଥାପିତଙ୍କ ସହ ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ।

# ଶୁକ୍ଲିମୁଣ୍ଡିରେ ନାଗବାଚା ବୋଏଲ ଯାତ୍ରା

ନୂଆପଡ଼ା,୧୨।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁରେ ନାଗବାଚା ବୋଏଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ନାଗବାଚା ଭକ୍ତମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥାଏ। ନିଜ ଶକ୍ତି ଅନୁସାରେ ୩,୫ କିମ୍ବା ୭ ସୋମବାର ପାଳନ କରିଥାନ୍ତି। ନାଗବାଚା ଭକ୍ତମାନଙ୍କ ଦ୍ୱାରା ସୋମବାର ଗାଁର ଏକ ପୋଖରୀକୁ ଯାଇ ଶୁଦ୍ଧ ସ୍ନାହ କରି ମାଟିରେ ନାଗ ଦେବତା ନିର୍ମାଣ କରି ପୂଜା ଅର୍ଚ୍ଚନା କରି ଗାଁର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥାପନା କରି ସନ୍ଧ୍ୟାରେ ପୁଣି ପୂଜା କରାଯାଇଥାଏ। ସେଠାରେ ବରୁଆମାନଙ୍କୁ କାଳିଶି ଆସି ଉପସ୍ଥିତ ଲୋକଙ୍କୁ ବର୍ତ୍ତମାନ, ଅତିତ ଓ ଭବିଷ୍ୟତ କଥା କହିଥାଏ। ଶେଷ ପାଳନରେ ଦୁର୍ଗା, ଚଣ୍ଡି, କାଳି, ମଙ୍ଗଳା, ସମଲେଶ୍ୱରୀ, ବଜରଙ୍ଗବଳି, ଗୁରୁବୁଢା, ଭୈରବ ଆଦି କାଳିଶି ଆସି ଗାଁ ପରିକ୍ରମା କରିଥାଏ। ଏହି ଦେବୀମାନଙ୍କୁ ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକେ ରାସ୍ତାରେ ଅଧିଆ ପଡିଥାନ୍ତି। ଅଧିଆ ପଡିଥିବା ଭକ୍ତମାନଙ୍କୁ କାଳିଶି ଆସି ଆଉସି ଦେଇ ଦୁଃଖସୁଖର କଥା କହିଥାଏ। ଶେଷ ପାଳନରେ ଶହ ଶହ ଲୋକ ରୁଣ୍ଡ ହୋଇ ଦେବୀଙ୍କ ଆର୍ଶୀବାଦ ଭିକ୍ଷା ନେଇଥାନ୍ତି। ଏହି ପରମ୍ପରା ଆଜକୁ ପ୍ରାୟ ଦଶ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାଲିଆସୁଛି। ଗୁରୁ ପୁରନ୍ଦର ପଟେଲ, ଗୁଣନିଧି ଠାକୁର, ଗୋଦ୍ରୋ ବିଶ୍ୱାଳ ନିର୍ଦ୍ଦେଶ ଦେଉଥିବା ବେଳେ ପୂଝାରୀ କୁଞ୍ଜ ବିହାର ଶବର ଉଦ୍ଧବ ଶବର, କପିଳ ଶବର, କୁଞ୍ଜ ବିହାରି ଶବର, ଅଲସିଂ ବରିହା, ବିକ୍ରମ ମାଝି, ପ୍ରମୁଖ ଆୟୋଜନ କରିଥିବା ବେଳେ ପ୍ରମାନନ୍ଦ ଶବର, ଗୋଦ୍ରୋ ବରିହା, ଅଲେଖ ଶବର, ଶେଷଦେବ ଶବର, ନିରଞ୍ଜନ ନାଗ, ସୁରେଶ ଶବର, କମଳ ଶବର, କାନ୍ତ ଶବର, ଖେତୁ ଭୋଇ, ନରେଶ ଶବର, କ୍ଷୀର ସାଗର ଶବର, ସୋନୁ ପଟେଲ, ରୁପେନ୍ଦ୍ର ଶବର ପ୍ରମୁଖ ସହଯୋଗ କରିଥିଲେ।



ବରୁଆଙ୍କ ଶରୀରରେ କାଳିଶି ଆସି ଗାଁ ପରିକ୍ରମା କରୁଛି।

## ବରିଷ୍ଠ ନାଗରିକ ସଂଘର ବୈଠକ

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ପ୍ରମୋଦ ଝାଙ୍କର ଅଧ୍ୟକ୍ଷତା କରିଥିଲେ। ନୂଆଁଖାଇ ଭେଟ୍‌ଘାଟ ସଂଘର କୋଠା ନିର୍ମାଣ, ସାଇବର ସଚେତନତା, ବାର୍ଷିକ ସାଧାରଣ ସଭା, ଭେଡ଼େନ ଓ ଅମ୍ବାଭୋନା ସଂଘକୁ କାର୍ଯ୍ୟକ୍ଷମ କରାଯିବା, ପୋଲିସ କାର୍ଡ଼ ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୌନ୍ତିଆ ସାହୁ, ଭାରତ ଭୂଷଣ ଦାଶ, ଗୋବିନ୍ଦ ଦାଶ, ପ୍ରସନ୍ନ ପ୍ରଧାନ, ସ୍ୱାଧିନ ମହାରଣା, ପ୍ରଦୀପ ସାହୁ, ପ୍ରୀତମ ସିଂ ଯୋଗଦାନ କରିଥିଲେ।



## ସଂକ୍ଷେପରେ

### କଫ୍ ସିରପ ଜବତ, ୩ ଗିରଫ

**ପଦ୍ମପୁର ୧୨।୧୦ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଆଦର୍ଶ ଥାନା ଅଧିକାରୀ ମମତା ନାଏକଙ୍କ ନିର୍ଦ୍ଦେଶକ୍ରମେ ସବ ଇନ୍ସପେକ୍ଟର ଜେ.ପି.ତାଣ୍ଡି ଓ ଟିମ୍ ଭେଉଁରିଆ ରାସ୍ତାରେ କଫ ସିରପ କାରବାର କରୁଥିବା ୩ଜଣଙ୍କୁ ଧରିଛନ୍ତି। ସେମାନେ ହେଲେ ଭେଉଁରିଆ ଗ୍ରାମର ରାଜେଶ ସାହୁ, ରାକେଶ ଦାଶ ଓ ମଣ୍ଟୁ ବରିହା। ସେମାନଙ୍କଠାରୁ ୩୨ଟି ଏସକଫ ସିରପ, ଗୋଟିଏ ଷ୍ଟ୍ରିପ ନାଇଟ୍ରୋସେନ ଟାବଲେଟ, ୯,୯୯୦ ନଗଦ ଟଙ୍କା ଓ ଏହି କାମରେ ବ୍ୟବହୃତ ବାଇକ ଓଡି ୧୭ ଏ ୨୧୩୦କୁ ଜବତ କରାଯାଇଥିଲା। ଏକ ମାମଲା( ୨୬୯/୨୩) ରୁଜୁ କରି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଜୁଆ ଚଢ଼ାଉ, ୪ଗିରଫ

**ବରଗଡ଼,୧୨।୧୦(ପ୍ରେମାନନ୍ଦ ଖମାରୀ):** ରଗଡ଼ ଜିଲା ଭଟଲି ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ସୁଲସୁଲିଆ ଏବଂ ବନଛୋରଡିହି ଗ୍ରାମରେ ଚାଲିଥିବା ଜୁଆ(ଘୁଡୁଘୁଡୁ ପଚ୍ଚି) ଆଡ୍ଡାରେ ଚଢ଼ାଉ କରିଥିଲା। ଚଢ଼ାଉରେ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଟଲି ଥାନା ଖରମୁଣ୍ଡା ଗ୍ରାମର ବେଣୁଧର ସେଠ(୫୪), ବରପାଲି ଥାନା ବାଗବାଡ଼ିର ଗୌରାଙ୍ଗ ମେହେର(୩୮), ଭଟଲି ଥାନା ବନଛୋର ଡିହିର ସୁଶିଲ ବନଛୋର(୩୫) ଏବଂ ପ୍ରଦୀପ ବନଛୋର(୩୨)। ସେମାନଙ୍କ ପାଖରୁ ୨ଟି ଘୁଡୁଘୁଡୁ ପଚ୍ଚି, ନଗଦ ୩୩ହଜାର ୨୩୦ ଟଙ୍କା ଏବଂ ଅନ୍ୟ ଜୁଆ ସାମଗ୍ରୀ ଜବତ ହୋଇଛି । ଏ ନେଇ ଭଟଲି ଥାନା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ପୃଥକ ୨ମାମଲା(ନଂ.୨୨୩/୨୪, ୨୨୪/୨୪ ରୁଜୁ କରି ଅଧିକ ତଦନ୍ତ କରୁଛି ।

### ବେହେରାଟାଲ ଗୌନ୍ତିଆନ ମିଥିଲା ଚାନ୍ଦଙ୍କ ପରଲୋକ

ପଦ୍ମପୁର, ୧୨।୧୦(ପ୍ରଦୀପ୍ତ ଦାଶ)



ବରଗଡ ଜିଲା ପଦ୍ମପୁର ବ୍ଲକ ଜମରତଲା ପଞ୍ଚାୟତ ବେହେରାଟାଲ ଗ୍ରାମର ଗୌନ୍ତିଆନ ମିଥିଲା ଚାନ୍ଦଙ୍କ ନିଜ ବାସଭବନରେ ଗୁରୁବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସୁରେଶ ଚାନ୍ଦ, ରମେଶ, ନରେଶ, ଝିଅ ନଳିନୀ, କାମିନୀ ଓ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ଜିଲା ବିଜେଡି ସଭାପତି ପ୍ରଭାସ ସିଂ, ଜାପାନ ମହାପାତ୍ର, କୃଷକ ସଙ୍ଗଠନ କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ସୁରେଶ ମୁଖାଗ୍ନି ଦେଇଥିଲେ ।

### ସାଇବର ସୁରକ୍ଷା ସଚେତନତା

**ଗାଇସିଲେଟ,୧୨।୧୦(ବେଦପ୍ରକାଶ କଲେତ୍):** ବରଗଡ଼ ଜିଲା ଗାଇସିଲେଟସ୍ଥିତ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ଅନିଲ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାଳିକା ଦିବସ ଉପରେ ସଚେନତା ସୃଷ୍ଟି କରିଥିଲେ। ଗାଇସିଲେଟ ପୋଲିସ ପକ୍ଷରୁ ସାଇବର ସିକ୍ୟୁରିଟି ସଚେତନତା ରଥ ବିଦ୍ୟାଳୟକୁ ଅଣାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ସାଇବର ସିକ୍ୟୁରିଟି ଉପରେ ପରାମର୍ଶ ଦିଆଯାଇଥିଲା। ସେହିପରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଲଖନପୁର ହାଇସ୍କୁଲରେ ଶିଶୁକନ୍ୟା ଦିବସ

**ବରଗଡ଼,୧୨।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁର ହାଇସ୍କୁଲରେ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ଘନଶ୍ୟାମ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ମନୋହର ସାହୁ ଏବଂ ସୁରେଶ ମହାନନ୍ଦ ଶିଶୁକନ୍ୟାଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଶିଶୁକନ୍ୟାମାନେ କିଭଳି ଆଗକୁ ବଢ଼ି ଚାଲିଛନ୍ତି, ସେ ଉପରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଶିକ୍ଷକ କାର୍ତ୍ତିକ ସାମର୍ଥ, ଗୁଣନିଧି ମିର୍ଦ୍ଧା, ଜନାର୍ଦ୍ଦନ ସା, ସୁଜିତ ପଶାୟତ, ଧ୍ରୁବଚରଣ ପ୍ରଧାନ, କ୍ଷୀରେଶ୍ୱରୀ ଧ୍ରୁବକ, ରଜନୀ ଖମାରୀ, ବିଧୁଭୂଷଣ ସାହୁ, ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଶିଶୁକନ୍ୟା ଦିବସରେ ଅନୁଷ୍ଠିତ ପ୍ରତିଯୋଗିତାର ଅତିଥିଙ୍କ ସହ କୃତୀ ଛାତ୍ରୀମାନେ।

# ମହିଳା ଶକ୍ତି, ସମ୍ଭାବନାର ପ୍ରତୀକ

**ଜିଲାସ୍ତରୀୟ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ**

ବରଗଡ଼,୧୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସମଗ୍ର ଶିକ୍ଷା ବିଭାଗ ଆନୁକୂଲ୍ୟରେ ବରଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମହିଳାମାନେ କୌଣସି ଗୁଣରେ ପୁରୁଷଙ୍କଠାରୁ ପଛରେ ନୁହନ୍ତି ଏବଂ ମହିଳାମାନେ ଶକ୍ତି ଓ ସମ୍ଭାବନାର ପ୍ରତୀକ ବୋଲି ସେ କହିଥିଲେ।

ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଡ଼େନ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ, ବରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଭୀମସେନ ରାଉତ, ଅତାବିରା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସ୍ଥାନୀୟ ଜର୍ଜ ହାଇସ୍କୁଲ ପ୍ରଧାନଶିକ୍ଷକ ଶାଶ୍ୱତୀ ଦାଶ ଉଦ୍ଦେଶ୍ୟ ଜ୍ଞାପନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡ.ତପସ୍ୱିନୀ ଗୁରୁ, ଗୋପାଳ ଦାଶ, ଶଙ୍କର ପଟ୍ଟନାୟକ, ରାଧେଶ୍ୟାମ ଭେସ୍ରା, ଡୋଲାମଣି ଶତପଥି, ସୁରେଶ ଦାଶ, ରୋଜାଲିନ ମିଶ୍ର, ମନୋଜ ଜେନା ବିଚାରକଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ସମାରୋହରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସରକାରୀ ବାଳିକ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ସଦାନନ୍ଦ ଜାଲ ମଞ୍ଚ ପରିଚାଳନା କରିଥିଲେ। ବିବେକାନନ୍ଦ ଅଦାବର, ସୁଶାନ୍ତ ମଙ୍ଗୁଆଲ, ଗଜିନ୍ଦ୍ର କିସାନ, ରଶ୍ମି ସାହୁ, ଜୟଲକ୍ଷ୍ମୀ ସାହୁ, କମଳା ଦାଶ, ସୁଶାନ୍ତ ଭୋଇ, ଅରବିନ୍ଦ ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ

ବରଗଡ଼,୧୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଟାଉନ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ପ୍ରତିଭା ଉତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନମୋହନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସାହିତ୍ୟିକ ଦିବ୍ୟକିଶୋର ଦେବତା, କବିତା ଦେବତା, ବିକାଶ କୁମାର ସେନ ଅତିଥିଭାବେ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ କପିଳେଶ୍ୱର ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜିକା ପାର୍ବତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଉପସ୍ଥିତ ଥିବାବେଳେ ପ୍ରଦୀପ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଶିଶୁ ପ୍ରତିଭା ଉତ୍ସବର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

# ଆନ୍ତଃକଲେଜ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

ଅତାବିରା,୧୨।୧୦(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ବା କଲେଜ ପଡ଼ିଆରେ ଆନ୍ତଃ କଲେଜ ଫୁଟବଲ ପ୍ରତିଯୋଗିତା ଚାଲିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨ଜୋନରେ ୩ଦିନ ଧରି ଏହି ପ୍ରତିଯୋଗିତା ଚାଲିବ। ଲରମ୍ବା କଲେଜ ପଡ଼ିଆରେ ଜୋନ-ଏ ଏବଂ ଏବଂ ରାଉରକେଲା ନୀଳଶୈଳ କଲେଜରେ ଜୋନ-ବିର ପ୍ରତିଯୋଗିତାଗୁଡ଼ିକ ଚାଲିଛି। ୧୪ତାରିଖରେ ଲରମ୍ବା କଲେଜରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ରହିଛି। ଗୁରୁବାର ଲରମ୍ବା କଲେଜରେ ଜୋନ-ଏ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ସମ୍ବଲପୁର ବିଶ୍ୱିବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, କୁଳ ସଚିବ ଡ. ନୃପରାଜ ସାହୁ, କ୍ରୀଡ଼ା ଅଧିକାରୀ ଅବିନାଶ କର, କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇ, ପୂର୍ବତନ କ୍ରୀଡ଼ା ଅଧ୍ୟାପକ ରମଣୀ ରଞ୍ଜନ ସାହୁ, ଚିତ୍ତରଞ୍ଜନ ଛନ୍ଦ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଖେଳ ପରିଚାଳକଭାବେ ବରଗଡ଼ ଫୁଟବଲ ସଂଘର ଶିବାନନ୍ଦ ଦାଶ, ଅନିଲ ବାଗ, ଦିପେଶ ପ୍ରଧାନ, ବଷ୍ଟି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଭୁଏ, ରାଜେନ୍ଦ୍ର ଭୁଏ ଖେଳ ପରିଚାଳନା କରିଥିଲେ ।

ଜୋନ-ଏରେ ୨୨କଲେଜ ମଧ୍ୟରେ ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ଦିବସରେ ୮ମ୍ୟାଚ ମଧ୍ୟରୁ କୁଲୁଣ୍ଡି କଲେଜ, ଟିଟିଲାଗଡ଼ା କଲେଜ, ବୁର୍ଲା ଏନଏସି କଲେଜ, ବୁର୍ଲା ପି.ଜି କାଉନସିଲ, ବରପାଲି କଲେଜ, ବୌଦ୍ଧ ପଞ୍ଚାୟତ କଲେଜ, ବୌଦ୍ଧ ଡିଗ୍ରୀ କଲେଜ, ଧମା କଲେଜ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। କଲେଜର କ୍ରୀଡ଼ା ସମ୍ପାଦକ ପବିତ୍ର ମାହାଣା, ସହସମ୍ପାଦକ ସିଦ୍ଧେଶ୍ୱର ପ୍ରଧାନ, ଆୟୋଜକ କମିଟିର ସରୋଜ କୁମାର ନାୟକ, ମନୋରଞ୍ଜନ ତ୍ରିପାଠୀ, ଡଃ ଅନ୍ତର୍ଯ୍ୟାମୀ ବେହେରା, ପ୍ରମୋଦ ଚନ୍ଦ୍ର ସେଠ, ସୁଶିଲ ମହାକୁରଙ୍କ ସମେତ ଡଃ ଦିଗମ୍ବର ଚାନ୍ଦ, ପ୍ରଫେସର ଅଶୋକ ମହାନ୍ତି, ମୁକେଶ ଧାନୁକା, ପ୍ରଦୀପ ପଣ୍ଡା, କେଶବ ପଡ଼ିଆର, ଗୋବିନ୍ଦ ପୋଢ଼, ବିଦେଶୀ ଛନ୍ଦ, ଭରତ ବିହାରୀ ପଣ୍ଡା, ରଜତ ସାହୁ, ଗିରିଧାରୀ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଭଗବାନ ମିଶ୍ର ସ୍ମୃତି ସମିତି ବୈଠକ



ବୈଠକରେ ଉପସ୍ଥିତ ସ୍ମୃତି ସମିତିର କର୍ମକର୍ତ୍ତାବୃନ୍ଦ।

ବରଗଡ଼,୧୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଭଗବାନ ମିଶ୍ର ସ୍ମୃତି ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବ କମିଟି ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ଦ୍ଦାର ପ୍ରୀତମ ସିଂ ସଭାପତି, ପ୍ରାଧ୍ୟାପକ ସନ୍ତୋଷ ପଣ୍ଡା ମୁଖ୍ୟ ଉପଦେଷ୍ଟା, କମଳ ଯୋଶୀ, ମନୋରମା ଷଡ଼ଙ୍ଗୀ ଉପସଭାପତି, ପ୍ରାଧ୍ୟାପକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ସମ୍ପାଦକ, ବିନୋଦ ସାହୁ ସହସମ୍ପାଦକ, ଅଧ୍ୟାପକ ନବକୃଷ୍ଣ ମିଶ୍ର କୋଷାଧ୍ୟକ୍ଷ, ବାଳକୃଷ୍ଣ ମିଶ୍ର ମୁଖ୍ୟ ସଂଯୋଜକ, ରାମକୃଷ୍ଣ ଠାକୁର ସହସଂଯୋଜକ, କାମିନୀ ଦାଶ, ମିନାକ୍ଷୀ ଦାଶ ସାହିତ୍ୟ, ପରିବେଶ ସଂଯୋଜକ, ନିଲାମ୍ବର ମେହେର ଲାଇବ୍ରେରିଆନଭାବେ ମନୋନୀତ ହୋଇଛନ୍ତି। ଆସନ୍ତା ନଭେମ୍ବର ୫ତାରିଖରୁ ପ୍ରତ୍ୟେକ ରବିବାର ଏକ ଓଡ଼ିଆ ମାଧ୍ୟମ ସ୍କୁଲରେ ନିଃଶୁଳ୍କ ହିନ୍ଦୀ ଶିକ୍ଷା ପ୍ରଦାନ ପାଇଁ ସମିତି ଦ୍ୱାରା ପ୍ରସ୍ତାବ ନିଆଯାଇଛି। ଏଥିପାଇଁ ଜଗଦୀଶ ସୈନ ଏବଂ ଖୁସବୁ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି। କମଳ ଯୋଶୀ ଏବଂ ଇଂ ମୁଗ୍ଧା ଦାଶଙ୍କୁ ବିଭିନ୍ନ ସେବାମୂଳକ କାର୍ଯ୍ୟର ସଂଯୋଜକଭାବେ ମନୋନୀତ କରାଯାଇଛି। ସ୍ୱର୍ଗତ ଭଗବାନ ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ସର୍ବଧର୍ମ ସମନ୍ୱିତ କୋଶଲ ଆଧ୍ୟାତ୍ମିକ ସମିତିକୁ ମିଶ୍ରଣ କରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ ଓ ସୁପରିଚାଳନା ପାଇଁ ନବକୃଷ୍ଣ ମିଶ୍ର ଏବଂ ଜଗଦାନନ୍ଦ ମିଶ୍ରଙ୍କୁ ସଂଯୋଜକଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅରବିନ୍ଦ ଗୁପ୍ତା, ପ୍ରଦୀପ୍ତଭାନୁ ମହାନ୍ତି, ଅଭିମନ୍ୟୁ ଭୋସାଗର, ଡା. ରାମକୃଷ୍ଣ ମିଶ୍ର, ନିମାଇଁ ଚରଣ ପତିଙ୍କୁ କାର୍ଯ୍ୟକାରୀ ସଦସ୍ୟଭାବେ ମନୋନୀତ କରାଯାଇଛି। ଉକ୍ତ ବୈଠକରେ କାମିନୀ ଦାଶ ସ୍ୱାଗତ। ଇଂ.ମୁଗ୍ଧା ଦାଶ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ। ଖୁସବୁ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

### ଉପଜିଲାପାଳ-ଆଦିବାସୀ ମହାସଂଘ ବୈଠକ

ପଦ୍ମପୁର, ୧୨।୧୦(ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପାଇକମାଳ ବ୍ଲକ ଭାଇସ ଚେୟାରମ୍ୟାନ ସଞ୍ଜୀବ ବାରିକଙ୍କ ଗିରଫ ସହ ୧୩ ଦଫା ଦାବି ନେଇ ୮ ଦିନ ଧରି ପଦ୍ମପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା କମିଟି ତରଫରୁ ଧାରଣା ଦିଆ ଯାଇଥିଲା। ଭାଇସ ଚେୟାରମ୍ୟାନ ପଦ୍ମପୁର ଏଡିଜେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏହି ସମ୍ପର୍କିତ କୋର୍ଟ ଅର୍ଡର କପି ଏସ୍‌ଡିପିଓ ଧାରଣାସ୍ଥଳକୁ ଆସି ସଂଘକୁ ଦେଇଥିଲେ। ପଦ୍ମପୁର ସବଡିଭିଜନର ୪ ଡିସିମିଲ ଘରଡିହ ପଟ୍ଟା ପାଇଥିବା ବ୍ୟକ୍ତିଙ୍କୁ ଦଖଲ ଦେବା, ଭୂମିହୀନଙ୍କୁ ଘରଡିହ ଏବଂ ଜମିବାଡ଼ି ସମସ୍ୟା ସମାଧାନ, ଥାନାରେ ଏସଟି,ଏସସି ଆକ୍ଟକୁ କଡାକଡି କାର୍ଯ୍ୟ କରିବାକୁ ଉପଜିଲାପାଳ ଓ ଏସ୍‌ଡିପିଓ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଗୋବର୍ଦ୍ଧନ ଭୋଏ, ମହାସଂଘ ଜିଲା ସଭାପତି ଗୋବିନ୍ଦ ବରିହା, ପଦ୍ମପୁର ବ୍ଲକ ସଭାପତି ବାମନ ଧରୁଆ, ଗାଇସିଲେଟ ବ୍ଲକ ସଭାପତି ଶଶୀଭୂଷଣ ବରିହା, ସୋହେଲା ବ୍ଲକ ସଭାପତି ଧନଞ୍ଜୟ ବରିହା, ସଞ୍ଜୟ ଜରଜରିଆ ଉପସ୍ଥିତ ଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି ।




ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ବରଗଡ଼,୧୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ସରସରାସ୍ଥିତ ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ ଫୁଲ, ଚନ୍ଦନ ସହିତ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଉକ୍ତ ଉତ୍ସବରେ ସଭାପତିତ୍ୱ କରି ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ର ନବାଗତଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ କଠିନ ଅଧ୍ୟବସାୟ ସହିତ ଶୈକ୍ଷିକ ପରିବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜ ନୀତି ନିୟମ ପାଳନ କରିବା ସହିତ ନିଶାଦ୍ରବ୍ୟ, ରାଗିଂଠାରୁ ଦୂରେଇ ରହିବାକୁ ଅଧ୍ୟାପକ ସଞ୍ଜୟ ପ୍ରଧାନ ପରାମର୍ଶ ଦେଇଥିଲେ। ରାଜଶ୍ରୀ ମିଶ୍ର ଏବଂ ଖେଳ ଶିକ୍ଷକ ସୁରେନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନକୁ ଅଧ୍ୟାପିକା ଦମୟନ୍ତୀ କର, ଅଧ୍ୟାପକ ଡାକ୍ତର ସାହୁ, ଅଧ୍ୟାପକ ଆଶିଷ ସାହୁ, ରାଜେନ୍ଦ୍ର ସାହୁ, ସମୀର କାଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଗୀତ ପ୍ରତିଯୋଗିତାରେ ଟିଙ୍କିରାଣୀ ତାଣ୍ଡି, ତର୍କ ପ୍ରତିଯୋଗିତାରେ ସୋନାଲି ଭୋଇ, ରଚନା ପ୍ରତିଯୋଗିତାରେ ସଚିନ ନାୟକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ମିଳନ ମନ୍ଦିର ଦୁର୍ଗାପୂଜାର ଶୁଭସ୍ତମ୍ଭ ସ୍ଥାପନ

ବରଗଡ଼,୧୨।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମିଳନ ମନ୍ଦିର ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବଙ୍ଗାଳୀ ସମାଜ ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଦୁର୍ଗାପୂଜା କମିଟି ସଭାପତି ସମର ଭଟ୍ଟାଚାର୍ଯ୍ୟ, ସମ୍ପାଦକ ଅଭିଜିତ ପ୍ରତିହାର, କୋଷାଧ୍ୟକ୍ଷ କାଞ୍ଚନ ଚକ୍ରବର୍ତ୍ତୀ, ଉପସଭାପତି ପ୍ରକାଶ ସାହା, ସହସମ୍ପାଦକ ସୋମେନ ସାହା, ମଦନ ଦୋରା, ରାଜକୁମାର ଭଟ୍ଟାଚାର୍ଯ୍ୟ, ଏନ. ସି. ରାୟ, ବିପୁଳ ଦାଶ, ପ୍ରଦୀପ ଦେବନାଥ, ଅବିନାଶ ଦେବନାଥ, କୌଶିକ ଦେବନାଥ ଉପସ୍ଥିତ ଥିଲେ।



ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି ।

# ପଦ୍ମପୁର, କୁଚିଣ୍ଡା ସେମିଫାଇନାଲରେ

**ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ**

ପଦ୍ମପୁର, ୧୨।୧୦(ପ୍ରଦୀପ୍ତ ଦାଶ)

ପଦ୍ମପୁର ଆଥେଲେଟିକ ଆସୋସିଏସନ ତରଫରୁ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ସ୍ଥାନୀୟ ରାଜବୋଡାସମ୍ବର ହାଇସ୍କୁଲ ପଡିଆରେ ଆରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଆଥେଲେଟିକ ଆସୋସିଏଶନ ଉପସଭାପତି ଯୁଗଳ ପ୍ରସାଦ ସିଂ ପ୍ରଥମ ଦିନ ଖେଳକୁ ଉଦ୍‌ଘାଟନ କରିଥିଲେ। ଆସୋସିଏଶନ ଉପସଭାପତି ନନ୍ଦ କିଶୋର ମାଝି, ସମ୍ପାଦକ ଶିରୀଶ କୁମାର ବହିଦାର, ପୂର୍ବତନ ଖେଳାଳି ଡ.ପ୍ରଭାତ ତ୍ରିପାଠୀ, ଗୋବିନ୍ଦ ଅଗ୍ରୱାଲ, ନେହେରୁ ତ୍ରିପାଠୀ, ନିରୋଜ ଦୋରା, ଧନମାଳୀ ସାହୁ, ଲାଲବିହାରୀ ମିଶ୍ର, ନୀଳମାଧବ ଦୋରା, ଅଶ୍ୱିନୀ ପାଣିଗ୍ରାହୀ, ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖେଳାଳିମାନଙ୍କ ସହିତ ଅତିଥିମାନେ।

ସଭାକୁ ପରିଚାଳନା କରିଥିଲେ ଅଶୋକ କୁମାର ବହିଦାର। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ପଦ୍ମପୁର ଥାନା ଅଧିକାରୀ ମମତା ନାଏକ ଏବଂ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଲୋଭାଦିନି ସାହୁ ଯୋଗ ଦେଇଥିଲେ। ଚାରିଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିବା ଥିବା ବେଳେ ପ୍ରଥମ ଦିନରେ ୨ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ପଦ୍ମପୁର ଦଳ ୪-୦ ଗୋଲରେ ରାୟପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ଜରସିଂହା ଦଳକୁ ୪ ଗୋଲରେ ହରାଇ ଦ୍ୱିତୀୟ ଦଳ ଭାବେ କୁଚିଣ୍ଡା ଦଳ ସେମିଫାଇନାଲରେ ପ୍ରବେଶ କରିଥିଲା।

## ସଂକ୍ଷେପରେ

### ଦୁର୍ଗାପୂଜା ସମୟରେ ସହରକୁ ସ୍ୱଚ୍ଛ ରଖିବା ଜରୁରୀ

ରାଉରକେଲା,୧୨।୧୦(ସଙ୍ଗୀତା ଜେନା): ଶାରଦୀୟ ଦୁର୍ଗାପୂଜା ଅବସରରେ ରାଉରକେଲା ସହର ଯଥା- ଷ୍ଟିଲ ଟାଉନ ସିପ, ସିଭିଲ ଟାଉନ ସିପ ଓ ଫର୍ଟିଲାଇଜର ଟାଉନ ସିପର ପରିବେଶ ନିର୍ମଳ ରଖିବା ପାଇଁ ସହରର ଅଗ୍ରଣୀ ଏବଂ ଦାୟିତ୍ୱବାନ ଶ୍ରମିକ ସଂଗଠନ ହିସାବରେ ମଜଦୁର ସଭାର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ ମ୍ୟୁନିସିପାଲ କର୍ପୋରେସନର କମିସନର ଓ ଇସ୍ପାତ କାରଖାନାର କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଦୁର୍ଗାପୂଜା ସମୟରେ ରାଜ୍ୟର କୋଣ ଅନୁକୋଣ ଏବଂ ରାଜ୍ୟ ବାହାରୁ ପଡୋଶୀ ରାଜ୍ୟରୁ ଲକ୍ଷ ଲକ୍ଷ ଜନସାଧାରଣ ରାଉରକେଲା ସହରକୁ ପୂଜା ଦେଖିବା ପାଇଁ ଆସିଥାନ୍ତି। ମୁଖ୍ୟତଃ ସହରର କିଛି ବଡ଼ ବଡ଼ ଦୁର୍ଗା ପୂଜା ପେଣ୍ଡାଲରେ ମେଳା ମଧ୍ୟ ପଡ଼ିଥାଏ। ସେଥିପାଇଁ ଜିଲା ପ୍ରଶାସନ ଏବଂ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସହରର ଶାନ୍ତି ଶୃଙ୍ଖଳା, ବିଦ୍ୟୁତ୍ ସରବରାହ ଠିକ ରଖିବା, ମେନ୍ ରୋଡ ସମେତ ସମସ୍ତ ରାସ୍ତା ଘାଟ ମରାମତି କରିବା, ଲାଇଟିଂ, ଗାଈଗୋରୁଙ୍କ ଅବାଧ ବିଚରଣକୁ ବନ୍ଦ କରିବା, ବଡ଼ ବଡ଼ ଗଛ ମାନଙ୍କର ଶାଖା ପ୍ରଶାଖା କାଟିବା, ପୂଜା ସମୟରେ ପ୍ରତ୍ୟେକ ଦିନ ପେଣ୍ଡାଲ ପାଖରୁ ଅଳିଆ ଆବର୍ଜନା ଉଠାଇବା,ପେଣ୍ଡାଲ ମାନଙ୍କରେ ଭ୍ରାମ୍ୟମାଣ ଶୌଚାଳୟର ବ୍ୟବସ୍ଥା ଆଦି କରିବା ପାଇଁ ମଜଦୁର ସଭାର ସାଧାରଣ ସମ୍ପାଦକ ନାୟକ ମ୍ୟୁନିସିପାଲ କର୍ପୋରେସନ କମିସନର ଏବଂ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି।

### ଖତକୁରବାହାଲ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ

କୁତ୍ରା,୧୨।୧୦(ଦେବାଶିଷ ସାହୁ): କୁତ୍ରା ବ୍ଲକ ଖତକୁରବାହାଲ ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଓ ଓଡିଶା ମିଲେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ପତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରଇନୁ ସିଂ, ଶିବା ସିମେଣ୍ଟର ସିଏସଆର୍ ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ ଯୋଗଦେଇଥିଲ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଶିବା ସିମେଣ୍ଟ ଅପରେସନ ବିଭାଗ ମୁଖ୍ୟ ଅନିଲ ସିଂ, ତରକେରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ଯୋଗଦେଇ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ସାହୁଙ୍କ ସମେତ ଶିକ୍ଷକ ହେମନ୍ତ ଦେ, ଚିନ୍ତାମଣି ସାହୁ, ଜନ୍ମଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ବିଭାଗର କୃତୀ ପ୍ରତିଯୋଗୀ ଆଗାମୀ ଦିନରେ ହେବାକୁ ଥିବା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଶିବା ସିମେଣ୍ଟ ପକ୍ଷରୁ ସହଯୋଗ ପ୍ରଦାନ କରାଯାଇଥିଲା।

# ଭିନ୍ନମୋଡ଼ ନେଉଛି ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତାଙ୍କ ମୃତ୍ୟୁ ମାମଲା

ରାଉରକେଲା,୧୨।୧୦(ଦିନେଶ ମିଶ୍ର)

ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ମାମଲା ଭିନ୍ନମୋଡ ନେଉଛି। ସୁସ୍ମିତାଙ୍କ ଓକିଲ ବିସ୍ମୟ ଦାସଙ୍କ କହିବା ଅନୁଯାୟୀ, ସୁସ୍ମିତା ୨୦୨୦ ଫେବୃଆରୀ ୧୪ରେ ରାଜଗାଙ୍ଗପୁରରେ ବାସ କରୁଥିବା ଶୁସିଲ ଟୋପ୍ପଙ୍କୁ ଜିଏଲ ଚର୍ଚ୍ଚରେ ବିବାହ କରିଥିଲେ। ବିବାହର କିଛି ମାସ ପରେ ସ୍ୱାମୀ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଶାରିରୀକ, ମାନସିକ ଅତ୍ୟାଚାର କରୁଥିଲେ। ଫଳରେ ସୁସ୍ମିତା ଗତ ବର୍ଷ ମେ' ମାସରେ ରାଉରକେଲା ପରିବାର ଅଦାଲତରେ ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେବାକୁ ଫାଇଲ କରିଥିଲେ। ସ୍ୱାମୀ ଶୁସିଲଙ୍କ ଅତ୍ୟାଚାର ସହି ନ ପାରି ସୁସ୍ମିତା ବହୁ ଦିନ ଧରି ଅଲଗା ରହୁଥିଲେ। ଛାଡପତ୍ର ସମସ୍ୟାର ସମାଧାନ ହୋଇ ନ ଥିବାବେଳେ ହଠାତ ଗତ ମାସ ୧୯ରେ ସୁସ୍ମିତାଙ୍କ ମୃତଦେହ ରାଉରକେଲା ସେମ୍ବରୀ ପାର୍କରେ ଥିବା ଏକ କୃତ୍ରିମ ପୋଖରୀରୁ ପୋଲିସ ଜବତ କରିଥିଲା। ସୁସ୍ମିତାଙ୍କ ମୃତ୍ୟୁ ଖବର ସହରର ବିଭିନ୍ନ ମହଲରେ ଖେଳିଯିବା ପରେ ତାଙ୍କୁ ହତ୍ୟା


ସୁସ୍ମିତା ମିଞ୍ଜ।

କରାଯାଇଥିବା ନେଇ ସ୍ଥାନୀୟ ପ୍ରଶାସନ ଉପରେ ଚାପ ପକାଯାଇଥିଲା। ଏଥିସହ ସୁସ୍ମିତାଙ୍କ ହତ୍ୟାରେ ସଂପୃକ୍ତ ଥିବା ଅଭିଯୋଗକାରୀଙ୍କୁ ଯଥାଶୀଘ୍ର ଗିରଫ ପାଇଁ ଦାବି କରାଯାଇଥିଲା। ଏହି ଘଟଣାକୁ ନେଇ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ତଦନ୍ତ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ଅନ୍ୟପକ୍ଷେ ସୁସ୍ମିତାଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ସେ ଆତ୍ମହତ୍ୟା କରିଥିବା ଦର୍ଶାଯାଇଥିଲା। ହେଲେ ତାଙ୍କ ପରିବାର ଲୋକେ ଏହାକୁ ସ୍ୱୀକାର କରି ନ ଥିଲେ। ଏହାକୁ ନେଇ ମୃତ୍ୟୁ ମାମଲାର ତଦନ୍ତକୁ ବ୍ୟାପକ କରାଯାଇଛି। ଏନେଇ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ବିଭିନ୍ନ ଦିଗରୁ ତଦନ୍ତ ବର୍ତ୍ତମାନ ଜାରି ରଖିଛୁ। ଏହି ତଦନ୍ତ ପ୍ରକ୍ରିୟାରେ ପୋଲିସ ତାଙ୍କ ସ୍ୱାମୀ ଶୁସିଲଙ୍କ ସହ ପରିବାର ଲୋକଙ୍କୁ ମିଶାଇ ୧୪ ଜଣଙ୍କୁ ଜେରା କରି ସାରିଲାଣି। ଆଗାମୀ ଦିନରେ ଉକ୍ତ ଘଟଣାର ତଦନ୍ତ ସରିବା ପରେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବ ବୋଲି ଏସ୍‌ପି ମହାପାତ୍ର ସୂଚନା ଦେଇଥିଲେ।

## ଋଣ ଟଙ୍କା ଫେରସ୍ତ ନ କରିବାରୁ ଥାନାରେ ଅଭିଯୋଗ

ରାଉରକେଲା,୧୨।୧୦(ସଙ୍ଗୀତା ଜେନା)

ରଘୁନାଥପାଲ୍ଲୀ ଥାନା ଅଞ୍ଚଳରେ ଜେଣେ ଆର୍‌ଏସ୍‌ପି ପୂର୍ବତନ କର୍ମଚାରୀଙ୍କ ଠାରୁ ଅନ୍ୟ ଜଣେ ବ୍ୟକ୍ତି ଋଣ ନେଇଥିବା ଲକ୍ଷାଧିକ ଟଙ୍କା ଫେରସ୍ତ କରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା(ନଂ ୨୪୪।୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ଥାନା ଅଞ୍ଚଳରେ ରହୁଥିବା ସୁରଜ ଜେସୱାଲ ଓ ସୁଧୀର ଚନ୍ଦ୍ର ମହାନ୍ତି ଆର୍‌ଏସ୍‌ପିରୁ ଅବସର ଗ୍ରହଣ କରଥିଲେ। ଉଭୟ ୨୦୦୬ରେ ମିଳିତ ଭାବେ ବ୍ୟବସାୟ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ସୁରଜ ସୁଧୀରଙ୍କୁ ସାଢ଼େ ୫ ଲକ୍ଷ ଟଙ୍କା ଋଣ ସୂତ୍ରରେ ଦେଇଥିଲେ। ପରେ ଏହାକୁ ମାଗିବାରୁ ସୁରଜଙ୍କୁ ଟଙ୍କା ଫେରସ୍ତ ମିଳି ନ ଥିଲା। ଏ ନେଇ ସୁରଜ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଆର୍‌ଏମ୍‌ସି ଉପ ଆୟୁକ୍ତଙ୍କୁ ବନ୍ଧମୁଣ୍ଡାବାସୀଙ୍କ ଦାବିପତ୍ର

ରାଉରକେଲା,୧୨।୧୦(ଦିନେଶ ମିଶ୍ର)

ରାଉରକେଲା ବନ୍ଧମୁଣ୍ଡାରେ ବାସ କରୁଥିବା ସ୍ଥାନୀୟ ବସ୍ତିବାସୀ ଉକ୍ତ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ଗୁରୁବାର ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ରାଉରକେଲା ବିଶ୍ରାଛକରୁ ବନ୍ଧମୁଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅଧିକାଂଶ ଖୋଳି ହୋଇଯାଇଥିବାବେଳେ ଯାତାୟତରେ ବହୁ ଅସୁବିଧା ହେଉଛି। ଏଥିସହ ରାସ୍ତାର ଅଧିକାଂଶ ସ୍ଥାନରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା ନ ଥିବାରୁ ରାତିହେଲେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବା ବସ୍ତିବାସୀ ଉପଆୟୁକ୍ତଙ୍କୁ ଅବଗତ କରଥିଲେ। ସେହିଭଳି ବନ୍ଧମୁଣ୍ଡା ଅଞ୍ଚଳରେ ଥିବା ବିଭିନ୍ନ ବସ୍ତି ଛକ ମାନଙ୍କରେ ଲାଗଥିବା ଷ୍ଟ୍ରିଟ ଲାଇଟ ଗୁଡିକ ବହୁଦିନ ଧରି ଜଳୁନାହିଁ। ବାରମ୍ୱାର ରାଉରକେଲା ମହାନଗର ନିଗମ(ଆର୍‌ଏମ୍‌ସି) ପାଖରେ ଏନେଇ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ବସ୍ତି ଅଞ୍ଚଳ ଅନ୍ଧାରୁଆ ରହୁଥିବାରୁ ବିଭିନ୍ନ ସମୟରେ ଅସାମାଜିକ କାର୍ଯ୍ୟକଳାପ ବଢୁଛି। ଏଥିପ୍ରତି ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଯଥାଶୀଘ୍ର ପଦକ୍ଷେପ ନେବାକୁ ବସ୍ତିବାସୀ ଉପଆୟୁକ୍ତ ଭୋଇଙ୍କ ନିକଟରେ ଦାବି କରିଥିଲେ। ଯଦି ଆଗାମୀ ଦିନରେ ଉକ୍ତ ଦାବି ପୂରଣ କରା ନ ଯାଏ ତେବେ ବସ୍ତିବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ବନ୍ଧମୁଣ୍ଡା ଅଞ୍ଚଳର ରଞ୍ଜନ ମହାପାତ୍ର, ରିନା ରୟ, ବି.କେ ପୃଷ୍ଟି, ନମନ ପ୍ରଧାନ, ପରମେଶ୍ୱର ସମରିସି, ଶୁଭମ ଟିଗା, ମାଳତି ସିଂ, ଗୋକୁଳ ପ୍ରଧାନଙ୍କ ପ୍ରମୁଖ ଉପସ୍ଥିତ ଥିଲେ।


ଆର୍‌ଏମ୍‌ସି ଉପଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଦଶହରାରେ ବ୍ୟାପକ ସୁରକ୍ଷା ପାଇଁ ଡିଆଇଜିଙ୍କୁ ଚିଠି

ରାଉରକେଲା,୧୨।୧୦(ସଙ୍ଗୀତା ଜେନା)

ଦଶହରାରେ ବ୍ୟାପକ ସୁରକ୍ଷା ପାଇଁ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍ ପି) ସମରସତ୍ତା ବିଭାଗର ପଶ୍ଚିମ ଓଡ଼ିଶା ମୁଖ୍ୟ ଶାନ୍ତନୁ କୁସୁମ ପଶ୍ଚିମାଞ୍ଚଳ ଡିଆଇଜି ନୀତି ଶେଖରଙ୍କୁ ଏକ ଚିଠି ଲେଖିଛନ୍ତି। ପୂଜା ଅବସରରେ ରାଉରକେଲା, ସୁନ୍ଦରଗଡ଼ ସଦର, ବଣେଇଁ ଉପଖଣ୍ଡ ସମେତ ବିଭନ୍ନ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି କୁସୁମ ଦାବି କରିଛନ୍ତି। ଏହା ସହ ମହିଳା ଓ ବରିଷ୍ଠ ନାଗରିକଙ୍କ ଶୃଙ୍ଖଳିତ ଦର୍ଶନକୁ ଅଧିକ ପ୍ରାଧାନ୍ୟ ଦିଆଯାଉ ବୋଲି କହିଛନ୍ତି। ଜିଲାରେ ବସବାସ କରୁଥିବା ହିନ୍ଦୁ ଧର୍ମାବଲମ୍ବୀଙ୍କ ଏକ ପ୍ରମୁଖ ପାର୍ବଣ ଦଶହରା ହୋଇଥିବା ବେଳେ ଏଠାରେ ଏକ ସ୍ୱତନ୍ତ୍ର ପରମ୍ପରା ରହିଛି। ଏଥିପାଇଁ ଜିଲାରେ ପ୍ରବଳ ଗହଳି ଲାଗି ରହିଥାଏ। ତେବେ ଗତ କିଛିଦିନ ମଧ୍ୟରେ ଜିଲା ମଧ୍ୟକୁ ବାଲାଂଦେଶୀ ଅନୁପ୍ରବେଶକକାରୀମାନେ ପଶି ଆସିଥିବା ଯୋଗୁ ଅଘଟଣର ଆଶାଙ୍କା ବୃଦ୍ଧି ପାଉଛି। ବାଲାଂଦେଶୀ ଓ ଅସମାଜିକଙ୍କ ଗତିବିଧି ଉପରେ ପୋଲିସ ତୀକ୍ଷ୍ଣଣ ନଜର ରଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ କୁସୁମ ଦାବି କରିଛନ୍ତି । ଏଥିସହ ଅଧିକ ଥର ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ଦାବି ହୋଇଛି।

## ଫର୍ଟିଫଏଡ୍ ଚାଉଳ ଦାନାକୁ ନେଇ ଏକଦିବସୀୟ ପ୍ରଶିକ୍ଷଣ



ରାଉରକେଲା,୧୨।୧୦(ସଙ୍ଗୀତା ଜେନା)

ପୃଷ୍ଟିହୀନତାର ମୁକାବିଲା ଓ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିୟରିଂ ବିଭାଗ ତଥା ନୂଆଦିଲ୍ଲୀ ଖାଦ୍ୟ ଶିଳ୍ପ କ୍ଷମତା ଏବଂ ଦକ୍ଷତା ଉପକ୍ରମ(ଏଫ୍‌ଆଇସିଏସ୍‌ଆଇ) ସହଯୋଗରେ ବୁଧବାର ଫର୍ଟିଫାଏଡ ଚାଉଳ ଦାନା ଉପରେ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ମଧୁରେଶ ଦ୍ୱିବେଦୀ, ଚନ୍ଦ୍ରକାନ୍ତ ଗେଣ୍ଡୁ ଦଳଭଗତ୍ ଓ ରାମଚନ୍ଦ୍ର ପ୍ରଧାନ ସଂଯୋଜନା କରଥିଲେ। ଏକ ସୁସ୍ଥ ସମାଜ ପାଇଁ ଫୋର୍ଟିଫାଏଡ ଚାଉଳର ପ୍ରଚାର ଉଦ୍ଦେଶ୍ୟରେ ଏହା କରାଯାଇଥିଲା। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଏଫ୍ଆଇସିଏସ୍‌ଆଇ ନୂଆଦିଲ୍ଲୀ ମାଧ୍ୟମରେ ବିହାର ସୁପୌଲ ଜିଲାରେ ଥିବା ଏକ ଧାନ କାରଖାନାରେ କାର୍ଯ୍ୟରତ ୬ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗର ପ୍ରଫେସର ମଧୁରେଶ ଦ୍ୱିବେଦୀ ସ୍ୱାଗତ କରିଥିଲେ। ପରେ ପ୍ରଫେସର ଗେଣ୍ଡୁ ଦଳଭଗତ୍ ଫର୍ଟିଫିକେଶସନ୍ ଏବଂ ଏଫ୍‌ଆର୍‌କେର ମହତ୍ତ୍ୱ ବିଷୟରେ କହିଥିଲେ। ଏହା ପରେ ଡ.ରାମଚନ୍ଦ୍ର ପ୍ରଧାନ ଏଫ୍‌ଆର୍‌କେରେ ବ୍ୟବହୃତ ବିଭିନ୍ନ ଉପକରଣ ଏବଂ ତ୍ରୁଟି ନିବାରଣ, ରକ୍ଷଣାବେକ୍ଷଣ ବିଷୟରେ ବର୍ଣ୍ଣନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଏଫ୍‌ଆର୍‌କେର ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। ଗବେଷଣାକାରୀ ଅଭିଶେକ ଗୌରବ ଓ ନିରଞ୍ଜନ ତୋଟାଙ୍କ ସହାୟତାରେ ଏହା ସମ୍ପନ୍ନ ହୋଇଥିଲା। ଶେଷରେ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡ. ଚନ୍ଦ୍ରକାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ମାନବାଧିକାର ସଙ୍ଗଠନର ଜିଲା ସଭାପତି ସମ୍ବର୍ଦ୍ଧିତ

ରାଉରକେଲା,୧୨।୧୦ (ସଙ୍ଗୀତା ଜେନା)

ଗୁରୁବାର ମଧ୍ୟାହ୍ନରେ ବିଶ୍ରା ବ୍ଲକ ମିଟକୁନ୍ଦରୀ ଜଳେଶ୍ୱର ଶିବ ମନ୍ଦିରରେ ସମାଜସେବୀ ତଥା ମାନବାଧିକାର ସଂଗଠନର ଜିଲା ସଭାପତି ଚକ୍ରାନ୍ତ ଜେନାଙ୍କୁ ସାମାଜିକ ସଂଗଠନ ଶକ୍ତିବାହିନୀ ଓଡ଼ିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବାହିନୀର ଶ୍ରଦ୍ଧା ଷଡ଼ଙ୍ଗୀ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରଞ୍ଜନ ଲେଙ୍କା, ଗୋପାଳ ଜେନା, ଭାସ୍କର ସାହୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଶକ୍ତିବାହିନୀ ଆବାହିକା ଶ୍ରଦ୍ଧା ଷଡ଼ଙ୍ଗୀ ସମ୍ବର୍ଦ୍ଧିତ କରୁଛନ୍ତି।

## ବାଳିକାଙ୍କ ପ୍ରତି ଭେଦଭାବ ନ ରଖିବାକୁ ଆହ୍ୱାନ

ରାଉରକେଲା,୧୨।୧୦(ଦିନେଶ ମିଶ୍ର)

ରାଉରକେଲା ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ପରିସରରେ ଅର୍ନ୍ତଜାତୀୟ ବାଳିକା ଦିବସ ବିଜ୍ଞାନ ବିଭାଗର ମୁଖ୍ୟ ଶନିରାମ କେରକେଟ୍ଟାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ବିଜୟ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି ବାଳିକା ଦିବସର ମହତ୍ତ୍ୱ ଉପରେ ମତ ପ୍ରକାଶ କରଥିଲେ। ନୀଳଶୈଳ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ସହକାରୀ ପ୍ରାଧାପିକା ଡ. ଅଞ୍ଜନା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ବାଳିକାଙ୍କ ଭୂମିକା, ତାଙ୍କ ପ୍ରତି କୌଣସି ଭେଦଭାବ ନ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅଭିଭାବକଙ୍କ ମାନସିକତା ବଦଳିଲେ ସମାଜର ଦୃଷ୍ଟିକୋଣ ବାଳିକାଙ୍କ ପ୍ରତି ବଦଳିବ ବୋଲି ପ୍ରାଧାପିକା ରାମେଶ୍ୱରୀ ଭୋଇ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପିକା ସବିତା ରାଉତରାୟ ସଂଯୋଜନା କରଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ଏକକ ଅଭିନୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଧାପିକା ଓ ଅଧାପକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧାପିକା ଶ୍ରାବଣୀ ଦାସ ଧନ୍ୟବାଦ ଅର୍ପଣ କରଥିଲେ।




## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୧୨।୧୦(ଦିନେଶ ମିଶ୍ର)

ନୀଳଶୈଳ ମହାବିଦ୍ୟାଳୟ ଖେଳ ପଡିଆଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଆନ୍ତଃମହାବିଦ୍ୟାଳୟ ସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପାନପୋଷ ଉପଜିଲାପାଳ ଅଜୟ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କ୍ରୀଡା ପରିଷଦର ସମ୍ପାଦକ ପ୍ରଫେସର ଦେବେନ୍ଦ୍ର ମହାଲିକ, ନୀଳଶୈଳ ମହାବିଦ୍ୟାଳୟର

**କଲ୍ୟାଣୀ ରାୟ ମହାବିଦ୍ୟାଳୟ ଚାମ୍ପିୟନ**

ପରିଚାଳନା କମିଟି ସଭାପତି ଅଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ କଲ୍ୟାଣୀ ରାୟ ମହାବିଦ୍ୟାଳୟ ଓ ରାଉରକେଲା ସରକାରୀ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ କଲ୍ୟାଣୀ ରାୟ ମହାବିଦ୍ୟାଳୟ ୧-୦ ଗୋଲରେ ରାଉରକେଲା ସରକାରୀ ମହାବିଦ୍ୟାଳୟକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ବେଷ୍ଟ ଗୋଲକିପର ଭାବେ କଲ୍ୟାଣୀ ରାୟ ମହାବିଦ୍ୟାଳୟର ଆଲୋକ ଏକ୍କାଙ୍କୁ ପୁରସ୍କୃତ କରାଯାଇଥିଲା। ନୀଳଶୈଳ ମହାବିଦ୍ୟାଳୟର ଅଧକ୍ଷ ଡ. ସୁରେନ୍ଦ୍ର ନାଥ ଶର୍ମା ଯୋଗଦେଇ ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଖେଳକୁ ଭାନୁ ବେଉରୀ, ସାମୁ ହାସଁଦା, ରଞ୍ଜିତ ଓରାମ, ହେମନ୍ତ ହାସଁଦା ଓ ସୁଶାନ୍ତ ଧରତି ପ୍ରମୁଖ ରେଫରି ଭାବେ ପରିଚାଳନା କରିଥିଲେ। କଲେଜ ପରିଚାଳନା କମିଟିର ସମ୍ପାଦକ ଅଧାପକ ସଞ୍ଜିତ ଭୂୟାଁ, କ୍ରିଡା ଶିକ୍ଷକ ଶୁଶାନ୍ତ କୁମାର ଶତପଥୀ, ପ୍ରଭାତ କୁମାର ରାଉତ, ଶୁଶାନ୍ତ କିଷାନଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳୀ ଓ ଅନ୍ୟମାନେ।

## ବିଶୁଦ୍ଧ ପାନୀୟ ଜଳ ବିଭିନ୍ନ ରୋଗ ନାଶ କରିଥାଏ

ରାଉରକେଲା,୧୨।୧୦(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପ୍ରେକ୍ଷାଳୟ ପରିସରରେ ସୁସ୍ଥ ଶରୀର ପାଇଁ ଶୁଦ୍ଧ ପାନୀୟ ଜଳର ଆବଶ୍ୟକତା ଉପରେ ଏକ ସଚେତନତା ଶିବିର ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପିଜିଡି ଏଫ୍‌ସି ମହାନ୍ତି, ପିପି ରୋଟାରିଆନ ଡପିସି ମହାପାତ୍ର ଓ ସଭାପତି ଭଗବାନ ପାଢି ଅତିଥିଭାବେ ଯୋଗଦେଇ ଶିବିରର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ପାନାସିଆ କମ୍ପାନୀର ପ୍ରତିଷ୍ଠାତା ସିଇଓ ଶଶୀଧର ଗୋକୁଳ ଆୟାର ଯୋଗଦେଇ ଶୁଦ୍ଧପାନୀୟ ଜଳ ଆମ ଶରୀର ପାଇଁ କେତେ ଜରୁରୀ ତାହା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆମ ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ନାଶ କରିବା ପାଇଁ ବିଶୁଦ୍ଧ ଜଳ ନିତ୍ୟାନ୍ତ ଆବଶ୍ୟକ। ତେଣୁ ପ୍ରତିଦିନ ଜଣେ ବ୍ୟକ୍ତି ୭ରୁ ୮ ଲିଟର ଶୁଦ୍ଧପାଣି ପିଇଲେ ଆରୋଗ୍ୟ ସୁନିଶ୍ଚିତ ରହିବ ବୋଲି ଆୟାର ମତ ପ୍ରକାଶ କରିଥିଲେ। ସିଇଓ ଅରୁନ୍ଧତି ଶଶୀଧର ଆୟାର ଏହି ଶିବିରରେ ଯୋଗଦେଇ କହିଥିଲେ, ଆମ ଶରୀରରେ ୭୦ ପ୍ରତିଶତ ଜଳ ରହୁଥିବାବେଳେ ଏହା ଆମ କୋଷିକାକୁ ସତେଜ ରଖିଥାଏ। ଶୁଦ୍ଧ ଜଳରେ ବିଭିନ୍ନ ପ୍ରକାର ଗୁଣାତ୍ମକ ମାନ ରହିଥାଏ। ଯାହା ଆମ ଶରୀରକୁ ଉର୍ଜା ଯୋଗାଇଥାଏ। ତେଣୁ ଯଦି ଆମେ ବିଶୁଦ୍ଧ ଜଳକୁ ନିୟମିତ ଭାବେ ବ୍ୟବହାର କରିବା ତେବେ ଅଧିକାଂଶ ରୋଗରୁ ଆମେ ମୁକ୍ତି ପାଇ ପାରିବା ବୋଲି ସିଇଓ ଅରୁନ୍ଧତି କହିଥିଲେ। ପରେ ସିଇଓ ଅରୁନ୍ଧତି ଆଲକାଲାଇନ ଓ ଏସିଡିକ ଜଳ ମଧ୍ୟରେ ଥିବା ପ୍ରାର୍ଥକ୍ୟ ଉପରେ ଏକ ଡେମୋ ପ୍ରଦର୍ଶନ କରିଥିଲେ। ପରେ ଆଇଡିଏସପ ପୁରସ୍କାର ପ୍ରାପ୍ତ ରୋଟାରିଆନ ଡିମ୍ପଲ ସାହୁ ଆମ ଦୈନନ୍ଦିନ ଜୀବନରେ ଶୁଦ୍ଧଜଳର ଆବଶ୍ୟକତା ଓ ଜୀବନ ଶୈଳୀର କିଭଳି ପରିବର୍ତ୍ତନ ହୋଇଥାଏ ତା' ଉପରେ ମତ ପ୍ରକାଶ କରିଥିଲେ। ଏଥିସହ ଯେଉଁ ଜଳରେ ହାଇଡ୍ରୋଜେନ ମାତ୍ରା ଅଧିକ ରହିଥାଏ ସେହି ଜଳ ଆଲକାଲାଇନ ହୋଇଥିବାବେଳେ ଏହା ଶରୀର ପାଇଁ ବେଶ ଉପଯୋଗି ବୋଲି ରୋଟାରିଆନ ଡିମ୍ପଲ ଅବଗତ କରିଥିଲେ। କଙ୍ଗେନ ୱାଟର ମେଶିନର ବିଶୁଦ୍ଧ ଜଳ ଆମ ଶରୀର ପାଇଁ କେତେ ଆବଶ୍ୟକ ସେନେଇ ଶିବିରରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ସଚେତନ କରାଯାଇଥିଲା। ଏହି ଶିବିରରେ ପିପି ରୋଟାରିଆନ ଆଦିତ୍ୟ ମହାପାତ୍ର, ସ୍ତ୍ରୀରୋଗ ବିଶେଷଜ୍ଞ ଡ. ଗୀତାଞ୍ଜଳି ପତ୍ରୀ, ଅଜୟ ଅଗ୍ରୱାଲ, ନବଘନ ସାହୁ, ଗଣେଶ୍ୱର ପଟ୍ଟନାୟକ, ଏସ୍‌ଏନ ଜୋତିଶ, ଅଜିତ ପୂଜାରୀ, ପ୍ରମିଳା ମିଶ୍ର, ପ୍ରିତମ ମହାପାତ୍ର, ମିନତି ପଣ୍ଡା, ସଂଯୁକ୍ତା ପାଣିଗ୍ରାହୀ, ଆରତି ମହାନ୍ତି, ମହିମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜାଗରଣର ସମ୍ପାଦକ ପି.କେ ଦାଶ ଧ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ନିତିଶଙ୍କୁ ୧୦ଲକ୍ଷ ସହାୟତା ପ୍ରଦାନ



ସମ୍ବଲପୁର,୧୨।୧୦(ବି.ଶଙ୍କର)

ନାକଟିଦେଉଳ ବ୍ଲକର ନିତୀଶ କୁମାର ସାହୁ (୧୨)ଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଅନନ୍ୟା ଦାସ ଚେକ୍ ଦେଇଥିଲେ। ଗତ ୫ ବର୍ଷ ହେଲା ନିତିଶ ଚାଲିପାରୁ ନାହାନ୍ତି। ଚିକିତ୍ସା ପାଇଁ ମୋଟା ଅଙ୍କର ଟଙ୍କା ଆବଶ୍ୟକ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସାହାଯ୍ୟ ପାଇଁ ନିତୀଶଙ୍କ ପିତା କୌଶିକ ସାହୁ ଅନୁରୋଧ କରିଥିଲେ।

### ବିଦ୍ୟୁତ୍ ତାର ଲାଗି ହାଇୱା ଚାଳକ ଗୁରୁତର

ରେଢାଖୋଲ,୧୨।୧୦(ଅଚ୍ୟୁତାନନ୍ଦ ପୁରୋହିତ)

ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ ହାଇୱା ଗାଡିରେ ଗୁରୁବାର ୧୧କେଭି ବିଦ୍ୟୁତ୍ ତାର ଲାଗିଯିବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଆମଗାଁର ଆକାଶ ରଣା (୪୦)। ତାଙ୍କୁ ରେଢାଖୋଲ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସୂଚନାମତେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବେଲଡିହ–କଦଳିଗଡ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ କରାଯାଉଛି। ଏଥିରେ ନିୟୋଜିତ ହାଇୱା (ଓଡି୧୫କ୍ୟୁ–୫୩୭୩) ଅପରାହ୍ନ ୪ଟା ବେଳେ ମେଟାଲ ଖାଲିକରୁଥିବା ବେଳେ ଡାଲାରେ ୧୧କେଭି ବିଦ୍ୟୁତ୍ ତାର ଲାଗିଯାଇଥିଲା। ଏ ନେଇ ପୋଲିସ ନିକଟରେ କୌଣସି ସୂଚନା ନ ଥିବା ଜଣାପଡିଛି।

### ସରକାର ମୌଳିକ ସୁବିଧା ଯୋଗାଇବାରେ ବିଫଳ

ସମ୍ବଲପୁର,୧୨।୧୦(ବି.ଶଙ୍କର)

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନକ୍ରମେ ଗୁରୁବାର ଝୁଝୁମୁରା ବ୍ଲକର ଗଡଲୋଇସିଂହ ପଞ୍ଚାୟତରେ ଘର ଘର କଂଗ୍ରେସ, ଘର ଘର ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ସାଧାରଣ ସଭା ହୋଇଥିଲା । ଏଥିରେ ନେତୃବୃନ୍ଦ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ ନିରୀହ ଜନତାଙ୍କୁ ବିଭିନ୍ନ ଯୋଜନା ବାହାନାରେ ଲୁଟି ଚାଲିଛନ୍ତି, ଅଥଚ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛନ୍ତି ବୋଲି କହିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ତଥା କୁଚିଣ୍ଡାର ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଆସଫ ଅଲ୍ଲୀ ଖାନ, ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପଧାନ, ପିସିସି ସଭ୍ୟ ଅଶୋକ ସାହୁ ଓ ଗୌରିଶଙ୍କର ପାତ୍ର, ଜିଲା କଂଗ୍ରେସ ଏସ୍‌ସି ସେଲ ସଭାପତି ସଞ୍ଜିବ ଗରର୍ଡିଆ, ଜିଲା କଂଗ୍ରେସ କୃଷକ ସେଲ ସଭାପତି ଗୋବିନ୍ଦ ମିଶ୍ର, ଜିଲା କଂଗ୍ରେସ ଓବିସି ସେଲ ସଭାପତି ଜିତେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାନସଭା ଯୁବ କଂଗ୍ରେସ ସଭାପତି ସୁମନ୍ତ ଧଳ, ଝୁଝୁମୁରା ବ୍ଲକ କଂଗ୍ରେସ ସଭାପତି ସୁରେଶ୍ୱର ପ୍ରଧାନ ସାମିଲ ଥିଲେ ।

# ୱାର୍ଡମେମ୍ବର ସଂଘର ଗଣଧାରଣା

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର
- ୱାର୍ଡମେମ୍ବର ସଂଘ ଗଠିତ

କୁଚିଣ୍ଡା,୧୨।୧୦(ବିରଞ୍ଚି ଦର୍ଜୀ)




ୱାର୍ଡସଭ୍ୟ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

କୁଚିଣ୍ଡା ଉପଖଣ୍ଡ ୱାର୍ଡମେମ୍ବର ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ବିଭୁତି ଭୂଷଣ ନାୟକଙ୍କୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଉପଖଣ୍ଡ ୱାର୍ଡମେମ୍ବର ସଂଘ ଆବାହକ ସରୋଜ ମେହେରଙ୍କ ନେତୃତ୍ୱରେ ସ୍ଥାନୀୟ କଳାପରିଷଦଠାରୁ ଶତାଧିକ ୱାର୍ଡମେମ୍ବର ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସିଟିଂ ଫି ଅଢେଇ ଶହ ଟଙ୍କାରୁ ୫ହଜାର ଟଙ୍କାକୁ ବୃଦ୍ଧି କରିବା, ପଞ୍ଚାୟତରେ ୱାର୍ଡମେମ୍ବରଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ସ୍ଥାପନ, ୱାର୍ଡମେମ୍ବରଙ୍କୁ ଆବାସ ଘର ଯୋଗାଇଦେବା, ପଲ୍ଲିସଭା ଓ ଗ୍ରାମସଭା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଓ ମେମ୍ବରଙ୍କ ପାଇଁ ଡ୍ରେସ କୋର୍ଡ ଲାଗୁ କରିବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ କୁଚିଣ୍ଡା ଉପଖଣ୍ଡ ଓ କୁଚିଣ୍ଡା, ଜମନକିରା, ବାମରା ବ୍ଲକସ୍ତରୀୟ ୱାର୍ଡମେମ୍ବର ସଂଘ ଗଠିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡସ୍ତରୀୟ ସଂଘରେ ସରୋଜ ମେହେର ସଭାପତି, ମିକି ବେହେରା ଉପସଭାପତି, ଗୋପୀ ବରିହା ସମ୍ପାଦକ ଓ ସୁଦର୍ଶନ ତାଣ୍ତି ସହ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି କୁଚିଣ୍ଡା ବ୍ଲକ ପାଇଁ କିଶୋରୀ କିଷାନ ସଭାପତି ଓ ଧନମତି ରୋହିଦାସ ସମ୍ପାଦକ, ଦିନବନ୍ଧୁ ନାଏକ ଉପସଭାପତି ଓ ଲଳିନ୍ଦ୍ର ଅଢା ସହ ସମ୍ପାଦକ ଅଛନ୍ତି। ବାମରା ବ୍ଲକ ପାଇଁ ଦିଲିପ ଜୟପୁରିଆ ସଭାପତି ଓ ସୁଶାନ୍ତ ପୋଢ ଉପସଭାପତି, ଜମନକିରା ବ୍ଲକ ପାଇଁ ସୁଦର୍ଶନ ବାଘ ସଭାପତି ଓ ନବୀନ ମୁଣ୍ଡା ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଏହି ଆନ୍ଦୋଳନରେ ପୁରୁଷୋତ୍ତମ ଖଡିଆ, ତେଜରାଜ ନାଏକ, କପିଳ ବଲୁଆ, ପୁଷ୍ପାଞ୍ଜଳି ଧୁରୁଆ, ସବିତା ମାଝି, ଗୀତା କାହାଳୀ, ଲିଲି ନାୟକ, ଲକ୍ଷ୍ମୀପ୍ରିୟା ନାଏକ, ବିମଳା ନାଏକ, ଗୋପୀ ବରିହା, ସୁଷମା କିଷାନ, ଲିଲିମା କୁମୁରା, ତ୍ରିବେଣୀ ନାଏକ, ବାସନ୍ତୀ ମୁଣ୍ଡାଙ୍କ ସମେତ ଶତାଧିକ ୱାର୍ଡମେମ୍ବର ସାମିଲ ହୋଇଥିଲେ।

# ୯ ବ୍ଲକର ୨୭ ଛାତ୍ରୀ ପୁରସ୍କୃତ

ସମ୍ବଲପୁର,୧୨।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସରେ ବିବିଧ କାର୍ଯ୍ୟକ୍ରମ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି, ଜିଲାପରିଷଦ ସଭାନେତ୍ରୀ କୁମୁଦିନୀ ନାୟକ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ପ୍ରଫେସର ପ୍ରଭାବତୀ ଗୁରୁ, ସଦର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର ବାଳିକା ଅନ୍ତେବାସୀ ଓ ଜିଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀମାନେ ଯୋଗଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର ଜୁନିୟର ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ନପୂର୍ଣ୍ଣା ବେହେରା ପ୍ରଥମ, ସେଣ୍ଟ ଜୋସେଫ କନଭେଣ୍ଟ ସ୍କୁଲର ଶ୍ରୀୟା ସାହୁ ଦ୍ୱିତୀୟ ଓ କେନ୍ଦ୍ରୀୟ ବିଦ୍ୟାଳୟର ଅନିଶା ପି. ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସିନିୟର ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ବି ଚିତ୍ତ ସ୍ୱରୂପା ପ୍ରଥମ, ସେଣ୍ଟ ଜୋସେଫ ସ୍କୁଲର ଖୁସି ସାହୁ ଦ୍ୱିତୀୟ ଓ ଗୁରୁନାନକ ପବ୍ଲିକ ସ୍କୁଲର ଅବନ୍ତିକା ନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ଜିଲାର ୯ ବ୍ଲକର ମୋଟ ୨୭ ଜଣ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ଦିଆଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା ।



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

## ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ

ସମ୍ବଲପୁର,୧୨।୧୦(ବି.ଶଙ୍କର)

ବିଜେଡି ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅଇଁଠାପାଲି କାଇଁଶିର ରୋଡ଼ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଜିଲା ବିଜୁ ଜନତା ଦଳ ଉପସଭାପତି ଅଶୋକ କୁମାର ମହାକୁର, ଜିଲା ସାଧାରଣ ସମ୍ପାଦକ ଦିଲୀପ ଦାଶ, ସୁଶାନ୍ତ ପାଣିଗ୍ରାହୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକସିଦ୍ଧାର୍ଥ ଦାସ ମୁଖ୍ୟଅତଥି ଭାବେ ଯୋଗଦେଇ ଜୟପ୍ରକାଶ ନାରାୟଣଙ୍କ ନୀତି ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବଲପୁର ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି, ଜିଲା ସାଧାରଣ ସମ୍ପାଦକ ସୀତାକାନ୍ତ ପଣ୍ଡା, ଶିଶିର ମହାନ୍ତି, ଭୋଳାଶଙ୍କର ମହତମ, ଜୁଲଫିକର ଅଲି ଭୁଟ୍ଟୋ, ତାପସ ପଲାଇ, ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲା ଉପସଭାନେତ୍ରୀ ସୁବର୍ଣ୍ଣ ନାୟକ, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ଦୀନେଶ ସେଠ ପ୍ରମୁଖ ସାମିଲ ଥିଲେ।

# ହୀରାକୁଦ ଜଳଭଣ୍ଡାର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଛୁଇଁଲା

ସମ୍ବଲପୁର,୧୨।୧୦(ବି.ଶଙ୍କର)

ହୀରାକୁଦ ଜଳଭଣ୍ଡାର ସର୍ବୋଚ୍ଚ ଜଳଧାରଣ କ୍ଷମତାକୁ ଗୁରୁବାର ଛୁଇଁଛି। ସକାଳ ସାଢ଼େ ୯ଟା ରିପୋର୍ଟ ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୩୦ଫୁଟ୍ ରହିଥିଲା। ଏ ନେଇ ଜଳଭଣ୍ଡାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାନୁସାରେ ଜଳଭଣ୍ଡାରକୁ ସକାଳ ୯ଟା ସୁଦ୍ଧା ପ୍ରତି ସେକେଣ୍ଡରେ ୩୭,୫୮୫ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ସମ ପରିମାଣ ଜଳ ନିଷ୍କାସନ ହେଉଥିଲା। ସନ୍ଧ୍ୟା ସାଢ଼େ ୬ଟା ରିପୋର୍ଟ ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୯.୯୩ଫୁଟ୍ ରହିଥିଲା। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧୪,୦୫୪ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ବିଭିନ୍ନ କଳକାରଖାନା ଓ କେନାଲ ମାଧ୍ୟମରେ ୩୯,୪୬୪ କ୍ୟୁସେକ ଜଳ ନିଷ୍କାସନ ହେଉଛି ।

# ବାଲ୍ୟବିବାହ ସଚେତନତା କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ନାକଟିଦେଉଳ,୧୨।୧୦
(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୈଳାସ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେଶନ ଓ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ଶାଖା ତରଫରୁ ଶିଶୁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରକଳ୍ପ ସଂଯୋଜକ ଅଭୟ ଚରଣ ସ୍ୱାଇଁ, ଯୋସ୍ନିତା ପ୍ରଧାନ, ପ୍ରାଧ୍ୟାପିକା ଡ. ସରସୀରାଣୀ ଗଡନାୟକ, ଅଧ୍ୟାପିକା ବିନୀତା ମୁର୍ମୁ ଅଧ୍ୟାପକ ସରୋଜ ଭୁଏ ଅତିଥି ଭାବେ ଯୋଗଦେଇ ବାଲ୍ୟବିବାହ, ଶିଶୁ ଯୌନ ନିର୍ଯାତନା ଓ ଶିଶୁ ଚାଲାଣ ସମ୍ପର୍କରେ ଆଲୋଚନା କରି ଏହାର ପ୍ରତିକାର ନିମନ୍ତେ ସବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି କର୍ମଶାଳାରେ କଳା ବିଭାଗର ୨୧୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଛାତ୍ରୀ ସିକି ସ୍ୱାଇଁ ସମସ୍ତଙ୍କୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗ ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶ ପରିଚାଳନା କରିଥିଲେ। ଶେଷରେ ହୁସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ପରିଚାଳନା ସମିତି ଗଠିତ

ସମ୍ବଲପୁର,୧୨।୧୦(ବି.ଶଙ୍କର)

ସମ୍ବଲପୁର ମୁଦିପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ନୂତନ ପରିଚାଳନା ସମିତି ଗଠିତ ହୋଇଯାଇଛି। ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ଅଧକ୍ଷତା କରିଥିଲେ। ଆବାହିକା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସର୍ବସମ୍ମତି କ୍ରମେ ନୂତନ ପରିଚାଳନା ସମିତିର ସଭାନେତ୍ରୀ ଶିକ୍ଷାବିତ ଡ. କିଶୋରୀ ଦାଶ ଓ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ରାଜଲକ୍ଷ୍ମୀ ମହାନ୍ତିଙ୍କୁ ମନୋନୀତ କରାଯାଇଛି। ସେହିପରି ଉପସଭାପତି ଡାକ୍ତର ମହେନ୍ଦ୍ର କୁମାର ନନ୍ଦ ଓ କାର୍ତ୍ତିକ ପ୍ରସାଦ ବହିଦାର, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶ, ସଂଗଠନ ସମ୍ପାଦକ ରାମକୃଷ୍ଣ ନାୟକ, ଯୁଗ୍ମ ସମ୍ପାଦିକା ସ୍ୱପ୍ନିକା ନାୟକ, ଯୁଗ୍ମ ସମ୍ପାଦକ ରାଜ କିଶୋର ବକ୍ସି ଓ ଶିଶିର ରଞ୍ଜନ ବହିଦାର, କୋଷାଧକ୍ଷ ରଞ୍ଜୁରାଣୀ ପଟ୍ଟନାୟକ, ସହ କୋଷାଧକ୍ଷା ରେଣୁକା ଦାଶ, କାର୍ଯ୍ୟକାରୀ କମିଟିର ସଭ୍ୟ ଭାବରେ ଦେବାର୍ଜନ ଠାକୁର, ନମିତା ପଟେଲ, ହେମଲତା ସାହୁ, ପ୍ରଭାସିନୀ ଜେନା, ମାନିନୀ ସେନାପତି, କବିତା ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉପସ୍ଥିତ ସମସ୍ତ ନୂତନ କର୍ମକର୍ତ୍ତା ମୋ ସ୍କୁଲ ଅଭିଯାନ ପାଣ୍ଠିକୁ ଦାନ ରାଶି ପ୍ରଦାନ ପାଇଁ ଘୋଷଣା କରିଥିଲେ।

## ନିଶା ସେବନ କରି ବାଇକ୍ ଚାଳନା: ଧରାପଡ଼ିଲେ ୬



ଜବତ ହୋଇଥିବା ବାଇକ୍।

ଜମନକିରା, ୧୨।୧୦
(ରବୀନ୍ଦ୍ର ପ୍ରସାଦ ଦାନି)

ନିଶା ସେବନ କରି ଗାଡ଼ି ଚଳାଉଥିବା ଅଭିଯୋଗ ପାଇବା ପରେ ଜମନକିରା ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଗୁରୁବାର ଗୋଟିଏ ଦିନରେ ପୋଲିସ ୬ ଜଣ ଚାଳକଙ୍କୁ ଧରି ୬ଟି ବାଇକ୍ ଜବତ କରିଛି। ସମ୍ପୃକ୍ତ ଚାଳକମାନଙ୍କ ନାଁରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ସେମାନେ ହେଲେ ଜମନକିରା ଥାନା ବଡରମା ଗାଁର ଅଜିତ ନାଏକ(୨୫), ତୁଲୁବ ଗାଁର ପାହାଡି ଖାଙ୍କର (୪୦), ଚିନିମହୁଲ ଗାଁର ବିନୋଦ କିଷାନ (୨୧), ମୟୂରନାଚେନ ଗାଁର ଗୋଲବଦନ ବାଘ(୪୮) ଓ ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ପତ୍ରାଯୋରି ଗାଁର ସୁଶାନ୍ତ ଡନସେନା (୨୯)। ନିଶା ସେବନ କରି ବାଇକ୍ ଚଳାଉଥିବା ଅଭିଯୋଗରେ ସେମାନଙ୍କ ପାଖରୁ ୬ଟି ବାଇକ୍ ଜବତ କରାଯାଇଛି। ସେଗୁଡିକ ହେଲା ଓଡି୨୮–୧୭୨୦, ଓଆର୍ ୨୩–୫୫୭୫, ଓଡ଼ି୧୫ଏସ–୦୭୧୫, ଓଡ଼ି୧୫ଡବ୍ଲ୍ୟୁ–୬୮୯୨, ଓଡ଼ି୧୫ଭି –୯୬୮୧ ଏବଂ ଓଆର୨୩ବି–୦୮୨୪।

## ମହିଳା ଦକ୍ଷତା ବୃଦ୍ଧି ତାଲିମ ଶିଶିର

ସମ୍ବଲପୁର,୧୨।୧୦(ବି.ଶଙ୍କର)

ସମ୍ବଲପୁର ବନଖଣ୍ଡ ସଦର ବନାଞ୍ଚଳ ତରଫରୁ ମହିଳା ଦକ୍ଷତା ବୃଦ୍ଧି ତାଲିମ ଶିବିର ବଲାରଙ୍ଗାଠାରେ ଅନୁଷ୍ଠିତ ହୋଇଯାଇଛି । ମହୁଲଫୁଲ, ସଜନା ଓ ଆମ୍ବର ମୂଲ୍ୟଯୁକ୍ତ ଉତ୍ପାଦନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ବନାଞ୍ଚଳ ଅଧିକାରୀ ହରିଶଙ୍କର ନାଏକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବଲାରଙ୍ଗା ଓ ମାଟିଖାଇ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟାମାନେ ଅଂଶଗ୍ରହଣ କରିଥିଲେ। ବନଖଣ୍ଡ ସମ୍ବଲପୁର ପକ୍ଷରୁ ଏସିଏଫ୍ ତେଜରାଜ ନାଏକ, ଏସ୍‌ଏମ୍‌ଏସ୍ ତୁଷାର କାନ୍ତ ପାଣିଗ୍ରାହୀ, ସୁଚିତ୍ରା ପ୍ରତିହାରୀ, ସଦର ବନାଞ୍ଚଳର ବନପାଳ ତିଳିମା ନାଏକ, ବନରକ୍ଷୀ ନିରୁପମା ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ ପରିଚାଳନା କରିଥିବାବେଳେ ପୁଷ୍ପାଞ୍ଜଳି ଭୋଇ ତାଲିମ ପ୍ରଦାନ କରିଥିଲେ।

# ମିଳିତ ହୋଇ କାମ କରିବାକୁ ଆହ୍ୱାନ

## ବିଜେଡି ପଦଯାତ୍ରା ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୨।୧୦(ବି.ଶଙ୍କର)



ଜିଲାସ୍ତରୀୟ ପଦଯାତ୍ରା ପ୍ରସ୍ତୁତି ବୈଠକରେ ନେତୃବୃନ୍ଦ।

ବିଜୁ ଜନତା ଦଳ(ବିଜେଡି) ସମ୍ବଲପୁର ଜିଲାସ୍ତରୀୟ ପଦଯାତ୍ରା ପ୍ରସ୍ତୁତି ବୈଠକ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫାର୍ମ ରୋଡସ୍ଥିତ ରାଧାନାଥ ରଥ କମ୍ୟୁନିଟି ସେଣ୍ଟରଠାରେ ବିଜେଡି ସମ୍ବଲପୁର ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ପର୍ଯ୍ୟବେକ୍ଷକ ତଥା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ମିଳିତ ହୋଇ କାର୍ଯ୍ୟ କରିବାକୁ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ, ଦଳରେ ନେତା ଏକ। ସେ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେଣୁ ଦଳୀୟ ମତଭେଦକୁ ଭୁଲି ଆମ ନେତାଙ୍କ ଲାଗି ଆନ୍ତରିକତା ସହ କାର୍ଯ୍ୟ କରିବାକୁ ପଡିବ। ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଭଟ୍‌ଲି ବିଧାୟକ ସୁଶାନ୍ତ ସିଂ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଣବଙ୍କୁ ଜିଲା ବିଜେଡି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତିଙ୍କ ସମେତ ଜିଲାପରିଷଦ ସଭାନେତ୍ରୀ କୁମୁଦିନୀ ନାଏକ, କୁଚିଣ୍ଡା ବିଧାୟକ କିଶୋର ନାଏକ, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର, ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ, ପୂର୍ବତନ ଜିଲା ସଭାପତି ବିଜୟ ମହାନ୍ତି, ଆର୍ତ୍ତତ୍ରାଣ ମିଶ୍ର ଓ ସିଦ୍ଧାର୍ଥ ଦାସଙ୍କ ସମେତ ମହିଳା, ଯୁବ ଓ ଛାତ୍ର ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଚଳିତ ମାସ ୧୫ ତାରିଖରେ ସମ୍ବଲପୁର ମ୍ୟୁନିସିପାଲିଟି ଛକରୁ ପଦଯାତ୍ରା ଆରମ୍ଭ ହେବ।

# ମୋ କଲେଜ ଅଭିଯାନ ପାଣ୍ଠିକୁ ୩୦ଲକ୍ଷ ପ୍ରଦାନ

ସମ୍ବଲପୁର,୧୨।୧୦(ବି.ଶଙ୍କର)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ମୋ କଲେଜ ଅଭିଯାନ ପାଣ୍ଠିକୁ ଗୁରୁବାର ୩୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ଡାକ୍ତର ନାରାୟଣୀ ପଣ୍ଡା ୨୦ଲକ୍ଷ ଓ ତାଙ୍କ ସାନଭାଇ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ. ରାମକୃଷ୍ଣ ପଣ୍ଡା ୧୦ଲକ୍ଷ ଟଙ୍କା ଦାନ କରିଛନ୍ତି । ଏହାସହ ଡାକ୍ତର ନାରାୟଣୀ ପଣ୍ଡା ଗରିବ ଓ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ନିମନ୍ତେ ଏକ କର୍ପସ ପାଣ୍ଠି ପାଇଁ ପାଞ୍ଚଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ଡ. ରାମକୃଷ୍ଣ ମଧ ଉଦ୍ଭିଦ ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ଆର୍ଥିକ ପୁରସ୍କାର ପାଇଁ ଏକଲକ୍ଷ ଟଙ୍କାର କର୍ପସ ପାଣ୍ଠି ପାଇଁ ଚେକ୍ ପ୍ରଦାନ କରିଛନ୍ତି । ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଉପରୋକ୍ତ ଅର୍ଥ ରାଶିର ଚେକ୍ ଗ୍ରହଣ କରିଥିଲେ। ଛାତ୍ରୀ, କର୍ମଚାରୀ, ଅଧ୍ୟାପିକା, ଅଧ୍ୟାପକ, କଲେଜ ପରିଚାଳନା ସମିତି କର୍ମକର୍ତ୍ତା ଉଭୟଙ୍କୁ କୃତଜ୍ଞତା ଜଣାଇଥିଲେ ।



ମୋ କଲେଜ ଅଭିଯାନ ପାଣ୍ଠିକୁ ୩୦ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି।

# ଅଧିକାରୀଙ୍କ ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା

## ଖାଦ୍ୟ ଆୟୋଗ ଅଧକ୍ଷଙ୍କ ଧନକଉଡ଼ା ବ୍ଲକ ଗସ୍ତ

ସମ୍ବଲପୁର,୧୨।୧୦(ବି.ଶଙ୍କର)

ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଅବନିକାନ୍ତ ସାହୁ ଗୁରୁବାର ଧନକଉଡା ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଥମେ ସେ ବ୍ଲକ କାର୍ଯ୍ୟାଳୟଠାରେ ଅଧିକାରୀମାନଙ୍କ ସହ ବିଭାଗୀୟ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ପରେ ଧନକଉଡା ସେବାଶ୍ରମ, ମାଲଦାପଡା ଅଙ୍ଗନବାଡି କେନ୍ଦ୍ର, ଅଇଁଠାପାଲି ଆଶ୍ରମ ସ୍କୁଲ, ବିଶାଳଖଣ୍ଡି ପଞ୍ଚାୟତ ଅଫିସରେ ଥିବା ସରକାରୀ ସୁଲଭ ମୂଲ୍ୟ ଦୋକାନ ଗସ୍ତ କରି ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅଇଁଠାପାଲି ଆଶ୍ରମ ସ୍କୁଲର ପରିଚାଳନା, ଭିତିଭୂମି ଓ ପରିବେଶ ଦେଖି ଖୁସି ବ୍ୟକ୍ତ କରିଥିଲେ। ସେହିପରି ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷୟିତ୍ରୀ, କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ। ବିଶାଳଖଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ହିତାଧିକାରୀଙ୍କୁ ୨ଟି ଟ୍ରାଇସାଇକେଲ ମଧ୍ୟ ପ୍ରଦାନ କରିଥିଲେ। ଅଧକ୍ଷଙ୍କ ସହ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା, ପ୍ରେମଶିଳା କେର୍କେଟା, ଖାଦ୍ୟ ଆୟୋଗର ପରାମର୍ଶଦାତା ତମଳ ରେଜା ସାମିଲ ଥିଲେ। ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଦର ଉପଜିଲାପାଳ ପ୍ରଭାସ ଡନସେନା, ଧନକଉଡ଼ା ବିଡିଓ ସଞ୍ଜୀବ ପଟେଲ, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାମଚନ୍ଦ୍ର ଟୁଡୁ, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ସମେତ ବ୍ଲକର ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।



ଖାଦ୍ୟ ଆୟୋଗ ଅଧକ୍ଷ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୨%

ଭୁବନେଶ୍ୱର,୧୨।୧୦ (ଅଭୟ ଦାଶ)



ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ହ୍ରାସ ହୋଇ ୫.୦୨%ରେ ରହିଛି, ଯାହା ୨୦୨୩ ଅଗଷ୍ଟରେ ୬.୮୩% ରେ ଥିଲା। ଏହା ପୂର୍ବରୁ ୨୦୨୩ ଜୁଲାଇରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧୫ ମାସର ସର୍ବୋଚ୍ଚସ୍ତର ୭.୪୪%କୁ ଛୁଇଁଥିଲା ବୋଲି ଗୁରୁବାର ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ୍ (ଏନ୍ଏସ୍ଓ) ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ବିଶେଷକରି ଖାଦ୍ୟ ସାମଗ୍ରୀ ମୂଲ୍ୟ ହ୍ରାସ ଯୋଗୁ ୨୦୨୩ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାରରେ ହ୍ରାସ ଦେଖାଯାଇଛି ବୋଲି ବଜାର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ତେବେ ୨୦୨୩ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ)ଙ୍କ ଟଲରାନ୍ସ ବ୍ୟାଣ୍ଡର ଅପର ଲେଭଲ ୬% ରୁ ବର୍ତ୍ତମାନ ତଳକୁ ଆସିଛି।

ଅପରପକ୍ଷରେ ପରିସଂଖ୍ୟାନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୦୨୩ ସେପ୍ଟେମ୍ବରରେ ଦେଶର ଖାଦ୍ୟ ମୁଦ୍ରାସ୍ଫୀତିରେ ମଧ୍ୟ ବଡ଼ ହ୍ରାସ ଦେଖାଯାଇଛି। ଫଳରେ ଏହି ସମୟରେ ଖାଦ୍ୟ ମୁଦ୍ରାସ୍ଫୀତି ହାର ହ୍ରାସ ହୋଇ ୬.୫୬%କୁ ଖସିଛି, ଯାହା ୨୦୨୩ ଅଗଷ୍ଟରେ ୯.୯୪%ରେ ପହଞ୍ଚିଥିଲା। ତେବେ ଦେଶର ଗ୍ରାମାଞ୍ଚଳରେ ମୂଲ୍ୟ ବୃଦ୍ଧି ବର୍ତ୍ତମାନ ସମୟରେ ଏକ ଚିନ୍ତାର ବିଷୟ ହୋଇଥିବାବେଳେ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୩୩% ଗ୍ରାମାଞ୍ଚଳରେ ରହିଥିବାବେଳେ ଖାଦ୍ୟ ମୁଦ୍ରାସ୍ଫୀତି ହାର ୬.୬୫%ରେ ରହିଛି। ସେହିଭଳି ୨୦୨୩ ସେପ୍ଟେମ୍ବରରେ ପନିପରିବା ମୁଦ୍ରାସ୍ଫୀତି ହ୍ରାସ ହୋଇ ୩.୩୯% ରହିଥିବାବେଳେ ଅଗଷ୍ଟରେ ୨୬.୧୪%ରେ ପହଞ୍ଚିଥିଲା। ଏପରିକି ୨୦୨୩ ସେପ୍ଟେମ୍ବରରେ ଡାଲି ମୁଦ୍ରାସ୍ଫୀତି ହାର ବଢ଼ି ୧୬.୩୮%ରେ ପହଞ୍ଚିଛି, ଯାହା ୨୦୨୩ ଅଗଷ୍ଟରେ ୧୩.୦୪%ରେ ସୀମିତ ଥିଲା। ସେହିପରି ମସଲା ମୁଦ୍ରାସ୍ଫୀତି ୨୩.୬% ରେ ରହିଥିଲାବେଳେ ୨୦୨୩ ଅଗଷ୍ଟରେ ମସଲା ମୁଦ୍ରାସ୍ଫୀତି ହାର ୨୩.୧୯% ଥିଲା। ଅପରପକ୍ଷରେ ଦୁଗ୍ଧ ଜାତୀୟ ଉତ୍ପାଦର ମୁଦ୍ରାସ୍ଫୀତି ହାର ୬.୮୯%କୁ ଖସିଛି, ଯାହା ଅଗଷ୍ଟରେ ୭.୭୩% ଥିଲା। ବିଶେଷକରି ସେପ୍ଟେମ୍ବରରେ ଖାଦ୍ୟଶସ୍ୟ ଓ ତତ୍ସମ୍ପର୍କିତ ଉତ୍ପାଦର ମୁଦ୍ରାସ୍ଫୀତି ୧୦.୯୫%କୁ ଖସିଥିଲା ବେଳେ ୨୦୨୩ ଅଗଷ୍ଟରେ ଏହାର ହାର ୧୧.୮୫%କୁ ପହଞ୍ଚିଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ସେପ୍ଟେମ୍ବରରେ ଶିଳ୍ପ ଅଭିବୃଦ୍ଧି ୧୦.୩% କୁ ବୃଦ୍ଧି ଘଟିଥିଲାବେଳେ ଅଗଷ୍ଟ ଏବଂ ଜୁଲାଇରେ କମ୍ ରହିଥିଲା।

## ନିବେଶକ ନିରୁତ୍ସାହିତ

ଭୁବନେଶ୍ୱର,୧୨।୧୦

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ମଧ୍ୟରେ କାରବାର କରୁଛନ୍ତି। ବିଶେଷକରି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୭ (୬.୬୭) ପଏଣ୍ଟ ହ୍ରାସ ଘଟି ୬୬,୪୬୬(୬୬,୪୬୬.୩୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ୩ (୩.୪୦) ପଏଣ୍ଟ ବୃଦ୍ଧି ଘଟି ୧୯,୮୧୫ (୧୯,୮୧୪.୭୫) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସ୍ଇ ସେନ୍ସେକ୍ସର ମିଡ୍କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ କାରବାର ହ୍ରାସ ଘଟିଥିଲାବେଳେ ଏନ୍ଏସ୍ଇ ନିଫ୍ଟି ମିଡ୍ କ୍ୟାପ୍, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ବୃଦ୍ଧି ହୋଇଥିଲା।

## ପିଏନ୍ବିର ନୂତନ ଶାଖା ଉଦ୍ଘାଟିତ



ଭୁବନେଶ୍ୱର,୧୨।୧୦

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ନୂତନ ଶାଖା ନିକଟରେ ଉଦ୍ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପିଏନ୍ବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏନ୍ବି ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଏ. ଉଦୟ ଭାସ୍କର ରେଡ୍ଡି, ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ସମରେନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଉକ୍ତ ଶାଖାଟି ପିଏନ୍ବି ଭୁବନେଶ୍ୱର ମଣ୍ଡଳର ୭୯ ତମ ଶାଖା ହୋଇଥିବାବେଳେ ରାଜ୍ୟରେ ଏହା ୩୪୩ ତମ ଶାଖା ବୋଲି ପିଏନ୍ବି ପକ୍ଷରୁ ସୂଚନା ଦିଆଯାଇଛି।

## ଆଇନଗତ ବିଦ୍ୟୁତ୍ ସଂଯୋଗକୁ ଗୁରୁତ୍ୱ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୧୨।୧୦

ପ୍ରତିବର୍ଷ ଭଳି ଚଳିତ ବର୍ଷ ପାର୍ବଣ ସମୟରେ ଆଇନଗତ ବିଦ୍ୟୁତ୍ ସଂଯୋଗକୁ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଚଳିତ ପାର୍ବଣ ଏବଂ ଆଗାମୀ ଦଶହରା ସମୟରେ ସୁରକ୍ଷିତ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଲାଗି ଟିପିସିଓଡିଏଲ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଏପରିକି ସୁରକ୍ଷା ପ୍ରତି ରହିଥିବା ପ୍ରତିବଦ୍ଧତା ବଜାୟ ରଖି ଅସ୍ଥାୟୀ ଡାଙ୍ଗା ଓ ପେଣ୍ଡାଲଗୁଡ଼ିକ ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଆବଶ୍ୟକ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଗାଇଡ୍ଲାଇନ୍ ମଧ୍ୟ ଜାରି କରାଯାଇଛି। ଏକ ସୁରକ୍ଷିତ ଓ ଭରସାଯୋଗ୍ୟ ଉତ୍ସବ ପାଳନକୁ ସୁନିଶ୍ଚିତ କରିବା ଲାଗି ସ୍ୱୀକୃତିପ୍ରାପ୍ତ ବିଦ୍ୟୁତ୍ ସଂଯୋଗ ଗ୍ରହଣ କରିବାକୁ ଟିପିସିଓଡିଏଲ୍ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜକମାନଙ୍କୁ ଆହ୍ୱାନ ଦିଆଯାଇଛି। ଟିପିସିଓଡିଏଲ୍ର ସତର୍କତା ଟିମ୍ ସମସ୍ତ ପେଣ୍ଡାଲର ବିଦ୍ୟୁତ୍ ବ୍ୟବସ୍ଥା ଉପରେ ନଜର ରଖିବା ସହ ଅଣ ସ୍ୱୀକୃତିପ୍ରାପ୍ତସଂଯୋଗକୁ ରୋକିବେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଟିପିସିଓଡିଏଲ୍ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ସୁରକ୍ଷା ପ୍ରତି ଆମ ଦୃଢ଼ ପ୍ରତିବଦ୍ଧତା ଥିଲାବେଳେ ସମସ୍ତଙ୍କ ପାଇଁ କମ୍ପାନୀ ଏକ ଅତ୍ୟନ୍ତ ଉଲ୍ଲାସପୂର୍ଣ୍ଣ ଓ ସୁରକ୍ଷିତ ଦଶହରାର ଗ୍ୟାରେଣ୍ଟି ପ୍ରଦାନ କରୁଛି। ସ୍ୱୀକୃତିପ୍ରାପ୍ତ ବିଦ୍ୟୁତ୍ ସଂଯୋଗ ହାସଲ କରିବା ଏବଂ ସୁରକ୍ଷା ନୀତି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ଆମେ ଜନସାଧାରଣଙ୍କୁ ଆହ୍ୱାନ ଦେଉଛୁ। ଏପରିକି ସମସ୍ତଙ୍କ ପାଇଁ ଉତ୍ସବକୁ ଏକ ସୁରକ୍ଷିତ ଓ ଉଲ୍ଲାସପୂର୍ଣ୍ଣରେ ପରିଣତ କରିବାକୁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି ଏବଂ ସମସ୍ତଙ୍କୁ ଏକ ଉଲ୍ଲାସପୂର୍ଣ୍ଣ ଓ ସୁରକ୍ଷିତ ଉତ୍ସବ ପାଳନର ଶୁଭକାମନା ଜଣାଉଛି।

## ପାହାଳରେ ମୋଟୋ ଭାଲ୍ଟର ନୂତନ ଆଉଟ୍ଲେଟ




ଭୁବନେଶ୍ୱର,୧୨।୧୦

ମୋଟୋ ଭାଲ୍ଟ ମଲ୍ଟି ବ୍ରାଣ୍ଡ ସୁପର ବାଇକର ନୂତନ ଆଉଟ୍ଲେଟ (ଫ୍ରାଞ୍ଚାଇଜ) ଗୁରୁବାର ଭୁବନେଶ୍ୱରର ପାହାଳଠାରେ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏସଆର ଅଟୋମୋବାଇଲ ଆନୁକୂଲ୍ୟରେ ଉକ୍ତ ଆଉଟ୍ଲେଟର ଶୁଭାରମ୍ଭ କରାଯାଇଛି। ବିଶେଷକରି ମୋଟୋ ଭାଲ୍ଟ ଆନ୍ତର୍ଜାତିକ ମାନର ମୋଟର ବାଇକ ଯଥା ମୋଟୋ ମୋରିନି ରେଞ୍ଜ, ଜୋନଟେସ ରେଞ୍ଜ ଏବଂ କ୍ୟୁଜେ ମୋଟର ରେଞ୍ଜକୁ ଓଡ଼ିଶା ବଜାରରେ ପ୍ରବେଶ ସହ ଆଉଟ୍ଲେଟ ଜରିଆରେ ଏଣ୍ଡ ଟୁ ଏଣ୍ଡ ବିକ୍ରୟ, ସେବା ଓ ସ୍ପେୟାରପାର୍ଟସ ସୁବିଧା ଉପଲବ୍ଧ ।

ଏ ସମ୍ପର୍କରେ ଆଦିଶ୍ୱର ଅଟୋ ରାଇଡ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ବିକାଶ ଝାବାକ କହିଛନ୍ତି,ଭୁବନେଶ୍ୱରର ପାହାଳଠାରେ ଆମେ ଏକ ମଲ୍ଟିବ୍ରାଣ୍ଡ ସୁପର ବାଇକ ଫ୍ରାଞ୍ଚାଇଜ 'ମୋଟୋ ଭାଲ୍ଟ'ର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକମାନଙ୍କୁ ଉଚ୍ଚମାନର ଉତ୍ପାଦ ଯୋଗାଇବା ସାଙ୍ଗକୁ ବିକ୍ରୟ ଓ ସେବା ସହାୟତାର ବିସ୍ତୃତ ସୁବିଧା ପ୍ରଦାନ କରାଯିବ। ସେହିଭଳି ମୋଟୋ ଭାଲ୍ଟର ଭୁବନେଶ୍ୱର ଡିଲର ପ୍ରିନ୍ସିପାଲ ସୌମ୍ୟ ସାର୍ଥକ କହିଛନ୍ତି, ମୋଟୋ ଭାଲ୍ଟ ଇଣ୍ଡିଆ ସହ ଜଡ଼ିତ ହୋଇ ଆମେ ଆନନ୍ଦିତ। ଆମର ଗ୍ରାହକଙ୍କ ଆଭିମୁଖ୍ୟ ସହ ଆମେ ସବୁ ପ୍ରକାର ସୁବିଧା ଯୋଗାଇଦେବୁ ଓ ଏକ ସର୍ବୋତ୍ତମ ସେବା ଅଭିଜ୍ଞତା ଦେବାକୁ ଲକ୍ଷ୍ୟ ରଖିଛୁ। ଯେହେତୁ ମୋଟୋ ଭାଲ୍ଟ ଭୁବନେଶ୍ୱରରେ ବିଶ୍ୱ ମାନକ ଅନୁଯାୟୀ ଉତ୍ପାଦ ପ୍ରଦାନ କରିବ। ସୂଚନାଯୋଗ୍ୟ, ଆଦିଶ୍ୱର ଅଟୋ ରାଇଡ୍ ଇଣ୍ଡିଆ ପ୍ରା.ଲି. ହେଉଛି ମହାବୀର ଗ୍ରୁପ୍ ଅଫ୍ କମ୍ପାନିଜ୍ର ଏକ ସହାୟକ ସଂସ୍ଥା।

## ବିଓବି ପକ୍ଷରୁ ୩୪୫ ସ୍କୁଟି ବଣ୍ଟନ




ଭୁବନେଶ୍ୱର,୧୨।୧୦

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଓଡ଼ିଶା କ୍ଷେତ୍ର ପକ୍ଷରୁ ୩୪୫ଟି ସ୍କୁଟି ବଣ୍ଟନ କରାଯାଇଛି। ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମିଶନ ଶକ୍ତି ସ୍କୁଟର ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ରାଜ୍ୟର ବିଭିନ୍ନ ବିଓବି ଶାଖା ଜରିଆରେ ସ୍କୁଟି ଋଣ ଯୋଗାଇ ଦିଆଯାଇଛି। ଏପରିକି ମହିଳା ସଶକ୍ତୀକରଣକୁ ଆହୁରି ସୁଦୃଢ଼ କରିବାରେ ବିଓବି ନିଜର ପ୍ରୟାସ ଚାଲୁ ରଖିବ ଏବଂ ଏହିପରି ଆଗକୁ ମଧ୍ୟ ମୋ ସ୍କୁଟର ଋଣ ପ୍ରଦାନ କରାଯିବ ବୋଲି ବିଓବିରର ଉପ-ମହାପ୍ରବନ୍ଧକ ଡ. ରମେଶ କୁମାର ମହାନ୍ତି ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

ଫୁର୍ସତ

# ସୁସ୍ଥ ଭବିଷ୍ୟତ ପାଇଁ ଅଣ୍ଡା

ଆଜି ବିଶ୍ୱ ଅଣ୍ଡା ଦିବସ



ପ୍ରତିବର୍ଷ ଅକ୍ଟୋବର ୧୩ରେ 'ବିଶ୍ୱ ଅଣ୍ଡା ଦିବସ' ପାଳନ ହୋଇଥାଏ। ଚଳିତ ବର୍ଷ ସମଗ୍ର ବିଶ୍ୱରେ ଏହା ପାଳନ ହେଉଛି। ବିଶ୍ୱ ଅଣ୍ଡା ଦିବସର ବାର୍ତ୍ତା ହେଲା – ''ଏକ ସୁସ୍ଥ ଭବିଷ୍ୟତ ପାଇଁ ଅଣ୍ଡା'' (Eggs for a healthy future)। ଅର୍ଥାତ୍ ଅଣ୍ଡାର କାର୍ଯ୍ୟକରିବା କ୍ଷମତା ବା ସାମର୍ଥ୍ୟ ନେଇ ପୁଷ୍ଟିକର ଭାବରେ ସାମାଜିକ ସ୍ଥିତି ଓ ପରିବେଶରେ ଉନ୍ନତି ଆଣିବା ସହିତ ସମସ୍ତଙ୍କ ନିମନ୍ତେ ଏକ ସୁସ୍ଥ ଭବିଷ୍ୟତ ପାଇଁ ଅଗ୍ରସର ହେବା। ୧୯୯୬ ମସିହାଠାରୁ ପ୍ରତିବର୍ଷ ଅକ୍ଟୋବର ୨ୟ ଶୁକ୍ରବାରକୁ ବିଶ୍ୱ ଅଣ୍ଡା ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ଆନ୍ତର୍ଜାତିକ ଅଣ୍ଡା କମିଶନ ଦ୍ୱାରା ୧୯୯୬ରେ ଭିଏନାର ଏକ ସମ୍ମିଳନୀରେ ଆରମ୍ଭ ହୋଇଥିଲା। ସେହି ବର୍ଷଠାରୁ ଅଣ୍ଡାର ଗୁଣବତ୍ତାକୁ ଅନୁଭବ କରି ସମଗ୍ର ବିଶ୍ୱରେ ବିଶ୍ୱ ଅଣ୍ଡା ଦିବସ ପାଳନ ହେଉଛି। ଏହି ଦିବସ ଅଣ୍ଡାର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥାଏ। ଅଣ୍ଡା ଦିବସର ମୂଳ ଉଦ୍ଦେଶ୍ୟ ହେଲା– ମନୁଷ୍ୟ ସ୍ୱାସ୍ଥ୍ୟର ଉପକାରିତା ନେଇ ସମସ୍ତଙ୍କୁ ଅଣ୍ଡା ଖାଇବା ନିମନ୍ତେ ପ୍ରବର୍ତ୍ତାଇବା ଏବଂ ଅଣ୍ଡା ଶିଳ୍ପର ବିକାଶ ନେଇ ଜନ ସଚେତନତା ସୃଷ୍ଟି କରିବା। ଅଣ୍ଡାରେ ସର୍ବୋତ୍କୃଷ୍ଟ ପୁଷ୍ଟିସାର ନିହିତ ଥିବାରୁ ଏବଂ ଏହା ସହଜ ଓ ଶସ୍ତାରେ ମିଳୁଥିବାରୁ ଏହା ସମସ୍ତଙ୍କ ଖାଦ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି। ଏହି ଦିବସ ଉପଲକ୍ଷେ ବିଭିନ୍ନ ଗଣମାଧ୍ୟମରେ ବ୍ୟାପକ ଜନସଚେତନତା, ଅଣ୍ଡା ଉପରେ ପ୍ରସ୍ତୁତ ଭିନ୍ନ ଭିନ୍ନ କୌତୁକିଆ କାର୍ଯ୍ୟକ୍ରମ, ଲୋଗୋ ଡିଜାଇନ୍ ପ୍ରତିଯୋଗିତା, ଅଣ୍ଡା ଖାଇବା ପାଇଁ ଉତ୍ସାହିତ କରିବା ଆଦି ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରତ୍ୟେକ ଦିନ ଅଣ୍ଡା ଉତ୍ପାଦନକାରୀ କୃଷକ/ଉଦ୍ୟୋଗୀ/ଶିଳ୍ପ ସଂସ୍ଥାମାନେ ବିଶ୍ୱରେ କ୍ଷୁଧାର୍ଥ ଲୋକମାନଙ୍କର ଉଚ୍ଚ ପୁଷ୍ଟିସାର ସମ୍ପନ୍ନ ଅଣ୍ଡାରୂପକ ଖାଦ୍ୟର ଚାହିଦା ମେଣ୍ଟାଇବାରେ ପ୍ରତିଶ୍ରୁତିବଦ୍ଧ। ଅଣ୍ଡାରେ ଅନେକ ପ୍ରକାର ଭିଟାମିନ୍ ସହିତ ଧାତବଲବଣ ଓ ଖାଦ୍ୟସାର ଥିବା ଯୋଗୁ ଏହାକୁ ପ୍ରକୃତିଦତ୍ତ ଭିଟାମିନ୍ ପିଲ୍ ବା ବଟିକା ବୋଲି କୁହାଯାଏ। ଗୋଟିଏ ବଡ଼ 'ଏ'ଗ୍ରେଡ୍ ଅଣ୍ଡାରେ ୬ଗ୍ରାମ୍ ପ୍ରୋଟିନ୍ ସହିତ ୭୦ କ୍ୟାଲୋରୀ ଶକ୍ତି ନିହିତ ଥାଏ। ଅଣ୍ଡାରୁ ପ୍ରସ୍ତୁତ ଓମ୍ଲେଟ୍, ପୋଚ୍, କେକ୍, ଭୁଜିଆ, ରୋଲ୍, ବିରିୟାନୀ, ଅଣ୍ଡା ଝୋଳ, ସିଝା ଅଣ୍ଡା ଆଦି ଆମ ଖାଦ୍ୟ ରୁଚି ଅନୁସାରେ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ରିକାଳୀନ ଖାଦ୍ୟ ଭାବେ ବିଶେଷ ଲୋକାଦୃତ ହୋଇପାରିଛି। ସବୁ ବୟସର ଲୋକମାନେ ଯେକୌଣସି ସମୟରେ ଯେକୌଣସି ଭୋଜନରେ ଅଣ୍ଡା ବ୍ୟବହାର କରୁଛନ୍ତି।

# 'ବୈଜୁ ବାୱରା'ରେ ନୟନତାରା



**ମୁମ୍ବାଇ:** 'ଜୱାନ'ରେ ସାଉଥ୍ ଅଭିନେତ୍ରୀ ନୟନତାରାଙ୍କ ପୋଲିସ ଭୂମିକା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ହେଲେ ସେ ଫିଲ୍ମ ନିର୍ଦ୍ଦେଶକ ଏଟଲି କୁମାରଙ୍କ ଉପରେ ଏତେ ଖୁସି ନ ଥିବା ଜଣାପଡ଼ିଥିଲା। ଏବେ ତାଙ୍କୁ ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ବୈଜୁ ବାୱରା'ରେ ଦେଖିବାକୁ ମିଳିବ। ସଙ୍ଗୀତ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ନୟନତାରା ଲିଡ୍ ରୋଲରେ ଦେଖାଯିବେ। ଏଥିରେ ରଣବୀର ସିଂ ନାୟକ ଭାବେ ନଜରକୁ ଆସିବେ। ଆଲିଆ ଭଟ୍ଟଙ୍କୁ ମଧ୍ୟ ଫିଲ୍ମରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ନୟନତାରା ୨୦୦୩ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ତେଲୁଗୁ, ତାମିଲ ଏବଂ ମାଲାୟଲମ୍ ଫିଲ୍ମରେ ନଜରକୁ ଆସିଛନ୍ତି। ଚଳିତବର୍ଷ ଚଳଚ୍ଚିତ୍ର 'ଜୱାନ' ଜରିଆରେ ସେ ବଲିଉଡ୍ରେ ଡେବ୍ୟୁ କରିଥିଲେ। ଏହି ଫିଲ୍ମ ପାଇଁ ତାଙ୍କର ଫଲୋୟର୍ସ ସଂଖ୍ୟା ମଧ୍ୟ ବଢ଼ିଛନ୍ତି। ଏଥିସହ ତାଙ୍କୁ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଛି। ଆଗକୁ ତାଙ୍କ ହାତରେ ଆହୁରି ଫିଲ୍ମ ମଧ୍ୟ ରହିଛି। ଯେଉଁଥିପାଇଁ ବ୍ୟସ୍ତ ରହୁଛନ୍ତି।

# ଦୁର୍ଘଟଣା ପରେ ପୂରା କଲେ ସ୍ୱପ୍ନ



**ଅଷ୍ଟିନ:** ନିଜ ସ୍ୱପ୍ନକୁ ପୂରା କରିବାକୁ ଲୋକେ ଅନେକ ବାଧାବିଘ୍ନକୁ ଖାତିର କରି ନ ଥାନ୍ତି। ତାହାର ଏକ ଉଦାହରଣ ନିକଟରେ ଦେଖିବାକୁ ମିଳିଛି। ଗାଲ୍ଭେଷ୍ଟେନ ବାସିନ୍ଦା ୧୯ ବର୍ଷୀୟ ଜିଦ୍ ଗାର୍ସିଆଙ୍କ ସହ ଏକ ଦୁର୍ଘଟଣା ଘଟିଥିଲା। ତାଙ୍କ ଘରେ ମହମବତିରୁ ନିଆଁ ଲାଗିଯାଇଥିଲା। ସେ ସେହି ସମୟରେ କମ୍ବଳ ଘୋଡ଼ି ହୋଇ ଶୋଇଥିଲେ। ଘରେ ନିଆଁ ଜଳି ତାଙ୍କ କମ୍ବଳରେ ଲାଗିଯିବାରୁ ତାଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ଅଂଶ ପୋଡିଯାଇଥିଲା। ସେଥିରେ ତାଙ୍କ ଚେହେରା ପୂରା ବିଗିଡ଼ି ଯାଇଥିଲା। ଦୁର୍ଘଟଣାରେ ତାଙ୍କ ଦୃଷ୍ଟିଶକ୍ତି ମଧ୍ୟ ଚାଲିଯାଇଛି। ତାଙ୍କର ଏପରି ଦୁର୍ଘଟଣା ପରେ ସେ ଅତ୍ୟନ୍ତ ଭାଙ୍ଗି ପଡ଼ିଥିଲେ। ପରେ ସେ ନିଜକୁ ସମ୍ଭାଳିବା ସହ ତାଙ୍କର ଏହି ପରିସ୍ଥିତିକୁ ସାମ୍ନା କଲେ ଏବଂ ନିଜ ସ୍ୱପ୍ନକୁ ସାକାର କଲେ। ତେବେ ଏବେ ସେ ଜଣେ ପୋଲିସ ଅଫିସର। ଗାର୍ସିଆ ୧୦ ବର୍ଷ ବୟସରେ ପୋଲିସ ଅଫିସର ହେବାକୁ ସ୍ୱପ୍ନ ଦେଖିଥିଲେ। ୨୦୧୫ରେ ଗାର୍ସିଆଙ୍କ ସହିତ ଏପରି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଗାର୍ସିଆଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଗଲା। ସେଠାରେ ତାଙ୍କୁ ଏକ ନୂଆ ଜୀବନ ମିଳିଲା। ଦୁର୍ଘଟଣାରେ ଆଖି ନଷ୍ଟ ହୋଇଯିବାରୁ ସେ ଏକ ନେତ୍ରହୀନ ସ୍କୁଲରେ ପାଠ ପଢ଼ିଲେ। ଗାର୍ସିଆ ଆଉ କେବେ କଥା କହିପାରିବେନି କି ଚାଲିପାରିବେନି ବୋଲି ଚିକିତ୍ସା ସମୟରେ ଡାକ୍ତର କହିଥିଲେ। ହେଲେ ସେ ଏବେ ଚାଲିବା ସହିତ କଥା ମଧ୍ୟ କହିପାରୁଛନ୍ତି।

# ବିପର୍ଯ୍ୟୟ ପାଇଁ ଆଗୁଆ ପ୍ରସ୍ତୁତି ଅପରିହାର୍ଯ୍ୟ



ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

ପ୍ରାକୃତିକ ବିପର୍ଯ୍ୟୟ ଆଗରେ ମଣିଷ ସମ୍ପୂର୍ଣ୍ଣ କିଂକର୍ତ୍ତବ୍ୟବିମୂଢ଼। ସେହିପରି ମନୁଷ୍ୟକୃତ ବିପର୍ଯ୍ୟୟ ବିରୋଧରେ କାର୍ଯ୍ୟପନ୍ଥା ଗ୍ରହଣ କରିବା ମଧ୍ୟ କଷ୍ଟକର ହୋଇପଡ଼େ। ଉପଯୁକ୍ତ ନିୟନ୍ତ୍ରଣ ତଥା ପରିଚାଳନା ବ୍ୟବସ୍ଥା ଗ୍ରହଣ ଦ୍ୱାରା ବିପର୍ଯ୍ୟୟ ପୂର୍ବ ଏବଂ ପରବର୍ତ୍ତୀ କାର୍ଯ୍ୟ ତ୍ୱରାନ୍ୱିତ ହୁଏ। ଫଳରେ ଧନଜୀବନ କମ ନଷ୍ଟ ହେବା ସହିତ କ୍ଷୟକ୍ଷତିକୁ ହ୍ରାସ କରାଯାଇ ପାରିଥାଏ।

ତେଣୁ ବିପର୍ଯ୍ୟୟ ନିୟନ୍ତ୍ରଣ ଏବେ ଆଶାର କିରଣ ପାଲଟିଛି। ପୃଥିବୀ ବ୍ୟାପୀ ଗତ ଦୁଇବର୍ଷ ଧରି ଜାରି ରହିଥିବା କରୋନା ମହାମାରୀରୁ ଦୂରେଇ ରହିବା ପାଇଁ ବିଭିନ୍ନ ଦେଶ ତଥା ଜାତିସଂଘର ଭିନ୍ନ ଭିନ୍ନ ଶାଖା ସଂସ୍ଥା ପକ୍ଷରୁ ଜାରି ରହିଥିବା କାର୍ଯ୍ୟରୁ ଏହା ସହଜରେ ଅନୁମାନ କରାଯାଇ ପାରେ। ବିପର୍ଯ୍ୟୟ ପାଇଁ ଆଗୁଆ ପ୍ରସ୍ତୁତି ଦ୍ୱାରା ବହୁ ବିପଦ ଟଳି ଯାଇଥାଏ। ତେଣୁ ମାନବ ସମାଜକୁ ବିପର୍ଯ୍ୟୟରୁ ସୁରକ୍ଷା ଯୋଗାଇ ଦେବା ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟ ନେଇ ଜାତିସଂଘର ଅନୁମୋଦନ ଅନୁସାରେ ପ୍ରତିବର୍ଷ ଅକ୍ଟୋବର ୧୩ରେ ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳନ କରାଯାଇଥାଏ।

ବିପର୍ଯ୍ୟୟ ବିପଦ ହ୍ରାସ, ବାସସ୍ଥାନ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳକୁ ବିପର୍ଯ୍ୟୟରୁ ସୁରକ୍ଷିତ କରିବା, ଲୋକଙ୍କୁ ସ୍ଥାନାନ୍ତର ଏହି ଦିବସର ମୂଳ ଲକ୍ଷ୍ୟ। ପ୍ରାକୃତିକ ବିପଦ ହେଉ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକର ପ୍ରସ୍ତୁତି ଦ୍ୱାରା ବହୁ ଜୀବନ ରକ୍ଷା ହୋଇ ପାରିଥାଏ। ମାନବ ସମାଜକୁ ବିପର୍ଯ୍ୟୟରୁ ସୁରକ୍ଷା ପ୍ରଦାନ ପାଇଁ ୧୯୮୯ରୁ ଉଦ୍ୟମ ଆରମ୍ଭ ହୋଇଥିଲା।

୨୦୦୨ରେ ଜାତିସଂଘର ମହାସଭାରେ ବିପର୍ଯ୍ୟୟ ନିୟନ୍ତ୍ରଣ ନେଇ ଏକ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ୨୦୦୯ରେ ପ୍ରତିବର୍ଷ ଅକ୍ଟୋବର ୧୩କୁ ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ଭାବେ ପାଳନ କରିବାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯିବା ସହିତ ବିପର୍ଯ୍ୟୟର ପ୍ରଭାବ କିପରି ହ୍ରାସ କରାଯିବ ସେ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୧୩/୨୦୨୩ Bhubaneswar, Friday, October 13/ 2023

# ଅଷ୍ଟ୍ରେଲିଆକୁ ହରାଇ ଶୀର୍ଷରେ ଦକ୍ଷିଣ ଆଫ୍ରିକା

**ଲକ୍ଷ୍ନୌ, ୧୨।୧୦**

କ୍ୱିଣ୍ଟନ ଡି'କକ୍‌ଙ୍କ ଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ଗୁରୁବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ମ୍ୟାଚରେ ଅଷ୍ଟ୍ରେଲିଆକୁ ୧୩୪ ରନରେ ପରାସ୍ତ କରିଛି। ଏଥିସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୭ ଉଇକେଟ ହରାଇ ୩୧୧ ରନ କରିଥିଲା। ଜବାବରେ ଖରାପ ବ୍ୟାଟିଂ ଜାରି ରଖିଥିବା ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୭୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଚଳିତ ବିଶ୍ୱକପରେ ଦକ୍ଷିଣ ଆଫ୍ରିକାର ଏହା କ୍ରମାଗତ ଦ୍ୱିତୀୟ ବିଜୟ ହୋଇଥିବାବେଳେ ଅଷ୍ଟ୍ରେଲିଆର ଦ୍ୱିତୀୟ ପରାଜୟ। ପୂର୍ବ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୧୦୨ ରନରେ ଶ୍ରୀଲଙ୍କାକୁ ହରାଇଥିବାବେଳେ ଅଷ୍ଟ୍ରେଲିଆ ୬ ଉଇକେଟରେ ଭାରତଠାରୁ ହାରି ଯାଇଥିଲା।

ଏଠାରେ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଅଷ୍ଟ୍ରେଲିଆ। ମାତ୍ର ଲକ୍ଷ୍ନୌ ପିଚ୍‌ରୁ ପୂରା ଫାଇଦା ଉଠାଇଥିଲେ ଦକ୍ଷିଣ ଆଫ୍ରିକାର ଦୁଇ ଓପନର କ୍ୱିଣ୍ଟନ ଡି'କକ୍ ଓ ଅଧିନାୟକ ଟେମ୍ବା ବଭୁମା। ଦୁହେଁ ଅଷ୍ଟ୍ରେଲୀୟ ବୋଲରଙ୍କୁ ସଫଳ ମୁକାବିଲା କରି ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ିଥିଲେ। ଫଳରେ ଦକ୍ଷିଣ ଆଫ୍ରିକାର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ ହୋଇ ଯାଇଥିଲା। ଦୁହେଁ ୧୧୮ ବଲ୍‌ରୁ ୧୦୮ ରନ ଯୋଗ କରିବାପରେ ୨୦ତମ ଓଭରର ୪ର୍ଥ ବଲ୍‌ରେ ବଭୁମାଙ୍କୁ ଆଉଟ କରି ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ଗ୍ଲେନ ମ୍ୟାକ୍ସୱେଲ। ବଭୁମା ୫୫ ବଲ୍‌ରୁ ୩୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ପୂର୍ବ ମ୍ୟାଚ ପରି ଏଠାରେ ମଧ୍ୟ ରସି ଭାନ୍ ଡର ଡୁସେନ ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୩୦ ବଲ୍‌ରୁ ୨୬ ରନ କରିଥିବାବେଳେ ତାରକା ସ୍ପିନର ଆଡାମ ଜାମ୍ପାଙ୍କ ଶିକାର ହୋଇଥିଲେ। ଚମତ୍କାର ଫର୍ମରେ ଥିବା ଡିକକ୍ କିନ୍ତୁ ଚଳିତ ବିଶ୍ୱକପରେ କ୍ରମାଗତ ଶତକ ହାସଲ କରିଥିଲେ। ଅଷ୍ଟ୍ରେଲିଆ ବୋଲରମାନେ ତାଙ୍କ ଉପରେ ବିଶେଷ ପ୍ରଭାବ ପକାଇ ପାରି ନ ଥିଲେ। ଫଳରେ କ୍ୟାରିୟରର ୧୯ଶ ଦିନିକିଆ ଶତକ ହାସଲ କରିଥିଲେ ଏହି ତାରକା ଓପନର। ୧୦୬ ବଲ୍‌ର ସମ୍ମୁଖୀନ ହୋଇଥିବା ଡି'କକ୍ ୮ ଚୌକା ଓ ୫ ଛକା ସହାୟତାରେ ୧୦୯ ରନ କରି ମ୍ୟାକ୍ସୱେଲଙ୍କ ଦ୍ୱିତୀୟ ଶିକାର ବନିଥିଲେ। ମିଡିଲ ଅର୍ଡରରେ ଏଡେନ ମାରକ୍ରମ (୫୬ ରନ, ୪୪ ବଲ, ୭ ଚୌକା, ୧ ଛକା) ଅର୍ଦ୍ଧଶତକ ହାସଲ କରିଥିବାବେଳେ ହେନରିଚ କ୍ଲାସେନ ୨୯ ରନର ଯୋଗଦାନ ଦେଇଥିଲେ। ମାର୍କୋ ଜାନସେନଙ୍କ ଦ୍ରୁତ ୨୬ ରନ କରିବାରୁ ଦକ୍ଷିଣ ଆଫ୍ରିକା ୩୦୦ ରନ ଅତିକ୍ରମ କରିଥିଲା। ମାତ୍ର ଶେଷ ଭାଗରେ ଦ୍ରୁତ ହାରରେ ରନ ସଂଗ୍ରହ ହୋଇ ନ ପାରିବାରୁ ଇନିଂସ ୩୧୧/୭ରେ ରହି ଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ ମ୍ୟାକ୍ସୱେଲ ଓ ମିଚେଲ ଷ୍ଟାର୍କ ୨ଟି ଲେଖାଏ ଏବଂ ଜୋଶ୍ ହାଜେଲଉଡ୍, ଅଧିନାୟକ ପ୍ୟାଟ୍ କମିନ୍ସ ଓ ଆଡାମ ଜାମ୍ପା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ଅଷ୍ଟ୍ରେଲିଆ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦିଗହରା ହୋଇ ଯାଇଥିଲା। ବଡ଼ ପାର୍ଟନରଶିପ୍ ଅଭାବରୁ ଦଳ ମ୍ୟାଚର କୌଣସି ସମୟରେ ମଧ୍ୟ ଲକ୍ଷ୍ୟସ୍ଥଳରେ ପହଞ୍ଚିବାପରି ସ୍ଥିତି ସୃଷ୍ଟିକରିପାରି ନ ଥିଲା। ଦଳ ଏକଦା ୭୦ ରନ ମଧ୍ୟରେ ୬ଟି ଉଇକେଟ ହରାଇ ଲଜ୍ଜାଜନକ ପରାଜୟ ସ୍ଥିତିକୁ ଚାଲି ଆସିଥିଲା। ମିଡିଲ ଅର୍ଡରରେ ମାର୍ନସ ଲାବୁସେନଙ୍କ ୪୬ ଏବଂ ଶେଷ ଭାଗରେ ମିଚେଲ ଷ୍ଟାର୍କ ୨୭ ଓ କମିନ୍ସ ୨୨ ରନ କରିବାରୁ ଦଳର ସମ୍ମାନ ରହିଥିଲା। ମାତ୍ର ଦଳ କ୍ରମାଗତ ଦ୍ୱିତୀୟ ଥରପାଇଁ ପୂରା ୫୦ ଓଭର ଖେଳିବାରେ ଅସମର୍ଥ ରହିଥିଲା। ପୂର୍ବ ମ୍ୟାଚରେ ୪୯.୩ ଓଭରରେ ୧୯୯ରେ ଅଲ୍‌ଆଉଟ ହୋଇଥିବାବେଳେ ଏଠାରେ ଇନିଂସ ୪୦.୫ ଓଭରରେ ସୀମିତ ରହିଥିଲା। ଦକ୍ଷିଣ ଆଫ୍ରିକା ବୋଲରଙ୍କ ମଧ୍ୟରେ କାଗିଶୋ ରାବାଡ଼ା ସର୍ବାଧିକ ୩ଟି, କେଶବ ମହାରାଜ, ଟାବ୍ରାଇଜ୍ ଶାମସି ଓ ମାର୍କୋ ଜାନସେନ ୨ଟି ଲେଖାଏ ଏବଂ ଲୁନ୍‌ଗି ଏନ୍‌ଗିଡ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୧୧/୭ (କ୍ୱିଣ୍ଟନ ଡି'କକ୍-୧୦୯, ଏଡେନ ମାରକ୍ରମ-୫୬, ଗ୍ଲେନ ମ୍ୟାକ୍ସୱେଲ-୨/୩୪, ମିଚେଲ ଷ୍ଟାର୍କ-୨/୫୩, ଜୋଶ ହାଜେଲଉଡ-୧/୬୦, ପ୍ୟାଟ୍ କମିନ୍ସ-୧/୭୧,ଆଡାମ ଜାମ୍ପା-୧/୭୦)। ଅଷ୍ଟ୍ରେଲିଆ ୪୦.୫ ଓଭରରେ ୧୭୭/ଅଲ୍‌ଆଉଟ (ମାର୍ନସ ଲାବୁସେନ-୪୬, ମିଚେଲ ଷ୍ଟାର୍କ-୨୭, କାଗିଶୋ ରାବାଡ଼ା-୩/୩୩, କେଶବ ମହାରାଜ-୨/୩୦, ଟାବ୍ରାଇଜ୍ ଶାମସି-୨/୩୮, ମାର୍କୋ ଜାନସେନ-୨/୫୪, ଲୁନ୍‌ଗି ଏନ୍‌ଗିଡି-୧/୧୮)।



କ୍ୱିଣ୍ଟନ ଡି'କକ୍

## ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ନ୍ୟୁଜିଲାଣ୍ଡ | ୨ | ୨ | ୦ | ୪ | +୧.୯୫୮ |
| ଭାରତ | ୨ | ୨ | ୦ | ୪ | +୧.୫୦୦ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୨ | ୧ | ୧ | ୨ | -୦.୬୫୩ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | -୧.୯୦୭ |

## ପୂର୍ବତନ ଫର୍ମୁଲା ୱାନ ମୁଖ୍ୟ ଦଣ୍ଡିତ

**ଲଣ୍ଡନ, ୧୨।୧୦ (ଏପି)**

ଠକେଇ ପାଇଁ ସ୍ଥାନୀୟ ଏକ କୋର୍ଟ ପୂର୍ବତନ ଫର୍ମୁଲା ୱାନ ମୁଖ୍ୟ ବର୍ନି ଏକ୍ଲେଷ୍ଟୋନ୍‌ଙ୍କୁ ସସ୍‌ପେଣ୍ଡ ସହ ଜେଲ ଦଣ୍ଡାଦେଶ ହୋଇଛି। ସିଙ୍ଗାପୁରରେ ତାଙ୍କର ରହିଥିବା ଏକ ଟ୍ରଷ୍ଟ ନାମରେ ବ୍ୟାଙ୍କ ଖାତାରେ ନିୟୁତାଧିକ ଡଲାର ଜମା ରହିଛି। ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ସେ ବ୍ରିଟିଶ ଆୟକର ବିଭାଗକୁ ଏ ବିଷୟ ଲୁଚାଇଥିଲେ। ୯୨ବର୍ଷୀୟ ଏହି ଧନଶାଳୀ ବ୍ୟକ୍ତି ଭୁଲ ତଥ୍ୟ ଦେଇ ଦୀର୍ଘ ୧୮ ବର୍ଷ ଧରି ଆୟକର ଫାଙ୍କି ଆସୁଥିଲେ। ସେ ୬୫୪.୬ ନିୟୁତ ପାଉଣ୍ଡ ବିନିମୟରେ ମାମଲାର ସମାଧାନ ପାଇଁ ରାଜି ହୋଇଯାଇଛନ୍ତି। ଲଣ୍ଡନସ୍ଥିତ ସାଉଥୱାର୍କ କ୍ରାଉନ୍ କୋର୍ଟ ଏକ୍ଲେଷ୍ଟୋନଙ୍କୁ ୧୭ ମାସ ଜେଲ୍ ଦଣ୍ଡ ଓ ୨ ବର୍ଷ ସସ୍‌ପେଣ୍ଡ କରିଛନ୍ତି। ବିଦେଶରେ ତାଙ୍କର କୌଣସି ଟ୍ରଷ୍ଟ ଅଛି କି ନା ଏହି ପୂର୍ବତନ ଫର୍ମୁଲାୱାନ ମୁଖ୍ୟଙ୍କୁ ୨୦୧୫ରେ ଯେତେବେଳେ ଆୟକର ବିଭାଗ ପଚାରିଥିଲା, ତାହାକୁ ସେ ଲୁଚାଇଥିଲେ। ଜଣେ ବିଚାରପତି କହିଛନ୍ତି, ଏକ୍ଲେଷ୍ଟୋନ ଗୁରୁତର ଅପରାଧ କରିଛନ୍ତି। ଦଣ୍ଡାଦେଶ ବେଳେ ଏହି ପୂର୍ବତନ ଫର୍ମୁଲା ୱାନ୍ ମୁଖ୍ୟଙ୍କ ବୟସ ଓ ସ୍ୱାସ୍ଥ୍ୟାବସ୍ଥା ବିଚାରକୁ ନିଆଯାଇଥିଲା। ସଫଳ ବିଜ୍‌ନେସମ୍ୟାନ ଏକ୍ଲେଷ୍ଟୋନ୍ ୧୯୭୦ରୁ ୨୦୧୭ ପର୍ଯ୍ୟନ୍ତ ଫର୍ମୁଲା ୱାନ୍ ରେସିଂର ମୁଖ୍ୟ ରହିଥିଲେ। ନିକଟରେ ସେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ପ୍ରଶଂସା କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ସେ ଯଥାର୍ଥ ବୋଲି କହିଥିଲେ। ଫର୍ମୁଲା ୱାନ ଏକ୍ଲେଷ୍ଟୋନ୍‌ଙ୍କ ଏହି ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରି ଦୂରତା ରକ୍ଷା କରିଥିଲା। ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ଦର୍ଶାଇଥିଲା। ଏକ୍ଲେଷ୍ଟୋନ୍ ପରବର୍ତ୍ତୀ ସମୟରେ ତାଙ୍କ ବକ୍ତବ୍ୟକୁ ନେଇ କ୍ଷମା ପ୍ରାର୍ଥନା କରିଥିଲେ।

## ପାକିସ୍ତାନୀ ଜର୍ନାଲିଷ୍ଟଙ୍କ ସହ ଯୋଗାଯୋଗ

**ବିଶ୍ୱକପ୍ ଭିଜା**

**କରାଚୀ, ୧୨।୧୦ (ପି.ଟି.)**

ଭାରତରେ ଚାଲିଥିବା ବିଶ୍ୱକପ୍ ପାଇଁ ଭିଜା ପ୍ରଦାନ ପ୍ରସଙ୍ଗକୁ ନେଇ ଇସ୍‌ଲାମାବାଦସ୍ଥିତ ଭାରତୀୟ ହାଇକମିଶନ ପାକିସ୍ତାନ ଜର୍ନାଲିଷ୍ଟଙ୍କ ସହ ଯୋଗାଯୋଗ ଆରମ୍ଭ କରିଛି। ଖବର ଅନୁସାରେ ବିଶ୍ୱକପ୍ ପାଇଁ ଇତିମଧ୍ୟରେ ୨ଜଣଙ୍କୁ ଭିଜା ମିଳିଛି। ଅନ୍ୟ କେତେଜଣଙ୍କୁ ଭିଜା ପ୍ରକ୍ରିୟା ପାଇଁ ଆବେଦନପତ୍ର ଦାଖଲ କରିବା ଲାଗି କୁହାଯାଇଛି। ଏମାନଙ୍କ ମଧ୍ୟରୁ ଯେଉଁମାନେ ଭାରତୀୟ କର୍ତ୍ତୃପକ୍ଷଙ୍କ ନିକଟରେ ସେମାନଙ୍କ ପାସ୍‌ପୋର୍ଟ ଦାଖଲ କରିସାରିଛନ୍ତି, ସେମାନଙ୍କ ସହ ହାଇକମିଶନ ପକ୍ଷରୁ ଯୋଗାଯୋଗ କରାଯାଇଛି। ଜର୍ନାଲିଷ୍ଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରସ୍ତୁତ ତାଲିକାକୁ ଭିତ୍ତିକରି ସେମାନଙ୍କୁ ଭିଜା ପ୍ରଦାନ କରାଯିବ ବୋଲି ଜଣେ ଜର୍ନାଲିଷ୍ଟ ପ୍ରକାଶ କରିଛନ୍ତି। ଭାରତୀୟ ହାଇକମିଶନଙ୍କ ଦ୍ୱାରା ପ୍ରସ୍ତୁତ ନିୟମାନୁସାରେ ଭିଜା ପ୍ରଦାନ କରାଯାଉଥିବା ଅନ୍ୟ ଜଣେ ଜର୍ନାଲିଷ୍ଟ କହିଛନ୍ତି। କରାଚୀସ୍ଥିତ ସିନ୍ଧ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର ଜଣେ ସିନିୟର ଜର୍ନାଲିଷ୍ଟ କହିଛନ୍ତି, ଅନେକେ ବିଶ୍ୱକପ୍‌କୁ ନ ଯିବା ଲାଗି ନିଷ୍ପତ୍ତି ନେଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି, ପାକିସ୍ତାନ ଜର୍ନାଲିଷ୍ଟ ଓ ପ୍ରଶଂସକମାନଙ୍କୁ ଭିଜା ପ୍ରଦାନ କରାଯିବା ପ୍ରସଙ୍ଗ ନେଇ ଯୋଗାଯୋଗ ଅବ୍ୟାହତ ରହିଛି।

## ଚଣାବାଡ, ପିଣ୍ଡାପଦର ଚାମ୍ପିୟନ

**ବ୍ଲକସ୍ତରୀୟ ଏସ୍‌ଡିସି ଭଲି, ଫୁଟବଲ**





ଅତିଥିମାନେ ବିଜୟୀ ଦଳଙ୍କୁ ପୁରସ୍କୃତ କରୁଛନ୍ତି।

**ଦଶମନ୍ତପୁର ୧୨।୧୦**

**(ଅରବିନ୍ଦ ନାୟକ)**

ଦଶମନ୍ତପୁର ବ୍ଲକ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ଏସ୍‌ଡିସି କପ୍ ଭଲିବଲ ଓ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ଦୁଇଦିନ ଧରି ବ୍ଲକର ୧୬ ଟି ପଞ୍ଚାୟତ ମଧ୍ୟରୁ ୮ଟି ଲେଖାଏ ଭଲି ବଲ ଓ ଫୁଟବଲ ଟିମ୍‌କୁ ନେଇ ଖେଳ ଚାଲିଥିଲା। ଭଲିବଲରେ ଚଣାବାଡ ପଞ୍ଚାୟତ ଓ ଡୁମ୍ବାଗୁଡା ପଞ୍ଚାୟତ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଚଣାବାଡ ପଞ୍ଚାୟତ ୪୫ ମିନିଟ୍ ବ୍ୟବଧାନରେ ୮ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଥିଲା। ସେହିଭଳି ଦଶମନ୍ତପୁର ଏବଂ ପିଣ୍ଡାପଦର ପଞ୍ଚାୟତ ମଧ୍ୟରେ ହୋଇଥିବା ଫୁଟବଲ ଫାଇନାଲ ମ୍ୟାଚରେ ପିଣ୍ଡାପଦର ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରି ପୁରସ୍କୃତ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ନାରାୟଣ ବିଶୋୟୀ, ବ୍ଲକ ଉପାଧ୍ୟକ୍ଷ ଚେଟୀ, ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକ ବଟକୃଷ୍ଣ ସ୍ୱାଇଁ, ଅଜୁ ଖାଡଙ୍ଗା, ଏସଡିସି ସଦସ୍ୟ ଦଶରଥ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଧନିୟ ବେନ୍ୟା ମ୍ୟାଚ ପରିଚାଳନା କରିଥିଲେ।

## ଭାରତୀୟ ଯୁବ ରେସରଙ୍କ ମେଣ୍ଟର ହେବେ ହାକିନେନ୍

**ନୂଆଦିଲ୍ଲୀ, ୧୨।୧୦(ପି.ଟି.):** କୁଶ ମାଇନିଙ୍କ ଫର୍ମୁଲା ୱାନ୍ ସ୍ୱପ୍ନ ସାକାର ହେବ ବୋଲି ଆଶା କରାଯାଉଛି। କାରଣ ଦୁଇଥର ଚାମ୍ପିୟନ ମିକା ହାକିନେନ୍ ଏହି ଯୁବ ଭାରତୀୟ ରେସରଙ୍କ ମେଣ୍ଟର ଭାବେ କାର୍ଯ୍ୟ କରିବେ। ଅତୀତରେ ପୂର୍ବତନ ମର୍ସିଡିଜ୍ ଫର୍ମୁଲା ୱାନ ରେସ୍ ବିଜେତା ଓ ବର୍ତ୍ତମାନର ଅଲ୍‌ଫା ରୋମିଓ ସାଉବେର ଡ୍ରାଇଭର ଭାଲ୍‌ଟେରୀ ବୋଟାସଙ୍କୁ ବିକଶିତ କରାଇବାରେ ହାକିନେନ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ବେଙ୍ଗାଲୁରୁର ୨୩ ବର୍ଷୀୟ ମାଇନିଙ୍କ ଗତ ସିଜନରେ ପ୍ରଦର୍ଶନ ଖୁବ୍ ଚମତ୍କାର ରହିଥିଲା। ସେ ଅନେକ ଥର କ୍ୱାଲିଫାଇଂରେ ଟପ୍ ୫ରେ ରହିଥିବା ବେଳେ ମେଲବୋର୍ନରେ ଥରେ ପୋଡିୟମ ଫିନିଶ କରିପାରିଛନ୍ତି।



ଉଇକେଟ ନେବା ପରେ କାଗିସୋ ରାବାଡ଼ା (ମଝି)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ଦାମନଯୋଡି,୧୨।୧୦**

**(ରାଧାକାନ୍ତ ବ୍ରହ୍ମା)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଓଡ଼ିଶାର ୯ଟି ଜୋନରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଦକ୍ଷିଣାଞ୍ଚଳର ୧୦ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନେଇ ହୋଇଥିବା ଜୋନରେ ନାଲ୍‌କୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିର ଦଳ ଚାମ୍ପିୟାନ ହୋଇଛି। ଗୁରୁବାର ସୁନାବେଡ଼ା ଏରୋନଟିକ୍ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରସ୍ୱତୀ ବିଦ୍ୟାମନ୍ଦିର ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଆୟୋଜକ ସରସ୍ୱତୀ ବିଦ୍ୟାମନ୍ଦିର ଦଳ ବିପକ୍ଷ ଏରୋନଟିକ୍ସ ଦଳକୁ ୪-୦ ଗୋଲରେ ପରାସ୍ତ କରି ଦକ୍ଷିଣାଞ୍ଚଳ ଜୋନର ଚାମ୍ପିୟାନ ହୋଇଥିଲା। ବିଦ୍ୟାମନ୍ଦିର ପଡ଼ିଆରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ଅନୁଷ୍ଠିତ ମ୍ୟାଚକୁ ରେଫରି ଡ. ରମେଶ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ରେଫରି ପ୍ରଦୀପ ହାଁସଦା,ଅବିନାଶ କୁଲଦୀପ,ଦୈତାରୀ କୁଲଦୀପ ଓ ସଞ୍ଜୀବ ଟାକ୍ରି ପରିଚାଳନା କରିଥିଲେ। ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ବାହିନୀପତି ପ୍ରଥମ ଦିବସରେ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ନାଲ୍‌କୋ ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ହିମାଂଶୁ ଶେଖର ପଣ୍ଡା,ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ସତୀଶ ସିଂହ, ଇନ୍ସପେକ୍ଟର ଏସ.କେ.ଜେନା, ସମାଜିକ କର୍ମୀ ବିଜୟ ଆଚାର୍ଯ୍ୟ, ଜିତେନ ଚୋଧୁରୀ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ନାଲ୍‌କୋ ସମୂହ ମହାପ୍ରବନ୍ଧକ ତଥା ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ପ୍ରମୋଦ ବେହେରା,ସମ୍ପାଦକ ଅଶୋକ ନାୟକ ଓ ସଦସ୍ୟ ବଳରାମ ପାଢ଼ୀ ଅତିଥି ରୂପେ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଡ. ନିରୋଦ ପ୍ରଧାନ, ଶିକ୍ଷୟିତ୍ରୀ ସୁଲୋଚନା ପଣ୍ଡାଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ।

## ବଲାଙ୍ଗୀରର ଜିଲାରୁ ଭାଗନେବେ ୫୨ ଖେଳାଳି

**ରାଜ୍ୟ ଅସିଚାଳନା ପ୍ରତିଯୋଗିତା**

**ବଲାଙ୍ଗୀର, ୧୨।୧୦**

**(ବୀରେନ୍ଦ୍ର କୁମାର ଝାଙ୍କର)**

ରାଜ୍ୟ ଅସିଚାଳନା ପ୍ରତିଯୋଗିତା ଅଗାମୀ ଅକ୍ଟୋବର ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଗୁରୁବାର ବଲାଙ୍ଗୀର ଜିଲା ଅସିଚାଳନା ସଂଘ ପକ୍ଷରୁ ୫୨ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ସବ୍ ଜୁନିୟର ବିଭାଗରେ ସ୍ୱାଗତ ପଟେଲ, ଓଁକାର ପଟେଲ, ପଦ୍ମଲୋଚନ ନାୟକ, କାହ୍ନା ଗଡତିଆ, ଲିଖିତ ବିଶ୍ୱାଳ, ନିଶାଙ୍କ ଶେଖର ପଟେଲ, ବିଭୁତି ଶେଖର ପଟେଲ, ଆଦିତ୍ୟ ଶର୍ମା, ସମୀର ପରଭୁଇ, ମାନସ ପ୍ରଧାନ, ପ୍ରିୟଲୋଚନ ନାୟକ, ଶାଶ୍ୱତ ପଟେଲ, ଝିଲି ସେଠ୍, ସଞ୍ଜନା ଜାଲ, ଡଲି ନାୟକ, ଝରଣା ସେଠ୍, ନମ୍ରତା ପଟେଲ, ମୁକ୍ତି ବିଶ୍ୱାଳ, ସାରିକା ପଟେଲ, ଶ୍ରୀୟା ପଟେଲ, ଚିନ୍ମୟୀ ପଟେଲ, ପ୍ରୀତି ରାଉତଙ୍କ ଚୟନ କରାଯାଇଛି। ଜୁନିୟର ବିଭାଗରେ ପ୍ରତୀକ ଶତପଥୀ, ମୁକେଶ କର୍ଣ୍ଣ, ସୁଦୀପ୍ତ ନାୟକ, ପ୍ରିନ୍ସ ବିଶ୍ୱାଳ, ଜ୍ୟୋତି ରଞ୍ଜନ ଠାକୁର, କ୍ରିଷ୍ଣା ସେଠ୍, ଜୟ ଶଙ୍କର ପଟେଲ, ସାହିଲ ସ୍ୱରୂପ ଗଡତିଆ, ଆକାଶ କୁମାର ମାଝି, ରାଜା ମହାରଣା, ଶଶାଙ୍କ ପଟେଲ, ଶିଦ୍ଧିକ ଖାନ, ସ୍ୱାତା ମହାନ୍ତି, ଶ୍ରେୟା ପଟେଲ, ସରିକ ପଟେଲ, ବବିତା ଚନ୍ଦ୍ର, ଅନ୍ୱେଷା ହୋତା, ସୁଭଦ୍ରା ବେହେରା, ଶୁଭଶ୍ରୀ ନାୟକ, ଝିଲି ସେଠ୍, ପାୟଲ ବିଶ୍ୱାଳ, ସଂସ୍କୃତି ମହାନ୍ତି, ଝରଣା ସେଠ୍, ପୂଜା ବାଗଙ୍କୁ ମନୋନୀତ କରାଯାଇଛି। ସିନିୟର ବିଭାଗରେ ସାହିଲ କୁମ୍ଭାର, ପ୍ରତୀକ ଶତପଥୀ, ମୁକେଶ କର୍ଣ୍ଣ, ପ୍ରିନ୍ସ ବିଶ୍ୱାଳ, ରୋଷନ୍ ସାହୁ, ସତ୍ୟଜିତ ସାହୁ, ଆର୍ଯ୍ୟାନ୍ ଦେବ ରାଉତ, ଜ୍ୟୋତି ରଞ୍ଜନ ଠାକୁର, ଅମିତ୍ ସାହୁ, ଆକାଶ ମାଝି, ତନ୍ମୟ ପଟେଲ, ସ୍ୱାତକ୍ଷ ମହାନ୍ତି, ସୁଭଦ୍ରା ବେହେରା, ଅନ୍ୱେଷା ହୋତା, ଅନୁକଲ୍ପା ଯୋଶୀ, ସୌଦାମିନୀ କାଣ୍ଡି, ପାୟଲ ବିଶ୍ୱାଳ, ସଂସ୍କୃତି ମହାନ୍ତି, ଶୁଭଶ୍ରୀ ନାୟକଙ୍କୁ ଚୟନ କରାଯାଇଥିବା ଜଣାପଡିଛି। ସ୍ଥାନୀୟ ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଜିଲା କ୍ରୀଡା ଅଧିକାରୀ ପରାଶର ବାଗ ଏବଂ ରାଜ୍ୟ ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ତଥା ବଲାଙ୍ଗୀର ଜିଲା ଅସିଚାଳନା ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ମନୋନୀତ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।



ଅସି ଚାଳନା ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ବଲାଙ୍ଗୀରର ପ୍ରତିଯୋଗୀ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ